ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ
ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର
ଭୁବନେଶ୍ୱର

Digitized by PPRACHIN, SOA

ମେହେର-ଜ୍ୟୋତି

ସଂପାଦନା

ଡଃ ବୈଷ୍ଣବ ଚରଣ ସାମଲ
ପ୍ରାଧ୍ୟାପକ, ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭା
ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର

ପ୍ରକାଶକ
ଗାୟତ୍ରୀ
କଳ୍ପନା ରୋଡ଼, ଭୁବନେଶ୍ୱର-୧୪

Digitized by PPRACHIN, SOA

ମେହେର ଜ୍ୟୋତି

ସଂପାଦନା :

ଡଃ ବୈଷ୍ଣବ ଚରଣ ସାମଲ

ପ୍ରକାଶକ :
ଗାୟତ୍ରୀ
କଳ୍ପନା ରୋଡ଼, ଭୁବନେଶ୍ୱର-୧୪

ପ୍ରଚ୍ଛଦ ପରିକଳ୍ପନା :
ଅଧ୍ୟାପକ ବଳଦେବ ପ୍ରସାଦ ମହାରଥୀ
ବି. ଜେ. ବି. ଗୁରୁକୁଳ ମହାବିଦ୍ୟାଳୟ, ଭୁବନେଶ୍ୱର-୧୪
ପ୍ରଥମ ପ୍ରକାଶନ ! ୧୯୯୧

ମୁଦ୍ରଣ : ରଙ୍ଗ ପ୍ରିଣ୍ଟର୍ସ
ଶେଖବଜାର, କଟକ-୮

ମୂଲ୍ୟ : ତିରିଶ ଟଙ୍କା ମାତ୍ର

MEHER JYOTI
Edited by :
Dr. B. C. Samal
Reader :
P. G. Dept of Oriya
Uatkal University, BBSR
Publisher :
GAYATREE
Kalpana Road, BBSR-14
Cover Design :
B. P. Maharatha
Ist Edition : 1991
Printed at :
Ranga Printars
Shaik Bazar, Cuttack-8
Price :
Rs. 30.00

Digitized by PPRACHIN, SOA

ସୂଚୀ

ବିଷୟ	ପୃଷ୍ଠା
୧ । ମେହେରଙ୍କ ସୀତା : ପ୍ରାଚ୍ୟ ସଂସ୍କୃତିର ପ୍ରତୀକ	୧
୨ । ସ୍ୱଭାବ କବିଙ୍କ ଜାତୀୟତା ବୋଧ	୭
୩ । ମେହେର ସାହିତ୍ୟରେ କର୍ମ ଧର୍ମ ଓ ଜୀବନ	୧୫
୪ । ଗଙ୍ଗାଧର ସାହିତ୍ୟରେ ବିଭୁପ୍ରୀତି	୨୦
୫ । ଗଙ୍ଗାଧର ମେହେର	୨୭
୬ । ଗଙ୍ଗାଧର ସାହିତ୍ୟର ବିଶେଷତ୍ୱ	୩୫
୭ । ସଂସ୍କାରକ କବି ଗଙ୍ଗାଧର	୩୯
୮ । ଗଙ୍ଗାଧରଙ୍କ ସାହିତ୍ୟରେ ଚରିତ୍ର ଚିତ୍ରଣ	୪୪
୯ । ସ୍ୱଭାବ କବିଙ୍କ ସ୍ୱାତନ୍ତ୍ର୍ୟ	୪୯
୧୦ । ପ୍ରକୃତି ପ୍ରାଣ କବି ଗଙ୍ଗାଧର	୫୩
୧୧ । ମେହେର ସାହିତ୍ୟରେ ଲୋକ-ସଙ୍ଗୀତ ଓ ନୀତିବୋଧ	୬୦
୧୨ । ଜାତୀୟତା ଓ ଦେଶାତ୍ମବୋଧତା ତଟରେ କବି ଗଙ୍ଗାଧର	୬୫
୧୩ । ଓଡ଼ିଆ ସାହିତ୍ୟରେ ଗଙ୍ଗାଧରଙ୍କ କାବ୍ୟ ଦର୍ଶନ ଓ ଜୀବନ ଦର୍ଶନ ···	୭୨
୧୪ । ଗଙ୍ଗାଧର କାବ୍ୟ-ମାନସର ଏକ ବିହଙ୍ଗାବଲୋକନ	୭୯
୧୫ । ଓଡ଼ିଆ ସାହିତ୍ୟରେ ଯୁଗଜନ୍ମା ଗଙ୍ଗାଧର	୮୫
୧୬ । କବି ଗଙ୍ଗାଧରଙ୍କର ଭାଷା ଓ ଶୈଳୀ	୯୨
୧୭ । ଗଙ୍ଗାଧରଙ୍କ କାବ୍ୟରେ ପ୍ରକୃତି	୯୮
୧୮ । ସ୍ୱଭାବ କବି ଗଙ୍ଗାଧର : ଏକ ବିହଙ୍ଗାବଲୋକନ	୧୦୨
୧୯ । କବି ଗଙ୍ଗାଧର ଓ ପ୍ରକୃତି	୧୦୬
୨୦ । ଗଙ୍ଗାଧର ମେହେରଙ୍କର 'ତପସ୍ୱିନୀ' : ଏକ ବିହଙ୍ଗାବଲୋକନ	୧୧୧
୨୧ । ସ୍ୱଭାବ କବି ଓ ଦେଶାତ୍ମବୋଧ	୧୪୪
୨୨ । ମେହେର ପ୍ରତିଭା	୧୧୭
୨୩ । 'ଉତ୍କଳ-ଲକ୍ଷ୍ମୀ' ଓ 'ପଦ୍ମିନୀ'ରେ କବିଙ୍କ ଅନ୍ତର୍ଦୃଷ୍ଟି : ଏକ ବିଶ୍ଳେଷଣ	୧୨୨

—O—

Digitized by PPRACHIN, SOA

ଏଇ ସଂକଳନ ସମ୍ପର୍କରେ

ଉତ୍କଳ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ଛାତ୍ରଛାତ୍ରୀମାନଙ୍କ ସପାନ ଆନୁକୂଲ୍ୟରେ ଗଙ୍ଗାଧର ଜୟନ୍ତୀ ପାଳନ କରାଯାଇଥିଲା ବିଭାଗୀୟ ମୁଖ୍ୟ ପ୍ରଫେସର ଡକ୍ଟର ନିତ୍ୟାନନ୍ଦ ଶତପଥୀଙ୍କ ସଭାପତିତ୍ୱରେ । ବିଭାଗୀୟ ଅନ୍ୟାନ୍ୟ ଅଧ୍ୟାପକ ଓ ଅଧ୍ୟାପିକାମାନଙ୍କ ଉପସ୍ଥିତିରେ ଛାତ୍ରଛାତ୍ରୀମାନେ ଅନେକ ପ୍ରବନ୍ଧ ପାଠକରି ସ୍ୱଭାବ କବିଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଛାତ୍ରଛାତ୍ରୀମାନେ ଗଙ୍ଗାଧରଙ୍କ ସାରସ୍ୱତ ସମ୍ପଦକୁ ନାନା ଦୃଷ୍ଟିରୁ ପ୍ରବନ୍ଧଗୁଡ଼ିକରେ ଉପସ୍ଥାପନ କରିଥିଲେ । ସେଦିନ ବିଭାଗୀୟ ମୁଖ୍ୟ ଡଃ ଶତପଥୀଙ୍କ ସହିତ ପରାମର୍ଶ କ୍ରମେ ଛାତ୍ରଛାତ୍ରୀମାନଙ୍କର ପ୍ରବନ୍ଧଗୁଡ଼ିକୁ ଏକ ପୁସ୍ତକାକାରରେ ପ୍ରକାଶ କରିବା ପାଇଁ ଉପଦେଷ୍ଟା ଭାବରେ ମୁଁ ପ୍ରତିଶ୍ରୁତି ଦେଇଥିଲି । ମୁଁ ଅନୁଭବ କଲି ଯେ ଛାତ୍ରଛାତ୍ରୀମାନଙ୍କର ଏହି ଆଗ୍ରହ ପ୍ରତି ଉତ୍ସାହ ପ୍ରଦାନ କଲେ ଭବିଷ୍ୟତରେ ସେମାନେ ଓଡ଼ିଆ ସାରସ୍ୱତ କ୍ଷେତ୍ରରେ ପ୍ରତିଷ୍ଠା ଅର୍ଜନ କରିପାରିବେ ।

ଛାତ୍ରଛାତ୍ରୀମାନଙ୍କର ପ୍ରବନ୍ଧଗୁଡ଼ିକୁ ସମ୍ପାଦକ ଶ୍ରୀଜୟନ୍ତ କୁମାର ମହାନ୍ତି ସଂଗ୍ରହ କରି ମୋତେ ଦେଇଥିଲେ । ବିଭାଗୀୟ ପ୍ରାଧ୍ୟାପିକା ଡଃ ସଂଘମିତ୍ରା ମିଶ୍ର ଏହି ପ୍ରବନ୍ଧଗୁଡ଼ିକୁ ସଂଶୋଧନ କଲେ ଏବଂ ମୁଁ ମଧ୍ୟ ସେଗୁଡ଼ିକୁ ସଂଶୋଧନ କଲି । ବିଭାଗୀୟ ମୁଖ୍ୟ ପୁସ୍ତକ ଛପାଇବା ପାଇଁ ଅନୁମତି ପ୍ରଦାନ କଲେ । ଭୁବନେଶ୍ୱର 'ଗାୟତ୍ରୀ' ପୁସ୍ତକ ପ୍ରତିଷ୍ଠାନର ପ୍ରକାଶକ ବନ୍ଧୁଙ୍କୁ ଅନୁରୋଧ କରନ୍ତେ ସେ ଏହି ପୁସ୍ତକ ପ୍ରକାଶନ ପାଇଁ ସମ୍ମତି ଜଣାଇଲେ ।

ଏବେ ଉକ୍ତ 'ମେହେର-ଜ୍ୟୋତି' ଆଲୋକକୁ ଆସିଲା । ତରୁଣ ପ୍ରଜ୍ଞା ଓ ପ୍ରତିଭାର ଏହା ଏକ ମନୋଜ୍ଞ ସୃଷ୍ଟି । ଅବଶ୍ୟ ଅନେକ ପ୍ରବନ୍ଧରେ ଏକା କଥା ରହିଛି । ତଥାପି ବିଚାରଧାରା ଭିନ୍ନ ଭିନ୍ନ ରହିଥିବା ଲକ୍ଷ୍ୟ କରାଯାଏ ।

ସ୍ୱଭାବକବି ଗଙ୍ଗାଧର ଆଧୁନିକ ଓଡ଼ିଆ ସାହିତ୍ୟର ଆଦି ପର୍ବରେ ଏକ ସ୍ମରଣୀୟ ପ୍ରତିଭା । ଶାନ୍ତ ଓ କ୍ରାନ୍ତିର ସେ କାଳଜୟୀ ସ୍ରଷ୍ଟା । ମଧୁମୟ ଓ ଅମୃତମୟର ସେ ସ୍ନିଗ୍ଧ ଉପାସକ । ମାତୃଭୂମି ଓ ମାତୃଭାଷା ପ୍ରୀତି ତାଙ୍କର ନିବିଡ଼ । ଜାତୀୟ ସ୍ୱାଭିମାନରେ ଅନ୍ତର ତାଙ୍କର ପରିପୂର୍ଣ୍ଣ । ସେ ନିରହଂକାର, ନିରଭିମାନ, ବିନୀତ; ଅଥଚ ଅନ୍ୟାୟ, ଅବିଚାର ଓ ମିଥ୍ୟା ବିରୋଧରେ ବଜ୍ର କଠୋର । ମାଟି, ମଣିଷ, ପ୍ରକୃତି ଓ ସଂସ୍କୃତିର ସେ ରୂପକାର । ତେଣୁ ରାଧାନାଥ ଯୁଗରେ ସେ ଏକ ଉଜ୍ଜ୍ୱଳ ଜ୍ୟୋତିଷ୍କ । ଏହି କବିଙ୍କ ସୃଷ୍ଟିର ସମୀକ୍ଷା ପାଠକ ମଣ୍ଡଳୀ ବିଚାର କରିବେ ।

ପାଠଚକ୍ରର ସମ୍ପାଦକ ଓ ଅନ୍ୟାନ୍ୟ ଛାତ୍ରଛାତ୍ରୀ ତଥା ପଚ୍ଛଦପଟ୍ଟ ଶିଳ୍ପୀ ବନ୍ଧୁ ଶ୍ରୀ ବଳଦେବ ପ୍ରସାଦ ମହାରଥୀଙ୍କର ଆନ୍ତରିକ ସହଯୋଗ ପାଇଁ ଧନ୍ୟବାଦ ।

ଡଃ ବୈଷ୍ଣବ ଚରଣ ସାମଲ
ଉପଦେଷ୍ଟା
ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ପାଠଚକ୍ର
ଉତ୍କଳ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର

Digitized by PPRACHIN, SOA

ପାଠଚକ୍ର ସମ୍ପାଦକଙ୍କ କଲମରୁ

୧୯୯୦ ଅଗଷ୍ଟ ୭ ତାରିଖ ଦିନ ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ପାଠଚକ୍ରରେ ଆୟୋଜିତ ସ୍ୱଭାବକବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ଉତ୍ସବ ପାଳନ କରାଯାଇଥିଲା । ଏହି ଅବସରରେ ବହୁ ଛାତ୍ରଛାତ୍ରୀ ଅଧ୍ୟାପକ ଓ ଅଧ୍ୟାପିକାମାନେ ଗଙ୍ଗାଧରଙ୍କ ସାହିତ୍ୟକୃତି ଓ ତାଙ୍କ ଜୀବନ ଚରିତ ଉପରେ ବିଭିନ୍ନ ଦୃଷ୍ଟିକୋଣରୁ ଆଲୋଚନା କରିଥିଲେ । ଛାତ୍ରଛାତ୍ରୀମାନେ ଗଙ୍ଗାଧରଙ୍କ ସାହିତ୍ୟ ସମ୍ପର୍କରେ ପ୍ରବନ୍ଧ ପାଠ କରିଥିଲେ । ଏହି ପ୍ରବନ୍ଧଗୁଡ଼ିକୁ ପୁସ୍ତକ ଆକାରରେ ଛପାଇବାପାଇଁ ପାଠଚକ୍ରର ଉପଦେଷ୍ଟା ଡଃ ବୈଷ୍ଣବ ଚରଣ ସାମଲ ପରାମର୍ଶ ଦେଇଥିଲେ ଓ ବିଭାଗୀୟ ମୁଖ୍ୟ ଡଃ ନିତ୍ୟାନନ୍ଦ ଶତପଥୀ ଏ ଦିଗରେ ସାହାଯ୍ୟ କରିଥିଲେ ।

'ମେହେର-ଜ୍ୟୋତି' ପୁସ୍ତକଟି ଆମ ବିଭାଗରୁ ପ୍ରକାଶ ପାଇବା ବହୁ ପୂର୍ବରୁ ସାହିତ୍ୟ ରାଜ୍ୟରେ ଅନେକ ସୁସମାଲୋଚକ ଓ ପ୍ରାବନ୍ଧିକ ଗଙ୍ଗାଧରଙ୍କ ସାହିତ୍ୟ-କୃତିକୁ ବିଭିନ୍ନ ଦୃଷ୍ଟିଭଙ୍ଗୀ ଦେଇ ଆଲୋଚନା କରିଯାଇଛନ୍ତି । ତଥାପି କବି ଓ କବିତ୍ୱର ଅନ୍ୱେଷଣା ସରି ନାହିଁ । ଏ ଦିଗରେ ଆମର ଏହି ଉଦ୍ୟମ ଏକ ସଂଯୋଗ କହିଲେ ଭୁଲ ହେବ ନାହିଁ ।

ବର୍ତ୍ତମାନ ଆମେ ବିଂଶ ଶତାବ୍ଦୀର ଶେଷ ଦଶନ୍ଧିରେ ପହଞ୍ଚିଛୁ । ଏକବିଂଶ ଶତାବ୍ଦୀ ବେଶୀ ଦୂର ନୁହେଁ । ଆମେ ବ୍ୟଗ୍ର ହୋଇଉଠୁଛୁ ନୂଆ ରୂପ ଓ ରଙ୍ଗର ଝଲକରେ । ଜୀବନ ସର୍ବଦା ପରିବର୍ତ୍ତିତ ହୋଇ ଚାଲିଛି । ତେଣୁ ସାହିତ୍ୟ ସମାଜ ଓ ଧର୍ମ ନିଶ୍ଚିତ ଭାବେ ନୂଆ ମୋଡ଼ ନେବ; ଏଥିରେ ସନ୍ଦେହ ନାହିଁ ।

ଆମେ ପରମ୍ପରାକୁ ସମ୍ପୂର୍ଣ୍ଣ ଭାବରେ ଛାଡ଼ି ଦେଇ ସଚ୍ଚା ସାହିତ୍ୟିକ ହୋଇ ପାରିବା ନାହିଁ । ପୁରାତନ ରୂପାନ୍ତରିତ ହୋଇ ଚାଲିଛି । ଏହି ରୂପାନ୍ତରିତ ପ୍ରତିଛବିର ଅନ୍ୟନାମ ନୂତନ । ଏହି ନୂତନତାକୁ ସ୍ୱାଗତ ଜଣାଇବା ସାହିତ୍ୟିକର ଧର୍ମ । ଗଙ୍ଗାଧର ଆଧୁନିକ ଯୁଗର ଆଦିପର୍ବର କବି । ଆଜକୁ ୭୭ ବର୍ଷ ପୂର୍ବେ ତାଙ୍କର ମର କଳେବର ମାଟିରେ ମିଶିଯାଇଥିଲା । ଅଥଚ ତାଙ୍କର କାବ୍ୟ କବିତା ଏବେ ମଧ୍ୟ ଭାସ୍ୱର ରହିଛି ଏବଂ ରହିବ ମଧ୍ୟ ଭବିଷ୍ୟତରେ । ତେଣୁ ବିଦଗ୍ଧ ପାଠକମାନଙ୍କୁ ଆମେ ସମର୍ପି ଦେଉଛୁ ଆମର ଏହି ପୁସ୍ତକ 'ମେହେର-ଜ୍ୟୋତି' । ଏହି ପୁସ୍ତକ ପ୍ରକାଶ ପାଇବାରେ ବିଳମ୍ବ ହୋଇଛି । ପୂଜ୍ୟ ଗୁରୁ ପାଠଚକ୍ରର ଉପଦେଷ୍ଟା ଡକ୍ଟର ବୈଷ୍ଣବ ଚରଣ ସାମଲଙ୍କ

Digitized by PPRACHIN, SOA

ପ୍ରେରଣା, ସାହାଯ୍ୟ ଓ ଆନ୍ତରିକ ସହଯୋଗ ପାଇଁ ଆମ୍ଭେ କୃତଜ୍ଞ । ବିଭାଗୀୟ ମୁଖ୍ୟ ପ୍ରଫେସର ଡକ୍ଟର ନିତ୍ୟାନନ୍ଦ ଶତପଥୀ ଓ ଅନ୍ୟାନ୍ୟ ସମସ୍ତ ଗୁରୁଜୀ ତଥା ଅଧ୍ୟାପିକା-ମାନଙ୍କ ପାଖରେ ଆମେ କୃତଜ୍ଞ । ପ୍ରକାଶକ 'ଶତାବ୍ଦୀ' ପ୍ରତିଷ୍ଠାନଙ୍କୁ ଆମର ଆନ୍ତରିକ ଧନ୍ୟବାଦ । ଆମେ ଖୁସି ଯେ ଆମ ତରୁଣ ମନର ସ୍ୱପ୍ନ ଆଲୋକ ଦେଖିଛି, ବାସ୍ତବ ହୋଇଛି ।

ଆମ ବିଭାଗର ଅର୍ଜୁନ ଭାଇ, ତପସ୍ୱିନୀ ଅପା, ରଞ୍ଜନ, ପବିତ୍ର, ଉଷା ଦାଶ, ଅକ୍ଷୟ, ଆଲୋକ, କାଳିଚରଣ, ଜ୍ଞାନ, ଗଙ୍ଗାଧର, ପ୍ରଦୀପ, ସ୍ୱର୍ଣ୍ଣ, ଅରୁଣ, ଧ୍ରୁବ, ଗୋପବନ୍ଧୁ, କୃଷ୍ଣ, ବୈକୁଣ୍ଠ, ବିଳାସିନୀ, ଖିତା, ଅଳକା, ରବି, ଚନ୍ଦ୍ର ଓ ତମ୍ବୁରୁଙ୍କର ସହଯୋଗ ଏ କ୍ଷେତ୍ରରେ ସ୍ମରଣୀୟ ହୋଇ ରହିବ ।

●

ଜୟନ୍ତ କୁମାର ମହାନ୍ତି,
ସମ୍ପାଦକ, ପାଠଚକ୍ର
ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ
ଉତ୍କଳ ବିଶ୍ୱବିଦ୍ୟାଳୟ

Digitized by PPRACHIN, SOA

ମେହେରଙ୍କ ସୀତା : ପ୍ରାଚ୍ୟ ସଂସ୍କୃତିର ପ୍ରତୀକ

ଅରୁଣ କୁମାର ଖଣ୍ଡା

ସ୍ୱଭାବ କବି ଗଙ୍ଗାଧର ମେହେର ଆଧୁନିକ ସାହିତ୍ୟର ଜଣେ ପ୍ରାଚ୍ୟସଂସ୍କୃତି ସଚେତନ ସ୍ରଷ୍ଟା । ତାଙ୍କର ଜନ୍ମ ଘଟିଥିଲା ସମ୍ବଲପୁରର ବରପାଲି ଗ୍ରାମରେ । ପ୍ରକୃତି କୋଳରେ ଜନ୍ମିଥିବା ଏହି ଶିଶୁଟି ବନମଲ୍ଲୀପରି ତା'ର ସୌରଭରେ ସମଗ୍ର ଉତ୍କଳକୁ ମହକେଇ ଦେଇଥିଲା । ସ୍ୱଳ୍ପଶିକ୍ଷାପ୍ରାପ୍ତ, ତଥାକଥିତ ଆଧୁନିକ ସଭ୍ୟତାର ଆଲୋକରୁ ବଞ୍ଚିତ ମେହେର ନିଜର ସୃଷ୍ଟିରେ ସମସ୍ତଙ୍କର ଆଖି ଖୋଲିଦେଲେ । ପ୍ରତିଭା ଦାରିଦ୍ର୍ୟର ସଙ୍କଟ ଭିତରେ ସୀମାବଦ୍ଧ ନୁହେଁ ; ଏହା ପ୍ରମାଣିତ ହେଲା । ଏହାର ପ୍ରତିଭା ଏକ ଦିବ୍ୟ ଚେତନା । ସୂର୍ଯ୍ୟର ରଶ୍ମି ପରି ଏହା ବିକଶିତ ହୁଏ । ନଦୀର ଧାରପରି ନିମ୍ନକୁ ଗଡ଼ିଯିବା ଏହାର ଧର୍ମ ନୁହେଁ । ସମସ୍ତର ପ୍ରାଣସ୍ପନ୍ଦନ ସହିତ ଦେଶର ସଂସ୍କୃତିକୁ ଯୋଡ଼ି ରୁଚିଶୀଳ ସାହିତ୍ୟ ସୃଷ୍ଟି କରିବା ପ୍ରତିଭାବାନ କବିର ମୁଖ୍ୟକର୍ମ । ରାଧାନାଥଙ୍କ ଯୁଗ ପ୍ରବର୍ତ୍ତିକର ମୋହରରେ ଚହ୍ଲାଇବାକୁ ଚେଷ୍ଟା କରାଯାଉଥିବା ବେଳେ ଗଙ୍ଗାଧର ତାଙ୍କର ଶିଷ୍ୟ ହୋଇ ବି ତାଙ୍କର କାବ୍ୟସୃଷ୍ଟି ଦ୍ୱାରା ପ୍ରଭାବିତ ନହେବା ପରି ମନେହୁଏ । 'ପାର୍ବତୀ' କାବ୍ୟ ପରି କଳ୍ପନା କରି ରାଧାନାଥ ସେ ସମୟର ସାମାଜିକ ଜୀବନରେ ଝଡ଼ ସୃଷ୍ଟି କରିଥିଲେ । ଅନେକଙ୍କ ମତରେ ତପସ୍ୱିନୀ ପାର୍ବତୀ କାବ୍ୟର ନୀରବ ପ୍ରତିବାଦ । ଏହା ସତ୍ୟର ଅପଳାପ ନୁହେଁ । ତେବେ ଉଭୟ କାବ୍ୟ ମଧ୍ୟରେ ତୁଳନାତ୍ମକ ବିଶ୍ଳେଷଣ ଆଲୋଚ୍ୟ ପ୍ରବନ୍ଧର ବିଷୟବସ୍ତୁ ନୁହେଁ । ତପସ୍ୱିନୀର ନାୟିକା ସୀତାଙ୍କୁ ଦେବୀ ଏବଂ ମାନବୀର ରଙ୍ଗ ବୋଳି ମେହେର କେତେଦୂର ମୂର୍ତ୍ତିମନ୍ତ କରିପାରିଛନ୍ତି ତାହା ଏଠାରେ ଆଲୋଚ୍ୟ ।

ତପସ୍ୱିନୀର ମୁଖବନ୍ଧରୁ ଜଣାଯାଏ ପିତୃସତ୍ୟ ପାଳନ ପାଇଁ ରାମଚନ୍ଦ୍ରଙ୍କୁ ବନ ଗମନ କରିବାକୁ ପଡ଼ିଥିଲା । ସୀତା ଏବଂ ଲକ୍ଷ୍ମଣ ତାଙ୍କର ଅନୁଗାମୀ ହେଲେ । ଜୀବନର ପ୍ରତିଟି ମୁହୂର୍ତ୍ତରେ ହିଁ ଆହ୍ୱାନ (Challenge)କୁ ସମ୍ମୁଖୀନ କରିବାକୁ ପଡ଼ିଥାଏ । ଏହି ଆହ୍ୱାନକୁ ଆଦରିନେଇ ରାଜମହିଷୀ ସୀତା ରାଜଐଶ୍ୱର୍ଯ୍ୟକୁ ପାଦରେ ଠେଲିଦେଇ, ସନ୍ନ୍ୟାସିନୀର ବେଶଭୂଷାରେ ଆବୃତା ହୋଇ ଯେଉଁ ତ୍ୟାଗର ପରିଚୟ ଦେଲେ ତାହା ପ୍ରାଚ୍ୟ ପରମ୍ପରାର ମହନୀୟତାକୁ ଦର୍ଶାଇ ଦିଏ । କେବଳ ସେତିକି

Digitized by PPRACHIN, SOA

ନୁହେଁ ନିର୍ବାସନ କଷ୍ଟ ସହିବା ଦ୍ୱାରା ସୀତାଙ୍କର ପତିପ୍ରେମର ଚରମ ପରୀକ୍ଷା ହୋଇ-ଯାଇଛି । ସୀତାଙ୍କର କନକମୂର୍ତ୍ତି ପ୍ରତିଷ୍ଠାଦ୍ୱାରା ଅଶ୍ୱମେଧ ଯଜ୍ଞ ସମାପ୍ତ ହୋଇଥିବାରୁ ରାମଚନ୍ଦ୍ରଙ୍କର ପତ୍ନୀପ୍ରେମର ଗଭୀରତା ଅକଳନୀୟ । ପ୍ରାଚ୍ୟ-ଭୂମିର ପ୍ରଥମ ମହାକାବ୍ୟ ଉପରେ ମନ୍ତବ୍ୟ ଦେଇ R. P. P. Shastri କହନ୍ତି "Sita is the sweetest flower of the Indian womanhood" ବାସ୍ତବିକ ସୀତାନାରୀ ସମାଜର ଏକ ଦର୍ପଣ ସଦୃଶ । ତାହାର ଭିତରେ ଦେଖିଲେ, ଜଣେ ପତିପ୍ରାଣା, ଗୁରୁଜନ ପ୍ରତି ଅକୁଣ୍ଠିତ ସମ୍ମାନ ପ୍ରଦାୟିନୀ, ଧର୍ମପ୍ରାଣା, ବାସ୍ତଲ୍ୟ ରସମୁକ୍ତା, ସଂସ୍କୃତ ସଚେତନା ନାରୀର ମୂର୍ତ୍ତି ଦିଶେ । ସେ ଅନେକ ଅଲୌକିକ ଗୁଣାବଳୀର ସମାହାର ହେଲେ ବି, ଗଙ୍ଗାଧର ସୀତାଙ୍କୁ ଧୂଳି-ଧୂସରିତ ପୃଥିବୀର ଲଳନାମାନଙ୍କ ପ୍ରତିନିଧି ସ୍ଥାନକୁ ନେଇଛନ୍ତି । ନାରୀ-ସୁଲଭ ଆଶା-ଆକାଙ୍‌କ୍ଷା ଭିତରେ ସୀତା ଚରିତ୍ର ପରୀକ୍ଷରେ ସମ୍ମୁଖୀନ ହେବାକୁ ପଡ଼ିଛି ।

ରାଜା ରାଜ୍ୟର ରକ୍ଷାକର୍ତ୍ତା । ପ୍ରଜା ତାର ମାଲିକ । ରାଜାର କିଛି ନିଜସ୍ୱ ଅଧିକାର ନାହିଁ । ତା'ର କ୍ଷମତାର ଅପବ୍ୟବହାର କରିବା ଧୃଷ୍ଟତା । ଏହାହିଁ ପ୍ରାଚ୍ୟ ସଂସ୍କୃତିର ରାଜଧର୍ମ । ରାମଚନ୍ଦ୍ର ଏହି ପ୍ରାଚ୍ୟଭୂମିର ରାଜା । ପ୍ରଜାଙ୍କର ସନ୍ଦେହ ଦୂରୀଭୂତ ପାଇଁ ପ୍ରାଣପ୍ରିୟା ଜାନକୀଙ୍କୁ ନିର୍ବାସିତା ହେବାକୁ ପଡ଼ିଛି । ରାଜାର ନିର୍ଦ୍ଦେଶରେ ସୀତାଙ୍କୁ ଗଙ୍ଗାନଦୀ ତୀରର ଅରଣ୍ୟରେ ଏକାକିନୀ ଛାଡ଼ି ଫେରି ଆସନ୍ତି ଭ୍ରାତୃଭକ୍ତ ଲକ୍ଷ୍ମଣ । ଅଯୋଧ୍ୟାର ରାଜବଧୂ ନିସ୍ତବ୍ଧ ଚନ୍ଦ୍ରାନ୍ତ ଘେରରେ ପଡ଼ି ଆଜି ବିପର୍ଯ୍ୟସ୍ତା । ଆଖିରୁ ତାଙ୍କର ଝରି ପଡ଼ୁଛି ମେଞ୍ଚା ମେଞ୍ଚା ଲୁହର ହିମପ୍ରବାହ । ନିସ୍ତବ୍ଧ ଅବିଗୃହ ବିରୋଧରେ ପ୍ରକୃତି ସ୍ୱରଉତ୍ତୋଳନ କରିଛି । ଚେତନା ଫେରି ପାଇବା ପରେ ସୀତାଙ୍କୁ ଚର୍ତୁର୍ଦ୍ଦିଗ ରାମଚନ୍ଦ୍ର ମୟ ଦେଖାଯାଇଛି···

"ଦିଶିଲା ସକଳ ଦିଗ ରାମଚନ୍ଦ୍ରମୟ
ବସିଛନ୍ତି ପ୍ରଭୁହୋଇ ବିହସ୍ତ ହୃଦୟ ।"

ସେ ରାମଚନ୍ଦ୍ରଙ୍କ ପ୍ରତି ଅସୂୟାଭାବ ପ୍ରଦର୍ଶନ କରି ନାହାଁନ୍ତି । ସେ ସଂପୂର୍ଣ୍ଣ ରୂପେ ଭାଗ୍ୟ ଏବଂ ଭବିତବ୍ୟ ଭିତରେ ରହିଯାଇ ପତିପ୍ରେମର ଗମ୍ଭୀରତାର ପ୍ରମାଣ ଦେଲେ । ସେ ଜାଣିଥିଲେ ରାମଚନ୍ଦ୍ରଙ୍କର ତାଙ୍କପ୍ରତି କେତେ ସ୍ନେହ ଶ୍ରଦ୍ଧା ଏବଂ ପ୍ରେମଥିଲା । ରାମଚନ୍ଦ୍ର ଯେତେବେଳେ କହିଛନ୍ତି—

"ହୃଦପଛେ ଜଳେ ବିଦ୍ୟୁତ ଅନଳେ ଜଳଦାନେଘନବାଧି
ସୁଖତେଜି ରାଜା ତୋଷିବ ପରଜା ତେବେ ସେ ପରମାରାଧି ।"

ସେତେବେଳେ ସୀତାଙ୍କର ଏକାନ୍ତ ନିଷ୍ଠା ଏବଂ ବିଶ୍ୱାସର ପରିଚୟ ମିଳେ । ସୀତାଙ୍କୁ ନିର୍ବାସିତ କରି ରାଜା ରାମଚନ୍ଦ୍ର ରାଜଧର୍ମ ପାଳନ କରିଛନ୍ତି ମାତ୍ର । ପତି

Digitized by PPRACHIN, SOA

ରାମଚନ୍ଦ୍ରଙ୍କର ହୃଦ୍‌ସିଂହାସନ ପତ୍ନୀସୀତା ପାଇଁ ଥିଲା ଉନ୍ମୁକ୍ତ । ଜଣେ ସାଧାରଣ ନାରୀ ହୋଇଥିଲେ ସୀତା ରାମଚନ୍ଦ୍ରଙ୍କର ଏତେବଡ଼ ଅନ୍ୟାୟକୁ ପ୍ରଶ୍ରୟ ଦେଇ ନ ଥାନ୍ତେ । ଭାଗ୍ୟବାଦିନୀ ସୀତା ନିଜର ଗର୍ଭପ୍ରତି ଦୃଷ୍ଟିଦେଲା ପରେ ସନ୍ତାନର ଭବିଷ୍ୟତ ନେଇ ବ୍ୟଗ୍ର ଏବଂ ବେଦନାରେ ଛଟପଟ ହୋଇପଡ଼ିଛନ୍ତି । ସେ ଶୋକଦଗ୍ଧ ଜୀବନର ଅଭିବ୍ୟକ୍ତି ପ୍ରକାଶ କରି କହିଛନ୍ତି—

"ଗର୍ଭେ ମୋର ଥୋଇଅଛ ଯେ ରତ୍ନନିଧାନ
ନ କହିଲ ତା ରକ୍ଷଣେ କି ପ୍ରତିବିଧାନ
ଦୃଢ଼ ଆଶାଥିଲା ମୋର ହୃଦସ୍ଥ ପୋଷିତ
ପ୍ରଭୁକୋଳେ କରିଥାନ୍ତି ଏ ରତ୍ନେ ଭୂଷିତ ।"

ମୁନିକୁମାରୀମାନଙ୍କର ସାନ୍ତ୍ୱନା ତାଙ୍କର ଶୋକକୁ ଦୂରୀଭୂତ କରିପାରି ନାହିଁ । ପରନ୍ତୁ ସୀତାଙ୍କ ଦୁଃଖକୁ ଦ୍ୱି-ଗୁଣିତ କରିଛି । ଯୋଗବଳରେ ବାଲ୍ମୀକି ସବୁ ଜାଣିପାରିଛନ୍ତି ଏବଂ ପ୍ରବୋଧନା ଦେଇ ଆଶ୍ରମକୁ ନେଇଯାଇଛନ୍ତି । ଆଶ୍ରମ ଜୀବନର ପ୍ରଥମ ରାତିରେ ପଲ୍ଲବ-ଶଯ୍ୟାରେ ଶୋଇ ଅତୀତକୁ ମନ୍ଥି ପକାଇଛନ୍ତି ସୀତା । ଆଖି ସାମ୍ନାରେ ଚଳଚ୍ଚିତ୍ର ପରି ଭାସିଉଠିଛି ରାମଚନ୍ଦ୍ରଙ୍କର ପ୍ରେମମୟ ମୂର୍ତ୍ତି । ତା ସହିତ ସୁଧୀର ଲକ୍ଷ୍ମଣର ଶାନ୍ତ, ସୌମ୍ୟ ରୂପ । ଜୀବନର ଏପରି ଏକ ପର୍ଯ୍ୟାୟ ଯେପରି ସୀତାଙ୍କ ପାଇଁ ଏକ ଆହ୍ୱାନ ଥିଲା । ଏ ଆହ୍ୱାନକୁ ସେ ନିଷ୍ଠାର ସହିତ ମୁକାବିଲା କରିପାରିଛନ୍ତି । ଏତାଦୃଶ କାର୍ଯ୍ୟ ଜଣେ ସାଧାରଣ ରମଣୀ ପକ୍ଷରେ ସମ୍ଭବ କି ? କିଛି ଦିନ ପରେ ପତିଙ୍କର ଦର୍ଶନାଭିଳାଷୀ ଉର୍ମିଳାଙ୍କର ପତିବନ୍ଦନା କରି ସେ ଗୁରୁଜନ ପ୍ରତି ଭକ୍ତି ଏବଂ ସମ୍ମାନ ବୋଧର ପରିଚୟ ଦେଲେ । ସେ ରାଜରାଣୀ ହୋଇଥିଲେ ବି ମନରେ ସେଥିପ୍ରତି ତାଙ୍କର ଗର୍ବ ନ ଥିଲା । ସେ ଯେତେବେଳେ ଉର୍ମିଳାଙ୍କୁ ସମ୍ବୋଧନ କରି କହିଛନ୍ତି —

"ଶୁଭ୍ର ସଉରଭ ରସିକେ
ଶୁଭ୍ର ସପାଦିନୀ ହୁଅ ରଘୁବଂଶୀକେ ।"

ସେତେବେଳେ ତାଙ୍କର ପତି ପ୍ରେମର ବଳିଷ୍ଠ ଦିଗକୁ ଉପଲବ୍ଧି କରା-ଯାଇପାରେ ।

ଚନ୍ଦ୍ରଚର୍ଚ୍ଚିତ ରଜନୀରେ ମଲ୍ଲୀ, ମାଧବୀ, କିଆଳୀ ଆଦି ପୁଷ୍ପଗୁଚ୍ଛ ଆନନ୍ଦରେ କୁରୁଳି ଉଠୁଥିବାବେଳେ ରାତି ଚକ୍ରବାକକୁ ଆଣିଦିଏ ପ୍ରିୟାବିଚ୍ଛେଦର କାରୁଣ୍ୟ । ଆଜି ପ୍ରିୟାଠାରୁ ଦୂରରେ ରହିଥିବ 'ଅଭିଶପ୍ତ ଜୀବନ ବିତାଉଥିବା ଚକ୍ରବାକ ପ୍ରିୟର

Digitized by PPRACHIN, SOA

ସ୍ମରଣରେ କାନ୍ଦଉଠେ । ଚକ୍ରବାକ ଏବଂ ଚକ୍ରବାକୀର ଜୀବନ ଏବଂ ରାମ-ସୀତାର ଜୀବନ ଭିତରେ ଯେପରି କୌଣସି ପ୍ରଭେଦ ନାହିଁ । ଦୁଇଟି ଜୀବନର ଗତି ଏକବାନ୍ଧୁ ଅଭିମୁଖୀ । ଚକ୍ରବାକର ବିଳାପ ଧ୍ୱନି ସୀତାଙ୍କୁ ଶୋକାଭିଭୂତା କରିଛି । ତାଙ୍କ ଚକ୍ଷୁ ଛଳ ଛଳ ହୋଇଉଠିଛି । ସୀତା ଘର୍ମ ପୋଛିବାର ଛଳନା କରି ଲୁହକୁ ପୋଛିଦେଲେ । ମାତ୍ର ପାଖରେ ବସିଥିବା ସଖୀ ଯେତେବେଳେ ପ୍ରଶ୍ନ କରିଛନ୍ତି—ସୁଶୀତଳ ରଜନୀର ଆଗମନରେ ଚକ୍ରବାକ ରାବେ କାହିଁକି ?..., ସେତେବେଳେ ସତୀକୁଳାଗ୍ରଗନ୍ୟା ମାନଙ୍କ ଅନ୍ତରର ତୀବ୍ର ବେଦନାକୁ ଚାପିରଖି ପାରି ନାହାନ୍ତି । ଅତୀତର ଜୀବନ ପୃଷ୍ଠା ଗୋଟିକ ପରେ ଗୋଟିଏ ଖୋଲି ଯାଇଛି ଏବଂ ଆଖିରୁ ଲୁହ ଝରିଛି ମୋଘରୁ ଆଦ୍ୟ ମୌସୁମୀର ବାରି-ପାତ ପରି । ହୁଏତ ଏ କଥାର ରହସ୍ୟ ବୁଝିବା ପାଇଁ ଅକ୍ଷମା ସଖୀ କ୍ଷମା ମାଗିଲେ । ମାତ୍ର ବାଲ୍ମୀକି ବ୍ୟତୀତ ଅନ୍ୟ ମୁନିକୁମାରୀମାନଙ୍କର ତାଙ୍କୁ ଚିହ୍ନିବାର ଉପାୟ ନ ଥିଲା

ରାବଣର ମାୟାପୁରୀରେ ବନ୍ଦିନୀ ସୀତା । ପ୍ରତି ମୁହୂର୍ତ୍ତରେ ରାମଚନ୍ଦ୍ରଙ୍କୁ ହିଁ ଚିନ୍ତା କରିଛନ୍ତି । ରାମଚନ୍ଦ୍ରଙ୍କୁ ବାଦଦେଲେ ସେ ଆଉ କୌଣସି ପୁରୁଷର କଥା ଥରେ ମାତ୍ର ହିଁ ସ୍ମରଣ କରି ନାହାନ୍ତି । ରାମଚନ୍ଦ୍ର ହିଁ ତାଙ୍କର ଗଣ୍ଠିଧନ । ତାଙ୍କୁ ହରାଇ ସେ ନିଃସ୍ୱ ହେବାକୁ ଚାହାନ୍ତିନି କିମ୍ବା ତାଙ୍କୁ ଦାନ କରିଦେଇ ନିଜେ ଦାନୀ ହେବାର ଦୁଃସାହସ ତାଙ୍କର ନ ଥିଲା । ତାଙ୍କ ବ୍ୟତିରେକେ ସୀତାର ଜୀବନ ଯେ ତିଷ୍ଠିରହିବ ଏହା କଳ୍ପନାର ବାହାରେ ଥିଲା । ସପ୍ତମ ସର୍ଗରେ କବି ସୀତାଙ୍କ ମୁଖରେ ଯାହା କହିଛନ୍ତି—

"ମୋ କର୍ମ ପାଇଁ ଦୋଷୀ ନୁହନ୍ତି ବିଧି
କାନ୍ତ ତ ସ୍ୱଭାବେ ମୋ କରୁଣାନିଧି ଗୋ"

ତାହା ଭାରତୀୟ ପରମ୍ପରାରେ ନାରୀର ମହନୀୟ ଅଭିବ୍ୟକ୍ତି । ସ୍ୱାମୀ ଭୁଲ କରିବି ସ୍ତ୍ରୀ ନିକଟରେ ଦୋଷୀ ନୁହେଁ । ସ୍ତ୍ରୀ ପ୍ରଥମେ ନାରୀ, ପୁଣି ସେ ଜନନୀ, ସେ ସର୍ବଂସହା । ସେ ଜନନୀ ପରି କ୍ଷମା ସର୍ବସ୍ୱ । ସନ୍ତାନ ଯେତେ ଅତ୍ୟାଚାର କଲେବି, ବ୍ୟସ୍ତ ବିବ୍ରତ କଲେ ବି ସେ ଅଭିଶାପ ଦିଏ ନାହିଁ । ସେ କଲ୍ୟାଣକରେ । ନାରୀର ଏହି ଉଜ୍ଜ୍ୱଳମୟ ଦିଗଟିକୁ ମେହେର ସୂଚେଇ ଦେବାକୁ ଚାହିଁଛନ୍ତି । ସୀତା ରାବଣର ମାୟା-ପୁରୀରେ ନାନା ମାୟାର ପ୍ରଲୋଭନରେ ବଶୀଭୂତ ହୋଇ ନାହାନ୍ତି । ପରନ୍ତୁ ସେ ଚିନ୍ତା କରିଛନ୍ତି—

"ହେଉ ଏ ଯମାଳୟ ଅଥବା ସ୍ୱର୍ଗ
ବିହରୁଥାନ୍ତୁ ଏଥି ଦେବତା ବର୍ଗ
କେ କରିପାରିବ ମୋ ଚିତ୍ତ ହରଣ
କୌଶଲ୍ୟା ସୁତ ଏକା ମୋ ଶରଣ ଗୋ

× × ×

Digitized by PPRACHIN, SOA

କେମନ୍ତେ କେତେ କାଳ ହେଲା ଅତୀତ
କିଛୁ ନ ଜାଣି ପତି ଚିନ୍ତା ବ୍ୟତୀତ ଗୋ ।”

ହୃଦୟର ଦେବତାଙ୍କ ନିଷ୍ଠାପର ପତିଭକ୍ତ ସୀତାଙ୍କୁ ସମସ୍ତ ପ୍ରକାର ଆପଦ ବିପଦରୁ ରକ୍ଷାକରି ଶୁଦ୍ଧ ସୁବର୍ଣ୍ଣପରି ଆଦର୍ଶ କରି ତୋଳିଛି । ସତୀ ନାରୀର ଅଟଳ ବିଶ୍ୱାସ ଯେ ପାପ-ପଙ୍କରୁ ତାକୁ ପତି ଭକ୍ତି ହିଁ ରକ୍ଷା କରେ ।

ରାବଣର ବିନାଶ ପରେ ରାମଚନ୍ଦ୍ର ସୀତାଙ୍କୁ ଗ୍ରହଣ କରିଛନ୍ତି ସତ ମାତ୍ର ସୀତାଙ୍କୁ ନିଜର ସତୀତ୍ୱର ପରୀକ୍ଷାଦେବାକୁ ପଡ଼ିଛି । ନିର୍ବିକାର ଚିତ୍ତରେ ସୀତା-ଅଗ୍ନିରେ ପ୍ରବେଶ କରିଛନ୍ତି ନିଜର ଶୁଦ୍ଧତାକୁ ପ୍ରତିପାଦନ ପାଇଁ । ଏହି ସମୟରେ ତାଙ୍କର ଧର୍ମଦେବତାଙ୍କ ସମ୍ବୋଧନ ଭିତରେ କେବଳ ଇହଜନ୍ମରେ ନୁହେଁ, ପର ଜନ୍ମରେ ମଧ୍ୟ ସେ ସ୍ୱାମୀର ଚରଣ ତଳେ ଆଶ୍ରୟ ଲୋଡ଼ିଛନ୍ତି ।

“ଜୀବନେ ନପାରିଲେ ମୋତେ ମରଣେ
ସେବିକା କରିଦେବ ପ୍ରଭୁ ଚରଣେ ।
ମୋ ତନୁ ଦଗ୍ଧହେଲେ ହେବ ତ ଖାର
ତାହାକୁ କରାଇବ ପାଦପେ ସାର ।
ସେ ତରୁକାଷ୍ଠଦେଇ ବର୍ଦ୍ଧକୀ ହସ୍ତେ
କରାଇ ଦେବ ପ୍ରଭୁ ପାଦୁକା ମତେ ।”

ପୃଥିବୀରେ କେତେଜଣ ନାରୀ ଏପରି ନିଷ୍ଠା ଏବଂ ତ୍ୟାଗର ପରିଚୟ ଦେଇଛନ୍ତି ? ଜନନୀ ଭାବରେ ସୀତାଙ୍କର ଆଦର୍ଶ ପ୍ରଶଂସାର୍ହ । ସନ୍ତାନ ଦ୍ୱୟଙ୍କ ଜନ୍ମ ହେବା ପରେ ସୀତାଙ୍କର ମଳିନ ମୁଖମଣ୍ଡଳରେ ଆନନ୍ଦର ଫଲ୍ଗୁ ମିଳିଲା । ମାତ୍ର ଦୁଃଖ ହେଉଛି ଏତିକି ପିଲା ଦୁଇଟିର ଜନ୍ମ ଆଶ୍ରମରେ ବୋଲି । ଆଦର୍ଶ ପତ୍ନୀ ସହିତ ଆଦର୍ଶ ଜନନୀର ଭାବ ପ୍ରକଟିତ ହେଲା ସୀତାଙ୍କ ଚରିତରେ । କୁମାର ଦ୍ୱୟଙ୍କର ଜନ୍ମପୂର୍ବରୁ ରାମଙ୍କ ପ୍ରତି ଅନୁଧାବିତ ଏକମୁଖୀ ଚିନ୍ତା ଦ୍ୱିମୁଖୀ ହେବାକୁ ବାଧ୍ୟ ହୋଇଛି । ବାଲ୍ମୀକିଙ୍କର ପ୍ରଗାଢ଼ ନିଷ୍ଠା, ମୁନିକୁମାରମାନଙ୍କର ସ୍ନେହ ମମତା ଏବଂ ଜନନୀର ଅପତ୍ୟ ସ୍ନେହରେ ଲାଳିତ ପାଳିତ କୁଶ, ଲବ ଦ୍ୱୈତୀୟାର ଜହ୍ନପରି ବଢ଼ିଲେ । ମାତ୍ର ଯେଉଁଦିନ ସନ୍ତାନ ଦୁଇଟି ମା’ର କୋଳଛାଡ଼ି ଏକା ଏକା ପାଦରେ ଚାଲି ଶିଖିଲେ ସୀତାଙ୍କର ମନ ପୁନର୍ବାର ଏକମୁଖୀ ହୋଇଗଲା । ପତିଙ୍କର ପାଦ ହେଲା ଏକ ମାତ୍ର ଧ୍ୟେୟ । ନିଦାଘ ସରିତ-ସ୍ରୋତପରି ସୀତାଙ୍କର ପ୍ରାଣ କ୍ଷୀଣ ହୋଇ ଆସିଲା । ତାଙ୍କର ଏକମାତ୍ର କାମନା କେବଳ ସ୍ୱାମୀଙ୍କର ପଦ୍ମପାଦକୁ ଦର୍ଶନ କରିବା ଏବଂ ସନ୍ତାନ ଦୁଇଟିକୁ ତାଙ୍କ କୋଳରେ ସମର୍ପିଦେବା । କବିଙ୍କ ଲେଖନୀରେ ଏହିପରି ବିକଶିତ—

Digitized by PPRACHIN, SOA

"ଭାବୁଥାନ୍ତି, ଥରେ କେଉଁ ଉପାୟେ
ଦୃଷ୍ଟି ଦେଇ ସ୍ୱାମୀ ପବିତ୍ର ପାଏ ।
ସମର୍ପଣ କରି ପୁତ୍ର ଯୁଗଳ
ଦିଅନ୍ତି ଭାଙ୍ଗି ମୋର ତନୁ-ଅର୍ଗଳ ।
ପରାଣ ମୃଗ ଯାଇ ସତ୍ୱର
ସେ ମୁକ୍ତ ବିପିନେ କରନ୍ତା ଘର ।"

ରାମଚନ୍ଦ୍ରଙ୍କର ଅଶ୍ୱମେଧ ଯଜ୍ଞ ସୀତାଙ୍କୁ ପୁଣି ଏକ ପରୀକ୍ଷାର ସମ୍ମୁଖୀନ କରାଇଛି । ସୀତା ଚିରନ୍ତନ ନାରୀର ମନ ନେଇ ବିଶ୍ଳେଷଣ କରିଛନ୍ତି । ସ୍ତ୍ରୀ ବିନା ସ୍ୱାମୀର ଯଜ୍ଞ ସଫଳ ହୁଏ ନାହିଁ । ଫଳରେ ସେ ରାମଚନ୍ଦ୍ରଙ୍କର ଦ୍ୱିତୀୟ ପତ୍ନୀଙ୍କର କଥା ଭାବିଛନ୍ତି, କେଉଁ ପୁଣ୍ୟ ଫଳରେ ସେ ରାମଚନ୍ଦ୍ରଙ୍କର ପତ୍ନୀହେବାର ଗୌରବ ପାଇଲେ । ଏପରି ଏକ ଚିନ୍ତାଧାରା ଭିତରେ ଆଦର୍ଶର ବିଚ୍ୟୁତି ଘଟିଥିଲେ ବି ଦେବତ୍ୱର ଅଯଥା ଆରୋପ ଏଠାରେ କରାଯାଇ ନାହିଁ । ଚିରନ୍ତନ ନାରୀର ଆଶଙ୍କା ଏଠାରେ ଉପଜୀବ୍ୟ ବିଷୟ । ମାତ୍ର ସେ ସାଧାରଣ ନାୟିକା ପରି ସ୍ୱାମୀପ୍ରତି ବିକ୍ଷୋଦ୍‌ଗାର କରି ନାହାନ୍ତି । ପରନ୍ତୁ ନିଜେ ବ୍ୟଥିତ ହୋଇପଡ଼ିଲେ ବି ନିଜର ସପତ୍ନୀର ସାଧନା ଜାଣିବା ପାଇଁ ସ୍ୱାମୀନିକଟକୁ ପତ୍ର ଲେଖିବସିଛନ୍ତି । ମାତ୍ର ଅଯୋଧ୍ୟାରୁ ଫେରିଆସି କୁଶ ଯେତେବେଳେ ପ୍ରକାଶ କରନ୍ତି···

"ଥିଲକି ଜନମୀ ତାଙ୍କ ଦୁହିତା ଅଭିବ
ଅନ୍ୟ ଜାୟା ନ ବରିଲେ ଜାନକୀବଲ୍ଲଭ ।"

ଯେତେବେଳେ ସୀତା ରାମଚନ୍ଦ୍ରଙ୍କ ତ୍ୟାଗ ନିକଟରେ ନିଜକୁ ଅତ୍ୟନ୍ତ ଗୌଣ-ମନେ କରିବା ସଙ୍ଗେ ସଙ୍ଗେ ଅପରାଧିନୀ ବୋଲି ସାବ୍ୟସ୍ତ ଏବଂ ଲେଖିଥିବା ଚିଠିଟିକୁ ଟୁକୁରା କରିଦେଇଛନ୍ତି ।

"ମନେ ମନେ ବୋଇଲେ ହା ! ମୁଁ ଚିରପାପିନୀ
ଲେଖୁଥିଲି ଚିଠା ପ୍ରଭୁ-ହୃଦୟ-ତାପିନୀ ।
ମୁଁ ସିନା ଅବଳା ଅତି ଦୁର୍ବଳ ହୃଦୟା
ଅନନ୍ତ ଅଗାଧ ମୋର ପ୍ରଭୁଙ୍କର ଦୟା ।"

ଉପର୍ଯ୍ୟୁକ୍ତ ଆଲୋଚନାରୁ ଜଣାଯାଏ ମେହେରଙ୍କ ସୀତା ସମ୍ପୂର୍ଣ୍ଣଭାବରେ ଜଣେ ଦେବୀ ନ ହେଲେ ବି ମାନବୀ ନୁହନ୍ତି ; ଉଭୟର ଏକ ଅପୂର୍ବ ମିଳନ । ସେ କିନ୍ତୁ ଅନନ୍ୟ ସାଧାରଣ ଗୁଣାବଳୀର ଅଧିକାରିଣୀ । ମେହେରଙ୍କ ପ୍ରକୃତି ପରି ସେ ଅନନ୍ୟା । ଆର୍ଯ୍ୟ-ପରମ୍ପରାର ଜଣେ ନାରୀ । ଧୂପପରି ଜଳି ଜଳି ନିଜର ମହକ ବିତରଣ କରିବା ଯାହାର ହୋଇଛି ଧର୍ମ; ଏପରି ଏକ ନାରୀକୁ ସୃଷ୍ଟି କରି ମେହେର ସଂସ୍କୃତି ସଚେତନତାର ପରିଚୟ ଦେବା ସହିତ ବିଶ୍ୱନାରୀ ସମାଜକୁ ଏକ ଆହ୍ୱାନ ଦେଇଛନ୍ତି ବୋଲି କୁହାଯାଇପାରେ । ଏହି ଆହ୍ୱାନ କେତେଦୂର ଫଳପ୍ରସୂ ହୋଇପାରିଛି ତାହା ପାଠକେ ବିଚାର କରିବେ ।

—୦—

Digitized by PPRACHIN, SOA

ସ୍ୱଭାବ କବିଙ୍କ ଜାତୀୟତାବୋଧ

ବିଦ୍ୟାଧର ଦେହୁରୀ

ପ୍ରାକ୍ ରାଧାନାଥ ଯୁଗର ଓଡ଼ିଆ ସାହିତ୍ୟରେ ଯେଉଁ ଛନ୍ଦ ବିଳାସ, ଆଳଂକାରିକ ଶୈଳୀ ଓ ଧର୍ମୀୟ ଚେତନାପ୍ରଭାବ ବିସ୍ତାର କରିଥିଲା ଏବଂ ସଂସ୍କୃତ କାବ୍ୟାଦର୍ଶର ପ୍ରଭାବରେ କବିମାନେ ଯେପରିଭାବେ ନିର୍ଦ୍ଦିଷ୍ଟ ଧାରା ଓ ନିର୍ଦ୍ଦିଷ୍ଟ କଥାବସ୍ତୁକୁ ନେଇ ସାହିତ୍ୟ ସୃଷ୍ଟି କରିଥିଲେ ରାଧାନାଥହିଁ ପ୍ରଥମେ ଏଇ ପ୍ରଚଳିତ ମୂଲ୍ୟବୋଧ ଓ ପାରମ୍ପରିକ ଓଡ଼ିଆ ସାହିତ୍ୟର ଧାରାରେ ପରିବର୍ତ୍ତନ ଘଟାଇ ଆଧୁନିକ ଓଡ଼ିଆ ସାହିତ୍ୟର ଭିତ୍ତି ନିର୍ମାଣ କଲେ ଏବଂ ଯେଉଁ ଆଧୁନିକ ଓଡ଼ିଆ ସାହିତ୍ୟକୁ ଲୋକ ସମ୍ମୁଖକୁ ଆଣିଲା, ଏଥିପାଇଁ ୧୮୭୩ ମସିହାର "ଉତ୍କଳ ଦର୍ପଣ" ପତ୍ରିକାର ଥିଲା ଶ୍ରେଷ୍ଠ ଅବଦାନ ।

୧୮୪୫ ମସିହାରେ କବି କବିସୂର୍ଯ୍ୟ ବଳଦେବଙ୍କ ମୃତ୍ୟୁ, ୧୮୬୨ ମସିହାରେ ଗୋପାଳକୃଷ୍ଣ ମୃତ୍ୟୁ ଏବଂ ୧୮୬୬ ମସିହାର ନଅଙ୍କ ଦୁର୍ଭିକ୍ଷର କରାଳଗ୍ରାସରେ କବି ଯଦୁମଣି ନିଶ୍ଚିହ୍ନ ହୋଇଯିବା ପରେ ପରେ ହିଁ ପାରଂପରିକ ଖଣ୍ଡସାହିତ୍ୟର ପତନ ଘଟିଥିଲା ।

ଏହାର ଅନେକ ପୂର୍ବରୁ ୧୮୦୩ ମସିହାରେ ଇଂରେଜମାନେ ଓଡ଼ିଶା ଅଧିକାର କରିଥିଲେ ଏବଂ କହିବାକୁ ଗଲେ ୧୮୦୩ ରୁ ୧୮୭୩ ମସିହାଯାଏ ନିରବଚ୍ଛିନ୍ନ ଭାବେ ଏହି ୭୦ ବର୍ଷରେ କୌଣସି ଯୁଗସ୍ରଷ୍ଟାର ବନ୍ଦନ କରିଥିବା ଓଡ଼ିଆ ସାହିତ୍ୟ ସୃଷ୍ଟି ହୋଇ ନ ଥିଲା । ଏହି ୭୦ ବର୍ଷର ସମୟକୁ ହିଁ ଓଡ଼ିଆ ସାହିତ୍ୟର ଅଂଧକାରଯୁଗ କୁହାଯାଇଥାଏ । ଓଡ଼ିଆ ସାହିତ୍ୟର ଇତିହାସକୁ ଦୃଷ୍ଟି ଦେଲେ ଏହି ସମୟରେ ବହୁ ସଙ୍କଟ ଉପଲବ୍ଧିହୁଏ । ଇଂରେଜମାନଙ୍କର ବାହୁଚ୍ଛାୟାତଳେ ଥାଇ ଓଡ଼ିଶାରେ ପ୍ରବାସୀ ବଂଗାଳୀ ମାନଙ୍କର ଆଧିପତ୍ୟ ବିସ୍ତାର । ଇଂରେଜମାନଙ୍କର ଅତ୍ୟାଚାର ଓ ବଂଗାଳୀମାନଙ୍କର ଚକ୍ରାନ୍ତ ଭିତରେ ଓଡ଼ିଆ ଭାଷା ସାହିତ୍ୟ ଓ ଜନସାଧାରଣଙ୍କ ଜୀବନ ଶ୍ୱାସରୁଦ୍ଧ । ଫଳତଃ ଇଂରେଜ ଅତ୍ୟାଚାରର ଏକ ପ୍ରତିକ୍ରିୟାରୂପେ ଦେଖାଦେଲା ୧୮୧୭ ମସିହାର ପାଇକ ବିଦ୍ରୋହ ଏବଂ ସର୍ବୋପରି ଏହି ସମୟରୁ ହିଁ ନିର୍ଦ୍ଦିଷ୍ଟ ଭାବେ ଇଂରେଜମାନଙ୍କ ପ୍ରତି ଏକ ଜନ ଅସନ୍ତୋଷ ବଢ଼ିଚାଲିଥିଲା । ଏ ଅସନ୍ତୋଷକୁ ଆହୁରି ତୀବ୍ର କରିଥିଲା ଇଂରେଜ ମାନଙ୍କ ଦ୍ୱାରା ପାଶ୍ଚାତ୍ୟ ଶିକ୍ଷାର ବିସ୍ତାର କାରଣ ଏକ ପକ୍ଷରେ ପାଶ୍ଚାତ୍ୟ ଶିକ୍ଷା ଓ ଖ୍ରୀଷ୍ଟିୟାନ ଧର୍ମର ପ୍ରଚାର ଓଡ଼ିଶାର ଭାଷା ଓ ସଂସ୍କୃତିର କଣ୍ଠ ରୋଧ କରିଥିଲେ ମଧ୍ୟ ଓଡ଼ିଆମାନଙ୍କ

Digitized by PPRACHIN, SOA

ପ୍ରାଣରେ ନୂତନ ଜାଗରଣ ସୃଷ୍ଟି କରିଥିଲା । ଆଖିବୁଜିଥିବା ଓଡ଼ିଆମାନଙ୍କୁ ଆଖି ମେଲିବାର ଖୋରାକ୍ ଯୋଗାଇ ଥିଲା କହିଲେ ଅତ୍ୟୁକ୍ତି ହେବ ନାହିଁ ।

ଯମଶଃ ଇଂରେଜମାନଙ୍କ ଅଧିକ ପ୍ରିୟପାତ୍ର ବଂଗାଳୀମାନେ ସେମାନଙ୍କର ଭାଷାକୁ ଓଡ଼ିଶାର ମରକାରୀ ଭାଷା ରୂପେ ପ୍ରଚଳନ କରାଇବାର କୂଟ ଚକ୍ରାନ୍ତ ଆରମ୍ଭ କଲେ । ୧୮୩୫ ବେଳକୁ ସମଗ୍ର ଓଡ଼ିଶାରେ ପ୍ରାୟ ୪୫ ଟି ବିଦ୍ୟାଳୟ ଇଂରେଜମାନେ ସ୍ଥାପନ କରିଥିଲେ । ଇଂରାଜୀ ଶିକ୍ଷାର ପ୍ରସାର ଫଳରେ ଓଡ଼ିଶାର ଅନେକ ଯୁବଗୋଷ୍ଠୀ ଆଧୁନିକ ଶିକ୍ଷାପ୍ରତି ଆକୃଷ୍ଟ ହୋଇପଡ଼ିଥିଲେ । ଫଳତଃ ୧୮୪୫ ବେଳକୁ ଓଡ଼ିଶାରେ ଏକ ନୂତନ ଶିକ୍ଷିତ ସମ୍ପ୍ରଦାୟ ସୃଷ୍ଟି ହୋଇସାରିଥିଲା ।

୧୮୭୦ମସିହା ବେଳକୁ ଏକ ଶିକ୍ଷିତ ଗୋଷ୍ଠୀ ଓଡ଼ିଶାରେ ମୁଣ୍ଡଟେକିଥିଲେ ମଧ୍ୟ ଏମାନେ ଓଡ଼ିଶାର ବିଭିନ୍ନ ସମସ୍ୟା ପ୍ରତି ସଚେତନ ନ ଥିଲେ । ୧୮୭୦-୧୯୦୦ ମସିହା ବେଳକୁ ଯେଉଁ ଶିକ୍ଷିତ ଗୋଷ୍ଠୀର ଆବିର୍ଭାବ ହେଲା ମୁଖ୍ୟତଃ ସେମାନେ ସମସ୍ତେ ଥିଲେ ରେଭେନ୍ସା କଲେଜର ଛାତ୍ର । ଏମାନେ ସଂଖ୍ୟାରେ ସୀମିତ ଥିଲେ ମଧ୍ୟ ଯଥେଷ୍ଟ ସଚେତନ ଥିଲେ । କହିବାକୁଗଲେ ଏମାନେ ଓଡ଼ିଶାର ବିଭିନ୍ନ ସମସ୍ୟାରେ ଓତଃପ୍ରୋତଃ ଭାବେ ଜଡ଼ିତ ଥିଲେ । ଓଡ଼ିଆ ଭାଷା ବିଲୋପ ଆଂଦୋଳନରେ ଏହି ଶିକ୍ଷିତ ଗୋଷ୍ଠୀ ହିଁ ସ୍ୱରତ୍ତୋଳନ କରିଥିଲା । ୧୮୩୭ ସାଲରେ କଂପାନୀ ସରକାର ଏକ ଆଦେଶନାମାରେ ଘୋଷଣା କଲେ ଯେ କଚେରୀମାନଙ୍କରୁ ପାର୍ଶୀଭାଷା ଉଠାଯାଇ ଇଂରାଜୀ ଓ ଦେଶୀୟ ଭାଷା ପ୍ରଚଳନ କରାଯିବ । ମାତ୍ର ଏ ଘୋଷଣାନାମା ପରେ ଓଡ଼ିଆଭାଷାର ଯେଉଁ ଦୂରବସ୍ଥା ଦେଖାଦେଲା ଅନୁରୂପ ଭାବେ ହିନ୍ଦି ଓ ଆସାମରେ ମଧ୍ୟ ତାହା ଦେଖାଯାଇଥିଲା । କାରଣ ଆସାମୀମାନଙ୍କର ପ୍ରତିବନ୍ଦିତା ଫଳରେ ୧୮୭୨ ମସିହାରେ ବଂଗର ଲେଫ୍ଟେନାଣ୍ଟ ଗଭର୍ଣ୍ଣର କଲିକତାଠାରୁ ଏକ ଆଦେଶନାମା ପ୍ରଚାର କଲେଯେ ବଙ୍ଗଳା, ହିନ୍ଦୀ, ଆସାମୀ, ଓଡ଼ିଆ ଆଦି ଭାଷାଗୁଡ଼ିକ ଯେଉଁ ଯେଉଁ ପ୍ରଦେଶର ତାହା ସେମାନଙ୍କର ନିଜ ଲିପିରେ ସେହି ସ୍ଥାନର ପାଠଶାଳାମାନଙ୍କରେ ପଠିତ ହେବ । କିନ୍ତୁ ୧୮୩୭ର ପୂର୍ବ ଆଦେଶ ନାମାନୁସାରେ ଓଡ଼ିଶାରେ ଦେଶୀୟ ଭାଷାର ପ୍ରଚଳନ ବିରୋଧରେ ବାଲେଶ୍ୱରର ତାତ୍କାଳୀନ ମାଜିଷ୍ଟ୍ରେଟ୍ ଯେଉଁ ମତ କମିଶନରଙ୍କ ଆଗରେ ବାଢ଼ିଥିଲେ ତାର ଫଳ ସ୍ୱରୂପ ଓଡ଼ିଆ ଭାଷାକୁ ନିର୍ଦ୍ଦିଷ୍ଟ ବିଷୟରେ ସୀମାବଦ୍ଧ ରଖାଯାଇ ଅନ୍ୟ କ୍ଷେତ୍ରମାନଙ୍କରେ ପାର୍ଶୀଭାଷାକୁ ପୁନଃ-ପ୍ରଚଳନ କରାଗଲା । ପ୍ରତ୍ନତାତ୍ତ୍ୱିକ ରାଜେନ୍ଦ୍ରଲାଲ ମିତ୍ର ଓଡ଼ିଶାକୁ ଆସି କଟକର ଡିବେଟିଂ କ୍ଲବରେ 'ଜାତୀୟତା' ସମ୍ପର୍କରେ ଲିଖିତ ଏକ ପ୍ରବନ୍ଧ ଆକାରରେ ଭାଷଣ ଦେବାବେଳେ ଓଡ଼ିଆ ଭାଷା ଉପରେ ମଧ୍ୟ ବହୁ କୁଟୁକ୍ତି ପ୍ରକାଶ କରିଥିଲେ । ଅତଏବ ଓଡ଼ିଆ ଭାଷା ନେଇ ବଙ୍ଗାଳୀ ଓ ଓଡ଼ିଆ ମାନଙ୍କ ବିରୋଧରେ ଯେଉଁ ତିକ୍ତତା ଦେଖାଦେଲା ମିତ୍ରଙ୍କ ମନ୍ତବ୍ୟ ପରେ ତାହା ଆହୁରି ବିଷାକ୍ତ ହୋଇ ଉଠିଲା । ଏହାର ବିରୋଧରେ ସେ ସମୟରେ ଗୌରୀଶଙ୍କର "ଦୀପିକା" ମାଧ୍ୟମରେ ସ୍ୱର ଉତ୍ତୋଳନ କଲେ । ଯାହାହେଉ, ତତ୍କାଳୀନ ଏହି ଶିକ୍ଷିତ

Digitized by PPRACHIN, SOA

ଟେଗ ଷ୍ଟୀଙ୍କ ପ୍ରସ୍ତାବରେ ଓଡ଼ିଆ ଭାଷା ପୁନଃପ୍ରତିଷ୍ଠା ଲାଭ କଲା । ଏତଦ୍ ବ୍ୟତୀତ ଦେଶ ମିଶ୍ରଣ ଓ ଓଡ଼ିଆ ଭାଷାଭାଷୀ ଅଞ୍ଚଳର ଏକତ୍ରୀକରଣ ଆଉ ଏକ ବଳିଷ୍ଠ ସମସ୍ୟାରୂପେ ଦେଖା ଦେଇଥିଲା । ଓଡ଼ିଶା କହିଲେ ମାତ୍ର କଟକ, ପୁରୀ, ବାଲେଶ୍ୱର ଓ କେତେକ ଗଡ଼ଜାତ ମହାଲକୁ ବୁଝାଉଥିଲା । ଓଡ଼ିଶାର ବହୁ ଅଂଶ ମାନ୍ଦ୍ରାଜ, ମଧ୍ୟ ପ୍ରଦେଶ ବଙ୍ଗ ବିହାର ସହିତ ମିଶି ଥିଲା ଏବଂ ଓଡ଼ିଶାର ଏହି ବିକଳାଙ୍ଗ ରୂପ ତତ୍କାଳୀନ ଶିକ୍ଷିତ ଗୋଷ୍ଠୀଙ୍କୁ ବ୍ୟଥିତ କରିଥିଲା । ଏହାଛଡ଼ା ୧୮୬୬ ର ନଅଙ୍କ ଦୁର୍ଭିକ୍ଷ ଓ ତାର କରାଳ ଗ୍ରାସରେ ଏ ଦେଶର ଲକ୍ଷ ଲକ୍ଷ ଲୋକଙ୍କର ମୃତ୍ୟୁ ଓ ଓଡ଼ିଶାର ଆର୍ଥନୀତିକ ମେରୁଦଣ୍ଡକୁ ଭୁଷୁଡ଼େଇ ଦେବାରେ ଇଂରେଜ ସରକାରଙ୍କ ପ୍ରତ୍ୟକ୍ଷ ଭାବେ ଦାୟୀକରାଯାଇ ପାରେ । ତତକାଳୀନ ଶାସକଙ୍କ ସାମାନ୍ୟ ଦାୟିତ୍ୱହୀନତା ଯୋଗୁଁ ବିଚ୍ଛିନ୍ନ ହୋଇଥିଲେ ଶହ ଶହ ଓଡ଼ିଆଲୋକ । ଫଳତଃ ଓଡ଼ିଶାରେ ଶାସନକରୁଥିବା ତତ୍କାଳୀନ ଇଂରେଜ ସରକାରଙ୍କର ଓଡ଼ିଶା ପ୍ରତି ଅସୂୟା ଓ ଅବହେଳା ଓଡ଼ିଆଙ୍କ ପ୍ରାଣରେ ସୃଷ୍ଟି କଲା ଗଭୀର ପ୍ରତିକ୍ରିୟା ।

୧୮୬୬ ମସିହା "ଉତ୍କଳଦୀପିକା"ର ପ୍ରକାଶ ପରଠାରୁ ଏ ଦେଶରେ ଓଡ଼ିଆ-ମାନଙ୍କ ନିଜସ୍ୱ ଚେଷ୍ଟାରେ ବହୁ ପତ୍ର ପତ୍ରିକା ମୁଣ୍ଡ ଟେକି ଉଠିଲା । ବହୁ ସ୍ୱାଧୀନଚେତା ବ୍ୟକ୍ତିଙ୍କ ପ୍ରସ୍ତାବରେ ପ୍ରକାଶିତ ଏ ପତ୍ରପତ୍ରିକାରୁ ଓଡ଼ିଶାର ବିଭିନ୍ନ ସମସ୍ୟାକୁ ଲୋକ-ଲୋଚନକୁ ଅଣାଯାଇ ଏକ ଇଂରେଜ ବିରୋଧୀ ଜନମତ ସୃଷ୍ଟି କରାଯାଇଥିଲା । ୧୮୦୩ରୁ ୧୮୬୩ ମସିହାଯାଏ ନିରବଚ୍ଛିନ୍ନ ଭାବେ ଏହିସବୁ ସଙ୍କଟକୁ ସମ୍ମୁଖୀନ କରିବାର ପ୍ରସ୍ତାବ ଭିତରେ ଓଡ଼ିଆ ଜନସାଧାରଣଙ୍କର ଚକ୍ଷୁ ଖୋଲିଯାଇଥିଲା । ନିଜର ଭାଷା, ନିଜର ପ୍ରଦେଶ, ସମ୍ପର୍କିତ ସଚେତନତା କ୍ରମଶଃ ବଳିଷ୍ଠ ହୋଇ ଆଧୁନିକ ଓଡ଼ିଆ ସାହିତ୍ୟରେ ପରିଣତ ହେଲା ।

ଏକ ପକ୍ଷରେ ଇଂରେଜମାନଙ୍କର ଓଡ଼ିଶା ପ୍ରତି ଅବହେଳା ସାମାଜିକ ଓ ଆର୍ଥନୀତିକ ଦୃଷ୍ଟିକୋଣରୁ ଓଡ଼ିଶା ପାଇଁ ଯେତିକି କ୍ଷତିକାରକ ଅନ୍ୟପକ୍ଷରେ ସୂକ୍ଷ୍ମ ବିଚାରବୋଧ ଦୃଷ୍ଟିରୁ ଏହା ଓଡ଼ିଆମାନଙ୍କ ପ୍ରାଣରେ ଜାତୀୟତାର ଭାବ ସଞ୍ଚାର କଲା କହିଲେ ଅତ୍ୟୁକ୍ତି ହେବ ନାହିଁ । ଏପରି ଏକ ପୃଷ୍ଠଭୂମିକୁ ନେଇ ରାଧାନାଥ ଯେଉଁ ରଚନାମାନ ଦେଇଗଲେ ତା' ଥିଲା ପ୍ରଥମ ଆଧୁନିକ ଓଡ଼ିଆ ସାହିତ୍ୟ ।

ରାଧାନାଥଙ୍କ କାବ୍ୟ ମାନସ ଓଡ଼ିଶାର ତତ୍କାଳୀନ ସମସ୍ୟା ଓ ଦୁଃସ୍ଥିତି ପ୍ରତି ଯେତେ ପରିମାଣରେ ସଚେତନ ଥିଲା ପାଶ୍ଚାତ୍ୟ ସାହିତ୍ୟପ୍ରତି ସେତିକି ସଚେତନ ଥିଲା ଏବଂ ଏହି ସତୁରି ବର୍ଷର ସଂଗ୍ରାମ ଭିତରେ ଓଡ଼ିଆ ପ୍ରାଣରେ ଯେଉଁ ସଚେତନତା, ଯେଉଁ ଜାଗରଣ ଓ ନିଜକୁ ଚିହ୍ନିବାର ଯେଉଁ ପ୍ରୟାସ ଦେଖାଦେଇଥିଲା ତାହା ଏକ ବଳିଷ୍ଠ ଜାତୀୟତାର ସ୍ୱରୂପ ନେଇ ପ୍ରକାଶ ପାଇଲା ସମକାଳୀନ ସାହିତ୍ୟକମାନଙ୍କ ରଚନାରେ ।

Digitized by PPRACHIN, SOA

ଅଗ୍ରପୂଜ୍ୟ ରାଧାନାଥ ଥିଲେ ନିର୍ଦ୍ଦିଷ୍ଟ ଭାବରେ ଜଣେ ଓଡ଼ିଶୀ ଜାତୀୟତା-ବାଦୀ । ପରମ୍ପରା ଓ ପୁରୋଦୃଷ୍ଟିକୁ ଭିତ୍ତିକରି ରାଧାନାଥ ଜାତୀୟତାର ଯେଉଁ ବୀଜବପନ କଲେ ତାହା କ୍ରମଶଃ ଶାଖା ବିସ୍ତାର କରିବାକୁ ଲାଗିଲା । ତେଣୁ ରାଧାନାଥଙ୍କ ପରବର୍ତ୍ତୀ କବିମାନଙ୍କ ରଚନାରେ ଏହି ଜାତୀୟତାର ସ୍ପଷ୍ଟଚିହ୍ନ ଦେଖିବାକୁ ମିଳେ । ରାଧାନାଥଙ୍କଠାରୁ ମଧୁସୂଦନଙ୍କ ବାଟଦେଇ ଯେତେବେଳେ ଓଡ଼ିଆ ସାହିତ୍ୟ ଗଙ୍ଗାଧରଙ୍କ ନିକଟରେ ପହଞ୍ଚେ ସେତେବେଳେ ଆଧୁନିକତା ସପକ୍ଷରେ ଓ ବିପକ୍ଷରେ ଯଥେଷ୍ଟ ପ୍ରତିକ୍ରିୟା ପ୍ରକାଶ ପାଇସାରି ଥିଲା । ଯାହାଫଳରେ ରାଧାନାଥଙ୍କ ପରବର୍ତ୍ତୀ କବିମାନେ ଆଧୁନିକତାର ଦୁଇଦିଗ ପ୍ରତି ଥିଲେ ଯଥେଷ୍ଟ ସଚେତନ । ରାଧାନାଥଙ୍କ କାବ୍ୟଦର୍ଶନର ଯେଉଁ ତ୍ରୁଟି ଯୋଗୁଁ ସେ ସମାଲୋଚିତ ତାଠାରୁ ନିରାପଦ ଦୂରତ୍ୱରଖି ଗଙ୍ଗାଧର ସୃଷ୍ଟିକଲେ ତାଙ୍କ ସାହିତ୍ୟ ଏବଂ ରାଧାନାଥଙ୍କପରି ଅନୁରୂପ ଜାତୀୟତା ଓ ଓଡ଼ିଶା ପାଇଁ ଅନୁରୂପ ବ୍ୟାକୁଳତା ଗଙ୍ଗାଧରଙ୍କ ଠାରେ ଦେଖାଦେଇଥିଲେ ମଧ୍ୟ ଚତୁରତାର ସହିତ ରାଧାନାଥଙ୍କର ବୈଦେଶିକୀ ଦୃଷ୍ଟିଭଙ୍ଗୀଟିକୁ ସେ ଏଡ଼େଇଯାଇଥିଲେ ଅଥଚ ଏ ଦେଶର ସଂସ୍କୃତି, ପାରଂପରିକ ପୃଷ୍ଠଭୂମି ଭିତରୁ ବିଷୟବସ୍ତୁମାନ ନିର୍ବାଚନକରି ନିଜର ଆଧୁନିକ ମୌଳିକ ଦୃଷ୍ଟିଭଙ୍ଗୀରେ ତାକୁ ଏପରି ରୂପଦେଲେ ଯେ ତାର ଫଳସ୍ୱରୂପ ଗଙ୍ଗାଧର ହେଲେ ପରଂପରା ଓ ଆଧୁନିକତାର ସଂଯୋଗସେତୁ ।

ଏତଦ୍‌ବ୍ୟତୀତ ଗଙ୍ଗାଧରଙ୍କ ସମୟର ଓଡ଼ିଶାର ନିଜସ୍ୱ ସମସ୍ୟା ଯେତିକିଥିଲା ଭାରତର ସ୍ୱାଧୀନତା ସଂଗ୍ରାମ ତାକୁ ନିଜର କୁକ୍ଷୀଗତ କରିଥିଲା । ତେଣୁ ରାଧାନାଥଙ୍କ ସମୟରେ ଓଡ଼ିଶାର ନିଜସ୍ୱ ସମସ୍ୟାକୁ ନେଇ ଓଡ଼ିଶାର ସାହିତ୍ୟିକମାନେ ଯେତେବେଳେ ବ୍ୟସ୍ତଥିଲେ ଭାରତର ସ୍ୱାଧୀନତା ସଂଗ୍ରାମର ଆହ୍ୱାନ ଏ ସମସ୍ୟାକୁ ବଢ଼ାଇ ଦେଇଥିଲା । ୧୯୨୦ର ଅସହଯୋଗ ଆନ୍ଦୋଳନର ଆହ୍ୱାନ ପରେ ଉତ୍କଳସମ୍ମିଳନୀ ନିଜକୁ ଓ ନିଜର ଓଡ଼ିଶୀ ଜାତୀୟତାକୁ ମହାଭାରତୀୟ ଜାତୀୟତାର ସ୍ରୋତରେ ମିଶାଇ ଦେଇଥିଲା । ଏଦୃଷ୍ଟିରୁ ଗଙ୍ଗାଧରଙ୍କ ରଚନାରେ ଖଣ୍ଡିତ ଉତ୍କଳ ପାଇଁ ଯେଉଁ ବ୍ୟାକୁଳତା ଦେଖାଦେଇଛି ଅନୁରୂପ ଭାବେ ଭାରତ ଓ ବିଶ୍ୱ ଜାତୀୟତା ପାଇଁ କାବ୍ୟମାନସ ଆକୁଳ ହୋଇଛି ।

ଗଙ୍ଗାଧରଙ୍କ କାବ୍ୟ ଚେତନାରେ ୩ଟି ବଳିଷ୍ଠ ଦିଗ—ଯଥା ପ୍ରକୃତି, ଜାତୀୟତା, ଓ ବିଭୁ ଚେତନାକୁ ପର୍ଯ୍ୟାଲୋଚନା କଲେ ତାଙ୍କର ନୂତନ ଦୃଷ୍ଟିକୋଣର ସ୍ୱାକ୍ଷର ମିଳେ । ରାଧାନାଥ ଓ ଗଙ୍ଗାଧରଙ୍କ ପ୍ରକୃତିକୁ ଗଭୀର ଅନୁଶୀଳନ କଲାବେଳେ ଗଙ୍ଗାଧରଙ୍କ ଦୃଷ୍ଟି-କୋଣ ସ୍ୱତନ୍ତ୍ର ଜଣାଯାଏ । ରାଧାନାଥ ସୃଷ୍ଟି ମାନସ ପ୍ରକୃତିର ସୌନ୍ଦର୍ଯ୍ୟ ମଧ୍ୟରେ ମୁଗ୍ଧ ଥିଲାବେଳେ ଗଙ୍ଗାଧର ପ୍ରକୃତିକୁ ଅନ୍ତଃଦୃଷ୍ଟିରେ ଅନୁଭବ କରିଥିଲେ । ଏତଦ୍‌ବ୍ୟତୀତ ପ୍ରକୃତି ଓ ବିଭୁଚେତନାକୁ ବାଦ୍‌ଦେଲେ ଗଙ୍ଗାଧରଙ୍କ ଅନ୍ୟ ଦିଗଟି ହେଲା ଜାତୀୟତା

Digitized by PPRACHIN, SOA

ଗଙ୍ଗାଧରଙ୍କୁ ଆଲୋଚନା କରିବା ପୂର୍ବରୁ ୧୮୦୩ ରୁ ୧୮୭୦ ଯାଏ ଆଧୁନିକ ଓଡ଼ିଆ ସାହିତ୍ୟର ଏଇ ପ୍ରସ୍ତୁତି ପର୍ବକୁ ଜାଣିବା ଆବଶ୍ୟକ । କାରଣ କବିମାନେ ଏଇ ପୃଷ୍ଠଭୂମିରୁହିଁ ସମସ୍ତେ ପ୍ରେରଣା ପାଇଥିଲେ ।

ଗଙ୍ଗାଧରଙ୍କ ଜାତୀୟତାତ୍ମକ ଲକ୍ଷ୍ୟ ପୂର୍ତ୍ତି ଉଦ୍ଦେଶ୍ୟରେ ଅଧିକ ପ୍ରକାଶ ପାଇଥିଲେ ମଧ୍ୟ ତାହା ନିର୍ଦ୍ଦିଷ୍ଟ ନ ଥିଲା । ଗଙ୍ଗାଧର ଥିଲେ ଯୁଗ ସଚେତନ । ନିଜେ ସମସ୍ୟା ଭିତରେ ଗତି କରି କରି ଉତ୍କଳର ଦୁଇ ପ୍ରଧାନ ସମସ୍ୟା ଭାଷା ଓ ସୀମା ପ୍ରତି ସେ ଥିଲେ ଅଧିକ ସଚେତନ । ଏହି ଦୃଷ୍ଟି କୋଣକୁ ଆଖି ଆଗରେ ରଖି ସେ ରଚନା କରିଛନ୍ତି କେତେକ ଉଦ୍‌ବୋଧନ ମୂଳକ କବିତା, ଯେଉଁଥିରେ ପ୍ରକାଶ ପାଇଛି ଓଡ଼ିଶୀ ଜାତୀୟତା, ଭାରତୀୟ ଜାତୀୟତା ଓ ବିଶ୍ୱ ଜାତୀୟତା । ଜାତୀୟତା କୌଣସି ଏକ ନିର୍ଦ୍ଦିଷ୍ଟ ବା ସ୍ୱତନ୍ତ୍ର ବସ୍ତୁ ନୁହେଁ । ଦେଶ ସଂପର୍କିତ ତ୍ୟାଗପୂତ କବିର ସମସ୍ତ ଚିନ୍ତାଧାରାର ମହତ୍ତ୍ୱ ସୂଚାଉଥିବା ଗଙ୍ଗାଧରଙ୍କ ଅଧିକାଂଶ କବିତାକୁ ଜାତୀୟତାବାଦୀ କବିତା କୁହାଯିବ ।

ଗଙ୍ଗାଧରଙ୍କ ସୃଷ୍ଟିକୁ ଅନୁଶୀଳନ କଲେ ଜଣାପଡ଼େ ସେ ବିଶେଷ ଭାବରେ ଦୁଇଟି ଦିଗ ପ୍ରତି ଅଧିକ ସଚେତନ ଥିଲେ ଜାତୀୟତାର ଦୁଇଟି ବିଭାବ ଭାଷାକେନ୍ଦ୍ରିକ ଜାତୀୟତା ଓ ସୀମାକେନ୍ଦ୍ରିକ ଜାତୀୟତା ତାଙ୍କ ସାହିତ୍ୟରେ ବିଶେଷ ଭାବରେ ପ୍ରକାଶିତ । ଏତଦ୍ ଭିନ୍ନ ଗଙ୍ଗାଧରଙ୍କ ଚିନ୍ତାଧାରା ବ୍ୟକ୍ତିମୁଖୀ ନଥିଲା । ରାଧାନାଥଙ୍କ ପରି ନିଜର ଦୁର୍ଭାଗ୍ୟକୁ ନେଇ ବା ସୌଭାଗ୍ୟକୁ ନେଇ ସେ କେବେ କବିତା ରଚନା କରି ନ ଥିଲେ । ତାଙ୍କ ଅଧିକାଂଶ କବିତା ଏ ଦେଶ ଓ ତାର ମହାନ ପୁରୋଧାମାନଙ୍କ ଉଦ୍ଦେଶ୍ୟରେ ଅର୍ପିତ ଯେଉଁଥିରୁ ମଧ୍ୟ ତାଙ୍କର ଜାତୀୟତାର ସ୍ୱାକ୍ଷର ମିଳେ ।

ପ୍ରାକ୍ ସ୍ୱାଧୀନତା କାଳରେ ନୂତନଶିକ୍ଷାର ବିସ୍ତାର ହେବା ସଙ୍ଗେ ସଙ୍ଗେ ଯେଉଁ ଜାତୀୟ ଜାଗରଣ ହୋଇଥିଲା ଠିକ୍ ସେହି ସମୟରେ ଓଡ଼ିଶାର ଭାଷା ଓ ସ୍ୱତନ୍ତ୍ର ପ୍ରଦେଶ ଗଠନର ସ୍ୱପ୍ନ ଓଡ଼ିଆଙ୍କ ପ୍ରାଣକୁ ଆନ୍ଦୋଳିତ କରିଥିଲା ଏବଂ ଊନବିଂଶ ଶତାବ୍ଦୀର ଏ ଅନ୍ତିମ ଭାଗଟି ମଧ୍ୟ ଥିଲା ରାଷ୍ଟ୍ରୀୟ ଜାଗରଣର ପର୍ଯ୍ୟାୟ । ଏଣୁ ଗଙ୍ଗାଧରଙ୍କ ବହୁ କବିତାରେ ଏହି ସଚେତନତାର ସ୍ୱାକ୍ଷର ଲକ୍ଷ୍ୟ କରାଯାଏ ।

ତାଙ୍କ ରଚିତ ଉତ୍କଳଲକ୍ଷ୍ମୀ, ଭାରତୀ ରୋଦନ, ଉତ୍କଳଭାରତୀଙ୍କ ଉକ୍ତି, ଉତ୍କଳ ଭାରତୀଙ୍କ ନିବେଦନ, ମାତୃଭୂମି ଆଦି କବିତାଗୁଡ଼ିକ ଉତ୍କଳୀୟ ଜାତୀୟତାର ଆଲେଖ୍ୟ ବହନ କଲାବେଳେ ୧୯୨୮ରେ ରଚିତ "ଭାରତୀ ଭାବନା"ରେ ଇଂରେଜଶାସନ ବିରୋଧରେ ନିଜର ପ୍ରତିବାଦ ସ୍ୱରର ସ୍ୱରୂପ ପ୍ରକାଶ ପାଏ ୧୯୨୧ ମସିହାରେ ଅସହଯୋଗ ଆନ୍ଦୋଳନ ଏବଂ ମହାତ୍ମା ଗାନ୍ଧୀଙ୍କ ଓଡ଼ିଶା ଆଗମନ, ୧୯୨୧ ମସିହା

Digitized by PPRACHIN, SOA

ଡ଼ିସେମ୍ବର ୨୪ ତାରିଖରେ ଚକ୍ରଧର ପୁରଠାରେ ଉତ୍କଳସମ୍ମିଳନୀର ଶେଷ ଅଧିବେଶନରେ ଗୋପବନ୍ଧୁ ଓଡ଼ିଶୀ ଜାତୀୟତାକୁ ଭାରତୀୟ ଜାତୀୟତା ସହିତ ମିଶାଇଦେଇଥିଲେ । ଫଳରେ ଓଡ଼ିଆ ଜାତୀୟତାବାଦୀ କବିତାରେ ଏକ ନୂତନ ମୋଡ଼ ସୃଷ୍ଟି ହେଲା । ଯାହାଫଳରେ ଗଙ୍ଗାଧର ୧୯୨୩ ସାଲରେ "ମୁକୁର" ପତ୍ରିକାରେ ଭାରତୀଭାବନା ପରି ପରରେ ବର୍ଣ୍ଣିତ ଜାତୀୟ ମନୋଭାବର କବିତା ରଚନା କଲେ ।

୧୮୯୪ ମସିହା ଉତ୍କଳହିତୈଷିଣୀରେ ରଚିତ 'ଭାରତୀ ରୋଦନ' କବିତାଟି ସମ୍ବଲପୁରର କଚେରୀମାନଙ୍କରୁ ଓଡ଼ିଆ ଭାଷାକୁ ଉଚ୍ଛେଦ କରାଯିବାର ପ୍ରତିବାଦ ସ୍ୱରରେ ରଚିତ ଏବଂ ଏତଦ୍‌ବ୍ୟତୀତ ଉତ୍କଳ ଭାରତୀଙ୍କ ନିବେଦନ କବିତା ସମ୍ବଲପୁର ହିତୈଷିଣୀରେ ୧୮୯୫ ରେ ପ୍ରକାଶ ପାଇଥିଲା । ଉତ୍କଳଭାରତୀଙ୍କ କରୁଣ ନିବେଦନ ଭାଷାକୈନ୍ଦ୍ରିକ ଜାତୀୟତାକୁ ପ୍ରକାଶ କରିଥାଏ ।

ସ୍ୱହସ୍ତରେ ଗଢ଼ି ଯତନେ
ନାନାବିଧ ଭୂଷଣ
ଯା ଅଙ୍ଗରେ ମଣ୍ଡି ଦେଉଛୁ
ସହୁ କେତେ କଷଣ ।
ରାଜ୍ୟ ଆଜ ଦୁଃଖୀ ସେ
ଯାଉ ଅଛୁ ବାହାର
ତାହା ପାଇଁ ପଦେ କହିବା
ଏବେ ହେଲ କି ଭାର ।

ଏତଦ ବ୍ୟତୀତ ଅନୁରୂପଭାବେ "ଉତ୍କଳ ଭାରତୀ" କବିତାରେ କବିଙ୍କ ବଳିଷ୍ଠ ଭାଷା କୈନ୍ଦ୍ରିକ ଜାତୀୟତାର ଆଲେଖ୍ୟ ପ୍ରକାଶ ପାଇଛି । ଯେତେବେଳେ ଓଡ଼ିଆ ଭାଷାର ବିଲୋପରେ ଉତ୍କଳଭାରତୀ ରୋଦନ କରୁଛି କବିଙ୍କ ଲେଖନୀରେ ତାହା ଏପରି ଜୀବନ୍ତ ଯେ ପାଠକର ପ୍ରାଣରେ ତାହା ପ୍ରତ୍ୟେକ ମୁହୂର୍ତ୍ତରେ ଗଭୀର ରେଖାପାତ କରେ ।

ହିନ୍ଦୀ ସରସ୍ୱତୀ ମୋ ଗୃହରେ ବସି
କରିବ ପଦ୍ମ ରାଜନ୍ତି
ମୋ ଆଶା-କାନନ ଉଜ୍ଜ୍ୱଳିଣି ହେବ
ତା ନବ ଉଦ୍ୟାନେ ଝଡ଼ ।

ଏହାଛଡ଼ା କବିଙ୍କର ରଚିତ ଉତ୍କଳଭାରତୀଙ୍କ ଉକ୍ତି କବିତାରେ କବି ଉତ୍କଳ ଭାଷା ଉଚ୍ଛେଦ ସମ୍ପର୍କରେ ଉତ୍କଳଭାରତୀର ପ୍ରତିବାଦ ସ୍ୱରକୁ ଦେଖାଇଛନ୍ତି । ଯେତେବେଳେ

Digitized by PPRACHIN, SOA

ଲିପିସଂସ୍କାର ଆନ୍ଦୋଳନ ଫଳରେ ଓଡ଼ିଶାରେ ଓଡ଼ିଆ ଭାଷାକୁ ବଙ୍ଗଳା ଲିପି ମାଧ୍ୟମରେ ଲେଖିବାର ନିୟମ କରାଯାଇଥିଲା ଏବଂ ତା ବିରୋଧରେ ଯେଉଁ ଜନ ଅସନ୍ତୋଷ ଦେଖା-ଦେଲା ତାହାକୁ ଅବଲମ୍ବନ କରି ଗଙ୍ଗାଧର ରଚନା କଲେ ଏହି କବିତା । ଏଥିରେ ତାଙ୍କର ଜାତୀୟତା ଉତ୍‌କୀର୍ଣ୍ଣ ।

ନଖ ବଢ଼ିଥିଲେ କରି କରତନ
ରଂଜିଦିଅ ତହିଁ ଅଲକ୍ତାରଂଗ
ନାକ ବଢ଼ିଥିଲେ ଛାକିଲେ ଛେଦନ
ହେବ ନାହିଁ କି ସେ ସୌଷ୍ଠବଭଂଗ

“ଅର୍ଘ୍ୟଥାଳୀ”ରେ ପ୍ରକାଶିତ ମାତୃଭୂମି” “ଉଦ୍‌ବୋଧନ” ଆଦି କବିତା ଗୁଡ଼ିକ ଓଡ଼ିଶାର ସ୍ଥାଣୁତ୍ୱକୁ ଦର୍ଶାଇ ଚିର ସୁପ୍ତ ଓଡ଼ିଆ ପ୍ରାଣରେ ଜାଗୃତିର ମନ୍ତ୍ର ବାଢ଼ିବାରେ ଏତେ ତୀବ୍ର ଯେ ତାହା ଗଙ୍ଗାଧରଙ୍କ କବିତାକୁ ଯେତିକି ବଳିଷ୍ଠ ଓ ପ୍ରତ୍ୟକ୍ଷ କରିଛି ସେତିକି ତାଙ୍କର ଜାତୀୟତାବାଦୀ ଦୃଷ୍ଟିଭଙ୍ଗୀଟିକୁ ପାଠକ ଆଗରେ ଉନ୍ମୋଚନ କରିଦେଇଛି । କବି ସଚେତନ ଭାବେ କହନ୍ତି ।

କର୍ମ ବାଷ୍ପରଥ ଧାଇଁ ଶଙ୍ଖ ସ୍ୱନେ
ଆସି ଏବେ ଲାଗି ଗଲାଣି ଷ୍ଟେସନେ ।
ଚଢ଼ିବା ସମୟ ହେଲାଣି ନିକଟ
ଶୋଇପଡ଼ିଅଛ ନ କିଣି ଟିକଟ ।

“ପଦ୍ମିନୀରେ” କବି ଯେପରିଭାବେ ଭାରତୀୟ ନାରୀର ଆଦର୍ଶ ତ୍ୟାଗ ଏବଂ ତା ନିକଟରେ ହାରି ମାନୁଥିବା ଅନୈତିକତାକୁ ପ୍ରକାଶ କରିଛନ୍ତି ବାସ୍ତବରେ ତାହା ବେଶ ତାତ୍ପର୍ଯ୍ୟପୂର୍ଣ୍ଣ । ପଦ୍ମିନୀର ଐତିହାସିକ ପୃଷ୍ଠଭୂମି ଜାତୀୟତାର ଭାବଉଦ୍ରେକକାରୀ । ମଧ୍ୟଯୁଗୀୟ ଯବନମାନଙ୍କ ଦ୍ୱାରା ନିର୍ଯ୍ୟାତିତା ହିନ୍ଦୁରମଣୀ, ଆଲ୍ଲାଉଦ୍ଦିନଙ୍କ କୁଟଚକ୍ରାନ୍ତ, ପଦ୍ମିନୀ ନିକଟରେ ଦୀର୍ଘ କାଳର ବିଫଳତା ଯେପରି ଜାତୀୟତାର ସ୍ୱାକ୍ଷର ବହନ କରେ ଠିକ ସେହିପରି ରାଣା ଭୀମସିଂହଙ୍କ ଅଲ୍ଲାଉଦ୍ଦିନ ପ୍ରତି ଉକ୍ତିରେ କବିଙ୍କ ଜାତୀୟତାର ନିଦର୍ଶନ ମିଳେ ଯଥା—

କେମନ୍ତେ ମୁଁ ଦେବି ତାକୁ ସମ୍ମୁଖିର ବାଟ
ଆର୍ଯ୍ୟଲକ୍ଷ୍ମୀ ଶିର ଚଢ଼ି କରିବାକୁ ନାଟ

Digitized by PPRACHIN, SOA

ନରନାରୀ ପର ବିତ୍ତ ହରଣ ଯା ବ୍ରତ
ସେ କହେବ ପରହିତ ଆଚର ତୋର ତ ।

ଏତଦ୍‌ବ୍ୟତୀତ "ଉତ୍କଳଲକ୍ଷ୍ମୀଙ୍କ ନିବେଦନ"ରେ ଭାରତୀୟବୀରଙ୍କ ଶୌର୍ଯ୍ୟ ବୀର୍ଯ୍ୟର ବର୍ଣ୍ଣନା ଯେପରି କରିଛନ୍ତି ତାହା ମଧ୍ୟ ତାଙ୍କ ଉନ୍ନତ ଜାତୀୟତାବୋଧର ପରିଚୟ ଦେଇଥାଏ ।

ଭାରତୀୟ ବୀର ସଦା ପୃଥିବୀର
ବନ୍ଦେ ରଖିଯାଇଛନ୍ତି କୀରତି
ଗର୍ଭରୁ ଶିଖିତ ହୁଅନ୍ତି ଦୀକ୍ଷିତ
ସମର ମରଣେ ତାଙ୍କ ପୀରତି ।

ଏସବୁକୁ ଆଖିଆଗରେ ରଖି ବିଚାର କଲେ କବି ଗଙ୍ଗାଧର ସମୟୋଚିତ ଆହ୍ୱାନକୁ ଅସ୍ୱୀକାର ନ କରି ଓଡ଼ିଶାର ତତ୍କାଳୀନ ସମସ୍ୟା ଓ ଜାତୀୟତାର ଧାରାରେ ଯେତିକି ଗତିକରିଥିଲେ ସେତିକି ଭାରତୀୟ ଜାତୀୟତାର ପଥରେ ନିଜକୁ ଅଗ୍ରଗତି କରାଇଥିଲେ । ଉଭୟ ଉତ୍କଳୀୟ ଓ ଭାରତୀୟ ଜାତୀୟତାର ଊର୍ଦ୍ଧ୍ୱରେ ଏକ ବିଶ୍ୱଚେତନାର ଜାତୀୟତାଭାବ ଗଙ୍ଗାଧରଙ୍କ କବିତାର ଅନ୍ତଃସ୍ଥଳରେ ଦେଖିବାକୁ ମିଳେ । ତତ୍କାଳୀନ ସାମାଜିକ ଦୁର୍ଭିକ୍ଷ ଭିତରେ ଦାରିଦ୍ର୍ୟ ଭାବେ ଜୀବନ ଅତିବାହିତ କରୁଥିବା କବି ନିଜର ବଞ୍ଚିବା ଏବଂ ନିଜର ଅସ୍ତିତ୍ୱକୁ ଗୌଣ କରି ସମାନ୍ତରାଳ ଭାବେ ଉତ୍କଳୀୟ ଓ ଭାରତୀୟ, ବିଶ୍ୱ ଜାତୀୟତାବୋଧ ପ୍ରତି ସଚେତନ ଦୃଷ୍ଟି ଦେବା ତାଙ୍କ ଜାତୀୟତାବାଦୀ ଦୃଷ୍ଟିକୋଣର ବଳିଷ୍ଠ ପ୍ରମାଣ ଦିଏ । ଗଙ୍ଗାଧର ସମସାମୟିକ କବିଙ୍କଠାରୁ ଏଇଥିପାଇଁ ଥିଲେ ସ୍ୱତନ୍ତ୍ର । ଜାତୀୟତାର ଆଲେଖ୍ୟ ଏତେ ମନୁଷ୍ୟ ଭାବରେ କବିଙ୍କ ରଚନାରେ ପ୍ରକାଶ ପାଇବାର ଏକମାତ୍ର କାରଣ ହେଉଛି ସେ ମାଟିକୁ ଭଲପାଉଥିଲେ । ମାଟିରୁ ଜନ୍ମନେଇଥିବା କବିଙ୍କର ଆଶା ସ୍ୱର୍ଗ ପର୍ଯ୍ୟନ୍ତ ଥିଲା ଦୀର୍ଘ । ଓଡ଼ିଶା ପାଇଁ, ଦେଶ ପାଇଁ ତାଙ୍କର ଏଇପରି ଏକ ସ୍ୱତନ୍ତ୍ର ତଥା ଅନନ୍ୟ ଦୃଷ୍ଟିଭଙ୍ଗୀ ହିଁ ତାଙ୍କ ଭିତରେ ଜାତୀୟତାକୁ ଜନ୍ମ ଦେଇଥିଲା । ସରଳ ଜୀବନର ଉଚ୍ଚ ବିଚାର ଓ ଆଦର୍ଶ ହିଁ ତାଙ୍କ ଜୀବନ । ତେଣୁ ଜାତୀୟତା ଭଳି ଏକ ମହାନ ଚିନ୍ତାଧାରାକୁ ତାଙ୍କର ଉଚ୍ଚ ତଥା ବଳିଷ୍ଠ ବ୍ୟକ୍ତିତ୍ୱ ଗ୍ରହଣ କରିପାରିଥିଲା । କହିବା ବାହୁଲ୍ୟ ତାଙ୍କ ଜୀବନର ସମସ୍ତ ଦୁର୍ଭିକ୍ଷ ଓ ବିପର୍ଯ୍ୟସ୍ତ ପରିସ୍ଥିତି ଆର୍ଥିକ ଓ ସାମାଜିକ ପ୍ରତିଷ୍ଠାର ପରିପନ୍ଥୀ ଥିଲେ ମଧ୍ୟ ଜାତୀୟ ମନୋଭାବ ପ୍ରତିଥିଲା ଅନୁକୂଳ ।

Digitized by PPRACHIN, SOA

ମେହେର ସାହିତ୍ୟରେ
କର୍ମ ଧର୍ମ ଓ ଜୀବନ

ଆଲୋକ କୁମାର ସାମଲ

ଓଡ଼ିଆ ସାହିତ୍ୟରେ ସ୍ୱଭାବ କବି 'ଗଙ୍ଗାଧର ମେହେର' ଏକ ବଳିଷ୍ଠ ଦୀପ୍ତିମାନ ନକ୍ଷତ୍ର । ନିଜର ଅଫୁରନ୍ତ କାବ୍ୟ ମଧ୍ୟରେ ସେ ଗଢ଼ି ତୋଳିଛନ୍ତି ଓଡ଼ିଆ ସାହିତ୍ୟର କାବ୍ୟ କୋଣାର୍କ । କବିଙ୍କ ପ୍ରଣୀତ କାବ୍ୟମାନଙ୍କ ମଧ୍ୟରେ 'ତପସ୍ୱିନୀ, 'ପ୍ରଣୟବଲ୍ଲରୀ, ଇନ୍ଦୁମତୀ ଏବଂ 'କୀଚକବଧ' ପ୍ରଭୃତି ତାଙ୍କ ଜୀବନକୁ ଗୌରବାନ୍ୱିତ କରିବାରେ ପ୍ରମୁଖ ସହାୟକ ହୋଇଛନ୍ତି । ସଂସ୍କୃତ କବି କାଳିଦାସ ତଥା ଇଂରାଜୀ ସାହିତ୍ୟର William Wards wroth' ଙ୍କ ପରି ଓଡ଼ିଆ ସାହିତ୍ୟରେ ରଙ୍ଗାଜୀବ ଗଙ୍ଗାଧର ' ପ୍ରକୃତି କବି ' ଭାବରେ ସୁପରିଚିତ । କିନ୍ତୁ ଜୀବନର ବାସ୍ତବ ଅନୁଭୂତିକୁ ନେଇ କାବ୍ୟ ରୂପଦେବାରେ ସେ ନିପୁଣତା ଲାଭ କରିଥିଲେ । ମାତୃ ଭୂମି, ମାତୃଭାଷାପ୍ରତି ମମତାଶୂନ୍ୟ ବ୍ୟକ୍ତି ହେଉଛନ୍ତି କବିଙ୍କ ବିଚାରରେ ଅଙ୍କୋ ନ ବର୍ଗର ଅନ୍ତର୍ଗତ । 'History of Oriya Literature' ପୁସ୍ତକର ପ୍ରଣେତା ' Dr. Mayadhara Mansingh ଙ୍କ ମତରେ କବି ହେଉଛନ୍ତି Classical star ଏବଂ ଓଡ଼ିଆ ସାହିତ୍ୟର କାଳିଦାସ । କବିଙ୍କ ବହୁମୁଖୀ ପ୍ରତିଭାରୁ କର୍ମ ଧର୍ମ ଓ ଜୀବନ ସଂପର୍କରେ କେତେକ ନୂତନତା ମିଳିଥାଏ ।

କବି ମେହେର ହେଉଛନ୍ତି ଭାଗ୍ୟବାଦୀ । ଅଦୃଷ୍ଟ ହେଉଛି ଶୁଭାଶୁଭକର୍ମ । ଏହାଦ୍ୱାରା ମନୁଷ୍ୟ ଏ ସଂସାରରେ ଆବଦ୍ଧ ରହି ଫଳଭୋଗ କରିବାକୁ ବାଧ୍ୟ ହୋଇଥାଏ । କଥାରେ ଅଛି—

" ଭାଗ୍ୟ ଫଳତି ସର୍ବତ୍ର,
ନଚବିଦ୍ୟା ନ ଚ ପୌରୁଷମ୍ ।,,

ଏହାର ପରି ପ୍ରକାଶ ମଧ୍ୟ 'ପଞ୍ଚତନ୍ତ୍ରରେ ଦେଖାଯାଏ । ତେଣୁ 'ପଞ୍ଚତନ୍ତ୍ର'ରେ କୁହାଯାଇଛି --

" ନହି ଭବତି ଯନ୍ନ ଭାବ୍ୟଂ
ଭବତି ଚ ଭାବ୍ୟଂ ବିନାପି ଯତ୍ନେନ

Digitized by PPRACHIN, SOA

କରତଳ – ଗତମପି ନଶ୍ୟତି
ଯସ୍ୟ ତୁ ଭବିତବ୍ୟତା ନାସ୍ତି ।,,

(ମିତ୍ରସଂପ୍ରାପ୍ତି-ଶ୍ଳୋକ-୧୩୧)

ଅର୍ଥାତ୍ ଯାହା ଭାଗ୍ୟରେ ନ ଥାଏ ତାହା ମିଳିଲେ ମଧ୍ୟ ହଜିଯାଏ । ଯାହା ଭାଗ୍ୟରେ ଥାଏ ତାହା ଆପେ ଆପେ ଆସି ମିଳିଯାଏ । ଏ ସଂପର୍କରେ ଆନ୍ତର ମଧ୍ୟ କବି ସମସ୍ୱରରେ ' ଇନ୍ଦୁମତୀ ' କାବ୍ୟରେ ଗାଇଛନ୍ତି—

ଭାଗ୍ୟବାନ ସଦା ଭାଗ୍ୟଫଳ ଲଭେ
ଅଭାଗା ଲଭେ ଅଶିବ
ସାଗର ମନ୍ଥନେ କେଶବ କମଳା
ଗରଳ ଲଭିଲେ ଶିବ ।

କବି ଭାଗ୍ୟବାଦୀ ହେଲେ ମଧ୍ୟ ନୈରାଶ୍ୟବାଦୀ ନୁହଁନ୍ତି । ସେ ଆଶାଶୀଳ ; କର୍ମ ଓ ଲକ୍ଷ୍ୟ ସାଧନ ଦିଗରେ ମଧ୍ୟ ତତ୍ପର । ଯାହା ଫଳରେ ଆଶ୍ରମ ଲାଳିତା ଋଷିକନ୍ୟା ଶକୁନ୍ତଳା ହସ୍ତିନାର ପାଟରାଣୀ ପଦରେ ଅଳଂକୃତା ହୋଇଛନ୍ତି । ଶତ ଶତ ବାଧାବିଘ୍ନ ଉପସ୍ଥିତ ହେଲେ ମଧ୍ୟ କର୍ମଫଳ ନିକଟରେ ସେ ସବୁ ପରାସ୍ତ ହୋଇଥାନ୍ତି । ଭାରତୀୟ ଦର୍ଶନ ପରମ୍ପରାରେ ଏହା ସ୍ୱୀକୃତ ।

ଗଙ୍ଗାଧରଙ୍କ କାବ୍ୟରେ ଅଦୃଷ୍ଟର ମୁଖ୍ୟ ଭୂମିକା ପ୍ରତିପାଦିତ ହୋଇଛି—ଯେପରି କର୍ମ ସେପରି ଫଳ । ଦୈବ କାର୍ଯ୍ୟ ଫଳରେ ରାଜା ଦୁଷ୍ମନ୍ତ ନିଜର ପତ୍ନୀ ଓ ପୁତ୍ରଙ୍କୁ ଫେରି ପାଇଛନ୍ତି । କିନ୍ତୁ ବିରାଟ ସେନାପତି କୀଚକ ନିଜର କୁକର୍ମ ପାଇଁ ବିନାଶ ହୋଇଛି । ସୀତା ନିଜର ସମସ୍ତ ଦୁଃଖର କାରଣ ନିଜର ପୂର୍ବ ଅର୍ଜିତ କର୍ମ ବୋଲି ନିଜକୁ ଦୋଷାରୋପ କରିଛନ୍ତି । କାଳିଦାସ ପ୍ରୋକ୍ତ କଥାବସ୍ତୁକୁ ଅତି କରୁଣ ଭାବରେ ସୀତାଙ୍କ କଣ୍ଠରେ କହିଛନ୍ତି—

"ମମୈବ ଜନ୍ମାନ୍ତର ପାତକାନାଂ ବିପାକ ବିସ୍ଫୂର୍ଜଥୁର ପ୍ରସହ୍ୟଃ"
ରଘୁବଂଶ ୧୪/୬୨

ଦୁଃଖ ସୁଖ ଦୁନିଆରେ ଲାଗିରହିଛି । ବାସ୍ତବିକ ସୁଖ ସଂସାରରେ ବିରଳ । ଦୁଃଖ ହେଉଛି ଛଦ୍ମବେଶୀ ଆଶୀର୍ବାଦ । କବି ଏହି ପଥର ଅନୁଗାମୀ । କବି ସେଥିପାଇଁ ତପସ୍ୱିନୀର ୮ମ ସର୍ଗରେ ଲେଖିଛନ୍ତି—

Digitized by PPRACHIN, SOA

"ମୋ ଶରୀର ପରକାଳେ ସ୍ୱାମୀ ଦର୍ଶନେ
କ୍ଷମ ହେବ କି କହ ଦ୍ରବ୍ୟ ଦର୍ଶନେ ।

ସୀତା ପର ଜନ୍ମରେ ରାମଙ୍କୁ ପତିଭାବେ ପାଇବା ପାଇଁ ଅଦୃଷ୍ଟକୁ ପ୍ରଶ୍ନ ପୁଚ୍ଛି ଛନ୍ତି । କର୍ମର ସତ୍ୟତା, ଶରୀର ଓ ସଂସାରର ଅନିତ୍ୟତା ପ୍ରକାଶ କରିବାକୁ ଯାଇ କବି ଲେଖିଛନ୍ତି—

" ଚରସ୍ଥାୟୀ ନୁହେଁ ଶରୀର-ପାଦପ
ଭବତରଙ୍ଗିଣୀ ତୀରେ
ପ୍ରାଣ ମୂଳମାଟି ଧୌତ ହୋଇଗଲେ
ଖସିଯାଏ କାଳମୀରେ ।

ସେହିପରି ଜୀବନ ସହିତ ଧର୍ମର ନିବିଡ଼ ସମ୍ବନ୍ଧ ରହିଛି । ଧର୍ମନୀତି ମନୁଙ୍କ ବର୍ଣ୍ଣିତ ଧର୍ମାଧର୍ମ ବିଧାନରେ ରୂପ ନେଇଛି କବି କାଳିଦାସ ତଥା ଗଙ୍ଗାଧରଙ୍କ କୃତିରେ । କବି ସୀତାଙ୍କୁ,ସେକି ଥିଲେ ରାଜକନ୍ୟା, ଏକ ତପସ୍ୱିନୀ ରୂପେ ରୂପାୟନ କରିଛନ୍ତି । ରାଜା ରାମଚନ୍ଦ୍ର ପ୍ରଜାହିତାର୍ଥେ ବ୍ୟକ୍ତିଗତ ସୁଖକୁ ଜଳାଞ୍ଜଳି ଦେଇଛନ୍ତି । ନୀତିଗତ ଧାର୍ମିକ ଜୀବନ ଆନନ୍ଦମୟ । "ଧର୍ମ ଏବ ହତୋ ହନ୍ତି ଧର୍ମୋ ରକ୍ଷତି ରକ୍ଷିତଃ "। (ମନୁସ୍ମୃତି) । କବି ସେହିପରି ଧର୍ମନୀତି ଅବଲମ୍ବନରେ ଲେଖିଛନ୍ତି—

" ଯେ ଧାର୍ମିକ କରେ ଧର୍ମକୁ ରକ୍ଷଣ,
ଧର୍ମ ତାକୁ ରଖେ ସେହିଭାବେ ଅନୁକ୍ଷଣ ।"

ଗଙ୍ଗାଧର ବିଦୁରେ ମୁଖରେ ଧୃତରାଷ୍ଟ୍ରଙ୍କ ପ୍ରତି ଧର୍ମର ବିବରଣୀ ଜଣାଇଛନ୍ତି । ଯଥା —

" ଏ ସଂସାର ଜଳଧିକି ହେବାପାଇଁ ପାର,
ଧର୍ମ ପିନ୍ଧ୍ ଯାନ ତହିଁ ବିଭୁ କର୍ଣ୍ଣଧାର ।"

ମାନବୀ ଶକ୍ତି ଅପେକ୍ଷା ଦୈବୀ ଶକ୍ତିର ପ୍ରଭାବ ବହୁତ ବେଶୀ । ଧନ ଜନିତ ଉନ୍ନତି ସଂସାରରେ ଚିରକାଳ ରହିପାରେ ନାହିଁ । ମାତ୍ର ଧର୍ମ ଅନୁସାରେ ଯେଉଁ ଉନ୍ନତି ହୋଇଥାଏ ତାହା ବିଶ୍ୱରେ ଶାଶ୍ୱତ । କର୍ମ ଓ ଧର୍ମ ଭୂମିକା ବର୍ଣ୍ଣାଇ କବି "ମୃଗୟା ଦର୍ଶନ " କବିତାରେ କହିଛନ୍ତି—

"ଜଗତେ କରମ କରେ ଜୀବନ ପୋଷଣ,
ଜ୍ଞାନର ଧରମ ସଦା ଜୀବନ ତୋଷଣ,

Digitized by PPRACHIN, SOA

ତପସ୍ୟାର ଫଳ ଯେବେ ଫଳଇ ସଂସାରେ,
ପୋଷକ ରହିଥାନ୍ତି ଏକାଧାରେ ।"

କବି ବ୍ୟକ୍ତିଗତ ଓ କର୍ମ ଜୀବନର ସମନ୍ୱୟ ସ୍ଥାପନ କରିବା ଦିଗରେ ଯତ୍ନବାନ ହୋଇଛନ୍ତି । ସାଂସାରିକ ଜୀବନରେ ସନ୍ତୋଷର ଭୂମିକା ଦର୍ଶାଇ କବି 'ପଦ୍ମିନୀ' କାବ୍ୟର ୫ମ ସର୍ଗରେ କହିଛନ୍ତି—

"ସନ୍ତୋଷ ରତନ ନାହିଁ ହୃଦୟରେ ଯାର,
ସୁଖ ନାହିଁ ପାଇଲେ ହିଁ ଇନ୍ଦ୍ରତ୍ୱ ହଜାର ।"

ସରଳ ଓ ନିରାଡମ୍ବର ଜୀବନରେ ବାସ୍ତବିକ ସୁଖ ବିଦ୍ୟମାନ । ବିନମ୍ର, ନମ୍ରତା, ସାଧୁତା ସନ୍ତୋଷ ଓ ଲୋକହିତ କବିଙ୍କ ଜୀବନର ବୈଶିଷ୍ଟ୍ୟ ଗୁଣାବଳୀ । ପ୍ରକୃତିର ପୁରୋଧା କବି ଗଙ୍ଗାଧର ପ୍ରକୃତି ମାଧ୍ୟମରେ ହିଁ ତାହା ଉପସ୍ଥାପନ କରିଛନ୍ତି । ତପସ୍ୱିନୀର ୪ର୍ଥ ସର୍ଗରେ ସେ କହିଛନ୍ତି —

"ବନେ ବନେ ଭ୍ରମି ଭ୍ରମି ଗଣ୍ଡ କୁହୁକେ ନ ଭ୍ରମି
ବହୁବାଧା ଅତିକ୍ରମ ସ୍ୱଚ୍ଛ ଜୀବନେ,
ଅନ୍ଧାର ଦୁଃଖ ନଗଣି ଆଲୋକ ସୁଖ ନମଣି
ଚଳନ୍ତି ଦୂର ସରଣୀ ନତ ବଦନେ
ତୋୟଦାନେ ତୋଷି ତୀରବାସୀ ସକଳେ ।"

କବି ପ୍ରଣୟବଲ୍ଲରୀର ତୃତୀୟ ସର୍ଗରେ ମଧ୍ୟ ଉଚ୍ଚମନାର ସାଫଲ୍ୟ ଓ ନୀଚମନାର ଦର୍ଶାଇ ଉଚ୍ଚମନା ହେବାର ବୈଶିଷ୍ଟ୍ୟ ପ୍ରଦର୍ଶନ କରିଛନ୍ତି—

"ଯା ମନ ଯେପରି ତା' ପାଇଁ ସେପରି
ଫଳ ଥୋଇ ଥାଏ ବିଧି,
ଉଚ୍ଚମନା ଉଚ୍ଚେ ଅମୃତ ଲଭଇ
ନୀଚମନା ପାଏ ବିଷ ।"

ମାନବର ସ୍ୱର୍ଗୀୟ ଗୁଣ ନିକଟରେ ଲୋକମାନଙ୍କର ଯାବତୀୟ ଲୁହାର ମୂଲ୍ୟ ରହେ ନାହିଁ । 'ତପସ୍ୱିନୀ' କାବ୍ୟର ୯ମ ସର୍ଗରେ ସେ ପ୍ରତିପାଦନ କରିଛନ୍ତି—

"କି କରିବ ଲୋକ-ଲୋଚନ-ଦୂଷଣ
ନିଜ ଗୁଣ ଯେବେ ସ୍ୱର୍ଗୀୟ ଭୂଷଣ ।"

ତାଙ୍କ ମତରେ ଜୀବନ ଅମୃତ ସାଗର ବିନ୍ଦୁ । କବି ନୟନରେ ନିଖିଳ ବିଶ୍ୱ ଅମୃତମୟ । ସେ ମାନବ ଜୀବନର ମାହାତ୍ମ୍ୟ ଓ ଦୃଢ଼ନିଷ୍ଠା ପ୍ରତିପାଦନ କରିଛନ୍ତି । ଏହା ତାଙ୍କର 'ଅମୃତମୟ' କବିତାରୁ ସ୍ପଷ୍ଟ ପ୍ରତୀୟମାନ । ଯଥା:—

Digitized by PPRACHIN, SOA

"ମୁଁ ତ ଅମୃତ ସାଗର ବିନ୍ଦୁ
ନଭେ ଉଠିଥିଲି ତେଜି ସିନ୍ଧୁ
ଖସି ମିଶିଛି ଅମୃତ ଧାରେ
ଗତି କରୁଛି ସେ ଅକୂପାରେ
ପଥେ ଶୁଖିଗଲେ ପାପ-ତାପରେ
ହୋଇ ଶିଶିର ଖସିବି ତା'ପରେ
ଅମୃତମୟ ଅମୃତ-ରସ
ସହିତ ମିଶିବି ସାଗରେ ।"

ବାସ୍ତବରେ ଜୀବନରେ କର୍ମ, ଧର୍ମ ଓ ମାନବର ସତ୍ତା ଅବିଚ୍ଛିନ୍ନ । ବିବିଧ ବାଧା ବିଘ୍ନ ଦ୍ୱାରା ଆଘାତ ପ୍ରାପ୍ତ ହେଲେ ସୁଦ୍ଧା ଲକ୍ଷ୍ୟସ୍ଥଳରେ ପହଞ୍ଚିବାର ଦୃଢ଼ ଆତ୍ମ-ପ୍ରତ୍ୟୟ ଓ କର୍ତ୍ତବ୍ୟ ପରାୟଣତା କବି ଗଙ୍ଗାଧରଙ୍କ ସାହିତ୍ୟ ଓ ଜୀବନରେ ଅଙ୍ଗାଙ୍ଗୀ ଭାବେ ଜଡ଼ିତ । ଅମର କବି ଓ ଯୁଗସ୍ରଷ୍ଟା ଭାବରେ ଗଙ୍ଗାଧର ଓଡ଼ିଆ ଜାତିର ଚିରନମସ୍ୟ । ତାଙ୍କର ରସମୟୀ ରଚନା ଜୀବନର ଶାଶ୍ୱତ ମୂଲ୍ୟବୋଧ ଆଣିଦେବାରେ ସହାୟକ ହେବା ସଙ୍ଗେ ସଙ୍ଗେ କାବ୍ୟାମୋଦୀ ସହୃଦୟମାନଙ୍କର ହୃଦୟକୁ ରସାପ୍ଲୁତ କରିପାରେ ।

—o—

Digitized by PPRACHIN, SOA

ଗଙ୍ଗାଧର ସାହିତ୍ୟରେ ବିଭୁପ୍ରୀତି

ପବନ କୁମାର ସ୍ୱାଇଁ

ଅନନ୍ତ ଓ ଅଜ୍ଞେୟ ଶକ୍ତିର ନିକଟରେ ଆତ୍ମ ସମର୍ପଣ ବିନା ମଣିଷର ନିଷ୍କୃତି ନାହିଁ । ଭୌତିକ ପ୍ରାଚୁର୍ଯ୍ୟ ସୁରା ପରି ମଣିଷକୁ ଉନ୍ମତ୍ତ କରେ; କିନ୍ତୁ ଆଧ୍ୟାତ୍ମିକତା ସୁଶୀତଳ ନିର୍ମଳ ଜଳ ପରି ତୃପ୍ତି ଦିଏ, ଦିଏ ଅଖଣ୍ଡ ଅନାହତ ଶାନ୍ତି । ଭାରତୀୟ ଆଧ୍ୟାତ୍ମିକତାର ଭିତ୍ତିଭୂମି ବିଭୁପ୍ରୀତି । ଏହି ପ୍ରୀତିର ମନ୍ଦାକିନୀ ଶାସ୍ତ୍ର ପୁରାଣରୁ ଆରମ୍ଭ କରି ଯୁଗ ଯୁଗର ଭାରତୀୟ ସାହିତ୍ୟରେ କଳାର ରମ୍ୟ ରୂପ ଭିତରେ ପ୍ରବହମାନ । କବି ଗଙ୍ଗାଧର ଭାରତୀୟ ସଂସ୍କୃତିର ମହିମାର ଗୀତିକାର । ଭାରତୀୟ ସଂସ୍କୃତିର ମହତ୍ତ୍ୱର ଚିତ୍ରକର । ସଂସ୍କୃତିର ଘଡ଼ି ସନ୍ଧି ସମୟରେ ସେ ତେଣୁ ଏ ଦେଶର ସାମାଜିକ ଜୀବନର ନିଜସ୍ୱ ସଂସ୍କୃତି ପ୍ରତି ଉନ୍ମୁଖତା ସୃଷ୍ଟିକଳ୍ପେ ସଦୁଦ୍ୟମ କଲେ । ସଂସ୍କୃତିର ଅଗଣିତ ବାତାୟନ । ବିଭୁପ୍ରୀତି ତନ୍ମଧ୍ୟରେ ଅନ୍ୟତମ । ସଂସ୍କୃତିର ପୂଜାରୀ ମେହେର କବିଙ୍କ କୃତିରେ ତେଣୁ ବିଭୁପ୍ରୀତି ଗଙ୍ଗାର ଧାରପରି ଝରି ଯାଇଛି । କାବ୍ୟ କବିତାରେ ତାଙ୍କର ଭକ୍ତିଭାବ ରସୋତ୍ତୀର୍ଣ୍ଣ ହୋଇଛି ।

ଗଙ୍ଗାଧର ଓ ତାଙ୍କ କାବ୍ୟ କବିତା ଏକ ଓ ଅଭିନ୍ନ । ଏହି କାବ୍ୟ କବିତାରେ ଆମେ ପାଉ ଏ ସୃଷ୍ଟିର ମହାନ୍ ସ୍ରଷ୍ଟା ଉଦ୍ଦେଶ୍ୟରେ ଆତ୍ମ ସମର୍ପଣ କରିଥିବା ଏକ ଦିବ୍ୟ ଅନୁଭବୀମନ । ଯାହାର ମୁଗ୍ଧ ଅନୁଭବ ସଞ୍ଜାତ ପ୍ରାଣର ଆବେଗ କମ୍ପନ କାବ୍ୟ କବିତାରେ ଅତି ଚମତ୍କାର ଭାବରେ ଫୁଟିଉଠିଛି । ତାଙ୍କ ବିଭୁପ୍ରୀତିର ମୂଲ୍ୟାଙ୍କନ କାଳରେ ଉଲ୍ଲେଖ ଯୋଗ୍ୟ ଯେ, ଈଶ୍ୱର ପ୍ରୀତି ତାଙ୍କର ସହଜାତ । ଏହି ବିଭୁପ୍ରୀତି ତାଙ୍କ ବ୍ୟକ୍ତିତ୍ୱକୁ ଜ୍ୟୋତିର୍ମୟ କରିଛି । ବାଲ୍ୟରୁ ତାଙ୍କ ଜୀବନର ଏହି ଦିଗର ପରିଚୟ ଦେବାକୁ ଯାଇ କବି ସ୍ୱୀୟ "ଆତ୍ମ ଜୀବନୀ" ରେ ଲେଖିଛନ୍ତି···"ମୋର ସ୍ମରଣ ହେଉଅଛି, ବାଲ୍ୟକାଳରେ ପିତାମହଙ୍କ ସଙ୍ଗେ ସୂର୍ଯ୍ୟୋଦୟ ପୂର୍ବରୁ ସ୍ନାନ କରି ପ୍ରତ୍ୟହ ଜଗନ୍ନାଥ ଦର୍ଶନ କରି ଆସୁଥିଲି ଓ ପିତୃବ୍ୟଙ୍କ ସଙ୍ଗେ ସନ୍ଧ୍ୟା ସମୟରେ ଜଗନ୍ନାଥ ମନ୍ଦିରରେ ସଂକୀର୍ତ୍ତନରେ ଯୋଗ ଦେଉଥିଲି । ପିତାମହୀ ଓ ମାତାଙ୍କ ଠାରୁ ଶୁଣିଅଛି ଯେ ଶୈଶବ କାଳରେ ମଧ୍ୟ ମୁଁ ବଡ଼ ଧୀର ସ୍ୱଭାବର ଥିଲି ଓ ଗୋଟିଏ ଛୋଟ ମୃଦଙ୍ଗ ଧରି ସଂକୀର୍ତ୍ତନ ବାଲାଙ୍କ ସଙ୍ଗେ ନାଚୁଥାଏ ।"

ଗଙ୍ଗାଧରଙ୍କ ଭକ୍ତି ଖ୍ୟାତି ସଂକାତ ନୁହେଁ । ତାହା ପ୍ରେମମୟ ଭଗବାନଙ୍କ ପ୍ରତି ତାଙ୍କ ଅନ୍ତରର ସ୍ୱତଃ ସ୍ଫୂର୍ତ୍ତ ଅନୁରାଗର ପରିଚୟ । ଧର୍ମପ୍ରାଣ କବି ଗଙ୍ଗାଧରଙ୍କର ଥିଲା

Digitized by PPRACHIN, SOA

ପ୍ରିୟ ଗ୍ରନ୍ଥ ଯାହା ଆବାଲ୍ୟରୁ ତାଙ୍କୁ ଉଦ୍‌ବୁଦ୍ଧ କରିଥିଲା । କବି ଜୀବନରେ ଯେଉଁ ରାମାୟଣର ମହିମାମୟ ଗାଥାକୁ କେନ୍ଦ୍ର କରି କାବ୍ୟ କବିତା ରଚନା କରିବା ମୂଳରେ ତାଙ୍କର ଏହି ମହାନ ଗ୍ରନ୍ଥ ପ୍ରତି ଅନ୍ତରର ଅନୁରାଗ ଓ ସମ୍ମାନ ଯେପରି ଆରୋପିତ ହୋଇଛି ତାଙ୍କର ଆଧ୍ୟାତ୍ମିକତା ସେହିପରି ଦୀପ୍ତିମାନ ହୋଇଛି । ଅବଶ୍ୟ ତାଙ୍କର କୌଣସି କୃତିରେ ପୁରାଣ ଶାସ୍ତ୍ରର ପରିଚୟ ଭିତରେ ରସର ଝରଣା ଫଲ୍‌ଗୁରେ ପରିଣତ ହୋଇନି । ଆଧ୍ୟାତ୍ମିକତାକୁ ମଧ୍ୟ ଗଙ୍ଗାଧରଙ୍କ ପ୍ରତିଭା ରସୋତ୍ତୀର୍ଣ୍ଣ କରିପାରିଛି ।

“ଅହଲ୍ୟାସ୍ତବ” ଥିଲା ଭକ୍ତି ଭାବନାର ଆଦ୍ୟକାକଳି । ସେ ଥିଲେ ଅନ୍ତର୍ଦ୍ଦୃଷ୍ଟି ସମ୍ପନ୍ନ । ଶାସ୍ତ୍ରଜ୍ଞାନ ସହିତ ଅନ୍ତର୍ଦ୍ଦୃଷ୍ଟି ସଞ୍ଜାତ ଭାବଧାରା ତାଙ୍କ ଭକ୍ତିମୂଳକ କବିତାର ଉପଜୀବ୍ୟ । କିନ୍ତୁ ଜୀବନର ମୁଗ୍ଧ ଅନୁଭବହିଁ ତାଙ୍କ ଭକ୍ତିମୂଳକ କବିତା ପୁଷ୍ପର ସୁରଭି । “ରସ ରତ୍ନାକର” ଗତାୟୁଦିନର କାବ୍ୟଧାରାର ପ୍ରତିଧ୍ୱନି । ତେଣୁ ‘ଅହଲ୍ୟାସ୍ତବ’ ହିଁ ନବଯୁଗର କବି ଗଙ୍ଗାଧରଙ୍କର ନବଯୁଗକୁ ଆଦ୍ୟ ଉପହାର । ଏହି କବିତାରେ ଅଭିଶପ୍ତା ପାଷାଣୀ ଅହଲ୍ୟା ଶାପମୁକ୍ତ ପରେ ଭଗବାନ ରାମଚନ୍ଦ୍ରଙ୍କୁ ସ୍ତୁତି କରିଛନ୍ତି—

“ସଦ୍ରୂପୀ ଜଗଦାହ୍ଲାଦକନ୍ଦ ଶ୍ରୀପତି ଫୁଲ୍ଲାର ବିନ୍ଦାକ୍ଷହେ
ସାଧୁ ଗୋ ଦ୍ୱିଜଦୀନ ଆର୍ତ୍ତିହର ହେ ମୁକ୍ତି ମହାବୃକ୍ଷହେ
ଗୁରୁବର୍ଗ ଲଭନ୍ତି ଜୀବପଦେ ଭକ୍ତିକରି ନିର୍ମଳେ
ତୁମ୍ଭ ଶ୍ରୀ ଚରଣାମ୍ବୁଜେ ରହୁସଦା ଚିତ୍ତାଳି ମୋ ନିଷ୍ଟଳେ ।”

ଅହଲ୍ୟାର ଏହି ଆତ୍ମ ସମର୍ପଣ ଅହଲ୍ୟାସ୍ତବ ହିଁ କବି ଗଙ୍ଗାଧରଙ୍କର ଆତ୍ମ ସମର୍ପଣ । ଏ ଜୀବନ ଓ ଏ ବିଶ୍ୱର ପରମସ୍ରଷ୍ଟାଙ୍କ ନିକଟରେ ଅହଲ୍ୟା ମାଧ୍ୟମରେ ହିଁ କବି ଗଙ୍ଗାଧରଙ୍କ ଭକ୍ତି ହୋଇଛି ନିବେଦିତ ।

ପରବର୍ତ୍ତୀ କାଳରେ କବି ଓ ଈଶ୍ୱରଙ୍କ ସମ୍ବନ୍ଧ ହୋଇଛି ନିବିଡ଼ତମ । ଅହେତୁକ ଶ୍ରଦ୍ଧା, ଭକ୍ତି ଓ ବିନୟର ମନୋଭାବର ପ୍ରକାଶ “ଭକ୍ତି” କବିତା । ଏ କବିତାରେ ଆମେ କବିଙ୍କୁ ଈଶ୍ୱରଙ୍କର କେବଳ ଗତାନୁଗତିକ ସ୍ତୁତିକାରୀ ଭକ୍ତ ଭାବରେ ଦେଖୁନା, ଆମେ ଦେଖୁଛୁ, କବି ଈଶ୍ୱର ତତ୍ତ୍ୱରେ କେତେଦୂର ପରିଚିତ ବନ୍ଧାଗତ ରୁଢ଼ିକର ଉପରକୁ ଉଠିପାରିଥିଲେ । ନିରାକାରବାଦୀମାନେ ପୌତ୍ତଳିକତାକୁ ନିନ୍ଦା କରିବା ସଙ୍ଗେ ସଙ୍ଗେ ବ୍ରହ୍ମର ‘ଚରଣ’ ଭଜନ କରିବାର ଆତ୍ମପ୍ରତାରଣା ଏଠି ନାହିଁ । ଗଙ୍ଗାଧରଙ୍କ ଈଶ୍ୱର ସାକାର ବି ନୁହେଁ, ନିରାକାର ବି ନୁହେଁ । ସେ ସାର୍ବଭୌମ । ବିଶ୍ୱର ବିରାଟ ସମଗ୍ରତାହିଁ ତାଙ୍କର ରୂପ । ସେଇ ସାର୍ବଭୌମ ବିରାଟ ସତ୍ତା ନିକଟରେ ‘ମୁଁକାର’ର ମୂଲ୍ୟ କଣ ? ତେଣୁ କବିଙ୍କର ପ୍ରାର୍ଥନା ତାଙ୍କଠାରୁ ସେଇଟିକିକ ନେଇଯିବାକୁ । ଏହି ହିଁ ହେବ ଭଗବାନଙ୍କ ଠରେ ତାଙ୍କର ଶ୍ରେଷ୍ଠ ନୈବେଦ୍ୟ ।

Digitized by PPRACHIN, SOA

"'ମୁଁ କାର' ମାତର ମୋର ନୁହେଁ ବୋଲି
କହିବାକୁ ନାହିଁ ବାଟ
ତୁରୁ ଶ୍ରୀଚରଣେ ଅର୍ପଣ କରୁଛି
ଘେନ ତା' ବିଶ୍ୱ-ସମ୍ରାଟ ।"
—ଭକ୍ତି—

ଜଗନ୍ନାଥଙ୍କ ପ୍ରତି ଗଙ୍ଗାଧର ଥିଲେ ଚିର ଉନ୍ମୁଖ । ବାଲ୍ୟକାଳରେ ସୂର୍ଯ୍ୟୋଦୟ ପୂର୍ବରୁ ସ୍ନାନ ସମାପନ କରି ଯେଉଁ ଗଙ୍ଗାଧର ଜଗନ୍ନାଥ ଦର୍ଶନ କରୁଥିଲେ, ସେହି ଗଙ୍ଗାଧରଙ୍କ ହୃଦୟରେ ଜଗନ୍ନାଥଙ୍କ ପ୍ରତି ଭକ୍ତିଭାବ ଥିଲି ସ୍ୱତଃ ସ୍ଫୂର୍ତ୍ତି ଓ ପ୍ରଗାଢ଼; ଏହା ସହଜରେ ଉପଲବ୍ଧି ହୋଇଥାଏ ।

ଯେତେବେଳେ ପିତୁଳା ପୂଜା ବିରୋଧୀ ଅଭିଯାନ ଏ ଦେଶରେ ପାରମ୍ପରିକ ଧାର୍ମିକ ବିଶ୍ୱାସର ଧାରାକୁ କମ୍ପିତ କରିଥିଲା, ଜଗନ୍ନାଥ ଭକ୍ତ ଗଙ୍ଗାଧର ସେତେବେଳେ ଗାଇ ଉଠିଥିଲେ—

"ଜୟ ଜୟ ଜଗନ୍ନାଥ କରୁଣା ସାଗର,
ଜୟ ହେ ମଙ୍ଗଳମୟ ବିଶ୍ୱ ହିତକର ।
ବିଶ୍ୱରୂପୀ, ବିଶ୍ୱବ୍ୟାପୀ, ବିଭୁ ବିଶ୍ୱମ୍ଭର,
ଇଙ୍ଗିତେ ଚଳଇ ଭୂମେ ବିଶ୍ୱଚରାଚର ।"
ପ୍ରାର୍ଥନା (କବିତାମାଳା)

କବିଙ୍କର ଏହି ଜଗନ୍ନାଥ ପରମବ୍ରହ୍ମ—ଯିଏ ଶିଶୁ ପାଇଁ ପିତ ମାତା ଅବତାର, ଯିଏ ପୁଣି ତରୁଣ ଜନ ରୂପରେ ସଞ୍ଚାରିତ ହୁଅନ୍ତି । କବି କେବଳ ଜଗନ୍ନାଥ ସମ୍ପର୍କିତ ନିଜ ଅବବୋଧର ଚିତ୍ର ଦେଇ ସନ୍ତୁଷ୍ଟ ହୋଇ ନାହାନ୍ତି । କବିଙ୍କ ଦୃଷ୍ଟିରେ ଉତ୍କଳର ପବିତ୍ରତା, ଉତ୍କଳର ଅପରୂପମାଧୁରୀ ଜଗନ୍ନାଥଙ୍କୁ ଉତ୍କଳ ପ୍ରତି ଆକୃଷ୍ଟ କରିଛି । ଗଙ୍ଗାଧରଙ୍କ ଦୃଷ୍ଟିରେ ଯାହା ପବିତ୍ର ତାହାହିଁ ସୁନ୍ଦର । ତାଙ୍କ କାଳ୍ପନିକ କାବ୍ୟ "ଉତ୍କଳ ଲକ୍ଷ୍ମୀ"ରେ ଉତ୍କଳ ଲକ୍ଷ୍ମୀଙ୍କୁ ସମ୍ବୋଧନ କରି ଲେଖିଛନ୍ତି—

"ତୋହ ରୂପେ ମୁଗ୍ଧ ହୋଇ ଜଗନ୍ନାଥ
ଛାଡ଼ି ଦ୍ୱାରାବତୀପୁର,
କଳିନ୍ଦଜାତଟ ବିପିନ ବିହାର
ସୁଖ କରି ମନୁ ଦୂର ।"
—ଉତ୍କଳଲକ୍ଷ୍ମୀ—

ହିନ୍ଦୁର ପାରମ୍ପରିକ ଦେବଦେବୀ ପ୍ରତି କବିଙ୍କ ବିଶ୍ୱାସ ଓ ଭକ୍ତିର ଏ ଏକ ପ୍ରମାଣ ପତ୍ର । ତଥାପି ଏହା ସତ୍ତ୍ୱେ କବି ନିରାକାର, ସର୍ବଶକ୍ତିମନ୍ତ, ବିଶ୍ୱଜୀବନ ଉପରେ ଆସ୍ଥାବାନ ଥିଲେ ।

Digitized by PPRACHIN, SOA

ଜୀବନରେ ଭକ୍ତି ପ୍ରକାଶିତ ହେଲେ ସବୁ ଜାଗତିକ ବାସନା ଲୋପ ପାଇଯାଏ । ବିମଳ ଆଧ୍ୟାତ୍ମିକ ଆନନ୍ଦବୋଧରେ କାୟା-ମନ-ବାକ୍ ହୁଏ ଉଦ୍ଭାସିତ । ସକଳ ଅଭିଶାପ, ବ୍ୟଥା ଓ ବ୍ୟର୍ଥତା ସତ୍ତ୍ୱେ କବି ମନେ କରିଛନ୍ତି ସେ ଅମୃତ ସନ୍ତାନ । ନବ ବିକଶିତ କୁସୁମର ସ୍ନିଗ୍ଧ ଗନ୍ଧରେ, ବନ ବିହଙ୍ଗ କଣ୍ଠର ଲଳିତ ଗାନରେ ଶିଶୁର ଅନାବିଳ କଥାରେ, ପବନର ହିଲ୍ଲୋଳରେ, ଚନ୍ଦ୍ରିକାର ଶୀତଳତାରେ, ଝରଝର ବାରିପାତରେ ଅମୃତମୟଙ୍କୁ କବି ଉପଲବ୍ଧି କରିଛନ୍ତି । ସର୍ବତ୍ର ଯେପରି ସେହି ଅମୃତମୟଙ୍କର ଲୀଳା । ଏହି ଲୀଳାର ଯେମିତି ଅନ୍ତନାହିଁ । ଯେତେବେଳେ କାବ୍ୟ ପୁରୁଷ ଏହି କଥା ଚିନ୍ତାକରେ ସେତେବେଳେ ସେ ଓ ଅମୃତମୟ ହୋଇଯାଇଛନ୍ତି ଏକ ଏବଂ ଅଭିନ୍ନ । କାବ୍ୟ ପୁରୁଷ ଉଦାତ୍ତ କଣ୍ଠରେ ସେତିକି ବେଳେ କହେ—

"ମୁଁ ତ ଅମୃତ ସାଗର ବିନ୍ଦୁ
ନଭେ ଉଠିଥିଲି ତେଜି ସିନ୍ଧୁ
ଖସି ମିଶିଛି ଅମୃତ ଧାରେ
ଗତି କରୁଛି ମୁଁ ଅକୂପାରେ ।"

—ଅମୃତମୟ—

କବି ସତ୍ତା ଭିନ୍ନ ନୁହେଁ; ଅମୃତସତ୍ତାର ପ୍ରତିରୂପ । ଚିରନ୍ତନତ୍ୱ ମଧ୍ୟରେ କବି ହିଁ ଚିରଞ୍ଜୀବୀ । ସେଥିରୁ ସେ କ୍ଷଣକପାଇଁ ବିଚ୍ୟୁତ ହୋଇଥିଲେ ମଧ୍ୟ ଅବଶେଷରେ ତାଙ୍କରି ସହିତ ଯେପରି ଏକାଗ୍ର ହୋଇଯାଇଛନ୍ତି । ତେଣୁ କବିଙ୍କ ଚକ୍ଷୁରେ ଜୀବନ ଓ ଜଗତ ହୋଇଛି ଈଶ୍ୱରମୟ । ଦିବ୍ୟବୋଧ କବିକୁ କରିଛି ଆଶାବାଦୀ । ମଧୁମୟଙ୍କ ସ୍ନିଗ୍ଧ ପରଶରେ ଜୀବନର ସକଳ ଦୁଃଖ-ଶୋକ-ପାପ-ତାପ ଲୋପ ପାଇଯିବ । କବି ହୃଦୟର ଉଦାତ୍ତ ବାଣୀ । ତେଣୁ ଘୋଷଣା କରିଛି—

"ବିଶ୍ୱଦେଖ ମଧୁମୟରେ ଜୀବନ
ବିଶ୍ୱଦେଖ ମଧୁମୟ
ମଧୁର ଝରଣ କରିବ ହରଣ
ତୋ ପାପ ମାରଣ ଭୟରେ ଜୀବନ ।"

—ମଧୁମୟ—

ଏହି ମଧୁମୟ ଅଛି ଜନନୀର ସ୍ନେହରେ, ଜାୟାର ପ୍ରେମରେ, ବନ୍ଧୁର ସଦାଳାପରେ, ଜନକର ଆଦରରେ, କାନନର ସବୁଜିମାରେ, ପକ୍ଷୀର କାକଳୀରେ, ସୂର୍ଯ୍ୟ ଓ ଚନ୍ଦ୍ରଙ୍କର ବିମଳ ଜ୍ୟୋତିରେ, ନଦୀର କଳତାନରେ, ସମୁଦ୍ରର କଲ୍ଲୋଳରେ । ବିଶ୍ୱଜୀବନ ବିଶ୍ୱନାଥଙ୍କର କରୁଣା କନ୍ଦର ହେଉଛି ମଧୁଝରର ଜନ୍ମସ୍ଥଳ । ଊର୍ଦ୍ଧ୍ୱଗାମୀ

Digitized by PPRACHIN, SOA

ହିଁ ଲାଭ କରିପାରେ ସେହି ମଧୁରରର ଆସ୍ୱାଦ । ମନୀଷୀ କେତେ କ୍ଷୁଦ୍ର ହେଲେହେଁ ସେ କରୁଣାନିଧାନଙ୍କ ଅମୃତମୟ ରାଜ୍ୟରେ ବାସ କରୁଛନ୍ତି । ତେଣୁ ସେ ବିଶ୍ୱଜୀବନଙ୍କ କରୁଣାରୁ ବଞ୍ଚିତ ହେବେନାହିଁ । କବି ଉପଲବ୍ଧି କରିଛନ୍ତି ସର୍ବତ୍ର ମଧୁମୟଙ୍କର ସ୍ଥିତି । ପୃଥିବୀ ମଧୁମୟ । ଆକାଶ ମଧୁମୟ । ଜଳ, ସ୍ଥଳ, ଗ୍ରହ, ନକ୍ଷତ୍ର, ସୂର୍ଯ୍ୟ, ଚନ୍ଦ୍ର, ଅନଳ, ଅନିଳ ମଧୁମୟ । ମଧୁମୟ ପୁଷ୍ପିତ କାନନ, ଶିଶୁର ଆନନ । ମଧୁପ ପରି କବି ପ୍ରାଣ ମଧୁମୟ ହୋଇଛି । ଗଙ୍ଗାଧରଙ୍କର ଏହି ମଧୁମୟ ବନ୍ଦନା ଋଗ୍‌ବେଦର ମଧୁମୟ ବନ୍ଦନାର ଅନୁରୂପ ।

"ମଧୁବାତା ଋତାୟତେ ମଧୁକ୍ଷରନ୍ତି ସିନ୍ଧବଃ
ମାଧ୍ୱୀର୍ନଃ ସନ୍ତ୍ୱୋଷଧୀଃ
ମଧୁନକ୍ତ ମୁତୋଷସୋ ମଧୁମତ୍ ପାର୍ଥିବଂ ରଜଃ
ମଧୁ ଦ୍ୟୌରସ୍ତୁନଃ ପିତା ।"

ଭକ୍ତ କବି ମଧୁସୂଦନ ରାଓଙ୍କର "ଏ ସୃଷ୍ଟି ଅମୃତମୟ ହେ" କବିତା ହିଁ ଗଙ୍ଗାଧରଙ୍କ ମଧୁମୟ ଚିନ୍ତନର ପ୍ରେରଣା ।

"ମଧୁମୟ ସୃଷ୍ଟି ସୁଧାମୟ ସୃଷ୍ଟି ଏ ସୃଷ୍ଟି ଅମୃତମୟ ହେ
ଜାଗ ନରନାରୀ ଅମୃତ ସନ୍ତତି ପିଅ ସେ ଅମୃତ ପୟ ହେ !
ପିଇ ସେ ଅମୃତ ଦିବସ ଶର୍ବରୀ ଗାଅ ଅମୃତର ଜୟ ହେ ।"
"ଏ ସୃଷ୍ଟି ଅମୃତମୟ ହେ"

ସେଇ ମଧୁମୟ ହିଁ କବିଙ୍କର ନିଜଧନ । ତାଙ୍କୁ ହିଁ ଧାରଣା କରିବାକୁ କବି ପ୍ରାଣର ଉତ୍କଣ୍ଠା । ସେଇ ମଧୁମୟ ହିଁ "ଏକ ମହା ଜ୍ୟୋତିର୍ମୟ ପରମ ଈଶ୍ୱର ।" ତାଙ୍କର ଭାଷା ଓ ଜାତି ପ୍ରୀତି, ପ୍ରକୃତି ଓ ମାନବ ପ୍ରୀତି ସବୁ ସେଇ ଆଧ୍ୟାତ୍ମିକ ଭାବ ଭାବିତ ବ୍ୟକ୍ତିତ୍ୱର ଗୋଟିଏ ଗୋଟିଏ ବଳିଷ୍ଠ ଅଭିବ୍ୟକ୍ତି । ହୃଦୟର ଅହଂକାରକୁ ଦୂରେଇ ଦେଇ ବିଶ୍ୱଜୀବନଙ୍କଠାରେ ନିଜକୁ ସମ୍ପୂର୍ଣ୍ଣ ସମର୍ପଣ କରି ଦେବାରେ ଯେଉଁ ଆକୁଳତା ଏଥିରେ ଅଛି ତାହା ବାସ୍ତବିକ ଅନନ୍ୟ । ବିଶ୍ୱକବି ରବୀନ୍ଦ୍ରନାଥଙ୍କର "ଗୀତାଞ୍ଜଳି" ରେ ଥିବା—

"ଆମାର ମାଥା ନତ କରି ଦାଓ ହେ ତୋମାର ଚରନ ଧୂଲାର ତଲେ
ସକଲ ଅହଂକାର ହେ ଆମାର ଡୁବାଓ ଚୋଖେର ଜଲେ"

ଏହି କବିତା ତୁଳନାରେ ଗଙ୍ଗାଧରଙ୍କ ଭକ୍ତି କବିତା କୌଣସି ଗୁଣରେ ନ୍ୟୁନ ନୁହେଁ । ସବୁଆଡ଼େ ତାଙ୍କର ମଧୁ ନିବେଦନ ହୋଇଛି । ଶିଶୁର ଆନନେ ସେ ମଧୁ

Digitized by PPRACHIN, SOA

ଲେପନ କରିଛନ୍ତି । ଫୁଲ, ଫଳ, ବୃକ୍ଷ ସବୁଠି ତାଙ୍କର ମଧୁ ଲେପନ ହୋଇଛି । ନିର୍ଝର, ନଦୀ ସବୁଠି ମଧୁ ଲେପନ ହୋଇଛି ।

"କୋକିଳ ନିଃସ୍ୱନେ ବାଳୀଙ୍କ କଙ୍କଣେ ଦେଇଛୁ ମଧୁଲେପନ ହେ
ପୁଷ୍ପିତ କାନନେ ଶିଶୁର ଆନନେ କରିଛ ମଧୁକ୍ଷେପଣ ହେ ।
ଫୁଲ ଫଳ କାଣ୍ଡ ତରୁ ଇକ୍ଷୁଦଣ୍ଡ ତୁମ୍ଭ ମଧୁଛନ୍ତି ବହିହେ
ସରିତ ନିର୍ଝରେ ସରେ ଜଳଧରେ ତୁମ୍ଭ ମଧୁଅଛି ବହି ହେ ।
ପ୍ରୀତିର ଲୋଚନେ ଜ୍ଞାନ ଆଲୋଚନେ ଦେଇଅଛ ମଧୁଧାର ହେ
ତୁମ୍ଭ ଶ୍ରୀଚରଣ କୁଞ୍ଜେ ଅନୁକ୍ଷଣ 'ମଧୁପ' ମଧ ଭିକାରୀ ହେ ।"

(ମଧୁପର ମଧୁଭିକ୍ଷା—କବିତା କଲ୍ଲୋଳ)

ସେହିପରି 'ମନ ପ୍ରତି' କବିତାରେ ଏହି ବିଭୂଚେତନା ଏକ ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳେ ।

"ମନ ଭ୍ରମୁଛୁ କାହିଁକି ରେ, ନିଜ ଧନ କରି ହେଲା
ଭବସିନ୍ଧୁ ଖେଳା ତେଜିଧର ଭେଳା ଥାଉଁ ଏ ଜୀବନ ଭେଳା ।"

—ମନପ୍ରତି—

ଗଙ୍ଗାଧର ପୁରାଣକାର ନୁହଁନ୍ତି । ସେ କବି, ସେ ଧର୍ମ ପ୍ରଚାରକ ନୁହଁନ୍ତି । ଭକ୍ତ ସେ । ତାଙ୍କ ଭକ୍ତିପ୍ରାଣତା ତାଙ୍କ କବିତାରେ କଳାର ଲାଳିତ୍ୟ ସ୍ପର୍ଶିତ ହୋଇ ତରଙ୍ଗାୟିତ ହୋଇଛି । ସେ ବହୁ ଶାସ୍ତ୍ରବିତ୍ । କିନ୍ତୁ ତାଙ୍କ ଦାର୍ଶନିକତା ଆଧାରିତ କବିତା ଶାସ୍ତ୍ର ବା ପୁରାଣର ନକଲ ପ୍ରତିବିମ୍ବ ନୁହେଁ । ଶାସ୍ତ୍ରଜ୍ଞାନ ତାଙ୍କ ଚିନ୍ତାଧାରାକୁ ପ୍ରସାରିତ ଓ ଜ୍ୟୋତିର୍ମୟ କରିଛି ସତ୍ୟ; କିନ୍ତୁ ଜୀବନର ଉପଲବ୍‌ଧି ସତ୍ୟର ରସସିକ୍ତ ଅଭିବ୍ୟକ୍ତି ହିଁ ତାଙ୍କ ଭକ୍ତି ଭାବନା ଓ ଦାର୍ଶନିକତା ଆଧାରିତ କବିତାକୁ ଚିରନ୍ତନ ସାହିତ୍ୟର ଗୌରବ ପ୍ରଦାନ କରିଛି । ବାସ୍ତବିକ୍ ଗଙ୍ଗାଧରଙ୍କର ଭକ୍ତିରସାତ୍ମକ ଈଶ୍ୱରାର୍ପିତ ଗୀତିକବିତାଗୁଡ଼ିକ ଓଡ଼ିଆ ସାହିତ୍ୟରେ ଯେ ଅନନ୍ୟ, ଏ କଥା କହିଲେ ସତ୍ୟର ଅପଲାପ ହେବ ନାହିଁ । ଡକ୍ଟର ନଟବର ସାମନ୍ତରାୟ ତେଣୁ ଯଥାର୍ଥରେ କହିଛନ୍ତି "ଭକ୍ତି ଭାବ ମଣ୍ଡିତ ଗୀତି କବିତା ହେଉଛି ଗଙ୍ଗାଧରଙ୍କ ଶ୍ରେଷ୍ଠ ଗୀତି କବିତା" ।

ଏହି ମହାପ୍ରାଣଙ୍କର ମହାପ୍ରସ୍ଥାନ ଘଟେ ୧୯୨୪ ସାଲ ଅପ୍ରେଲ ୪ ତାରିଖ ଦିନ ଚୈତ୍ର ଅମାବାସ୍ୟା ତିଥିରେ । ଶ୍ରାବଣ ପୂର୍ଣ୍ଣିମାର ଜ୍ୟୋତ୍ସ୍ନା ଜୁଆର ଛୁଟାଇ ଯେ ଉତ୍କଳର ସାରସ୍ୱତ କାନନରେ ହୋଇଥିଲେ ଆବିର୍ଭୂତ, ଚୈତ୍ରର ଅମା ଅନ୍ଧାରରେ ସମସ୍ତଙ୍କୁ

Digitized by PPRACHIN, SOA

ଶୋକାଭିଭୂତ କରିଦେଇ ସେ ହୋଇଥିଲେ ଅନ୍ତର୍ହିତ । ଗଙ୍ଗାଧରଙ୍କ ଏହି ଉନ୍ନତ ପ୍ରତିଭାର ପରିଚୟ ଦେବାକୁ ଯାଇ ପଲ୍ଲୀ କବି ନନ୍ଦକିଶୋର ବଳ ଯଥାର୍ଥରେ ଲେଖିଛନ୍ତି—

"ଜନ୍ମିଥାନ୍ତ ଯଦି ତୁମ୍ଭେ ଉନ୍ନତ ଦେଶରେ
ବାଜୁଥାନ୍ତା ନାମ ତବ ଦିଗଦିଗନ୍ତରେ
କିନ୍ତୁ ତୁମ୍ଭେ ହୀନ କବି ରହିବ ନିଶ୍ଚିତ
ଯେତେଦିନ ଥିବ ଏବେ ଓଡ଼ିଆ ସାହିତ୍ୟ ।"

Digitized by PPRACHIN, SOA

ଗଙ୍ଗାଧର ମେହେର

ସ୍ୱର୍ଣ୍ଣଲତା ନାୟକ

ଆଧୁନିକ ଗଦ୍ୟ ସାହିତ୍ୟରେ ପ୍ରବନ୍ଧ ଏକ ବିଶିଷ୍ଟ ବିଭାଗ ରୂପେ ପରିଗଣିତ । ଯେ କୌଣସି ବିଷୟରେ ବ୍ୟକ୍ତିର ଚିନ୍ତା ପ୍ରକାଶ ନିମନ୍ତେ ପ୍ରବନ୍ଧହିଁ ଶ୍ରେଷ୍ଠ ମାଧ୍ୟମ ରୂପେ ବିବେଚିତ ବା ସ୍ୱୀକୃତ ହୋଇଛି । ଜ୍ଞାନରାଜ୍ୟର ଯେକୌଣସି ବିଭାଗର ତତ୍ତ୍ୱ ବିଶ୍ଳେଷଣ, ମନନ ଓ ମୂଲ୍ୟାଙ୍କନ ନିମନ୍ତେ ପ୍ରବନ୍ଧହିଁ ସର୍ବୋତ୍ତମ ପନ୍ଥା । ସେ ଯାହାହେଉ ଆଲୋଚ୍ୟ ପ୍ରବନ୍ଧଟି ହେଉଛି ସ୍ୱର୍ଗୀୟ କବି ରଙ୍ଗାଜୀବ ଗଙ୍ଗାଧର ମେହେର ।

ଜୟ ପରାଜୟର ସମୀକ୍ଷା କରିବାକୁ ବସିଲେ ମଣିଷ ଏକ ଅବୋଧ ଚକ୍ରବ୍ୟୂହ ମଧ୍ୟରେ ପ୍ରବେଶ କରି ବେଳେବେଳେ ମାନସିକ ଭାରସାମ୍ୟ ହରାଇବସେ । ସୀମାହୀନ ପ୍ରଶ୍ନବୃକ୍ଷର ଉତ୍ତାଳ ତରଙ୍ଗରେ କୂଳକିନାରା ପାଏ ନାହିଁ । ଆଲୋଚନା ପର୍ଯ୍ୟାଲୋଚନାର ତ୍ରୁଟିଆଣି ଜାଲ କାୟା ବିସ୍ତାର କରିବାରେ ଲାଗେ । ଭାବନାର ପରିବ୍ୟାପ୍ତ ଦିଗ୍‌ବଳୟରେ ପୂର୍ଣ୍ଣଚ୍ଛେଦ ଟାଣିବା ସମ୍ଭବ ହୁଏ ନାହିଁ । ଜୟ ପରାଜୟ ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ ଭଳି । ଏହା ଯଦି ବିଶ୍ୱରର ଆଧାର ହୁଏ, ତେବେ ସ୍ୱାଭାବିକ ପ୍ରଶ୍ନଉଠେ ପରାଜୟର ଗ୍ଲାନିରେ କାହିଁକି କିଏ ଆଘାତ ପ୍ରାପ୍ତ ହେବ ବା ବିଜୟ ଉଲ୍ଲାସରେ ଭାବ ବିହ୍ୱଳ ହୋଇ ନିଜର ସତ୍ତାକୁ ହରାଇ ବସିବ ? ସୂର୍ଯ୍ୟାସ୍ତ ପରେ ପୃଥିବୀରେ ରାତ୍ରିର ଘନ ଅନ୍ଧକାରରେ ଜୀବଜଗତ ଗ୍ଲାନି ଅନୁଭବ କରୁଥିବାବେଳେ କୁମୁଦିନୀ ତାର କାୟାବିସ୍ତାର କରି ପ୍ରସ୍ଫୁଟିତ ହୁଏ ଏବଂ ସୁଗନ୍ଧର ବାର୍ତ୍ତା ବହନକରି ତାର ଉପସ୍ଥିତିକୁ ଜାହିର କରେ । ସୂର୍ଯ୍ୟାଲୋକର ବିଚ୍ଛୁରଣରେ ସମସ୍ତ ମନରେ ଆଶା ଆଲୋକର ସନ୍ଧାନ ଓ ପ୍ରାଣପ୍ରାଚୁର୍ଯ୍ୟ ଭରିଦେବାବେଳେ କୁମୁଦିନୀ କ୍ଷତ ବିକ୍ଷତ ହୁଏ । କାହାର ଦିନପତିଙ୍କ ସହିତ ସମ୍ପର୍କ କିଏ ବା ସୂର୍ଯ୍ୟାସ୍ତପରେ ଚନ୍ଦ୍ରମାର ଟିକିଏ ଶୀତଳ ପରଶପାଇଁ ବ୍ୟସ୍ତ । ସୂର୍ଯ୍ୟାଲୋକ, ଚନ୍ଦ୍ରାଲୋକ ସ୍ଥଳ ବିଶେଷରେ ଭିନ୍ନ ଭିନ୍ନ ସ୍ୱାଦୁ ବହନ କରିଥାଏ, ଏହା ସୃଷ୍ଟିର ବିଚିତ୍ରତା ।

ଉପର୍ୟୁକ୍ତ ମାପକାଠିରେ ତଉଲି ବସିଲେ ରାଧାନାଥ ସୌର ମଣ୍ଡଳର ଉଜ୍ଜ୍ୱଳତମ ଜ୍ୟୋତିଷ୍କ ସ୍ୱଭାବ କବି ଗଙ୍ଗାଧର ମେହେର ସମ୍ବଲପୁର ଜିଲ୍ଲାର ବରପାଲୀ ଗ୍ରାମରେ ଏକ ଦରିଦ୍ର ତନ୍ତୁବାୟ ପରିବାରରେ ଜନ୍ମଗ୍ରହଣ କରିଥିଲେ ତା ୯ । ୮ । ୧୮୬୨ ଖ୍ରୀଷ୍ଟାବ୍ଦରେ । ଏ ଦିନଟି ଥିଲା ରାକ୍ଷୀପୂର୍ଣ୍ଣିମା । ଓଡ଼ିଆ ସାହିତ୍ୟକୁ ରକ୍ଷାକବଚ ପିନ୍ଧାଇ ଦେବାକୁ ଯିଏ ପୂର୍ଣ୍ଣିମାର ଜ୍ୟୋତ୍ସ୍ନାଧର୍ମୀ ଜନ୍ମଗ୍ରହଣ କରିଥିଲେ, ସେ କିନ୍ତୁ ଅମାବାସ୍ୟାର

Digitized by PPRACHIN, SOA

ଅନ୍ଧକାରକୁ ସାଥିକରି ଚାଲିଗଲେ ତା ୪ । ୪ । ୧୯୨୪ ଖ୍ରୀଷ୍ଟରେ । ବରଂ କୁହାଯାଇପାରେ ସେ ହସି ହସି ଆସିଥିଲେ, ଚାଲିଗଲେ କନ୍ଦାଇ କନ୍ଦାଇ ।

ଗଙ୍ଗାଧରଙ୍କ ପିତା ଚୈତନ୍ୟ ମେହେର ଖୁବ୍ ଗରିବ ଓ ଧର୍ମ ପରାୟଣ ଥିଲେ । ଏପରିକି ତେଲ ଲୁଣର ସଂସାର ସହ ସଂଗ୍ରାମ କରି ଦୁର୍ବିସହ ଅଭାବ ଅନଟନ ମଧ୍ୟରେ ସେ କୌଣସିମତେ ନିଜର ଅର୍ଥଶୂନ୍ୟ ପରିବାରକୁ ଚଳାଇ ନେଉଥିଲେ । ଯାହା ଫଳରେ ଗଙ୍ଗାଧର ବରପାଲିର ଚାଟଶାଳୀରେ ଓ ପରେ ବ୍ରାଞ୍ଚ ସ୍କୁଲରେ ୫ମ ଶ୍ରେଣୀ ପର୍ଯ୍ୟନ୍ତ ଅଧ୍ୟୟନ କରିବା ବ୍ୟତୀତ ଉଚ୍ଚଶିକ୍ଷାରୁ ବଞ୍ଚିତ ହୋଇଥିଲେ ସେ ଉଚ୍ଚାରଣ କରିଥିଲେ —

"ବିଶ୍ୱ ଦେଖ ମଧୁ ମୟରେ ଜୀବନ
ବିଶ୍ୱ ଦେଖ ମଧୁମୟ,
ମଧୁର ଝରଣ କରିବ ହରଣ
ତୋ ପାପ ମରଣ ଭୟ ।

ଦାରିଦ୍ର୍ୟ ନିପୀଡ଼ିତ ସାଂସାରିକ ଜୀବନର ସକଳ କଙ୍କାଳ, ସକଳ ଲାଞ୍ଛନା ଓ ସକଳ ଅଭାବ ଅନଟନକୁ ସହି ଜୀବନର ସକଳ ବିଷକୁ ଯେଉଁ କବି ନୀଳକଣ୍ଠପରି ଆକଣ୍ଠ ପାନକରି ଅମୃତର ବାଣୀକୁ ଉଦାତ୍ତ କଣ୍ଠରେ ବୈଦିକ ଋଷିଭଳି ଘୋଷଣା କରି-ଯାଇଛନ୍ତି, ଜଗତର ସକଳ ପ୍ରାଣରେ ବସ୍ତୁରେ ଯିଏ ସେହି ସଚ୍ଚିଦାନନ୍ଦ ପରମ ମଙ୍ଗଳମୟ ପରମାତ୍ମାଙ୍କର ଉପସ୍ଥିତିକୁ ମନେ ମନେ ଉପଲବ୍ଧି କରି ଦାରିଦ୍ର୍ୟର ପଙ୍କିଳ ପଲ୍ୱଳ ମଧ୍ୟରେ ଅକଳଙ୍କ ଶୁଭ୍ର ଶତଦଳ ଭଳି ବିକଶିତ ହୋଇ ନିଜର ପ୍ରଶାନ୍ତ କବି ପ୍ରତିଭାକୁ ପ୍ରକାଶ କରି ଯାଇଛନ୍ତି, ସେହି "ବାଣୀ-ପାଦ-ପଦ୍ମବାସ-ଜୀବା-ରାଜହଂସ-ରଙ୍ଗାଜୀବ ଗଙ୍ଗାଧର ଓଡ଼ିଆ ସାହିତ୍ୟରେ ବାସ୍ତବରେ ବିସ୍ମୟ ।

ନିଖିଳ ଓଡ଼ିଆ ଜାତିର ଅତି ପ୍ରିୟ କବି ଗଂଗାଧର ମେହେର ନିଜେ ନିଜ-ପାଇଁ ଏକ ସ୍ୱତନ୍ତ୍ର ସେତୁ ବା ଶ୍ରେଣୀ । ଦାରିଦ୍ର୍ୟର କଷାଘାତ ମଧ୍ୟରେ ବଞ୍ଚି, ବିଳାସପୂର୍ଣ୍ଣ ପ୍ରାଚୁର୍ଯ୍ୟର ବଳୟଠାରୁ ବହୁତ ଦୂରରେ ରହି ମଧ୍ୟ ଆଜି ସାହିତ୍ୟ ଜଗତର ପ୍ରତି କୋଣେ ଅନୁକୋଣେ ତାଙ୍କର ପ୍ରତିଭା ଅମ୍ଳାନ । ଏହି ପ୍ରତିଭାବାନ କବି ଦାରିଦ୍ର୍ୟର ଘନଘଟା ମଧ୍ୟରେ ଓ ପେଟପୂର୍ତ୍ତି ନିମନ୍ତେ ବୟନ ଶିଳ୍ପ ମାଧ୍ୟମରେ ଜୀବନ ଅତିବାହିତ କରିଥିଲେ ହେଁ କାବ୍ୟ-କବିତାରେ ତା'ର କୌଣସି ଭାବମୂର୍ତ୍ତି ପ୍ରକାଶିତ ହୋଇନାହିଁ । ବରଂ କାବ୍ୟ କବିତାରେ କବିଙ୍କର ପ୍ରତିଭା ନିକଷ-ସ୍ୱର୍ଣ୍ଣପ୍ରଭା ତୁଲ୍ୟ ଝଲକି ଉଠିଛି । ସେ ଯଦିଓ 'ତପସ୍ୱିନୀ' କାବ୍ୟରେ ହୃଦୟର ଭାବକୁ ବ୍ୟକ୍ତକରି ଲେଖିଛନ୍ତି—

"ଦରିଦ୍ରତା-ପଙ୍କପୂର୍ଣ୍ଣ ମୋ ଜୀବନ ସର,
କଙ୍କାଳ-ଜଳଦ-ଜଳେ ଆବିଳ ଉଦର ।"

Digitized by PPRACHIN, SOA

ତଥାପି ସେ ଏ ସବୁର ଊର୍ଦ୍ଧ୍ୱରେ ରହି ଗାନ କରିଛନ୍ତି ସାମ-ସଙ୍ଗୀତ । କାଳିଦାସ, ଭର୍ତ୍ତୃହରି, ଶ୍ରୀହର୍ଷ, ମାଘ ପ୍ରମୁଖ କବିଗଣ ଦରିଦ୍ର ଓ କୁଟୀର ବାସୀ ଥାଇ ମଧ୍ୟ ଯେପରି ଭବଭୂତିଙ୍କ ଶିଖରକୁ ଉନ୍ନୀତ ହୋଇପାରିଛନ୍ତି, କବି ଗଙ୍ଗାଧର ଓଡ଼ିଶାର ପଶ୍ଚିମାଞ୍ଚଳରେ ଜନ୍ମହୋଇ ଦାରିଦ୍ର୍ୟକୁ ବରଣ କରି ତନ୍ମଧ୍ୟରୁ ସ୍ୱର୍ଣ୍ଣ ଶତଦଳ ଫୁଟାଇଛନ୍ତି । ଦାରିଦ୍ର୍ୟ ତାଙ୍କୁ ଲକ୍ଷ୍ୟଚ୍ୟୁତ କରାଇ ପାରିନାହିଁ । କଙ୍କାଳ ତାଙ୍କର ଲେଖନୀକୁ ମନ୍ଥର କରିଦେଇ ନାହିଁ; ବରଂ ପରୋକ୍ଷରେ ଏ ସବୁ କବିଙ୍କର ପ୍ରତିଭାର ବିକାଶ ଦିଗରେ ସାହାଯ୍ୟ କରିଛି । ସେ ହୋଇଛନ୍ତି କାଳଜୟୀ କବି, ଯିଏ ଜୀବନର ଗ୍ଲାନିକୁ ଉପେକ୍ଷା କରି ଚିରନ୍ତନ ସନ୍ଧାନ ଦିଏ, ସକଳ ଦୁଃଖର ଊର୍ଦ୍ଧ୍ୱରେ ଯିଏ ଶାଶ୍ୱତ ଆନନ୍ଦର ବାଣୀ ପ୍ରଚାର କରେ । ଗୋଟିଏ ପଦରେ କହିଲେ ଯଥେଷ୍ଟ ହେବ ଯେ ମେହେରଙ୍କ ଲେଖନୀରେ ଏପରି ଏକ ରାସାୟନିକ ସୃଷ୍ଟି ଥିଲା ଯାହାକି ମାଟିକୁ ଛୁଇଁଲେ ମଧ୍ୟ ସୁନା ପାଲଟିଯାଏ ।

'ସ୍ୱଭାବ କବି' ଗଙ୍ଗାଧର ମେହେର ରାଧାନାଥ ଯୁଗର ଜଣେ ବରିଷ୍ଠ କବି ହେଲେ ମଧ୍ୟ ସେ ବୟସରେ ରାଧାନାଥଙ୍କ ଠାରୁ ଚଉଦ ବର୍ଷ ସାନ । ତଥାପି ତାଙ୍କର ସମଗ୍ର କାବ୍ୟର ଅନୁଶୀଳନ କଲେ ମନେହୁଏ—ସତେ ଯେପରି ସେ ରାଧାନାଥଙ୍କର ପରିଶ କି ଷାଠିଏ ବର୍ଷ ପୂର୍ବବର୍ତ୍ତୀ । ତାଙ୍କର କାବ୍ୟମାନ ସତେ ଯେପରିକି ରାଧାନାଥଙ୍କ ବହୁ ପୂର୍ବରୁ ଲେଖାଯାଇଛି । ରାଧାନାଥ ଯୁଗରେ ଜନ୍ମହେଲେ ମଧ୍ୟ ତାଙ୍କର କବି ପ୍ରତିଭା ହୀନପ୍ରଭ ହୋଇଯାଇ ନାହିଁ । ଅରଣ୍ୟ କୁସୁମ ଭଳି ବିକଶିତ ହୋଇ ନଷ୍ଟ ହୋଇଯାଇନାହିଁ । ସେ ସୌରଭରେ ସମଗ୍ର ଓଡ଼ିଆ ସାହିତ୍ୟ ସୁରଭିତ ହୋଇଛି । ଏଥିପାଇଁ ତ ସେହି ସମ୍ବଲପୁରରେ ମାରବଣିଲଭୀ ଗଙ୍ଗାଧରଙ୍କୁ ସ୍ୱାଗତ ଜଣାଇ ସେ କାଳର ଉତ୍କଳ ବ୍ୟାସ ବୃଦ୍ଧ ଫକୀର ମୋହନ ଲେଖିଥିଲେ—

"ବରପାଲି ଦେଶେ ଅଛି ଗଙ୍ଗାଧର ମେହେର
ତାହାର କବିତା ପଢ଼ିଅଛୁ ଢେର ଢେର,
କବିତା ଗୁଡ଼ିକ ପଢ଼ି ମନ ମାନିଯାଏ,
ଆଉ ସେ ଲେଖିବ ବୋଲି ବାଟ ଚାହିଁଥାଏ ।"

(ଉତ୍କଳ ଭ୍ରମଣଂ—ଫକୀର ମୋହନ)

ସ୍ୱଭାବ କବି ଗଙ୍ଗାଧରଙ୍କର ବହୁ କବିଗୁରୁ ଥିଲେ । ସେମାନେ ମୁଖ୍ୟତଃ ହେଲେ ଉପେନ୍ଦ୍ର ଭଞ୍ଜ, ରାଧାନାଥ, ବ୍ୟାସ, ସାରଳା ଦାସ, ବାଲ୍ମୀକି, କାଳିଦାସ ଏବଂ ଭବଭୂତି । କିନ୍ତୁ କବି ପ୍ରତିଭାସମ୍ପନ୍ନ ହୋଇଥିବାରୁ କୌଣସି ଜଣକୁ ଅନୁସରଣ କରିନାହାନ୍ତି । ଯାହାଠାରେ ଯାହା ନୂତନତା, ଚମତ୍କାରିତା, ହୃଦସ୍ପର୍ଶିତା ବା ଏକ କଥାରେ ବୈଶିଷ୍ଟ୍ୟ ରହିଛି ତାହାହିଁ ସେ ସ୍ୱୀକାର କରିଛନ୍ତି । ଏହା ବେଲି ସେ ସେ

Digitized by PPRACHIN, SOA

କେବଳ ଅନୁସରଣକୋଷ୍ଠ କବିଟିଏ କମ୍ପା ତାଙ୍କର ମୌଳିକ କବିତ୍ୱ ନାହିଁ ଏକଥା କଦାପି ନୁହେଁ । ମୌଳିକତା ସମ୍ପର୍କରେ କାବ୍ୟ-ତତ୍ତ୍ୱବିତ୍ ଆନନ୍ଦ ବର୍ଦ୍ଧନ କହନ୍ତି— "ପୂର୍ବରୁ କୌଣସି ଅର୍ଥ, ଭାବ, ବିଷୟବସ୍ତୁ ଥାଇ ମଧ୍ୟ କବିର କୃତିରେ ନୂତନ ରୂପେ ରସ ପରିଗ୍ରହଣ କଲେ ପୁଣି ନୂତନ ରୂପେ ପ୍ରତିଭାତ ହୁଏ, ଯେପରି ଶୀତକାଳୀନ ବୃକ୍ଷଟିଏ ପତ୍ର ଝଡ଼ିଗଲେ ଲଣ୍ଡା ଦିଶେ, ଦର୍ଶକର ଦୃଷ୍ଟି ଆକର୍ଷଣ କରେ ନାହିଁ, ମାତ୍ର ସେହି ଗଛ ଋତୁରାଜ ବସନ୍ତର କୁହୁକ ସ୍ପର୍ଶରେ ନବପଲ୍ଲବରେ ହେଉ, କି ପୁଷ୍ପ ସମ୍ଭାରରେ ହେଉ, ଏକାନ୍ତ ଭାବରେ ନୂଆ ଦିଶେ"—ସେହିପରି ଅନୁଭୂତ ବିଷୟକୁ ନେଇ ମଧ୍ୟ କାବ୍ୟ ନବକଳେବର ପାଏ କବିର ହାତରେ । ସେ ବସନ୍ତ ପରି ଅବସ୍ଥିତ ପୁରାତନକୁ ନୂତନ କରେ । ଏହି ଅବସ୍ଥାହିଁ ମୌଳିକତା ସ୍ୱରୂପ—ଓଜସ୍ୱିନୀ କାବ୍ୟର ସେଇ ଉପାଦାନ ନେଇ ଅନ୍ୟ କେହି କବି ଯାହା ରଚନା କରିଥାନ୍ତେ ତାହା ଗଙ୍ଗାଧରଙ୍କ ତପସ୍ୱିନୀ ଠାରୁ ଭିନ୍ନ ହୋଇଥାନ୍ତା । ଏ ଦୃଷ୍ଟିରୁ ତପସ୍ୱିନୀ ତାଙ୍କର ସ୍ୱକୀୟ ଏବଂ ମୌଳିକ ରଚନା ।

ଶିବ ପ୍ରସାଦ ଦାସଙ୍କ ଭାଷାରେ "ଗଙ୍ଗାଧରଙ୍କ ସ୍ୱାଭାବିକ ଉତ୍ସରୁ 'ରସ-ରତ୍ନାକର' ବିନିର୍ଗତ ହୋଇଥିଲା ।" ଏହାପରେ ସେ ବରପାଲିର ଯୁବରାଜଙ୍କର ଗୃହ ଶିକ୍ଷକ ସୂର୍ଯ୍ୟକୁମାର ମିଶ୍ରଙ୍କ ଦ୍ୱାରା ଉତ୍ସାହିତ ହୋଇ ଆଧୁନିକ ଧରଣର କାବ୍ୟରଚନା କରିବାକୁ ମନ ବଳାଇଲେ । ଏହି ପ୍ରେରଣାର ଦ୍ୱିତୀୟ ଅର୍ଘ୍ୟହେଲା "ଅହଲ୍ୟାସ୍ତବ" । ଭଗବାନ ଶ୍ରୀରାମଚନ୍ଦ୍ରଙ୍କ ପ୍ରତି କବିଙ୍କର ଏକ ଗଭୀର ଭକ୍ତିନମସ୍କାର ଏକ ଆଲେଖ୍ୟ ହେଉଛି ଏହି କ୍ଷୁଦ୍ର କାବ୍ୟ । 'ରସ-ରତ୍ନାକର' ଓ 'ଅହଲ୍ୟାସ୍ତବ'ରେ କବି ପ୍ରତିଭାର ଯେଉଁ ଆଦ୍ୟ ମୁକୁଳ ପରିଲକ୍ଷିତ ହୋଇଥିଲା ତାହା ପରବର୍ତ୍ତୀ କାଳରେ ୧୮୯୪ ମସିହା ବେଳକୁ "ଇନ୍ଦୁମତୀ-୧୮୯୪" କାବ୍ୟରେ ବିକଚ ବିକାଶ ଲଭିଥିଲା । 'ଇନ୍ଦୁମତୀ' କାବ୍ୟ ଅଧ୍ୟୟନ କରି ସେହି ବଣମାଳତୀ କବି ଗଙ୍ଗାଧରଙ୍କର ବନ୍ଦନା ପାଇଁ ଓଡ଼ିଶାର ତତ୍କାଳୀନ ବହୁ କବି ଓ ପ୍ରତିଷ୍ଠିତ ବ୍ୟକ୍ତିମାନେ ବ୍ୟଗ୍ର ହୋଇ ଉଠିଥିଲେ । 'ଇନ୍ଦୁମତୀ ଚିତ୍ତ-ଆହ୍ଲାଦ-ଦାୟିନୀ ହୋଇ ବରମାଲ୍ୟରେ ଅଜ କେବଳ ବିଜୟୀ ହେଲେ ନାହିଁ ସତେ ଯେପରି ବାଣୀ ବରମାଲ୍ୟ ଲଭି କଲେ ସ୍ୱଭାବ କବି ଗଙ୍ଗାଧର । ସେହି ବରମାଲ୍ୟର ଜୟମାଲ୍ୟ ହେଉଛି ୧୯୦୪ ମସିହାରେ ରଚିତ 'କୀଚକ ବଧ' କାବ୍ୟ । ପୁଣ୍ୟକୁ ପାପର ଘର୍ଷଣ ଆବର୍ତ୍ତ ମଧ୍ୟରେ ନିକ୍ଷେପ କରି ଶୁଦ୍ଧ ସୁବର୍ଣ୍ଣ ଭଳି ପୁଣ୍ୟକୁ ଉଦ୍ଧାର କରି ଆଣିବା ଏହି କାବ୍ୟର ମୂଳଲକ୍ଷ୍ୟ । 'କୀଚକ ବଧ'ପରେ କବି ଉତ୍କଳ ଜନନୀଙ୍କର ବନ୍ଦନା କଲେ 'ଉତ୍କଳ ଲକ୍ଷ୍ମୀ' କାବ୍ୟରେ । ଏହି କାବ୍ୟ ୧୮୯୪ ମସିହାରେ ଆରମ୍ଭ ହୋଇ ଅସମ୍ପୂର୍ଣ୍ଣ ଭାବେ ରହିଯାଇଥିଲା । ମାତ୍ର ୧୯୧୪ ମସିହାରେ ପୂର୍ଣ୍ଣାଙ୍ଗ ଲଭିଥିଲା । ଜାତିପ୍ରାଣ କବି ଗଙ୍ଗାଧରଙ୍କର ଏହା ହେଉଛି ଅନ୍ତରତମ ପ୍ରଦେଶର ଅଭିନବ ଅଭିବ୍ୟକ୍ତି । ଏହି କବିତାରେ ତାଙ୍କର ଲେଖନୀ ଉତ୍କଳ ଲକ୍ଷ୍ମୀଙ୍କୁ ବିଶ୍ୱ-ମୁନ୍ଦିରସାର ଭାବରେ ରୂପ ଦେବା

Digitized by PPRACHIN, SOA

ସଙ୍ଗେ ସଙ୍ଗେ ଉତ୍କଳର ନଦନଦୀ, ପାହାଡ଼ ପର୍ବତ ଓ ବନବଲ୍ଲରୀ ପ୍ରକୃତିକୁ ବନ୍ଦନା କରି ଦେଇଅଛନ୍ତି । ସେ ପୁଣି ବୀର ପ୍ରସବିନୀ ଉତ୍କଳ ଲକ୍ଷ୍ମୀଙ୍କର ଦୁର୍ଦ୍ଦଶାରେ ମ୍ରିୟମାଣ ହୋଇପଡ଼ିଛନ୍ତି । ସେହି କଥାକୁ ସେ ମାତୃଭୂମି କବିତାରେ ଲେଖିଛନ୍ତି—

"ମାତୃଭୂମି ମାତୃ-ଭାଷାର ମମତା
ଯା ହୃଦେ ଜନମି ନାହିଁ
ତାକୁ ଯଦି ଜ୍ଞାନୀ ଗଣରେ ଗଣିବା
ଅଜ୍ଞାନ ରହିବେ କାହିଁ ।"

ସମଗ୍ର ଉତ୍କଳ ବାସୀଙ୍କୁ ସେ ଉଦ୍‌ବୋଧନ ଦେଇଛନ୍ତି ସାମ୍ୟ ମୈତ୍ରୀ ଭାବରେ ଉଦବୁଦ୍ଧ ହେବାକୁ । କବିଙ୍କ ଭାଷାରେ—

"ଯା ଭାଷା ଦୁର୍ବଳ ସେ ନରଶ୍ରେ ଅଧମ
କାହିଁ ହେବ ଆନେ ପ୍ରତିଯୋଗେ କ୍ଷମ

× × ×

ମାତୃଭୂମି ମାତୃ ଭାଷାର ବଦନ,
ଦୀପ୍ତ କର ଦେଇ ଧନ ଧ୍ୟାନ ମନ ।"

ତାହାର ମଙ୍ଗଳ ପାଇଁ ଧନ, ଧ୍ୟାନ ଓ ମନକୁ ପ୍ରଦାନ କରିବା ନିମିତ୍ତ ସେ ଦେଇଛନ୍ତି ପ୍ରେରଣା । ସେହି କବିଙ୍କ ଅମର ଲେଖନୀରୁ ସୃଷ୍ଟି ହେଲା, ମହିମା-୧୮୯୬, କବିତା କଲ୍ଲୋଳ—୧୯୧୬, ଅଯୋଧ୍ୟା ଦୃଶ୍ୟ—୧୯୧୧-୧୬, ଅର୍ଘ୍ୟଥାଳୀ—୧୯୧୮, ଭାରତୀ ଭାବନା, କୃଷକ ସଙ୍ଗୀତ, କୁମାର ଜନ୍ମୋତ୍ସବ, ଭକ୍ତ ଉପହାର; କବିତାମାଳା ଆଦିକାବ୍ୟ କବିତାବଳୀ ।

'ତପସ୍ୱିନୀ କାବ୍ୟ' ଗଙ୍ଗାଧରଙ୍କ ସର୍ବୋତ୍ତମ କାବ୍ୟ । ଏ କାବ୍ୟରେ ବହୁ ଉତ୍ତମ କବିଙ୍କର ଚିନ୍ତା ସମାଗମ ହୋଇଛି । ଅଥଚ ଗଙ୍ଗାଧରଙ୍କ ନିଜସ୍ୱ କବି-ପ୍ରତିଭାରେ ସେ ସମସ୍ତର ମିଳନ 'ତପସ୍ୱିନୀ' କାବ୍ୟକୁ ମୌଳିକତା ଓ ନୂତନତାରେ ରମଣୀୟ କରିଛି । ତପସ୍ୱିନୀର କଥାବସ୍ତୁ ବାଲ୍ମୀକି ରାମାୟଣର ଉତ୍ତର କାଣ୍ଡରୁ ଗୃହୀତ । କାଳିଦାସ ତାଙ୍କର ଅମରକୃତି ରଘୁ ବଂଶରେ ସୀତା ବନବାସ ଉପଖ୍ୟାନକୁ ବର୍ଣ୍ଣନା କରିଛନ୍ତି ଏବଂ ଭବଭୂତି ସେହି ବିଦାୟକୁ ଅବଲମ୍ବନ କରି ତାଙ୍କର ପ୍ରଖ୍ୟାତ ନାଟକ ଉତ୍ତର ରାମ ଚରିତରେ ତାହାର ଏକ ନବୀନ ରୂପ ସୃଷ୍ଟି କରିଛନ୍ତି । ସ୍ଥୂଳତଃ, ସଂକ୍ଷେପ କ୍ରମରେ କୁହାଯାଇପାରେ ବାଲ୍ମୀକିଙ୍କଠାରୁ କଥାବସ୍ତୁ କାଳିଦାସଙ୍କଠାରୁ ସୁଖ ଦୁଃଖରେ ସମଭାଗିନୀ ପ୍ରକୃତିର ସୌନ୍ଦର୍ଯ୍ୟମୂର୍ତ୍ତି ଅବସ୍ଥାନ ଏବଂ ଭବଭୂତିଙ୍କଠାରୁ କରୁଣ ରସ

Digitized by PPRACHIN, SOA

ଗ୍ରହଣ କରିଛନ୍ତି । ଗଙ୍ଗାଧର ସ୍ପଷ୍ଟ କରିଦିଅନ୍ତି ଏଇ ଚିନ୍ତାଧାରାକୁ ନେଇ ତାଙ୍କର ତପସ୍ୱିନୀରେ ତ୍ରିବେଣୀ ସଂଗମର ଶୋଭନ ଲୀଳା । ଓଡ଼ିଆ ସାହିତ୍ୟ ଭଣ୍ଡାରରେ 'ତପସ୍ୱିନୀ' ଏକ ଅମୂଲ୍ୟ ସମ୍ପଦ ଏଥିରେ ସନ୍ଦେହ ନାହିଁ । ରୁଚିର କବି ଗଙ୍ଗାଧର ଏହି କାବ୍ୟରେ ରୁଚି ଗର୍ହିତ କୌଣସି କାହାଣୀ ବା ବର୍ଣ୍ଣନା ସ୍ଥଳ ବିଶେଷରେ ଯେଉଁ ସାମାନ୍ୟ ସ୍ପର୍ଶ ଦେଇ ଯାଇଛନ୍ତି, ତାହା ରୀତି ଯୁଗର ଅପ୍ରତିହତ ପ୍ରଭାବ ବ୍ୟତୀତ ଅନ୍ୟ କିଛି ନୁହେଁ । ବରଂ ଏହା ସତ୍ୟ ଯେ, ଗଙ୍ଗାଧରଙ୍କର କାବ୍ୟକବିତ୍ୱ ପାଶ୍ଚାତ୍ୟ ଚିନ୍ତାର ବହୁ ଦୂରରେ ଥିଲା । ତେଣୁ ତାଙ୍କ ଉପରେ ପ୍ରତ୍ୟକ୍ଷ ପାଶ୍ଚାତ୍ୟ ପ୍ରଭାବ ପଡ଼ିନଥିବା ମୁକ୍ତ କଣ୍ଠରେ କୁହାଯାଇପାରେ ।

ଗଙ୍ଗାଧରଙ୍କ କୃତିରେ ବିଶେଷ କରି ତପସ୍ୱିନୀରେ ପାଶ୍ଚାତ୍ୟ ପ୍ରଭାବର ପରୋକ୍ଷ ରୂପ ଅତି ସାମାନ୍ୟ ଭାବରେ ଦେଖିବାକୁ ମିଳେ । 'ତପସ୍ୱିନୀ'ର ପ୍ରଥମ ସର୍ଗ ଆରମ୍ଭରେ ମେହେର କବି ପ୍ରାଚ୍ୟ ଶୈଳୀରେ ଆଦ୍ୟ ନମସ୍କ୍ରିୟାଦି ନକରି ରାଧାନାଥଙ୍କ ଅନୁସରଣରେ ପାଶ୍ଚାତ୍ୟ ଶୈଳୀରେ ଦେବୀ ବନ୍ଦନା କରିଛନ୍ତି । ସେହି ଆଦର୍ଶକୁ ଗଙ୍ଗାଧର କିପରି ସ୍ଥାନ ଦେଇଥିଲେ ନିମ୍ନ ଉଦ୍ଧୃତିରୁ ଜଣାପଡ଼େ —

ରାଧାନାଥ—"ପଙ୍କଜ ବାସିନୀ ଦେବୀ ଉତ୍କଳ ଭାରତୀ
ଶାରଦେ ! କି କଲେ କହି କୁରୁଚୂଡ଼ାମଣି
ଶୁଣିଲେ ଯେ କାଳେ ବୀର ବାର୍ତ୍ତାବହ ମୁଖୁ ।
(ମହାଯାତ୍ରା-୧ମ ସ:)

ଗଙ୍ଗାଧର—"କିଏ ଗୋ ତୁ ଜ୍ୟୋତିର୍ମୟୀ ଶୁଭ୍ର-ଶୁକ୍ଳ ବେଶା
ଇନ୍ଦୁ ନୀଳ-ଦ୍ୟୁତିଜିତ-ମନୋହର-କେଶା
କେମନ୍ତେ ସେ କଲେ ଜୀର୍ଣ୍ଣ ହୃଦୟସ୍ଥ ଯୌବନ
ବାହାସଙ୍ଗେ କେମନ୍ତେ ବା ଯାପିଲେ ଜୀବନ ?
(ତପସ୍ୱିନୀ-୧ମ ସ:)

ମାତ୍ର ଏହି ଅନୁକରଣ ଗଙ୍ଗାଧରଙ୍କ ସ୍ୱକୀୟତାରେ ଅତି ଚମତ୍କାର ଭାବରେ ଦୀପ୍ତିମନ୍ତ ହୋଇଉଠିଛି । ଗଙ୍ଗାଧରଙ୍କ କାବ୍ୟ-ନାୟିକାଙ୍କୁ ଅନୁଧ୍ୟାନ କଲେ ଜଣାଯାଏ, ସତେ ଯେମିତି ସେମାନେ ଏଇ ବାସ୍ତବ ବିଶ୍ୱର ଅହଂବାଦୀ ଚିନ୍ତାଧାରାଠାରୁ ଊର୍ଦ୍ଧ୍ୱରେ ଏବଂ ଦେବଲୋକର ସ୍ୱପ୍ନିଳ ଚନ୍ଦନବୃକ୍ଷର ନିମ୍ନରେ ବିଚରଣ କରିଛନ୍ତି । ସେମାନେ କଳ୍ପ-ଲୋକର ଶକ୍ତିଧାରିଣୀ ଦେବୀ ନୁହଁନ୍ତି ଅଥଚ ଏଇ ଧୂଳି-ଧୂସରିତ ଧରଣୀର ମାୟା ବିଜଡ଼ିତ ମାନବୀ ମଧ୍ୟ ନୁହଁନ୍ତି । ସେମାନେ ପ୍ରତ୍ୟେକ ଗୋଟିଏ ଗୋଟିଏ ଆଦର୍ଶର ମୂର୍ତ୍ତିମନ୍ତ ବିଗ୍ରହ । ତପସ୍ୱିନୀରେ ଲେଖିଛନ୍ତି ସୀତାଙ୍କ ଲକ୍ଷ୍ୟକରି —

Digitized by PPRACHIN, SOA

"ଦଇବ ସ୍ୱଭାବେ ତୁ ତପସ୍ୱିନୀ
ଦର୍ଶନମାନେ ମୁଁ ପାଉଛି ଚିହ୍ନି ।"

ଗଙ୍ଗାଧରଙ୍କ ଈଶ୍ୱର ବୈଦିକ ଈଶ୍ୱରଙ୍କୁ ପୂର୍ଣ୍ଣ ସମର୍ଥନ କରେ । ଦ୍ୱୈତା-ଦ୍ୱୈତର ଘାଣ୍ଟ ଚକଟ ଭିତରେ ରହିବାକୁ ସେ ପସନ୍ଦ କରିନାହାନ୍ତି । ବିଶେଷତଃ ଈଶ୍ୱର ପ୍ରାଣକେନ୍ଦ୍ରୀ । ସର୍ବବ୍ୟାପୀ ଈଶ୍ୱରଙ୍କଠାରେ ତାଙ୍କର ଅଟଳ ବିଶ୍ୱାସ । କବିଙ୍କ ଦୃଷ୍ଟିରେ ଈଶ୍ୱର ଏତେ ବିରାଟ, ଏତେ ମହାନ ଯେ ତାଙ୍କ ବିଗ୍ରହକୁ କବି ନିଜ ହୃଦୟରେ ସ୍ଥାପନ କରିବା ସମ୍ଭବନୁହେଁ ବୋଲି ପ୍ରକାଶ କରିଛନ୍ତି । ସେ କୁହନ୍ତି ଉତ୍ତୁଙ୍ଗ ନଗାଧିରାଜ ହିମାଳୟକୁ ଗୋଟିଏ ସୋରିଷ ଗର୍ଭରେ ପୂରାଇବାର ପ୍ରୟାସ ଯାହା, ଈଶ୍ୱରଙ୍କ ବିଗ୍ରହକୁ ନିଜ ହୃଦୟରେ ସ୍ଥାପନ କରିବାର ଚେଷ୍ଟା ମଧ୍ୟ ଠିକ୍ ସେଇଆ । ଏହି ସମସ୍ତ ଦୃଷ୍ଟିରୁ ଗଙ୍ଗାଧରଙ୍କ ବିଶ୍ୱଜୀବନ ସଂବୋଧନ ମଧ୍ୟ ଉପର ବୈଦିକ ମତସମ୍ମତ ଓ ଉଚ୍ଚାଭାବର ବାହକ ତାହା ଅକ୍ଳେଶରେ ଅବଧାରଣ କରିହେବ । ଗଙ୍ଗାଧରଙ୍କ ଚିନ୍ତନର ଗଭୀର ଭାବ ନିମ୍ନଲିଖିତ ଦୃଷ୍ଟାନ୍ତରୁ ଜଣାପଡ଼େ । ଆକାଶ ଦେହରେ ସୂର୍ଯ୍ୟଭଳି ଅସଂଖ୍ୟ ଗ୍ରହ ନକ୍ଷତ୍ର ଦୀପ୍ତ ଓ ଅବସ୍ଥିତ । ଏଇ ଆକାଶର ଅନ୍ୟନାମ ବିଷ୍ଣୁପଦ ହୋଇ-ଥିବାରୁ ଗଙ୍ଗାଧରଙ୍କ "କୋଟି କୋଟି ରବି ଧୂଳିରୂପେ ତୁମ୍ଭପଦେ ହୋଇଛନ୍ତି ଲୁଣ୍ଠ ।" ଏହି ଉକ୍ତିଟି କେତେ ଚମତ୍କାର । ବିଶ୍ୱ ଜୀବନ ଚିନ୍ତାରେ ସେ ଲେଖିଛନ୍ତି—

ଦେଇନାହିଁ ବଳି ପଦଧୂଳି ଯେନ
ପାଉବ ନାହିଁ ମୋ ମୁଣ୍ଡ
କୋଟି କୋଟି ରବି ଧୂଳି ରୂପେ ତୁମ୍ଭ
ପଦେ ହୋଇଛନ୍ତି ଲୁଣ୍ଠ ।"

ପୁଣି କବି ବୈଦିକ ଧର୍ମର ସେହି ସର୍ବଜନୀନତା ଓ ମହାନ୍ ଭାବରେ ଅନୁ-ପ୍ରାଣିତ ହୋଇ ଆରମ୍ଭ କରିଛନ୍ତି—

"ହୃଦୟର କଥା ଜାଣିବାକୁ ଅଛି
ତୁମ୍ଭର ଅସୀମ ଶକ୍ତି
ଯେତିକି ଦେଖିବି ସେତିକି ଅଛି ମୋ
ହୃଦେ ତୁମ୍ଭ ପ୍ରତି ଭକ୍ତି ।"

କବି ଗଙ୍ଗାଧର ମଧ୍ୟ ଭକ୍ତିର ଉଚ୍ଚତମ ସୋପାନରେ ଉପରି ପହଞ୍ଚିଛନ୍ତି ତାହା ତାଙ୍କର ଅମୃତମୟ କବିତାର ଶେଷ ଗୋଟିଏ ମାତ୍ର ପଦରୁ ଜଣାପଡ଼େ ।

"ମୁଁ ତ ଅମୃତ ସାଗର ବିନ୍ଦୁ
ନଭେ ଉଠିଥିଲି ତେଜି ସିନ୍ଧୁ

Digitized by PPRACHIN, SOA

ଝରି ମିଶିଛୁ ଅମୃତଧାରେ
ଗତି କରିଛୁ ସେ ଅକୂପାରେ
ପଥେ ଶୁଖିଗଲେ ପାପତାପରେ
ହୋଇ ଶିଶିର ଝରିବ ତାପରେ
ଅମୃତମସ୍ତୁ ଅମୃତଅସ୍ତୁ
ସତତ ମିଶିବ ସାଗରେ ।

ଫକୀରମୋହନଙ୍କ ପରି କବିଙ୍କର କାବ୍ୟିକ ଅନ୍ତଃଦୃଷ୍ଟି ଥିଲା ତୀକ୍ଷ୍ଣ ଓ ଓ ପ୍ରଗାଢ଼ । ଆବେଗ, ସ୍ୱତଃସ୍ଫୂର୍ତ୍ତିତା ଓ ସୌନ୍ଦର୍ଯ୍ୟବୋଧ ସମାଜ ଜୀବନକୁ ଶୁଦ୍ଧ, ସମୃଦ୍ଧ କରିବା ନିମନ୍ତେ ଥିଲା ଅଭିପ୍ରେତ । ତାଙ୍କର ପ୍ରତିଭା ମହନୀୟ ପ୍ରତିଭା ଭାବରେ ଆଜିଯାଏ ଉଜ୍ଜ୍ୱଳମୟ ଓଡ଼ିଆ ସାହିତ୍ୟାକାଶରେ ପ୍ରତିଷ୍ଠା ଲାଭ କରିଛି । ଏଥିରେ କବିଙ୍କ କାବ୍ୟ ଦିଗନ୍ତ ହୋଇପାରିଛି ଉଜ୍ଜ୍ୱଳ । କିନ୍ତୁ ତାଙ୍କର କାବ୍ୟ ବୀଣା ମୌନ ହୋଇ ନଥିଲା । ତାଙ୍କର ବୀଣାର ତନ୍ତ୍ରୀମାନଙ୍କରେ ଯେଉଁ ମଧୁର ସ୍ୱନ ଜାଗି ଉଠିଥିଲା ସେ ସ୍ୱର ଏବେ ବି ଉଠିନାହିଁ । ସମୀରର ମର୍ମରରେ, ସ୍ରୋତସ୍ୱିନୀର କଳ-କଲ୍ଲୋଳରେ, ପକ୍ଷୀର କୂଜନରେ ସେ ସ୍ୱର ବଞ୍ଚି ରହିଛି । ତାହା ଶ୍ରୁତିପୂର୍ଣ୍ଣ ହୋଇ-ସୁଦ୍ଧା ଚିର ନୂତନ ଓ ଚିର ମାଧୁର୍ଯ୍ୟପୂର୍ଣ୍ଣ । ସେ ସ୍ୱର ଆମକୁ ସ୍ୱପ୍ନ ଓ କଳ୍ପନାର ରୂପେଲି ପର୍ଦ୍ଦା ତଳେ ଆତ୍ମ ବିସ୍ମୃତ ହେବାକୁ ପ୍ରବର୍ତ୍ତାଇ ନାହିଁ । ପରନ୍ତୁ ଜୀବନକୁ କର୍ମମୁଖର କରିବାପାଇଁ ନିଜ ଭିତରେ ସତ୍ ଆନନ୍ଦକୁ ଅନୁଭବ କରିବାପାଇଁ ତଥା ଦେଶ ଓ ଜାତିର କଲ୍ୟାଣପାଇଁ ଚେତନହେବା ସକାଶେ ଦେଇଛି ଅକ୍ଷୟ ଓ ଅବ୍ୟୟ ପ୍ରେରଣା ।

ଏହି କାରଣରୁ ସେହି ସମ୍ବଲପୁର ତନ୍ତ୍ରୀଙ୍କୁ ବାରମ୍ବାର ପ୍ରଣିପାତ କରିବାକୁ ରାଧାନାଥ, ଫକୀର ମୋହନ ଓ ନନ୍ଦକିଶୋର ପ୍ରଭୃତି ବ୍ୟଗ୍ର ହୋଇ ଉଠିଛନ୍ତି । ଗଙ୍ଗାଧରଙ୍କ ମର ଶରୀର ତା ୪ । ୪ । ୧୯୨୪ ରିଖ ଚୈତ୍ର ଅମାବାସ୍ୟାର ଗଭୀର ନିଶୀଥରେ ଏହି ଧୂଳିମଳିନ ଜଗତକୁ ତ୍ୟାଗକରି ଚାଲିଗଲା ସତ, ମାତ୍ର ବଂଚିରହିଲା ଯୁଗ ଯୁଗପାଇଁ ତାଙ୍କର କାବ୍ୟପୁରୁଷ । ସେହି ଅନାମୟ କାବ୍ୟପୁରୁଷ ଯୁଗଯୁଗପାଇଁ ଓଡ଼ିଆ ଜାତିକୁ ଦେବ ଅମୀୟ ପ୍ରେରଣା । ସେହି କାବ୍ୟ-ପୁରୁଷର । ମୃତ୍ୟୁ ନାହିଁ । ତାହା ମୃତ୍ୟୁଞ୍ଜୟୀ ; ଏକ ଅନିର୍ବାଣ ଅମଳିନ ଦୀପଶିଖା । ।

—୦—

Digitized by PPRACHIN, SOA

ଗଙ୍ଗାଧର ସାହିତ୍ୟର ବିଶେଷତ୍ୱ

ତପସ୍ୱିନୀ କର

ପଙ୍କରୁ ପଦ୍ମ ଓ ଶାମୁକା ଗର୍ଭରୁ ରତ୍ନର ସନ୍ଧାନ ମିଳିଲା ପରି, କବି ଗଙ୍ଗାଧର ବରପାଲିର ଅତି ଦରିଦ୍ର ତନ୍ତୀ ପରିବାରରେ ଜନ୍ମଗ୍ରହଣ କରିଥିଲେ । ଦାରିଦ୍ର୍ୟର କଷାଘାତରେ ସତତ ଜର୍ଜରିତ କବି ତନ୍ତ ଗୁଳନା ଓ ବସ୍ତ୍ରବୟନ ସହିତ ଅକ୍ଷର ବୟନ କରିବା ଶିଖିଥିଲେ । ତନ୍ତ ଚର୍ଚ୍ଚା ସହିତ ଗ୍ରନ୍ଥ ଚର୍ଚ୍ଚା ଥିଲା ତାଙ୍କ ଜୀବନର ଏକ ବିଶେଷତ୍ୱ ।

ଗଙ୍ଗାଧରଙ୍କ ସାହିତ୍ୟକୁ ଅନୁଧ୍ୟାନ କଲେ ଜଣାଯାଏ ତାଙ୍କର କ୍ଷୁଦ୍ର, ବୃହତ ନାନାଦି ପୁସ୍ତକ ଉପରେ ବାଲ୍ମୀକି, କାଳିଦାସ, ଭବଭୂତି ପ୍ରଭୃତି କବିମାନଙ୍କର ସାମଗ୍ରିକ ଭାବେ ପ୍ରଭାବ ପଡ଼ିଛି । କବି ଗଙ୍ଗାଧର ଏହି ସଂସ୍କୃତ କବିମାନଙ୍କର ସାହିତ୍ୟକୁ ଅନୁବାଦ କରି ନାହାନ୍ତି; ବରଂ ଆହରଣରେ ମୌଳିକତା ଫୁଟାଇପାରିଛନ୍ତି । କବିଙ୍କର ସଂସ୍କୃତ ସାହିତ୍ୟ ପ୍ରତି ଥିଲା ଗଭୀର ଅନୁରକ୍ତି । ବିଶ୍ୱକବି ରବୀନ୍ଦ୍ରନାଥଙ୍କ ସାହିତ୍ୟ ଓ ପାଶ୍ଚାତ୍ୟ କବି ଓ୍ୱାର୍ଡ୍‌ସଓ୍ୱାର୍ଥଙ୍କ ସାହିତ୍ୟଠାରୁ ତାଙ୍କର ସାହିତ୍ୟ କୌଣସି ଗୁଣରେ କମ୍ ନ ଥିଲା । ଯେଉଁ 'ଗୀତାଞ୍ଜଳି' ବିଶ୍ୱ ସାହିତ୍ୟାକାଶରେ ଆଜି ଏକ ଉଜ୍ଜ୍ୱଳତମ ଜ୍ୟୋତିଷ୍କ ରୂପେ ସ୍ଥାନ ପାଇଛି ତାର ଏକ ପଦ୍ୟାଂଶକୁ ମେହେରଙ୍କ କବିତାଂଶ ସହିତ ତୁଳନା କଲେ ଏହା ସହଜରେ ଅନୁମେୟ ହେବ ।

ଗୀତାଞ୍ଜଳି :—"ଏଇତ ତୋମାର ପ୍ରେମ ଓ ଗୋ ହୃଦୟ ହରଣ
ଏଇ ଯେ ପାତାୟ ଆଲୋ ନାଚେ ସୋନାର ବରଣ
ଏଇ ଯେ ମଧୁର ଅଲସ ଭରେ ମେଘ ଭେସେ ଯାୟ ଆକାଶ ପରେ
ଏଇ ଯେ ବାତାସ୍ ଦେହେ କରେ ଅମୃତ କ୍ଷରଣ" ।

ଏବଂ ମେହେରଙ୍କ ଅମୃତମୟ :—ମୁଁ ତ ଅମୃତ ସାଗର ବିନ୍ଦୁ
ନଭେ ଉଠିଥିଲି ତେଜି ସିନ୍ଧୁ
ଖସି ମିଶିଛି ଅମୃତ ଧାରେ
ଗତି କରୁଛି ସେ ଅକୂପାରେ

Digitized by PPRACHIN, SOA

ପଥେ ଶୁଖିଗଲେ ପାପ ତାପରେ
ହୋଇ ଶିଶିର ଝରିବ ଛାପରେ
ଅମୃତମୟ ଅମୃତରସ୍କୁ, ସନ୍ତତ ମିଶିବ ସାଗରେ ।"

Shellyଙ୍କ ଭାଷାରେ—Every great poet must innovate upon the example of his predecessors. ଅର୍ଥାତ ପ୍ରତି କବି ତାଙ୍କର ପୂର୍ବବର୍ତ୍ତୀ କବିମାନଙ୍କର ଲେଖା ଉପରେ ସଂସ୍କାର ଆଣନ୍ତି । ଅର୍ଥାତ୍ ରାଧାନାଥ ଯେଉଁ-ବେଳେ ପାଶ୍ଚାତ୍ୟ ସାହିତ୍ୟ ଦ୍ୱାରା ପ୍ରଭାବିତ ହୋଇଥିଲେ, ଠିକ୍ ସେହିସମୟରେ ଜାତୀୟତା ଓ ଦେଶୀୟ ସାହିତ୍ୟର ନିଜସ୍ୱ ମୌଳିକତାକୁ ଯେଉଁ ସଂସ୍କାର ଆଣିଥିଲେ କବି ଗଙ୍ଗାଧର, ମଧୁସୂଦନ, ନନ୍ଦକିଶୋର ପ୍ରଭୃତି । କିନ୍ତୁ ସେହି କବିମାନଙ୍କ ମଧ୍ୟରେ ଗଙ୍ଗାଧରଙ୍କ ବିଶେଷତ୍ୱ ସର୍ବାଦୌ ସ୍ୱୀକାର୍ଯ୍ୟ । ନିଜେ ଯୁଗସ୍ରଷ୍ଟା ରାଧାନାଥ କବି ଗଙ୍ଗାଧରଙ୍କୁ ଏକ ପତ୍ରରେ ଲେଖିଥିଲେ ଯେ—"ସ୍ୱାର୍ଥପର ସଂସାର ଚକ୍ଷୁରେ ଆପଣ ଯେତେ ସାମାନ୍ୟ ହେଲେ ହେଁ, ମୋ ଚକ୍ଷୁରେ ଆପଣଙ୍କ ମୂଲ୍ୟ କୋହିନୂର ଅପେକ୍ଷା ଅଧିକ ।" କବି ଗଙ୍ଗାଧରଙ୍କ ସୃଷ୍ଟ ସାହିତ୍ୟ ତତ୍କାଳୀନ ଉତ୍କଳ ସାହିତ୍ୟ ସମ୍ଭାରକୁ ପାଶ୍ଚାତ୍ୟ ପ୍ରଭାବରୁ ଦୂରେଇ ରଖିଥିଲା । ଏହା ରକ୍ଷଣଶୀଳତାର ନିଦର୍ଶନ ହୋଇ ନ ପାରେ । ଠିକ୍ ମହୁମାଛିପରି ସେ ପାଶ୍ଚାତ୍ୟ ସାହିତ୍ୟରୁ ମଧୁ (ଉତ୍ତମ ବିଷୟ) ସଂଗ୍ରହ କରିଥିଲେ । କେବେହେଲେ ପାଶ୍ଚାତ୍ୟ ସାହିତ୍ୟକୁ ଘୃଣା କରୁ ନ ଥିଲେ । ତେଣୁ ସେ କହିଛନ୍ତି—

ପାଇଥିଲେ ଭିନ୍ନ ବିଲାତି ପ୍ରସୂନ
ଥାଏ ଯଦି ତହିଁ କିଛି ସୌରଭ

× × ×

ମସ୍ତକେ ମୋ ଟୋପି ନ ଦେବି ବାବାରେ
ନ କାଢ଼ିବି ମୋର କରୁ କଙ୍କଣ
ସିନ୍ଦୁର ବିନ୍ଦୁ ମୋ ଲଲାଟେ ଥିବାରେ
ଚିରନ୍ତନ ମନେ ଥିବ ସ୍ମରଣ ।"

କବି ଗଙ୍ଗାଧରଙ୍କ କାବ୍ୟ ଗ୍ରନ୍ଥ ଦୃଷ୍ଟିପାତ କଲେ ତାଙ୍କର ପ୍ରକୃତି ପ୍ରୀତି ପାଠକ ବିଶେଷ ଭାବରେ ଉପଲବ୍ଧି କରିପାରିବ । ରାଧାନାଥ ଓ ଗଙ୍ଗାଧର ଉଭୟେ ପ୍ରକୃତି ବର୍ଣ୍ଣନାରେ ପାରଦର୍ଶିତା ହାସଲ କରିଛନ୍ତି । ରାଧାନାଥ ଯଥେଷ୍ଟ ଦୂରତା

Digitized by PPRACHIN, SOA

ରତ୍ନାକର ତଟିନୀର କଲତାନ, ଜ୍ୟୋତ୍ସ୍ନା ବଧୌତ ରଜନୀ, ପର୍ବତାବଳୀର ଶ୍ୟାମାୟିତ ରୂପଶ୍ରୀ ବର୍ଣ୍ଣନା କରିଛନ୍ତି । ଗଙ୍ଗାଧର ପ୍ରକୃତିକୁ ଅତି ନିକଟରୁ ଦେଖିଛନ୍ତି । 'ଭଅଁର'ର ବୀଣାବାଦନ ଠାରୁ ଆରମ୍ଭକରି କୁମ୍ଭାଟୁଆକୁ ସ୍ପଷ୍ଟ ଭାବରେ କବି ଦେଖିଛନ୍ତି । ବୃକ୍ଷ, ଲତା, ପଶୁ, ପକ୍ଷୀ ମୁଖରେ ଶବ୍ଦ କୁହାଇଛନ୍ତି । ଅନ୍ୟାୟ ବିରୋଧରେ ପ୍ରକୃତି କିପରି ସ୍ୱର ଉତ୍ତୋଳନ କରିପାରେ ତାହା କବି ଅତି ସୁନ୍ଦର ଭାବରେ ବର୍ଣ୍ଣନା କରିଛନ୍ତି । ଗଙ୍ଗାଧରଙ୍କ ଅନବଦ୍ୟ ସୃଷ୍ଟି 'ତପସ୍ୱିନୀ'ରେ ଏହା ସ୍ପଷ୍ଟ ଭାବରେ ଫୁଟି ଉଠିଛି । ସୀତାଙ୍କର ଦୁଃଖରେ ମ୍ରିୟମାଣ ହୋଇ ପ୍ରକୃତି ନିୟତି ବିରୋଧରେ ସଂଗ୍ରାମ କରିଛି । କବି ଏଠାରେ ଲେଖିଛନ୍ତି—

"କରିବାକୁ ନିୟତିର ସହିତେ ସମର
ତୃଣଶ୍ରେଣୀ ଖଡ୍ଗ କରେ ଗର୍ଜିଲା ପ୍ରଖର ।
ବାୟୁବିବଶା ତଟିନୀରକୁ ଝାଡ଼ି ବାରମ୍ବାର
ପତି କଙ୍କପତି କଲେ କି ଅବା ବାହାର" ।

ପାଶ୍ଚାତ୍ୟ କବି ଓ୍ୱାର୍ଡସ୍ୱର୍ଥଙ୍କ ପରି ପ୍ରକୃତି ମଧ୍ୟରେ ଜୀବନୀଶକ୍ତି, ମନୁଷ୍ୟ ପାଇଁ ପ୍ରକୃତିର ସମ୍ବେଦନଶୀଳତା, ଓଡ଼ିଆ ସାହିତ୍ୟରେ ପ୍ରଥମଥର ପାଇଁ ଉପଲବ୍ଧି କଲେ କବି ଗଙ୍ଗାଧର । ତେଣୁ ରାଧାନାଥ କହନ୍ତି—"ଗଙ୍ଗାଧର ଯାହା ଯେତେବେଳେ ଲେଖନ୍ତି, ପ୍ରକୃତିକୁ ସ୍ୱଚକ୍ଷୁରେ ଦେଖି ଲେଖନ୍ତି । ଏହି ହେତୁ ତାଙ୍କ ଉକ୍ତିଗୁଡ଼ିକ ଭାବପ୍ରଧାନ ନ ହୋଇ ରସ ପ୍ରଧାନ ହୋଇଛି ।" କବି କେବଳ ଯେ ପ୍ରକୃତି ବର୍ଣ୍ଣନା କରି ନିଜର ମୌଳିକତା ପ୍ରଦର୍ଶନ କରିଛନ୍ତି ତା ନୁହେଁ; କବି ଥିଲେ ଏକ ସଂସ୍କାର ପ୍ରେମୀ ମଣିଷଟିଏ । ପରାଧୀନ ଦେଶ ଉପରେ ଇଂରେଜମାନଙ୍କର ବର୍ବରୋଚିତ ଆକ୍ରମଣ ଓ ଏହାର ସୁଯୋଗ ନେଇ ହର୍ତ୍ତାକର୍ତ୍ତା ଦୈବ ବିଧାତା ବୋଲାଉଥିବା ଜମିଦାରମାନଙ୍କ ଉପରେ କବି କ୍ଷୋଭ ପ୍ରକାଶ କରି ସେହି ଜମିଦାରଙ୍କ ବିରୋଧରେ ମସୀ ରୂପକ ଅଣୀ ଚାଳନା କରିଥିଲେ । ତେଣୁ କବି ଲେଖିଥିଲେ—

"ଅଳପ ଅଳପ ଶିକ୍ଷା ଲଭି କେତେ ଜନ,
ମିଥ୍ୟା ଜାଲେ କରୁଛନ୍ତି ଅର୍ଥ ଅରଜନ ।
ମିଥ୍ୟା ଅସ୍ତ୍ର ତୀକ୍ଷ୍ଣ କରି ଅଦାଲତ ଶାଣେ,
ମାରୁଛନ୍ତି ଅଶିକ୍ଷିତ ପ୍ରଜାଙ୍କ ପ୍ରାଣେ ।
ଶାଣକାର ପରି ତହିଁ ଓକିଲ ମଣ୍ଡଳ,
ଟଙ୍କା ମୁଣି ଭରୁଛନ୍ତି ବସି ଦଳ ଦଳ ।"

Digitized by PPRACHIN, SOA

ସଂସ୍କାରବାଦୀ କବି ଏତିକରେ ସନ୍ତୁଷ୍ଟ ହୋଇ ନ ଥିଲେ । 'ତାଙ୍କୁ ମଧ୍ୟ ବୋଲିଥାନ୍ତି ଧର୍ମ ଅବତାର' କବିତାରେ ତତ୍କାଳୀନ ଶିକ୍ଷିତ ସମାଜକୁ କ୍ଷମତାର ଅପବ୍ୟବହାର ନ କରିବା ପାଇଁ ବହୁ ସ୍ଥଳରେ ନିର୍ଦ୍ଦେଶ ଦେଇଥିଲେ । ତେଣୁ ସେ ଥିଲେ ଏକ ବିପ୍ଳବାତ୍ମକ ଚିନ୍ତାଧାରାର କବି । ସେ ଦରିଦ୍ର ଥିଲେ । ଅନ୍ୟାୟ ବିରୋଧରେ ସ୍ୱର ଉତ୍ତୋଳନ କରିଥିଲେ । ମାନବ ସମାଜକୁ ଆହ୍ୱାନ ମଧ୍ୟ କରିଥିଲେ ଅନ୍ୟାୟ ବିରୋଧରେ ସ୍ୱର ଉତ୍ତୋଳନ କରିବା ପାଇଁ । ଏହାଛଡ଼ା କବିଙ୍କର ଅନ୍ୟ ଏକ ବିଶେଷତ୍ୱ ଥିଲା ଆଶୁ କବିତ୍ୱ ଓ ହାସ୍ୟରସ ପରିବେଷଣ କରିବା । ବିଜେପୁର ଜମିଦାରଙ୍କ ନିକଟରେ ହାସ୍ୟରସ ଜରିଆରେ ଆଶୁ କବିତ୍ୱର ପରିଚୟ ଦେବାକୁ ଯାଇ କହିଥିଲେ—

"ବ୍ୟଞ୍ଜନେ ବ୍ୟଞ୍ଜନେ ଯାର ବ୍ୟବହାର
ଶାଳୀ ଗାଳି ପ୍ରାୟ ଲାଗଇ ମଧୁର ।" (ଲଙ୍କାମରିଚ)

ପ୍ରକୃତରେ ମେହେରଙ୍କ ପରି ପ୍ରକୃତି ଉପାସକ, ସ୍ୱର୍ଗୀୟ ଦୃଶ୍ୟର ରୂପକାର, ଭାଷା ଭାବର ଦକ୍ଷ ବୟନ ଶିଳ୍ପୀ, ସ୍ୱାଧୀନଚେତା ଓ ଦେଶପ୍ରେମୀ କବି ଓଡ଼ିଆ ସାହିତ୍ୟରେ ବିରଳ ।

—o—

Digitized by PPRACHIN, SOA

ସଂସ୍କାରକ କବି ଗଙ୍ଗାଧର

ଶ୍ରୀ ଜୟନ୍ତ କୁମାର ମହାନ୍ତି

ଯୁଗେ ଯୁଗେ ସାହିତ୍ୟ ସମାଜର ଜାଗ୍ରତ ପ୍ରହରୀ । କାବ୍ୟ କବିତାର ସୂକ୍ଷ୍ମ କଳେବର ଭିତର ଦେଇ କବି ସମାଜ ଓ ସମୟକୁ ନିରୀକ୍ଷଣ କରେ ଓ ତାହାକୁ ଦିଏ କଳାତ୍ମକ ରୂପ । କବି ରକ୍ତ ମାଂସ ଦେହଧାରୀ ଏହି ସଂସାରର ମନୀଷୀ । ସାହିତ୍ୟର କଳେବର ଭିତରେ ସମାଜ ହୁଏ ପ୍ରତିବିମ୍ବିତ । ଏଣୁ ସାମାଜିକ ଜୀବନର ଯଥାର୍ଥ ପ୍ରତିଲିପି ହିଁ ସାହିତ୍ୟ । ଏକ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ସାହିତ୍ୟ ଚିରନ୍ତନ ମାନବିକ ଭାବ ସତ୍ତାକୁ ରୂପାୟନ କରି ହୁଏ କାଳଜୟୀ ।

ଏହି ଦୃଷ୍ଟିକୋଣରୁ ବିଚାର କଲେ ଓଡ଼ିଆ ସାହିତ୍ୟରେ ଗଙ୍ଗାଧର ମେହେର ଏକ କ୍ରାନ୍ତିକାରୀ କବି । ଓଡ଼ିଆ ସାହିତ୍ୟରେ ତାଙ୍କର ସ୍ଥାନ ନିରୂପଣ କରିବା ଆୟାସ ସାଧ୍ୟ । ପଙ୍କରୁ ଜାତ ପଦ୍ମଭଳି ଶାମୁକା ଗର୍ଭରୁ ମୁକ୍ତାର ସନ୍ଧାନ ମିଳିଲା ପରି ୧୮୬୨ ଶ୍ରାବଣ ପୂର୍ଣ୍ଣିମା ଦିନ ସମ୍ବଲପୁର ଗ୍ରାମରେ ବରପାଲିର ଏକ ତନ୍ତୁବାୟ ପରିବାରରେ ଗଙ୍ଗାଧରଙ୍କର ହୋଇଥିଲା ନବଜନ୍ମ । ପିଲାଦିନରୁ ଦାରିଦ୍ର୍ୟର କଷାଘାତ, ପାରିବାରିକ ଜଞ୍ଜାଳର ଘନଘଟା ମଧ୍ୟରେ ନିଜେ ତିଳ-ତିଳ ଦଗ୍ଧୀଭୂତ ହୋଇ ମଧ୍ୟ ତାଙ୍କ ସାରସ୍ୱତ ପ୍ରତିଭାର ହୋଇଥିଲା ବିକଚ ବିକାଶ । ଦାରିଦ୍ର୍ୟ ସହିତ ତାଙ୍କର ଜୀବନଥିଲା ନିତ୍ୟ ସଂଘର୍ଷରତ । ମାତ୍ର ପଞ୍ଚମଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷା ଲାଭ କରି ସେ ଜୀବିକା ନିର୍ବାହ ପାଇଁ ହେଲେ ମୋହରିର । ଉଚ୍ଚଶିକ୍ଷାର ସୁଯୋଗରୁ ବଞ୍ଚିତ ହେଲେ ହେଁ ଗଭୀର ଅନ୍ତର୍ଦୃଷ୍ଟି ଓ ପ୍ରଗାଢ଼ ପ୍ରଚେଷ୍ଟା ଦ୍ୱାରା ତାଙ୍କର କବିତ୍ୱ ହେଲା ବିକଶିତ । 'ରସରତ୍ନାକର' ଏହି କ୍ରାନ୍ତଦର୍ଶୀ କବି-ପ୍ରତିଭାର ଆଦ୍ୟ ପ୍ରତିଶ୍ରୁତି । ଏହାପରେ ସେ ରଚନା କଲେ 'ଇନ୍ଦୁମତୀ', 'କୀଚକ ବଧ', 'ପ୍ରଣୟ ବଲ୍ଲରୀ' ଓ 'ତପସ୍ୱିନୀ' ଆଦି କାବ୍ୟ କବିତା । ତାଙ୍କର ଅଭିନବ ଚିନ୍ତା ଓ ଚେତନା ଓଡ଼ିଆ ସାହିତ୍ୟରେ ସୃଷ୍ଟି କରିଯାଇଛି ଏକ ନବୀନ ସାରସ୍ୱତ ସାତ୍ତ୍ୱିକ ଭାବ । କବି ସମାଜର ଏକାଧାରରେ ସ୍ରଷ୍ଟା ଓ ଦ୍ରଷ୍ଟା । ତାଙ୍କର କାବ୍ୟ କବିତା ସମାଜ ଓ ଜୀବନର, ସୌନ୍ଦର୍ଯ୍ୟ ଓ ମଙ୍ଗଳର ରୂପଚିତ୍ର । କବି ଗଙ୍ଗାଧର ତାଙ୍କ କାବ୍ୟ କବିତାରେ ବୁହାଇ ଦେଇଛନ୍ତି ପବିତ୍ର ଜାହ୍ନବୀର ସ୍ରୋତ ।

ପ୍ରଥମ ପର୍ଯ୍ୟାୟରେ ମାତୃଭୂମି ମାତୃଭାଷାର ଉନ୍ନତି ସାଧନ ନିମନ୍ତେ କବି ହୃଦୟ ସର୍ବଦା ବ୍ୟାକୁଳିତ ହୋଇଉଠିଛି । କବି ଅନୁଭବ କରିଥିଲେ ମାତୃଭୂମି ଓ ମାତୃଭାଷାର ଉନ୍ନତି ନ କଲେ ଓଡ଼ିଆ ଜାତିର ଉନ୍ନତି ସମ୍ଭବ ନୁହେଁ, ତେଣୁ କବି ଯଥାର୍ଥରେ ଲେଖିଥିଲେ—

Digitized by PPRACHIN, SOA

"ମାତୃଭୂମି ମାତୃଭାଷାର ମମତା ଯା ହୃଦେ ଜନମି ନାହିଁ
ତାଙ୍କୁ ଯେବେ ଜ୍ଞାନୀ ଗଣରେ ଗଣିବା ଅଜ୍ଞାନ ରହିବେ କାହିଁ ?

ତତ୍କାଳୀନ ସମାଜର ନୈତିକ ଅଧୋପତନ ଦେଖି କବି ପ୍ରାଣ ମର୍ମାହତ ହୋଇଗଲା । ସମାଜରେ ମିଥ୍ୟା, ବ୍ୟଭିଚାର ଓ ପାପବୋଧର କରାଳଗ୍ରାସ ବିସ୍ତାର ଲାଭ କରିଥିବାରୁ କବି ସମାଜର ଶିକ୍ଷିତ ବ୍ୟକ୍ତିମାନଙ୍କୁ କ୍ଷମତା ସ୍ୱପ୍ନରେ ବୁଡ଼ି ନରହି ସୁସ୍ଥ ଶ ସନ କରିବାକୁ ଡାକରା ଦେଇଥିଲେ । କେତେକ ବ୍ୟକ୍ତି ଅଳ୍ପ ଶିକ୍ଷା ଲାଭ କରି ସାଧାରଣ ମଣିଷଙ୍କୁ ଶୋଷଣ କରୁଥାନ୍ତି । ମିଥ୍ୟାର ଆଶ୍ରୟ ନେଇ ଅଦାଲତରେ ମକଦ୍ଦମା କରି ନିରୀହ ଜନସାଧାରଣଙ୍କୁ ଶୋଷଣ କରୁଥାନ୍ତି । ତେଣୁ କବି କହିଛନ୍ତି—

'ଅଳ୍ପ ଅଳ୍ପଶିକ୍ଷା ଲଭି କେତେ ନ୍ ରଜନ,
ମିଥ୍ୟା ଜାଲେ କରୁଛନ୍ତି ଅର୍ଥ ଅରଜନ ।
ମିଥ୍ୟା ଅସ୍ତ୍ର ତୀକ୍ଷ୍ଣ କରି ଅଦାଲତ ଶାଣେ,
ମାରୁଛନ୍ତି ଅଶିକ୍ଷିତ ପରଜାଙ୍କୁ ପ୍ରାଣେ ।"

ତତ୍କାଳୀନ ବ୍ରିଟିଶ ସରକାରଙ୍କର ଉଚ୍ଚପଦସ୍ଥ କର୍ମଚାରୀମାନେ କ୍ଷମତାର ଅପବ୍ୟବହାର କରୁଥିବା ଘଟଣାକୁ କବି ନିର୍ଭୀକ ଭାବରେ କଟୁ ସମାଲୋଚନା କରିଅଛନ୍ତି । ଲୋକମୁଖରେ ଧର୍ମାବତାର ବୋଲାଉଥିବା ସେହି ଶୋଷକଗୋଷ୍ଠୀଙ୍କୁ ବିଦ୍ରୂପ କରିବା ସଙ୍ଗେ ସଙ୍ଗେ ସେମାନଙ୍କର ଜାଲିଆତି କାର୍ଯ୍ୟକଳାପର ମୁଖା ଉନ୍ମୋଚନ କରି ଦେଇଛନ୍ତି । 'ଅର୍ଘ୍ୟଥାଳୀ' କବିତା ପୁସ୍ତକରେ ସଙ୍କଳିତ "ତାଙ୍କୁ ମଧ୍ୟ ବୋଲିଥାନ୍ତି ଧର୍ମାବତାର" କବିତାରେ କବି ଲେଖିଛନ୍ତି—

"ମନ ଯାର ବ୍ୟସ୍ତ ସଦା ପରସ୍ୱ ହରଣେ,
ଧନ ଯାର ବିଦଳିତ ଗଣିକା-ଚରଣେ,
ଜୀବନ ଯା ଲକ୍ଷଲକ୍ଷ ଲୋକଙ୍କର ଭାର,
ତାଙ୍କୁ ମଧ୍ୟ ବୋଲିଥାନ୍ତି ଧର୍ମ ଅବତାର ।
ବିଦ୍ୟା ଯାର ମୋଡ଼ିଥାଏ ଧର୍ମନୀତି ମୁଣ୍ଡ,
ବୁଦ୍ଧିଯାର କରୁଥାଏ ଶତ ସତ୍ୟ ଖଣ୍ଡ ।
ଧନେ କ୍ରୀତ ହେଉଥାଏ ଯାହାର ବିଚାର
ତାଙ୍କୁ ମଧ୍ୟ ବୋଲିଥାନ୍ତି ଧର୍ମଅବତାର ।
× × ×
ଭ୍ରମଣ ଖରଚ ପାଇଁ ପାଇଥାଏ ଭତ୍ତା,
ଖାଇଥାଏ ମୋଡ଼ି ଏଣେ ଦରିଦ୍ରଙ୍କ ମଥା,
କରୁଥାଏ କ୍ଷମତାର ଅପବ୍ୟବହାର
ତାଙ୍କୁ ମଧ୍ୟ ବୋଲିଥାନ୍ତି ଧର୍ମ ଅବତାର ।

Digitized by PPRACHIN, SOA

କବି ନିଜେ ଉତ୍କଳୀୟ ସଂସ୍କୃତିରେ ଅନୁପ୍ରାଣିତ । ଓଡ଼ିଆ ଜାତିକୁ ଆତ୍ମ ପ୍ରତ୍ୟୟଶୀଳ କରିବା ପାଇଁ ସେ ଆହ୍ୱାନ ଦେଇଛନ୍ତି । ତତ୍କାଳୀନ ଗୋରା ଇଂରେଜ ସରକାରଙ୍କ ଶୋଷଣ ମନୋବୃତ୍ତିକୁ ସେ ବିରୋଧ କରିଥିଲେ । ସେ କେବେ ସେମାନଙ୍କର ଭ୍ରୂକୁଟିକୁ ଭୟ କରି ନଥିଲେ । କୁସଂସ୍କାର, ଅନ୍ୟାୟ, ଅତ୍ୟାଚାର ଓ ଅନାଚାର ବିରୋଧରେ ତାଙ୍କର ଲେଖନୀ କେବେ ଅଟକିଯାଇ ନାହିଁ । ବରଂ ତାଙ୍କ ଲେଖନୀ ସର୍ବଦା ହୋଇଛି ଖଡ୍‌ଗ ହସ୍ତ । ବରପାଲି ଜମିଦାରଙ୍କ ଦ୍ୱାରା ସେ ହୋଇଛନ୍ତି ଲାଞ୍ଛିତ । ତଥାପି ସେ ଥିଲେ ସତ୍ୟ ଓ ଧର୍ମ, ନ୍ୟାୟ ଓ ନୀତିର ପୂଜାରୀ । ସେ କହୁଥିଲେ —

ପାପ କରିବାକୁ ଡରିବ କାହିଁକି ?
ବାପ ମା ଅଛନ୍ତି ଜଗତର ପତି
କେଉଁ କଥା ତାର ନାହିଁକି ?

କବିତା : ଆତ୍ମକଥା

ଏତଦ୍‌ଭିନ୍ନ ମାତୃଭାଷାର ଚରମ ଅବନତି କବିପ୍ରାଣକୁ ଦୋହଲାଇ ଦେଇଥିଲା । ପାଶ୍ଚାତ୍ୟ ପ୍ରଭାବରେ ଅତ୍ୟଧିକ ପ୍ରଭାବିତ ହୋଇ ଯେଉଁ ଶିକ୍ଷିତ ସମାଜ ମାତୃଭାଷା ପୋଥିକୁ ଧ୍ୱଂସ କରିବାପାଇଁ ଲକ୍ଷ୍ୟାବୋଧ କରୁଥିଲେ ସେମାନଙ୍କୁ କବି ଅଧମ ବୋଲି କହିଛନ୍ତି । 'ଉତ୍କଳ ଭାରତୀଙ୍କ ଉକ୍ତି'ରେ କବି ଉତ୍କଳୀୟ ଉଦାର ଜାତୀୟତାକୁ ସ୍ପଷ୍ଟ କରି ଦେଇଛନ୍ତି । ସେ ଅନୁକରଣର ବିରୋଧୀ ନ ଥିଲେ । ଅନୁକରଣ ନାମରେ ନିଜସ୍ୱ ମୌଳିକତାକୁ ନଷ୍ଟକରି ଦେବାର ସେ ଥିଲେ ବିରୋଧୀ । ତେଣୁ ସେ ଉତ୍କଳଭାରତୀଙ୍କ ମୁଖରେ କହିଅଛନ୍ତି — .

ହୃଦବନ୍ଧୁ ମୋର କୋମଳ ବଦନ
ଅଙ୍ଗକୁ ସହିବରେ ନହେବ ପୀଡ଼ା
ଦେବ ହେଲେ ଦିଅ ଏମନ୍ତ ଭୂଷଣ
ଯାହାଦେନ ମୋର ନ ହେବ ବ୍ରୀଡ଼ା ।
ଅଙ୍ଗ ଗ୍ରହି ଦିଅ ଯୋଗ୍ୟ ପରିଚ୍ଛଦ
ପରିଚ୍ଛେଦ ଯୋଗୁ ନକାଟ ଦେହ,
କଟା ହେଲେ ହେବ ଜୀବନେ ବିପଦ
ନକର ମାତାକୁ ସେପରି ସ୍ନେହ । ·

କବି ମାତୃଭାଷା ଓ ମାତୃଭୂମିର ମଙ୍ଗଳ ଚାହୁଁଥିଲେ । ତଥାପି ସେ କହୁଥିଲେ କୃଷି ଓ ଗୋ-ଜାତିର ଉନ୍ନତି ସାଧିତ ନ ହେଲେ ଏ ଦେଶର ଉନ୍ନତି ହେବ ନାହିଁ । ଏହା ଥିଲା କବିଙ୍କର ଅଭିମତ । କୃଷିକୁ ଶିକ୍ଷିତ ଲୋକେ ହୀନ କାର୍ଯ୍ୟରୂପେ ବିବେଚନା

Digitized by PPRACHIN, SOA

କରୁଥିବାରୁ କବି ପ୍ରାଣ ବିଚଳିତ ହୋଇପଡ଼ୁଛି । କବି ଚାହୁଁଥିଲେ ଯେ ସ୍ୱାଧୀନ ଓ ଦେଶର ଉନ୍ନତ ସମ୍ବୃଦ୍ଧ ଆର୍ଥିନୀତିକ ବିକାଶ ଏକାନ୍ତ ଦରକାର । ଅର୍ଥନୀତିର ଉନ୍ନତି ସମ୍ଭବ କୃଷି ଓ ଗୋପାଳନରେ । ଗୋଜାତିର ଉନ୍ନତି ନ ହେଲେ ଏଦେଶ ଦାରିଦ୍ର୍ୟ କଷ୍ଟ ଘାତରେ ପୀଡ଼ିତ ହେବ । ତାଙ୍କର 'ଗୋ-ବିଳାପ' କବିତାରେ ଗୋଜାତିର ରକ୍ଷଣାବେକ୍ଷଣ ପାଇଁ ଆବେଗ ଜଣାଇ ଗୋ ଜାତି ମୁହଁରେ କୁହାଇଥିଲେ —

"ମୋର ଉନ୍ନତିରେ ହେବ ଉନ୍ନତ ଭୂମିର
ମୋହର ଯତନେ ସଦା ହୁଅ ତତ୍ପର ।"

ଗଙ୍ଗାଧର ଥିଲେ ସରଳ, ନିରାଡ଼ମ୍ବର, ନିର୍ଭୀକ ଓ ନିରହଂକାର । ସେ ଥିଲେ ଏ ଜାତିର ଏକାଧାରରେ ସ୍ରଷ୍ଟା, ଦ୍ରଷ୍ଟା, ସୈନିକ ଓ ଶିକ୍ଷକ । ଏ ଦେଶରୁ ଅସ୍ୱାସ୍ଥ୍ୟକର ପରମ୍ପରା, କୁସଂସ୍କାର ଓ ଅନ୍ଧବିଶ୍ୱାସକୁ ଦୂର କରିବା ପାଇଁ ସମାଜ ସଚେତକ କବି ଭାବରେ ସେ ପ୍ରେରଣା ଦେଇଥିଲେ । ସେ ଥିଲେ ସତ୍ୟ-ଶିବ-ସୁନ୍ଦରର ଉପାସକ । ସେ ସଦା ସର୍ବଦା ସେହି ପଥର ପଥିକ ହୋଇ ଅନ୍ୟମାନଙ୍କୁ ସତ୍ୟ-ନ୍ୟାୟ ପଥରେ ଚାଲିବା ପାଇଁ ଉଦ୍‌ବୋଧନ ଦେଉଥିଲେ । ଯଦିଓ ସେ ପରମ୍ପରାରୁ ବିଚ୍ୟୁତ ହୋଇ ନ ଥିଲେ ତଥାପି ତାଙ୍କୁ ପୁରାତନ ପନ୍ଥାର କବି କହିବା ଅନୁଚିତ । ତାଙ୍କ କାବ୍ୟ କବିତାର କଥାବସ୍ତୁ ପାଶ୍ଚାତ୍ୟ ଆଡ଼କୁ ଦୃଷ୍ଟି ନିକ୍ଷେପ କରି ନଥିଲା । ସେ ଥିଲେ ପ୍ରାଚୀନ ପରମ୍ପରାର ଆଦର୍ଶ ପୂଜାରୀ । ତାଙ୍କ କବିତ୍ୱର ମୌଳିକ କବି-କଳ୍ପନା ଏକ ଗୌରବମୟ ଅଭିବ୍ୟକ୍ତି । ତେଣୁ ତାଙ୍କୁ ପ୍ରାଚୀନତା ଓ ଆଧୁନିକତାର ସଂଯୋଗ-ସେତୁ କହିଲେ କିଛି ଅତ୍ୟୁକ୍ତି ହେବ ନାହିଁ । ଏହି ଦ୍ୱୟର ସମନ୍ୱୟରେ ତାଙ୍କ କାବ୍ୟ କବିତାର ଛନ୍ଦେ-ଛନ୍ଦେ ଦେଖା ଦେଇଛି ସଂସ୍କାରବାଦୀ ମନୋଭାବ ।

ପ୍ରତି ଯୁଗରେ କବି ବା ଲେଖକ ହେଉଛି ସଂସ୍କାରର ମୂଳ ଉତ୍ସ । ସେମାନଙ୍କ ନିକଟରେ ମହାଯୋଦ୍ଧାମାନେ ପରାଜୟ ବରଣ କରନ୍ତି । କବି ନିଜର କାବ୍ୟ କବିତାରେ ସମାଜ ସଂସ୍କାର ପାଇଁ ଆହ୍ୱାନ ଦିଏ । ଏକ ନୀତିନିଷ୍ଠ ପବିତ୍ର ଜୀବନ ଯାପନ ପାଇଁ ପ୍ରେରଣା ଦିଏ । ତେଣୁ କବି ଗଙ୍ଗାଧର ଶାସକ ଗୋଷ୍ଠୀ ବିରୋଧରେ ସର୍ବଦା ବିପ୍ଳବର ସ୍ୱର ଉତ୍ତୋଳନ କରିଛନ୍ତି । ଗୋରା ସାହେବମାନଙ୍କର ଅନ୍ୟାୟ, ଅନୀତି, ଅସତ୍ୟ କାର୍ଯ୍ୟ ବିରୋଧରେ ବାରମ୍ବାର ବିଦ୍ରୂପବାଣୀ ଶୁଣାଇଅଛନ୍ତି । ଏହା ମଧ୍ୟ ସାଂପ୍ରତିକ କାଳ ଶାସକଗୋଷ୍ଠୀ ପ୍ରତି ପ୍ରଚ୍ଛନ୍ନ ବ୍ୟଙ୍ଗ । ତେଣୁ ସେ ଦିବ୍ୟଦ୍ରଷ୍ଟା ଭାବେ 'ତପସ୍ୱିନୀ' କାବ୍ୟର ଦ୍ୱିତୀୟ ସର୍ଗରେ ରାମଚନ୍ଦ୍ରଙ୍କର ରାଜଧର୍ମ ସମ୍ପର୍କରେ ପ୍ରଶଂସା କରିଅଛନ୍ତି । ସେତେବେଳେ କବିଙ୍କର ସଂସ୍କାରବାଦୀ-ମନର ଏହା ଏକ ସ୍ପଷ୍ଟ ଅନୁଭୂତି । କେବଳ ଏତିକି ନୁହେଁ ତତ୍କାଳୀନ ସମାଜରେ ଜୁଆଖେଳ, ବେଶ୍ୟାସକ୍ତ, ଓ ଅତ୍ୟାଚାରୀ ରାଜାଙ୍କ ବିରୋଧରେ ସେ ବାରମ୍ବାର ସ୍ୱର ଉତ୍ତୋଳନ କରିଥିଲେ ।

Digitized by PPRACHIN, SOA

ରାଧାନାଥ ମଧ୍ୟ ଏହି ସଂସ୍କାରଧର୍ମୀ ମତବାଦକୁ ପ୍ରକାଶ କରିଥିଲେ ତାଙ୍କର କାବ୍ୟ-କବିତା ମାନଙ୍କରେ । ଏହା ଥିଲା ରକ୍ଷଣଶୀଳ ସମାଜ ପ୍ରତି କବିଙ୍କର ଆହ୍ୱାନ ।

କବି ମଧ୍ୟ ସମାଜର ନାରୀଜାତିକୁ ସମ୍ମାନ ଦେବାପାଇଁ ଦେଇଛନ୍ତି ଉଦ୍‌ବୋଧନ । କନ୍ୟାର ଭବିଷ୍ୟତ ପିତାମାତାଙ୍କର ନିୟନ୍ତ୍ରଣାଧୀନ ହେବା ଅନୁଚିତ । କନ୍ୟାର ଜୀବନକୁ କେତେକ ପିତା-ମାତା ଦୁଃଖର ଘନଘଟା ମଧ୍ୟରେ ବାରମ୍ବାର ନିର୍ଯ୍ୟାତିତ କରିଅଛନ୍ତି । ତେଣୁ ତତ୍କାଳୀନ ସମାଜରେ ବାଲ୍ୟ ବିବାହ ପ୍ରଥା ତଥା ପିତାମାତାଙ୍କର ଇଚ୍ଛାନୁଯାୟୀ ବିବାହକୁ ବିରୋଧ କରିଛନ୍ତି । ଏଣୁ 'ପ୍ରଣୟ ବଲ୍ଲରୀ'ରେ ଶକୁନ୍ତଳା ଦୁଷ୍ମନ୍ତଙ୍କର ଗାନ୍ଧର୍ବ ବିବାହକୁ ସୁଗମ୍ଭୀରଭାବେ ସମର୍ଥନ କରି ସେ ଲେଖିଛନ୍ତି—

ବୋଲିବୁ ଅବା ତୁ ବାଳିକାର ମନ
ଅଧୀନ ଅଟେ ପିତାର
ବାଳିକା ନୁହେଁ ସେ ଯୁବତୀ ତା ମନ
ନାହିଁ ପିତୃ ଅଧିକାର ।"

ସେହି ନିର୍ଭୀକ ଜାତୀୟତାବାଦୀ କବି ଗଙ୍ଗାଧର ସମାଜରେ ଚଳିଥିବା ଅନ୍ୟାୟ, ଅତ୍ୟାଚାର, ଅଧର୍ମ, ଅଶିକ୍ଷା ବିରୋଧରେ ଯେପରି ସ୍ୱର ଉତ୍ତୋଳନ କରିଥିଲେ ତାହା ଏକାନ୍ତ ପ୍ରଣିଧାନଯୋଗ୍ୟ । ନିଜେ ଦାରିଦ୍ର୍ୟର କଷାଘାତରେ ଥାଇ ମଧ୍ୟ ସେ ତାଙ୍କ ଆଦର୍ଶରୁ ଓହରି ଯାଇ ନ ଥିଲେ । ତତ୍କାଳୀନ କୁସଂସ୍କାର ପୂର୍ଣ୍ଣ ସମାଜର ସଂସ୍କାର ଆଣିବା ଥିଲା ତାଙ୍କ କାବ୍ୟ ସାଧନାର ମୂଳ ଲକ୍ଷ୍ୟ । ଇଂରେଜ ସରକାରର କରାଳ ବାହୁ ଗ୍ରାସ ତଳେ ନିଜେ ତିଳ-ତିଳ ଦଗଧ ହୋଇଥିଲେ ମଧ୍ୟ ସେ ଥିଲେ ଓଡ଼ିଆ ଜାତିର ନିର୍ଭୀକ ପ୍ରହରୀ । ଉତ୍କଳର ଘୃତ ଦୀପରେ ନିଜେ ସେ ସଳିତା ପରି ଜଳି-ଜଳି ଏ ଜାତିକୁ ନୂତନ ଆଲୋକ ଦେବା ସଙ୍ଗେ ସଙ୍ଗେ ସମାଜ ସଂସ୍କାର ପାଇଁ ଉଚିତ ମାର୍ଗ ପ୍ରଦର୍ଶନ କରିଯାଇଛନ୍ତି ।

—o—

Digitized by PPRACHIN, SOA

ଗଙ୍ଗାଧରଙ୍କ ସାହିତ୍ୟରେ ଚରିତ୍ର ଚିତ୍ରଣ

ଅକ୍ଷୟ କୁମାର ସାହୁ

ପ୍ରାଚୀନତାରେ ନବୀନତା ଏବଂ ଅଦ୍ଭୁତରେ ମୌଳିକତା ପ୍ରଦର୍ଶନ କରିବା ହିଁ ସ୍ୱଭାବ କବି ରଙ୍ଗାଜୀବ ଗଙ୍ଗାଧରଙ୍କ ପ୍ରତିଭାର ବୈଶିଷ୍ଟ୍ୟ । ମେହେର ପୁରାତନ ଓ ଆଧୁନିକ ଯୁଗ ସାହିତ୍ୟର ସେତୁବନ୍ଧ । ଗଙ୍ଗାଧରଙ୍କ କାବ୍ୟରେ ମାନସ ସନ୍ତାନରେ ସ୍ଥାନିତ ହୋଇଥିବା ଚରିତ୍ରଗୁଡ଼ିକ ତାଙ୍କ ହୃଦୟର ନିଭୃତ କୋଣରୁ ଆବିର୍ଭୂତ ହୋଇଅଛନ୍ତି । କବି ନିଜେ ଯେପରି ଗୁଣଗ୍ରାହୀ ଥିଲେ ଓ ନୀତିଶାସ୍ତ୍ର ପ୍ରତି ଉନ୍ମୁଖ ଥିଲେ ସେହିପରି ତାଙ୍କ ସୃଷ୍ଟ ଚରିତ୍ର ଗୁଡ଼ିକ ଆଦର୍ଶବାଦର ବହ୍ନିରେ ପ୍ରଜ୍ଜ୍ୱଳିତ । ଈଶ୍ୱର ଭକ୍ତି, ସତ୍ୟ ଓ ସନ୍ତୋଷ, ଉଦାରତା ଓ ସାଧୁତା, ଦୟା ଓ ତିତିକ୍ଷା ପ୍ରଭୃତି ସଦ୍‌ଗୁଣ ଗଙ୍ଗାଧରଙ୍କ ଚରିତ୍ରର ଭୂଷଣ ଥିଲା । କବିଙ୍କର ପ୍ରତ୍ୟେକ କାବ୍ୟ ଓ କବିତାରେ ପ୍ରତ୍ୟକ୍ଷରେ ହେଉ ବା ପରୋକ୍ଷରେ ହେଉ ନୀତି ଓ ଆଦର୍ଶର ସମ୍ୟକ ଆଭାସ ନିର୍ଦ୍ଧିତ ଭାବେ ଦେଖିବାକୁ ମିଳେ । ତେଣୁ ତାଙ୍କ କାବ୍ୟ ରାଜିରେ ପ୍ରତିଫଳିତ ପାତ୍ରପାତ୍ରୀମାନେ ନୀତିବାଦର ବିଜୟ ପତାକା ଉଡ଼ାଇଛନ୍ତି । ଚରିତ୍ରର ମାନସିକ ସଂଘାତ ଓ ଅନ୍ତର୍ଦ୍ୱନ୍ଦ୍ୱ ଦ୍ୱାରା କଥାବସ୍ତୁକୁ ଗତିଶୀଳ କରାଇଛନ୍ତି । ଯାହା ଫଳରେ ପ୍ରତ୍ୟେକ ପାଠକ ହୃଦୟରେ ବିଭିନ୍ନ ରସଧ୍ୱନି ଅନୁରଞ୍ଜିତ ହୋଇଛି । ଅନିତ୍ୟ ମଧ୍ୟରେ ଜୀବନ ଶାଶ୍ୱତ ଜିଜ୍ଞାସା ପ୍ରକାଶ କରିବା ହିଁ କବିର ଲକ୍ଷ୍ୟ । ଗଙ୍ଗାଧରଙ୍କ ଚିତ୍ରଶାଳାରେ ପ୍ରତିଷ୍ଠିତ ଚିତ୍ରାବଳୀ ଗୁଡ଼ିକୁ ସୂକ୍ଷ୍ମ ଅନୁଧ୍ୟାନ କଲେ ଜଣାଯାଏ କାଳିଦାସ, ଭାରବି, ମାଘ ପ୍ରଭୃତି ବିଭିନ୍ନ ପ୍ରାଚ୍ୟ କବିଙ୍କର ସୃଷ୍ଟ ପୌରାଣିକ ଓ ଐତିହାସିକ ଚରିତ୍ରକୁ ସେ ସଂଗ୍ରହ କରିଛନ୍ତି । ପୁରାତନ ଭିତରେ ନୂତନତ୍ୱର ମନ୍ତ୍ର ସଞ୍ଚାରଣ କରି ପାରମ୍ପରିକ ମହାକାବ୍ୟ ସମୂହକୁ ପୁନର୍ଜୀବିତ କରିଛନ୍ତି । ଗଙ୍ଗାଧରଙ୍କ ଦ୍ୱାରା ସୃଷ୍ଟ ଚରିତ୍ର ଗୁଡ଼ିକ ଧର୍ମାନୁମୋଦିତ ଓ ପରମ୍ପରା ସ୍ୱୀକୃତ । ଗଙ୍ଗାଧରଙ୍କ ଚରିତ୍ରର ଚିତ୍ରଶାଳା ମଧ୍ୟରେ ଜଣେ ପାଠକ ପ୍ରବେଶ କଲେ ରାଧାନାଥଙ୍କ କୌଶଲ୍ୟା, ଗୌରୀ, ଚନ୍ଦ୍ରଭାଗା, ପାର୍ବତୀ, ଉଷା ପରିବର୍ତ୍ତେ ସତୀସୀତା, ପଦ୍ମିନୀ, କୌଶଲ୍ୟା, ଅହଲ୍ୟା, ଇନ୍ଦୁମତୀ, ଶକୁନ୍ତଳା ପ୍ରଭୃତି ନାରୀ ଚରିତ୍ରମାନଙ୍କୁ ସାକ୍ଷାତ କରିଥାଏ । ସେହିପରି ପୁରୁଷ ଚରିତ୍ର କ୍ଷେତ୍ରରେ ରାଧାନାଥଙ୍କ କେଦାର, ଯଯାତି, ଶୈଳଗଙ୍ଗ, ଗଙ୍ଗେଶ୍ୱର ଚରିତ୍ର ପରିବର୍ତ୍ତେ ରାମଚନ୍ଦ୍ର, କୀଚକ, ଦୁଷ୍ମନ୍ତ, ବିଦୁର, ପାଣ୍ଡବ, ଅଜ ପ୍ରଭୃତି ଚରିତ୍ରଙ୍କୁ ସାକ୍ଷାତ କରେ । ପ୍ରତ୍ୟେକ ଚରିତ୍ର ମଧ୍ୟରେ ପ୍ରେମ, ସ୍ନେହ, ତିତିକ୍ଷାର ମଧୁମୟ ରୂପାୟନ ମଧ୍ୟ ଦେଇ ଏକ ଅତୀନ୍ଦ୍ରିୟ ଜଗତର ଅମୃତୋପମ ଦିବ୍ୟ ରସ ଉକୁଟି ଉଠିଛି ।

Digitized by PPRACHIN, SOA

କବି ଗଙ୍ଗାଧର 'ତପସ୍ୱିନୀ'ରେ ବାଲ୍ମୀକି ଚରିତକୁ ପିତୃସୁଲଭ ଗୁଣାବଳୀରେ ପରିପୁଷ୍ଟ କରି ମହନୀୟତା ପ୍ରକଟ କରିଛନ୍ତି । ନିର୍ବାସିତା ସୀତାଙ୍କୁ ପିତୃତୁଲ୍ୟ ମମତା ଦେଇ କୋଳାପ୍ରିତ କରିଛନ୍ତି ଏବଂ ଆଶ୍ୱାସନା ବାଣୀ ପ୍ରଦାନ କରି କହିଛନ୍ତି—

"ଶ୍ୱଶୁର ତୋ ମୋର ସୁହୃଦ ସେହିପରି ତୋ ପିତା,
ଅସଙ୍କୋଚେ ରହି ଆଶ୍ରମେ ମଣି ସଂସାର ପିତା ।
ମୋ ଆଶ୍ରମେ ତୋର ନ ଥିବ କଉଣସି ଭାବନା,
ଜନମିବ ଯେଉଁ ସନ୍ତାନ ତାର ପାଇଁ ଭାବନା ।"

ଉକ୍ତ ଉଦ୍ଧୃତାଂଶରୁ ବାଲ୍ମୀକିଙ୍କର ପିତୃସୁଲଭ ହୃଦୟର ପରିଚୟ ମିଳେ । ସେହିପରି ରାମଚନ୍ଦ୍ରଙ୍କ ଚରିତକୁ କର୍ତ୍ତବ୍ୟ ଦ୍ୱନ୍ଦ୍ୱ-ପୀଡ଼ିତ ଏକ ଚରିତ୍ର ରୂପେ କବି ତପସ୍ୱିନୀରେ ପ୍ରକାଶ କରିଛନ୍ତି । ଏଠାରେ ରାମଚନ୍ଦ୍ର କେବଳ ରାଜା ରୂପେ ପରିଚିତ; କିନ୍ତୁ "ଉତ୍ତର ରାମଚରିତ"ରେ ରାମଚନ୍ଦ୍ର ଏକାଧାରରେ ପିତା, ରାଜା, ପତି ରୂପେ ଚିତ୍ରିତ ହୋଇଛନ୍ତି । କବିଙ୍କ ହସ୍ତରେ ନମିତ ରାମ ଚରିତ୍ରକୁ ଦେବତ୍ୱ ଉପରେ ଯେତେ ଗୁରୁତ୍ୱ ଆରୋପ କରିନାହିଁ ମାନବତ୍ୱ ଉପରେ ତତୋଽଧିକ ଗୁରୁତ୍ୱ ଦେଇଛନ୍ତି । ସାଧାରଣ ମାନବର ଗୁଣାବଳୀ ତାଙ୍କ ନିକଟରେ ଲୁପ୍ତ ରହିପାରି ନାହିଁ । ଅବଶ୍ୟ ଆଦର୍ଶ ଚରିତ୍ର ଭାବରେ କବିତା ରାଜ୍ୟରେ ବହୁତ ସମ୍ମାନ ଅଛି । ରାମଚନ୍ଦ୍ରଙ୍କ ଜରିଆରେ ରାଜଧର୍ମର ପରାକାଷ୍ଠା ପ୍ରଦର୍ଶନ କରିଛନ୍ତି । ଆଦର୍ଶ ରାଜଧର୍ମ ରକ୍ଷା କରିବାକୁ ହେଲେ ସମୟେ ସମୟେ ନିଜ ସ୍ୱାର୍ଥ ପରିତ୍ୟାଗ କରିବାକୁ ହୋଇଥାଏ । ଏହି ଗୁଣରେ ବଶବର୍ତ୍ତୀ ହୋଇ ରାମଚନ୍ଦ୍ର ସୀତାଙ୍କୁ ବିନା ଅପରାଧରେ ଦଣ୍ଡ ଦେଇଛନ୍ତି । ରାମଚନ୍ଦ୍ରଙ୍କ ପ୍ରଜାନୁରଞ୍ଜନ ଧର୍ମୀ ଶାସନର ଜୟଗାଥା ସମ୍ପର୍କରେ କବି ଗାଇଛନ୍ତି—

"ହ୍ରଦ ପଛେ ଜଳେ ବିଦ୍ୟୁତ ଅନଳେ ଜଳଦାନେ ଘନବାଧ୍ୟ,
ସୁଖ ତେଜି ରାଜା ତୋଷିବ ପରଜା ତେବେ ସେ ପରମାରାଧ୍ୟ ।"

ଲବକୁଶ ଚରିତ୍ରର ଆଚରଣ ମଧ୍ୟରେ ଚିରନ୍ତନ ଶିଶୁ ଚରିତ୍ରର ଯେଉଁ ଚିତ୍ର ଦେଇଛନ୍ତି ତାହା ଉପାଦେୟ ହେବା ସହିତ ଚିତ୍ତସ୍ପର୍ଶୀ ହୋଇପାରିଛି । ଲବ କୁଶଙ୍କର ନୟନାଭିରାମ ଶୈଶବଲୀଳା ଚିତ୍ର ଅଙ୍କନ କରିବାକୁ ଯାଇ କବି ଅଧୀର ହୋଇ ଲେଖିଛନ୍ତି —

"କେତେବେଳେ କରେ ମୃତ୍ତିକା ଧରି, ଦାଅନ୍ତ ରସନା ପଙ୍କିଳ କରି ।
ମାତା ଧାଇଁଲେ ସୁନ୍ଦର ଫଳ ଫିଙ୍ଗନ୍ତି ହଲାଇ ମୁଖ ମଣ୍ଡଳ ।

Digitized by PPRACHIN, SOA

ମୁଗ୍ଧରୁ ବର୍ଣ୍ଣି କୁନ୍ତଳ ଚଳି
ଦଂଶେ ଯେହ୍ନେ କୃଷ୍ଣ କୀଳିତ ଅଳି ।"

କବିଙ୍କର 'ପ୍ରଣୟ ବଲ୍ଲରୀ'ରେ ଚିତ୍ରିତ ଦୁଷ୍ମନ୍ତ ଚରିତ୍ର ଏକ ଅନବଦ୍ୟ ସୃଷ୍ଟି । ଏହି ଚରିତ୍ର ସୃଷ୍ଟିରେ କାଳିଦାସଙ୍କ ପ୍ରେରଣା ଓ ଋଣ ଅନସ୍ଵୀକାର୍ଯ୍ୟ । ଦୁଷ୍ମନ୍ତ ଚରିତ୍ରକୁ କଳ୍ପନାର ପୁଟ ଦେଇ କୁଶଳୀ ପ୍ରେମିକ ରୂପେ ଅବତାର୍ଣ୍ଣ କରାଇଛନ୍ତି । ଶକୁନ୍ତଳା ସହିତ ପରିଚୟ, ପ୍ରଣୟ ଓ ବିଚ୍ଛେଦ, ପୁନର୍ବାର ମିଳନର ମର୍ମସ୍ପର୍ଶୀ ଚିତ୍ର ଦେଇ ବେଶ୍ ଆକର୍ଷଣୀୟ କରି ପାରିଛନ୍ତି । କୁଶଳୀ ପ୍ରେମିକ ବ୍ୟତୀତ ଜଣେ ସୁ ଶାସକ ଭାବେ ଖ୍ୟାତି ଅର୍ଜନ କରିଥିଲେ । ସମ୍ପୂର୍ଣ୍ଣ କାବ୍ୟଟି କରୁଣ ଓ ଶୃଙ୍ଗାର ରସ ବ୍ୟତୀତ ଅନ୍ୟାନ୍ୟ ରସରେ ମଧ୍ୟ ରସୋତ୍ତୀର୍ଣ୍ଣ । ଏତଦ୍ ବ୍ୟତୀତ ତପ ଶ୍ରେଷ୍ଠ କଣ୍ଵ ମୁନି ବାଲ୍ମୀକିଙ୍କ ତୁଲ୍ୟ ସନ୍ତାନ ବତ୍ସଳ ଅଟନ୍ତି । କନ୍ୟାର ବିଚ୍ଛେଦ ଜନିତ ଆତୁର ପିତୃ ହୃଦୟର ଆଲେଖ୍ୟ ଦେଇଛନ୍ତି —

"ହୃଦ ଆନ୍ଦୋଳନେ ନୟନ ଯୁଗଳେ
ଜଳ ହେଲା ଛଳ ଛଳ
ବିକମ୍ପିତ ସ୍ୱରେ ସ୍ୱତଃ ଆସିଥାଏ
ଜଳଦ...ଜଳକୁ ଦଳ ।"

ସେହିପରି 'କୀଚକ ବଧ' କାବ୍ୟରେ କୀଚକକୁ ଏକ କାମାନ୍ଧ ଚରିତ୍ର ରୂପେ ଚିତ୍ରଣ କରିଛନ୍ତି କବି ।

ପୁରୁଷ ଚରିତ୍ର ବ୍ୟତୀତ ନାରୀ ଚରିତ୍ର ଚିତ୍ରଣରେ କବିଙ୍କ ସିଦ୍ଧହସ୍ତତା ଲକ୍ଷ୍ୟ କରାଯାଏ । 'ତପସ୍ଵିନୀ'ରେ ସୀତାଙ୍କ ଚରିତ୍ରର ଚିତ୍ରଣ ସମୟରେ ପାଠକ କବିଙ୍କ କୃତିତ୍ୱକୁ ସ୍ପଷ୍ଟ ଭାବେ ଧାରଣ କରିପାରେ । କବି ସତୀ ସୀତାଙ୍କଠାରେ ଦେବତ୍ୱ ଆରୋପ କରି ନାହାନ୍ତି । ବରଂ ତାଙ୍କୁ ମାନବୀୟିତ କରି ପାଠକ ମୁଖରୁ ପ୍ରଶଂସାର ବାଣୀ ଶୁଣିଛନ୍ତି । ସାଧାରଣ ନାରୀପରି ସୀତାଙ୍କଠାରେ ଈର୍ଷା, ଅଭିମାନ, କ୍ରୋଧ, ସଂଶୟ ରୂପାୟନ କରିଛନ୍ତି । ରାମଚନ୍ଦ୍ର ଯଜ୍ଞ କର୍ମ ପାଇଁ ପ୍ରସ୍ତୁତ କରନ୍ତେ ସୀତାଙ୍କ ମନରେ ସଂଶୟ ଜାତ ହୋଇଛି । ସୀତା ଭାବିଲେ ରାମଚନ୍ଦ୍ର ଦ୍ୱିତୀୟ ବିବାହ କରିଛନ୍ତି । ତେଣୁ ଅଭିମାନ ପୂର୍ଣ୍ଣ ପତ୍ରଟିଏ ଲେଖିଛନ୍ତି ସ୍ୱାମୀଙ୍କ ନିକଟକୁ । କିନ୍ତୁ ପୁତ୍ର କୁଶ ଯେତେବେଳେ କହୁଛି—

"ଥିଲି କି ଜନନୀ ତାଙ୍କୁ ଦଇତା ଅଗ୍ରବ
ଅନ୍ୟ ଜାୟା ନ ବରିଲେ ଜାନକୀ ବଲ୍ଲଭ ।"

ଏହା ଶୁଣି ସୀତା ଲଜ୍ଜିତା ହୋଇ ପତ୍ରଟି ଚିରି ଦେଇଛନ୍ତି । ଏଥିରୁ ସୀତାଙ୍କର ମାନବୀୟିତ ଗୁଣ ପରିଦୃଷ୍ଟ ହୁଏ । ପୁତ୍ର ପ୍ରତି ସ୍ନେହ ଓ ସ୍ୱାମୀ ପ୍ରତି ଭକ୍ତି ପ୍ରଦର୍ଶନ କରି

Digitized by PPRACHIN, SOA

ସୁ-ଗୃହିଣୀ ହେବାର ଯୋଗ୍ୟତା ହାସଲ କରିଛି । ଦାରୁଣ ଦୁର୍ବିପାକ ଭିତରେ ସେ ନିର୍ଯ୍ୟାତିତା ହୋଇଥିଲେ ମଧ୍ୟ ଭାଗ୍ୟବାଦିନୀ ହୋଇ ଅଯଥା ପର ଦେବତାଙ୍କୁ ଦୋଷାରୋପ ନକରି ନିୟତି ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରିଛନ୍ତି । ପୁଣି ସଖୀଙ୍କ ମେଳରେ ତାମସା ଛଳରେ ସମୟ ଅତିବାହିତ କରିବା ସମୟରେ ନିଜର ସମ୍ଭ୍ରମତା, ଶାଳୀନତା ଓ ମର୍ଯ୍ୟାଦାବୋଧର ପରିଚୟ ଦେଇଛନ୍ତି । ରାଜଐଶ୍ୱର୍ଯ୍ୟ କୋଳରେ ଲାଳିତା ପାଳିତା ହୋଇଥିଲେ ମଧ୍ୟ ସମସ୍ତ କଷ୍ଟକୁ ସେ ବିନା ଦ୍ୱିଧାରେ ସହ୍ୟ କରିଛନ୍ତି । ସେଥିପାଇଁ ଅନୁକମ୍ପା କହୁଛନ୍ତି —

"ଦଇବ ସ୍ୱଭାବେ ତୁ ତପସ୍ୱିନୀ । ଦର୍ଶନ ମାତ୍ରକେ ପାରୁଛୁ ଜାଣି ।
ପବିତ୍ର ପ୍ରାଣ ତୋ ଅତି କୋମଳ, । ଘୋର ତପସ୍ୟାର ଦୁର୍ଲ୍ଲଭ ଫଳ ।"

ଏତଦ୍ ବ୍ୟତୀତ ନାରୀ ସୁଲଭ ଭଲ ପାଇବା ଦୁର୍ବଳତାକୁ ସୀତା ଅସ୍ୱୀକାର କରିପାରି ନାହାନ୍ତି । ଆଶ୍ରମରେ ବୃକ୍ଷଲତାଙ୍କର ପତ୍ରର ଲାବଣ୍ୟରୁ ହୃଦସ୍ଥ ଦେବତା ରାମଚନ୍ଦ୍ରଙ୍କ ରୂପ ଦେଖିଛନ୍ତି । ଅନୁକମ୍ପା ଚରିତ୍ର ଅନ୍ତରାଳରେ ମାତୃସୁଲଭ ସ୍ନେହ, ମମତା ପ୍ରକଟିତ ହୋଇଛି । ତାଙ୍କ ବାତ୍ସଲ୍ୟ ମମତାରେ ସୀତାଙ୍କ ହୃଦସ୍ଥ ତନ୍ତ୍ରୀ ଅନୁରଣିତ ହୋଇଛି । ମମତାମୟୀ ମା'ଆର ଚିତ୍ର ଦେବାକୁ ଯାଇ କବି କହୁଛନ୍ତି —

"ଖାଆ ମା ଖାଆ ମା ମୋ ଘରେ ତୋର କି ଅଛି ଲାଜ
ଚାହିଁ ରହିଛନ୍ତି ତୋତେ ତୋ ଏହି ସଖୀ ସମାଜ ।"

କେବଳ ଆଦର୍ଶ ଚରିତ୍ର ନୁହେଁ । କାମୁକ, ଚତୁର, କୁଟନୀତିରେ ଧୁରନ୍ଧର ଚରିତ୍ର ମଧ୍ୟ କବି ସୃଷ୍ଟି କରି ତାଙ୍କ କବି ପ୍ରତିଭାକୁ ସ୍ପଷ୍ଟ କରିଛନ୍ତି । ଏହିଭଳି ଚରିତ୍ରଗୁଡ଼ିକ କବିଙ୍କର ସମ୍ପୂର୍ଣ୍ଣ ନିଜସ୍ୱ ଓ ଅଭିନବ ସୃଷ୍ଟି । ଗଙ୍ଗାଧରଙ୍କ ଏହି ଶ୍ରେଣୀର ଚରିତ୍ର ମାନଙ୍କ ମଧ୍ୟରୁ ଦୂତୀ ଚପଳା ଚରିତ୍ର ଅନ୍ୟତମ । ଏହି ଚରିତ୍ରଟି ବେଶ୍ ନାଟକୀୟ ଓ ତାତ୍ପର୍ଯ୍ୟ ପୂର୍ଣ୍ଣ ହୋଇଛି ।

"ଯାଉଛି ରସିକ ସୁନ୍ଦରୀ ମଣିଙ୍କ ଛଳେ ବଳେ କଉଶଳେ
ବାନ୍ଧି ରଖିଦେବି ପ୍ରେମର ଫାଶରେ ଗ୍ରାମୁଙ୍କ ଚରଣ ତଳେ ।
କିନ୍ତୁ ଏ ପ୍ରସଙ୍ଗ ଲବ ମାତ୍ର ଜାଣି ନ ପାରିବେ ସାଆନ୍ତାଣୀ,
ତାଙ୍କ କର୍ଣ୍ଣେ ଏହା ପଡ଼ିଲେ ମୋହର ଉଠିଯିବ ଦାନା ପାଣି ।"

ଏହି ଶ୍ରେଣୀର ଚରିତ୍ର ଗୁଡ଼ିକ ପାପକର୍ମର ଅନୁସାରିଣୀ, ନଷ୍ଟ ସ୍ୱଭାବା ନାରୀ ଓ କ୍ରୂର ଭାବେ ପାଠକ ସମ୍ମୁଖରେ ଉପସ୍ଥାପିତ ହୋଇ କାବ୍ୟର ଗତି ପଥକୁ ନଦୀର କଳକଳ ନାଦରେ ବୁହାଇ ନେଇ ଯାଇ ସମୁଦ୍ରରେ ମିଶାଇ କାବ୍ୟର ଯବନିକା ଟାଣି

Digitized by PPRACHIN, SOA

ପାରନ୍ତି । ଅବଶ୍ୟ ଏମାନେ ସମାଜର ଉପେକ୍ଷିତ ଶ୍ରେଣୀର ଅଟନ୍ତି; ଅଥଚ କର୍ତ୍ତବ୍ୟ ପରାୟଣା । ଶକୁନ୍ତଳା ଚରିତ୍ରଟି କବିଙ୍କର ବିନମ୍ର ସ୍ୱୀକୃତ । ଏହି ଆତ୍ମସ୍ୱୀକୃତ ତାଙ୍କର କେତେକ କାବ୍ୟିକ ତ୍ରୁଟିପାଇଁ ପାଠକକୁ ସହାନୁଭୂତିଶୀଳ କରିଥାଏ । ଦୃଷ୍ଟାନ୍ତ ସ୍ୱରୂପ ଗଙ୍ଗାଧରଙ୍କ ତନ୍ନସ୍ୱୀ ପ୍ରଣୟିନୀ ଶକୁନ୍ତଳା ଚରିତ୍ର କାଳିଦାସଙ୍କଠାରୁ ଅଧିକ ବର୍ଣ୍ଣିତ ହୋଇଛି; କିନ୍ତୁ କାଳିଦାସଙ୍କ ନିର୍ମିତ ଶକୁନ୍ତଳା ଚରିତ୍ରରେ ଯେଉଁ ପରିପୂର୍ଣ୍ଣତା ଅଛି ଗଙ୍ଗାଧର ପୂର୍ଣ୍ଣ ମାତ୍ରାରେ ତାହାକୁ ପ୍ରତିଷ୍ଠିତ କରିପାରି ନାହାନ୍ତି । ଦୁଷ୍ମନ୍ତ ଓ ଶକୁନ୍ତଳାଙ୍କ ମିଳନ ମୁହୂର୍ତ୍ତରେ ଶକୁନ୍ତଳା ତାର ଅତୀତର ଆଶ୍ରମିକ ପରିବେଶ ଓ ପିତୃ ମାତୃ-ସ୍ନେହାଧାର ସ୍ୱରୂପ ପାଳକ ପିତା କଣ୍ୱ ହୃଦୟକୁ ସମ୍ପୂର୍ଣ୍ଣ ବିସ୍ମୃତ ହୋଇଯାଇଛନ୍ତି ।

"ପାଟରାଣୀ ହେଲେ ଶକୁନ୍ତଳା ତାଙ୍କ
ପୁତ୍ର ହେଲେ ପାଟ ରଜା
ଦିଗ ଦିଗନ୍ତରେ ବାଜିଗଲା ରାଜା-
ରାଣୀଙ୍କ ସୁଯଶ ବାଜା ।"

ଏହାର ଅର୍ଥ ନୁହେଁ ଶକୁନ୍ତଳା ଚରିତ୍ର ନିକୃଷ୍ଟ । ଏହି ଚରିତ୍ରଟି ପ୍ରେମର ଉତ୍ତାଳ ତରଙ୍ଗରେ ବାରମ୍ବାର ସ୍ନାନ କରି ନିଜକୁ ପ୍ରେମ ରାଜ୍ୟର ସାମ୍ରାଜ୍ଞୀ ହେବାର ସୁଯୋଗ ଲାଭ କରିଛନ୍ତି । ସେହିପରି ଇନ୍ଦୁମତୀ ଚରିତ୍ର ଚିତ୍ରଣ ଅବସରରେ ସକଳ ରୂପୈଶ୍ୱର୍ଯ୍ୟକୁ କବି ସ୍ଥାନ ଦେଇଛନ୍ତି । ମନୋଜ୍ଞ କଳ୍ପନା ବିଳାସର ଅଭାବ ମଧ୍ୟ ପରିଲକ୍ଷିତ ହୁଏ ନାହିଁ । ମାତ୍ର କାଳିଦାସଙ୍କ ସୃଷ୍ଟ ଇନ୍ଦୁମତୀ ଓ ଅଜଙ୍କ ପ୍ରେମର ସୂକ୍ଷ୍ମତା, ଗମ୍ଭୀରତା ଓ ଜୀବନ ମୃତ୍ୟୁର ରହସ୍ୟବୋଧ ପରି, ଗଙ୍ଗାଧର ସୃଷ୍ଟ ଅଜ ଓ ଇନ୍ଦୁମତୀ ଚରିତ୍ରରେ ନାହିଁ । ସେହିପରି ପଦ୍ମିନୀ ଚରିତ୍ରକୁ ବିଶ୍ଳେଷଣ କଲେ ଜଣାପଡ଼େ ତତ୍କାଳୀନ ସମାଜର ଦୁରବସ୍ଥା । ଉକ୍ତ ଚରିତ୍ର ଦ୍ୱାରା କବି ତତ୍କାଳୀନ ଶାସକଙ୍କ ଅରାଜକତା ଓ ବିଦେଶୀ ଶାସନ ପ୍ରତି ଘୃଣା ଭାବ ପ୍ରକାଶ କରିଛନ୍ତି । ପଦ୍ମିନୀ ଅପରୂପ ସମ୍ଭାରରେ ସଜ୍ଜିତ ହୋଇ ରମ୍ଭା, ମେନକା ପରି ରାଜ୍ୟର ସାମ୍ରାଜ୍ଞୀ ହେବାର ସୁଯୋଗ ଲାଭ କରିଛି । ପଦ୍ମିନୀ ଚରିତ୍ରକୁ ଭିତ୍ତିକରି ସଂଘର୍ଷର ସୂତ୍ରପାତ ହୋଇଥିଲା । ଆଲ୍ଲାଉଦ୍ଦିନ ତାଙ୍କ ରୂପ ଲାବଣ୍ୟରେ ବିଭୋର ହୋଇ କଠୋର ଆକ୍ରମଣ କରି ବିଜୟ ଅସମ୍ଭବ ମନେକରି ଆତ୍ମଗ୍ଳାନିରେ ଚିତ୍କାର କରିଉଠିଛି—

"ବୋଲୁଛି ନ ହେଲା ଲାଭ ରାଣୀ ରତନ
ଧିକ ମୋ ସମ୍ରାଟ ପଣ ଧିକ ମୋ ଜୀବନ ।"

ଏତଦ୍‌ବ୍ୟତୀତ ଅନେକ ଟାଇପ ଚରିତ୍ର ତାଙ୍କ କାବ୍ୟରେ ପରିଦୃଷ୍ଟ ହୋଇଥାଏ । କିନ୍ତୁ ସମସ୍ତ ଚରିତ୍ର ବିଶ୍ଳେଷଣ କରିବା ଅନାବଶ୍ୟକ ମଣି ସେଗୁଡ଼ିକୁ ଏଥିରୁ ବାଦ୍‌ଦିଆଯାଇଛି ।

—୦—

Digitized by PPRACHIN, SOA

ସ୍ୱଭାବ କବିଙ୍କ ସ୍ୱାତନ୍ତ୍ର୍ୟ

ଶ୍ରୀ ସନ୍ତୋଷ ସାମଲ

ଆଧୁନିକ ଓଡ଼ିଆ ସାହିତ୍ୟର ଉନ୍ମେଷ କାଳରେ, ସାହିତ୍ୟର ବିଭିନ୍ନ ପରିବର୍ତ୍ତନ ଜନ ମାନସରେ ସମାଲୋଚିତ ହେବା ଅବକାଶରେ, ସମସ୍ତଙ୍କୁ ସାମ୍ନା କରୁଥିବା ସାହିତ୍ୟର ସ୍ୱାର୍ଥିକତା ସୃଷ୍ଟି କରିବାରେ କବି ଗଙ୍ଗାଧର ହେଲେ ସ୍ୱୟଂ ସ୍ୱତନ୍ତ୍ର ସ୍ରଷ୍ଟା । ଆଧୁନିକ ଯୁଗର ସ୍ରଷ୍ଟା କବିବର ରାଧାନାଥ ଯେତେବେଳେ ତାଙ୍କ ସାହିତ୍ୟ ସହିତ ସମ୍ପୂର୍ଣ୍ଣ ଭିନ୍ନ ସ୍ୱାଦ ପ୍ରଦାନ କରିବାର ପ୍ରଚେଷ୍ଟାରେ ସମାଲୋଚିତ ହେଲେ, ତଥା ରାଧାନାଥଙ୍କ ପାଶ୍ଚାତ୍ୟ ଅନୁଗାମୀ ଭାବସ୍ରୋତ ପ୍ରବାହିତ ହେବାରେ ବିଭିନ୍ନ ବାଧା ବନ୍ଧନର ସମ୍ମୁଖୀନ ହେଲା, ଗଙ୍ଗାଧରଙ୍କ ଲେଖନୀ ନିସୃତ ଭାବ ଫଳକୁ, ପ୍ରାଚ୍ୟ ଏବଂ ଆଧୁନିକତାର ସମନ୍ୱୟ କଲା ନୂତନ ଭାବରେ । ସାଧାରଣ ଜୀବନ ସହିତ ଜଞ୍ଜାଳମୟ କର୍ମ ସଂସ୍ଥାନ ଭିତରୁ ଗଢ଼ି ଉଠୁଥିବା ଅନୁଭବୀର ଭାବୋଦ୍‌ବେଗ ଆମ୍ଭ ପ୍ରକାଶ କଲା । ଗଙ୍ଗାଧରଙ୍କ ପ୍ରାଚ୍ୟ ଏବଂ ଆଧୁନିକ ସମନ୍ୱୟର ମନ୍ଦାକିନୀ ଯେଉଁ କାବ୍ୟସୁତା ସାହିତ୍ୟ ମଧ୍ୟରେ ସୃଷ୍ଟି କଲା ତାହା ଓଡ଼ିଆ ସାହିତ୍ୟ ତଥା ସଂସ୍କୃତିର ଅବିସ୍ମରଣୀୟ ଆଲେଖ୍ୟ । କାବ୍ୟ ରଚନାର ପ୍ରଥମ ପର୍ଯ୍ୟାୟରେ ଦେଖିବାକୁ ଗଲେ, ଜୀବନସାରା ସମସ୍ତ ଝଡ଼ ଝଞ୍ଜା ତଥା ଦୁର୍ବଳ ଆର୍ଥିକ ପରିସ୍ଥିତି ସହିତ କର୍ମମୟ ଜଞ୍ଜାଳ ଜୀବନରେ ଏକ ଅଦ୍ଭୁତ ପୂର୍ବ ସଂଘର୍ଷ ନେଇ, ଗଙ୍ଗାଧର ସ୍ୱଳ୍ପ ପରିମାଣର ଶିକ୍ଷା ସହିତ ନିଜ ପାରିପାର୍ଶ୍ୱିକ ପରିସ୍ଥିତିରେ ମଧ୍ୟ, ନିଜର ଅଭିବ୍ୟକ୍ତିର ସମ୍ମୁଖ୍ୟ ସାହିତ୍ୟକୁ ମଣିଷ ଜୀବନର ସମସ୍ତ ନିବିଡ଼ ଭାବୋଚ୍ଛ୍ୱାସ ଏବଂ ଅନନ୍ତ ନିରବଧିର ନିକଟରେ ପହଞ୍ଚାଇବାର ଚେଷ୍ଟା କରିଛନ୍ତି । ରାଧାନାଥ ମୁଖ୍ୟତଃ ଗ୍ରୀକ୍ ସାହିତ୍ୟ ଏବଂ ବିଦେଶୀ ସାହିତ୍ୟ ସହିତ ଏ ଦେଶର ପରିସ୍ଥିତି, ଭୌଗୋଳିକ ଅବସ୍ଥିତି ଏବଂ ଭାରତୀୟ କିମ୍ବଦନ୍ତୀର ସାମ୍ୟ ସ୍ଥାପନ କରି ତାଙ୍କ ରଚନାରେ ଅବସ୍ଥାପନ କରିଅଛନ୍ତି । ଯେତେବେଳେ ତାଙ୍କ ସମସାମୟିକ ନନ୍ଦକିଶୋର ପଲ୍ଲୀ ଜୀବନର ସୁଖ ଦୁଃଖ, ଭଲମନ୍ଦ ସୁଖଦୁଃଖ ପ୍ରତି ଆକ୍ଷେପ, ସର୍ବୋପରି ନିଜ ଜୀବନର ସୁଖ ଦୁଃଖର ମୂର୍ତ୍ତି ବର୍ଣ୍ଣନା ମାଧ୍ୟମରେ ସ୍ୱତନ୍ତ୍ର ଦୃଷ୍ଟି କୋଣର ପରିଚୟ ପ୍ରଦାନ କରନ୍ତି, ସେତେବେଳେ ଗଙ୍ଗାଧରଙ୍କ ଦୃଷ୍ଟିରେ ସୃଷ୍ଟିର ଆଭିମୁଖ୍ୟ ସକାଳ ଠାରୁ ହେଲା ଶାନ୍ତ ଏବଂ ଚଳଚଞ୍ଚଳ । ସୃଷ୍ଟି ବା ସାହିତ୍ୟ ସବୁବେଳେ କାଷ୍ଠ ପୁତ୍ତଳିକା ଭଳି ନୀରବ ନିଶ୍ଚଳ ନ ହୋଇ ହୁଏ ଚଳଚଞ୍ଚଳ ଓ କର୍ମ ପ୍ରବଣ । ମେହେରଙ୍କ କାବ୍ୟ କବିତାର କେନ୍ଦ୍ରବସ୍ତୁ ପ୍ରେମ । କିନ୍ତୁ ଏହା ସଂଯତ, ମହତ, ଅନନ୍ତ ମାଧୁର୍ଯ୍ୟ, ତ୍ୟାଗ ଓ ଶକ୍ତିରେ ଭରପୂର ହୋଇ ରହିଅଛି ।

Digitized by PPRACHIN, SOA

ସାହିତ୍ୟ ସହିତ ପ୍ରକୃତି ଏକାନ୍ତ ଭାବେ ଜଡ଼ିତ । ପ୍ରାଚୀନ ଓଡ଼ିଆ ସାହିତ୍ୟ ପ୍ରକୃତିକୁ କେବଳ ନାୟକ ନାୟିକାମାନଙ୍କର ଭାବୋଦ୍ଦୀପକ ଅଥବା ବିରହ ବ୍ୟଥାର ପରିପୋଷକ ରୂପ ଗ୍ରହଣ କରେ । ଆଧୁନିକ ସାହିତ୍ୟର ସୃଷ୍ଟିରେ ପ୍ରକୃତିକୁ ତାର ସ୍ୱାଭାବିକ ରୂପ ପ୍ରଦାନ କଲେ କବିବର ରାଧାନାଥ । ନନ୍ଦୀକେଶ୍ୱରି ସନ୍ଧ୍ୟା ବର୍ଣ୍ଣନା ଅବକାଶରେ କବି କୁହନ୍ତି —

ସ୍ୱଚ୍ଛ ସ୍ରୋତଜଳେ ପୀତ-ରବି-ରୁଚି
ପଡ଼ି ବୀଚିମାଳା ହଲୁଚି, ଝଲୁଛି
ଧୂମାକାର ଦୂରେ ପର୍ବତର ଶ୍ରେଣୀ
ମାଡ଼ି ଆସୁଅଛି-ଜଳସ୍ଥଳ ଛୁଇଁ,...

× × ×

ଚଉଦିଗେ ଘୋଟି ତମିର କାଳିମା
ଲିଭିଗଲା ଜଳ ସ୍ଥଳ ବ୍ୟୋମ ସୀମା ।

(ନନ୍ଦୀକେଶ୍ୱରି)

କବି ଗଙ୍ଗାଧର ମେହେର ପ୍ରକୃତିକୁ ରୂପଦାନ କରି ଅତ୍ୟନ୍ତ ନିପୁଣତାର ସହିତ ପ୍ରକୃତିକୁ ଜୀବନ୍ତ କରି ଅଛନ୍ତି ।

ସ୍ଥଳ କମଳ ଆସନ ଦେଇ ପ୍ରୀତି ସମ୍ଭାଷଣ
କଲା ସାରିକା ଶ୍ରବଣ ଛଳେ ମଧୁରେ
ଶରଦ ସରସୀ ଜଳ ଫୁଟାଇ ନବ କମଳ
ଅଳିସ୍ୱନେ ଯଥା କଳହଂସ ବଧୂରେ
ବୋଇଲା, ପାହିଲା ରଜନୀ
ତୋ ପଦ ଅରୁଣେ ମୋର ଖେଦ ରଜନୀ ।

(ତପସ୍ୱିନୀ)

ପ୍ରକୃତି ପୁଲକିତ ହୋଇ ସୀତାଙ୍କର ଉପସ୍ଥିତି ଯୋଗୁ ଉଲ୍ଲାସର ଶୁଭ ସକାଳର ଶାନ୍ତ ସ୍ନିଗ୍ଧ ବାତାବରଣ ସୃଷ୍ଟି କରନ୍ତି । ସାବଲୀଳ ଭାଷାରେ ପ୍ରକୃତିର ବର୍ଣ୍ଣନା ତାଙ୍କ ସ୍ୱାତନ୍ତ୍ର୍ୟର ପରିଚାୟକ ।

କାବ୍ୟରେ ଜାତୀୟତାକୁ ଦୃଷ୍ଟି ନିକ୍ଷେପ କଲେ ଆମ ସାମ୍ନାରେ "ଉତ୍କଳ ଲକ୍ଷ୍ମୀ", 'ମାତୃଭୂମି', 'ଭାରତୀ' ବର୍ଣ୍ଣନା ଓ 'ଉତ୍କଳର ଗୌରବ' ଇତ୍ୟାଦି କବିତା ନିଜ ନିଜର ସ୍ୱତନ୍ତ୍ରତା ଦାବୀ କରନ୍ତି । ବିଶ୍ୱ ସହିତ ଉତ୍କଳର ଅପୂର୍ବ ସାମ୍ୟ, ମାତୃଭୂମି ପ୍ରତି

Digitized by PPRACHIN, SOA

ମମତାର ଅଫୁରନ୍ତ ଭାବପ୍ରବଣ ଏହାହିଁ ତାଙ୍କ ଲେଖାର ନିଜସ୍ୱ ସ୍ଥାନ । ଇଂରେଜ ଶାସନ ଓଡ଼ିଶାର ସମସ୍ତ ପରିବେଶ, ଶିକ୍ଷା, ସଂସ୍କୃତିକୁ ଖୁବ୍ ଜୋର କରି ଚିଣ୍ଟି ଚିପି ଧରିଥିଲା । ଏହି ଅବକାଶରେ ସାଧାରଣ ଜନ ମାନସରେ ପାଶ୍ଚାତ୍ୟ ପ୍ରଭାବ ପଡ଼ିବା ସ୍ୱାଭାବିକ । ଇଂରେଜୀ ଶବ୍ଦ ଓ ଭାଷା ସହିତ ସାଧାରଣ ଜନମାନସ ଜଡ଼ିତ ହେବାକୁ ବାଧ୍ୟ । ଇଂରେଜୀ ସଭ୍ୟତା ଓ ଚାଲିଚଳନର ଅନୁଗାମୀ ହେଉଥିଲା ଓଡ଼ିଆ ଜାତି । ଏହାର ପ୍ରତିବାଦରେ ଗଙ୍ଗାଧର ନିଜର କୃତି; ନିଜର ଆଗ୍ରହ ବ୍ୟବହାର ସହିତ ନିଜ ଭାଷା ପାଇଁ ଦୃଢ଼ତାର ସହିତ କହୁଥିଲେ —

> ଉଚ୍ଚ ହେବା ପାଇଁ କର ଯେବେ ଆଶା,
> ଉଚ୍ଚ କର ଆଗେ ନିଜ ମାତୃଭାଷା ।
> ନାହିଁ ଯେବେ ହୃଦେ ଉକ୍ତ ଅଭିଳାଷ,
> କର ଆମୋଦରେ ପଲଙ୍କେ ବିଳାସ ।
>
> (ଭାରତୀ ଭାବନା)

ପରାଧୀନ ଭାରତର ସ୍ୱାଧୀନତା ଆନ୍ଦୋଳନକୁ କବିଙ୍କ ଲେଖନୀ ସାନ୍ତ୍ୱନା କରଣରେ ସମର୍ଥନ କରି ଭାରତୀ ଭାବନା ରଚନା କରିଥିଲେ । ମାତୃଭୂମି ତଥା ମାତୃଭାଷା ପାଇଁ ତାଙ୍କ ଲେଖନୀ ନିଯୁକ୍ତ କାବ୍ୟ ଓଡ଼ିଆ ଜାତି ପାଇଁ ମହାର୍ଘ ଦାନ । ଖଣ୍ଡ ବିଖଣ୍ଡ ଓଡ଼ିଶାର ସାଂସ୍କୃତିକ ଚେତନାରେ ବା ଜନମାନସରେ ବିଦେଶୀ ପ୍ରଭାବର କୀଟ ଦଂଶନ କରୁଥିଲା । ଉତ୍ତରରୁ ବଙ୍ଗଳା ଭାଷା, ଦକ୍ଷିଣରୁ ତେଲୁଗୁ ଭାଷା ଓ ପଶ୍ଚିମରୁ ହିନ୍ଦୀ ଭାଷା ଓଡ଼ିଆ ଭାଷା ଉପରେ ସେମାନଙ୍କର ପ୍ରଭାବ ଜାହିର କରୁଥିଲେ । ବଙ୍ଗାଳୀମାନେ "ଓଡ଼ିଆ ସ୍ୱତନ୍ତ୍ର ଭାଷା ନହେ" ବୋଲି ସ୍ଲୋଗାନ ଦେଇ ବୁଲୁଥିଲେ । ଏହି ସମୟରେ ଯେଉଁ କେତେ ଜଣ ଓଡ଼ିଶାର ବରପୁତ୍ର ଭାଷାକୁ ରକ୍ଷା କରିଥିଲେ ସେମାନଙ୍କ ମଧ୍ୟରୁ ଗଙ୍ଗାଧର ଅନ୍ୟତମ । ସେ ନିଜର ଚାଲିଚଳନ, ନିଷ୍ଠା, ସାଧନା, ଅଧ୍ୟବସାୟ ବଳରେ ଭାଷା ସଂସ୍କୃତିକୁ ଏକ ନିଶ୍ଚିତ ସଂକଟରୁ ଉଦ୍ଧାର କରିବାରେ ସକ୍ଷମ ହୋଇଥିଲେ । ତାଙ୍କ ରଚିତ ଓଡ଼ିଆ କାବ୍ୟ କବିତା ଓଡ଼ିଶାର ନିଜସ୍ୱ ଭାଷା ସହିତ ଏକାନ୍ତ ନିବିଡ଼ । ବିଦେଶର ଏତେ ଟିକେ ପ୍ରଭାବ ସେଥିରେ ପରିଲକ୍ଷିତ ହୁଏନାହିଁ ।ଗଙ୍ଗାଧର ମଧ୍ୟ ଜନ ଚିତ୍ତକୁ ବିପ୍ଳବ ମୁଖର କରାଇଥିଲେ ତାଙ୍କ ଲେଖନୀ ମାଧ୍ୟମରେ ।

> "ମାତୃଭୂମି ମାତୃଭାଷାରେ ମମତା ଯା'ହୃଦେ ଜନମି ନାହିଁ ।
> ତାକୁ ଯଦି ଜ୍ଞାନୀ ଗଣରେ ଗଣିବା ଅଜ୍ଞାନ ରହିବେ କାହିଁ ।।"

କବି ଗଙ୍ଗାଧରଙ୍କ ସ୍ୱତଃସ୍ଫୂର୍ତ୍ତି ପ୍ରତିଭା ଥିଲା । ରସର ଉପଲବ୍ଧି ପାଇଁ ତାଙ୍କର ଭାବ ପ୍ରବଣତାର ହୃଦୟ ଥିଲା ଏକ ଉର୍ବର କ୍ଷେତ୍ର । ଡଃ ମାନସିଂଙ୍କ ମତରେ ଯେ କୌଣସି ବରେଣ୍ୟ ମନୁଷ୍ୟର ସାମଗ୍ରିକ ବ୍ୟକ୍ତିତ୍ୱରେ ଆମେ ତିନୋଟି

Digitized by PPRACHIN, SOA

ବ୍ୟକ୍ତିତ୍ୱର ମିଶ୍ରଣ ଦେଖିପାରିବା । ସେ ନିଶ୍ଚେ ହୋଇଥିବେ ସ୍ରଷ୍ଟା-ସୈନିକ— ଶିକ୍ଷକ । ଗଙ୍ଗାଧର ଓଡ଼ିଆ ଜାତି ଓ ଓଡ଼ିଆ ଭାଷା ପାଇଁ ଥିଲେ ଭାଗୀରଥୀ । ବାସ୍ତବିକ୍ - ଦରିଦ୍ର ହିଁ ହୃଦୟର ଅନୁଭବ ସହିତ ସମାଜ ଉପରେ ଏକ ନୂତନ ବିଶ୍ୱାସ-ନୂତନଆଶା ତୋଳି କରିଥାଏ । ସେମିତି ଗଙ୍ଗାଧର ଦରିଦ୍ର ହୋଇ ମଧ୍ୟ ସ୍ୱାତନ୍ତ୍ର୍ୟବାଦୀ, ବିପ୍ଳବୀ ତଥା ସ୍ୱାଧୀନ ମତ, ସ୍ୱାଧୀନ ଚିନ୍ତା ଏବଂ ଏକ ଶାଶ୍ୱତ ଅନନ୍ତ ସିନ୍ଧୁର ମଧୁରତା ନିଜ ଭିତରେ ଉପଲବ୍ଧି କରିଛନ୍ତି । ମନର ଅନୁସନ୍ଧିତ୍ସୁ ଗଙ୍ଗାଧର ବହୁସ୍ୱକର ରସରେ ନିଜ କାବ୍ୟ ଜଗତ ସହିତ ଓଡ଼ିଆ କାବ୍ୟରେ ଜଣେ ସ୍ୱତନ୍ତ୍ର ସ୍ରଷ୍ଟା ।

ବିଶ୍ୱ କବି ରବୀନ୍ଦ୍ର ନାଥଙ୍କ ତୁଳନା କଲେ ଜଣାଯାଏ ଗଙ୍ଗାଧରଙ୍କ ସହିତ ବିଶ୍ୱକବିଙ୍କର ଅନେକ ସାମଞ୍ଜସ୍ୟ ରହିଛି ଏବଂ ବିଶ୍ୱକବି ରବୀନ୍ଦ୍ର ନାଥଙ୍କ କାବ୍ୟର ମହତ୍ତ୍ୱ ଉଦ୍ଦେଶ୍ୟକୁ ଗଙ୍ଗାଧର ଅନେକ ବଳି ଯାଇଛନ୍ତି । ରବୀନ୍ଦ୍ର ନାଥ ଶାନ୍ତି ଅପେକ୍ଷା ସୁଖ, ସନ୍ତୋଷ ଅପେକ୍ଷା ଆକାଂକ୍ଷାକୁ ଉଚ୍ଚ ସ୍ଥାନ ପ୍ରଦାନ କରିଛନ୍ତି । ଏହା ପାଶ୍ଚାତ୍ୟ ପ୍ରଭାବ ବୋଲି ସ୍ପଷ୍ଟ ଅନୁମେୟ । ଏଠାରେ ଗଙ୍ଗାଧରଙ୍କ ପ୍ରତ୍ୟେକ ସୃଷ୍ଟି ଆତ୍ମସ୍ଥ, ନିଜ ମଧ୍ୟରେ ନିଜେ ପୂର୍ଣ୍ଣ, ନିଜ ସହିତ ସମାଜ, ଦେଶ, ବିଶ୍ୱର ମହାମିଳନ ଏକାନ୍ତ ଅଭିନ୍ନ । ମାନବ ମିଳନର ମହାକବି ରବୀନ୍ଦ୍ର ନାଥ କହନ୍ତି —

ହେ ମୋର ଚିତ୍ତ, ପୁଣ୍ୟ ତୀର୍ଥ ଜାଗରେ ଧୀରେ ।
ଏଇ ଭାରତେର, ମହା ମାନବେର ସାଗର ତୀରେ ।

ଭାରତ ସହିତ ବିଶ୍ୱର ମିଳନର ଆକାଂକ୍ଷାରେ ଏକ ଶାଶ୍ୱତ ଅନନ୍ତ ମଧୁମୟ ଆତ୍ମାର ସନ୍ଧାନ କରି ଗଙ୍ଗାଧର ଯଥାର୍ଥରେ କହନ୍ତି—

ମୁଁ ତ ଅମୃତ ସାଗର ବିନ୍ଦୁ । ନଭେ ଉଠିଥିଲି ତେଜି ସିନ୍ଧୁ ।
ଆସି ମିଶିଛି ଅମୃତ ଧାରେ, ଗତି କରୁଛି ସେ ଅକୂପାରେ ।
ପଥେ ଶୁଖିଗଲେ ପାପ ତାପରେ, ହୋଇ ଶିଶିର ଖସିବ ତାପରେ ।
ଅମୃତ ମୟୁ ଅମୃତ ଚୟୁ, ସହିତ ମିଶିବ ସାଗରେ ।

ଏଥିରୁ ସ୍ପଷ୍ଟ ଅନୁମେୟ ଗଙ୍ଗାଧରଙ୍କ ଦର୍ଶନ ମଧ୍ୟ ସ୍ୱତନ୍ତ୍ର, ଶାଶ୍ୱତ ଏକ ମହତ୍ ପ୍ରେମ ସ୍ରୋତର ଫଲ୍ଗୁଧାରା । ଅନନ୍ତ ସିନ୍ଧୁ ସହିତ ମିଶିବାର ଏକ ଦୁର୍ବାର ଆକାଂକ୍ଷା । ତାଙ୍କ ଦର୍ଶନ ଯେଉଁ ମହାନତା ପ୍ରଦାନ କରେ ତାହା ବିଳକ୍ଷଣ ପରିପୁଷ୍ଟତାର ପରିଗୃସ୍ତକ ।

—୦—

Digitized by PPRACHIN, SOA

ପ୍ରକୃତି ପ୍ରାଣ କବି ଗଙ୍ଗାଧର

ବିଚିତ୍ର ନାଥ ସାହୁ

ମହତ ଜନ୍ମଇ ହୀନଗର୍ଭେ ଏହା ଭବେ ନୁହେଁ ଅସମ୍ଭବ
ପଙ୍କରୁ କମଳ ଶକ୍ତିରୁ ମୌକ୍ତିକ ହୁଅଇ ସଦା ସମ୍ଭବ ।

ବରପାଲିର କବି ଗଙ୍ଗାଧର ମେହେର ! ସେ ବୀଣାପାଣିଙ୍କ ରାଜହଂସ । ସେ ଋଙ୍ଗାଜୀବ । କିନ୍ତୁ ଜୀବନର ସକଳ ଦୁଃଖ ଜଞ୍ଜାଳ ଗଞ୍ଜନକୁ ଅଙ୍ଗ ଅଳଙ୍କାର କରି କଳାର କଷଟିରେ ସୁନା ସ୍ୱପ୍ନର ପରଶରେ ସେ ଯେପରି ଆଙ୍କିଯାଇଛନ୍ତି ତାର ପଟାନ୍ତର ନାହିଁ । ଏଠି ରୂପ ତୃଷ୍ଣାର ଉଗ୍ରାଳ କରମିନାହିଁ; ଅଛି ରୂପ, ରଙ୍ଗ, ଭାବ, ଭାଷା ଓ ସର୍ବୋପରି କାଳଜୟୀ କାବ୍ୟ ପ୍ରତିଭାର ମଞ୍ଜୁଳ ରସ ଆଲେଖ୍ୟ । ଏଠି ଝରିଯାଇଛି କାବ୍ୟ ଶିଳ୍ପୀର ତୂଳିକା ସ୍ପର୍ଶରେ ମୌଳିକ କାବ୍ୟ-କଳା-ଶିଳ୍ପ-ସୌକୁମାର୍ଯ୍ୟର ଛନ୍ଦ ମଧୁର ମନ୍ଦାକିନୀ । ସ୍ୱଚ୍ଛ ଓ ପବିତ୍ର ଶିଳ୍ପୀ ଚେତନାରେ ତାଙ୍କ କାବ୍ୟ କୋଣାର୍କର ପ୍ରତିଗାତ୍ରରେ ଫୁଟି ଉଠିଛି ସ୍ୱତଃ ସ୍ଫୂର୍ତ୍ତି କବିତ୍ୱର ମଧୁପୁଷ୍ପ । ଏ ପୁଷ୍ପ ମଧୁସ୍ରାବୀ, ଯାହାର ପ୍ରତିଟି ଦଳରେ ଏକ ମୌଳିକ ଅନନ୍ୟ କାରିଗରୀ କଳା କୌଶଳର ଚକିତ ମୂର୍ତ୍ତି ଉତ୍କୀର୍ଣ୍ଣ । ସମୀକ୍ଷକର ଦୃଷ୍ଟି ନେଇ ଏହାର ବିଶ୍ଳେଷଣ କଲେ କହିବାକୁ ହେବ ଯେ-"ଗଙ୍ଗାଧର କେବଳ ପ୍ରାଚ୍ୟ ଓ ଅଧୁନିକ କାବ୍ୟ ଧାରାର ସଂଯୋଗ ସେତୁ ନଥିଲେ, ସେ ନଥିଲେ ସ୍ୱାଧୀନଧର୍ମୀ ଆଦର୍ଶର ଦିଶାରୀ । ସେ ନ ଥିଲେ ପାରଂପରିକ କାବ୍ୟ ଶିଳ୍ପର ମୁଗ୍‌ଧ ଉପାସକ ।" ତାଙ୍କର ପ୍ରତିଟି କାବ୍ୟର ବିଷୟ ବସ୍ତୁ ନିର୍ବାଚନ, ଚରିତ୍ର ଚିତ୍ରଣ, ପ୍ରକୃତି ଚିତ୍ରଣ, ତଥା ଭାଷା ଶୈଳୀ ଓ ଛନ୍ଦ ମଧ୍ୟରେ ତାଙ୍କର କାବ୍ୟିକ ପରି କଳ୍ପନାରେ ଫୁଟିଉଠିଛି ଅପୂର୍ବ ମୌଳିକତା । ଏହି ମୌଳିକତା ଗଙ୍ଗାଧରଙ୍କ ବେଦନା ବିଧୁର କାବ୍ୟ ମାନସରୁ ଉଦ୍‌ଭୂତ ହୋଇ ଭାବ ଜଗତରୁ ସ୍ନିଗ୍‌ଧ ଶାଶ୍ୱତ ତଥା ପ୍ରାଣବନ୍ତ ଆକୃତିନେଇ ମୂର୍ତ୍ତିମନ୍ତ ହୋଇଛି ।

ଅନନ୍ତ କୋଟି ବ୍ରହ୍ମାଣ୍ଡର ସକଳ ନାମ ରୂପାତ୍ମକ ଦୃଶ୍ୟ, ଅଦୃଶ୍ୟମାନ ଜଗତକୁ ପ୍ରକୃତି କୁହାଯାଏ । ଅନନ୍ତ ଶକ୍ତିର ମୂଳାଧାର ପ୍ରକୃତି ଆମର ଜନନୀ, ଧାତ୍ରୀ ପାଳୟିତ୍ରୀ ଓ ଧ୍ୱଂସ କାରିଣୀ ଦେବୀ । ବ୍ରହ୍ମବୈବର୍ତ୍ତ ପୁରାଣରେ ଅଛି—

ସୃଷ୍ଟି କର୍ତ୍ତ୍ରୀ ଚ ପ୍ରକୃତି- ସର୍ବେଷାଂ ଜନନୀ ପରା
ମମ ତୁଲ୍ୟାଚ ମନ୍ମାୟା ତେନ ନାରାୟଣୀ ସ୍ମୃତା ।

Digitized by PPRACHIN, SOA

କବି ପ୍ରତିଭାର ଆଦ୍ୟ ନିକଷ ପ୍ରକୃତି । କବି ପ୍ରକୃତିର ସୌନ୍ଦର୍ଯ୍ୟ ଭିତରୁ ପାଏ କାବ୍ୟରଚନାର ସମ୍ମୋହନୀ ମନ୍ତ୍ର । ସେ ଏଇ ପ୍ରକୃତି ମଧ୍ୟରେ ନିଜକୁ ହଜାଇ ପାଠକକୁ ମଧ୍ୟ ତା ମଧ୍ୟରେ ହଜାଇ ଦେଇଥାଏ ।

ଏଇ ପ୍ରକୃତିର ଧାରା କେଉଁ ଅନନ୍ତ କାଳରୁ ବହିଚାଲିଛି । ସାହିତ୍ୟ ସୃଷ୍ଟିର ପ୍ରାକ୍‌କାଳରୁ କାବ୍ୟ ମହାକାବ୍ୟରେ ନଦୀ, ହ୍ରଦ, ଗିରି, ବନ, ଆକାଶ, ଚନ୍ଦ୍ର, ସୂର୍ଯ୍ୟ, ଉଷା, ପ୍ରଦୋଷ ଇତ୍ୟାଦିର ବର୍ଣ୍ଣନା ଏକ ଅବିଚ୍ଛେଦ୍ୟ ଅଙ୍ଗ । ପ୍ରାଚୀନ କବିଗଣ ସ୍ୱରଚିତ କାବ୍ୟ ମାନଙ୍କରେ ପ୍ରକୃତିର ମନୋରମ ଚିତ୍ରର ସୁସମାବେଶ କରି ସୁମଧୁର ଗୀତ ମିଶ୍ରିତ ଉତ୍କର୍ଷ ପ୍ରତିପାଦନ କରିଅଛନ୍ତି । ବୈଦିକ ସାହିତ୍ୟ ପ୍ରତି ଦୃଷ୍ଟିପାତ କଲେ ଜଣାଯାଏ ତତ୍‌କାଳୀନ ଗୀତାତ୍ମକ କାବ୍ୟରେ କବି ମୁଗ୍ଧ ହୋଇ ତଥା ଚମତ୍କୃତ ହୋଇ ପ୍ରକୃତିକୁ ଦେଖିଛି । ବୌଦ୍ଧ, ଜୈନମାନଙ୍କ ମତରେ ଜୀବନ ହେଉଛି କ୍ଷଣିକ ଓ ନୈରାଶ୍ୟମୟ । ପ୍ରକୃତିର ଉଲ୍ଲାସ ସେମାନଙ୍କ ନିକଟରେ ମୂଲ୍ୟହୀନ । କିନ୍ତୁ କାଳିଦାସ, ବାଣ, ଭବଭୂତି, ମାଘ, ଭଟ୍ଟି ଓ ପ୍ରାକୃତ କବି ପ୍ରବର ସେନ ପ୍ରାକୃତିକ ସୌନ୍ଦର୍ଯ୍ୟକୁ ନାନା ଭାବରେ ଆଙ୍କି ଯାଇଛନ୍ତି । ମାତ୍ର କୌଣସି ସଂସ୍କୃତ କବି ପ୍ରକୃତିକୁ ପ୍ରେରଣାର ଉତ୍ସ ବୋଲି ଗ୍ରହଣ କରି ନାହାନ୍ତି । ହିନ୍ଦୀ ସାହିତ୍ୟର ମଧ୍ୟ ଯୁଗରେ ପ୍ରକୃତିର ବର୍ଣ୍ଣନା ପ୍ରାଧାନ୍ୟ ଲଭ କରିପାରି ନାହିଁ । ଭକ୍ତି ଯୁଗରେ ପ୍ରକୃତି ହେଉଛି କେବଳ ମାୟା । ବଙ୍ଗ ସାହିତ୍ୟର ଶ୍ରେଷ୍ଠ କବି ରବୀନ୍ଦ୍ରନାଥଙ୍କ କବିତାର ପ୍ରତି ଛନ୍ଦେ ଛନ୍ଦେ ଭଗବାନଙ୍କ ଉପସ୍ଥିତି ଅନୁଭବ କରିଛନ୍ତି । ସେ ଗାଇଛନ୍ତି—

"ନବଦେବୀର ଦ୍ୱାରେ ଦ୍ୱାରେ ଶୁନି ଗଭୀର ଶଙ୍ଖଧ୍ୱନି
ଆକାଶ ବୀଣାର ତାରେ ତାରେ ଜାଗେ ତୋମାର ଆଗମନୀ ।"

ଇଂରାଜୀ କବି ଗେଟେଙ୍କ ପ୍ରକୃତିରେ ବିରାଟ ତତ୍ତ୍ୱ ସନ୍ନିବିଷ୍ଟ । ତାଙ୍କ ମତରେ 'Natnre is theliving visible garment of god'' ପୋପ୍‌ଙ୍କ ପ୍ରକୃତି ହେଉଛି "All are but parts of one Stupendous whose, whose body nature is and god the soul' କାଲରିଜ୍, ଦୁଇଟ୍‌ମ୍ୟାନ ଓ ଇମରସନ ପ୍ରକୃତିରେ ଏକ ପରାତ୍ପର ସତ୍ୟର ଆରୋପ କରିଛନ୍ତି । କବି ଓ୍ୱାର୍ଡ୍‌ସଓ୍ୱାର୍ଥ ପ୍ରକୃତିକୁ ମାନବୀ କରଣ କରି ସଚେତନ ରୂପ ଦେଇଛନ୍ତି । ସେ ପ୍ରାକୃତିକ ସୌନ୍ଦର୍ଯ୍ୟରେ ଅନନ୍ତ ଜୀବନ ଓ ସର୍ଜନର ସ୍ଫୁରଣ ଅନୁଭବ କରି ଅଛନ୍ତି ।

ଓଡ଼ିଆ ସାହିତ୍ୟର ଆଦ୍ୟରେ ଆଦିକବି ସାରଳା ଦାସଙ୍କ ଶ୍ରେଷ୍ଠକୃତୀ ମହାଭାରତରେ ପ୍ରକୃତି ବର୍ଣ୍ଣନା ଦେଖିବାକୁ ମିଳେ । କିନ୍ତୁ ତାହା ମଣିଷ ଜୀବନକୁ

Digitized by PPRACHIN, SOA

ବିଶେଷ କିଛି ପ୍ରେରଣା ଯୋଗାଇ ନାହିଁ । ପଞ୍ଚସଖା ସାହିତ୍ୟରେ ପ୍ରକୃତିର ମୂଲ୍ୟ ଶୂନ୍ୟ । ତାପରେ ଭଞ୍ଜଯୁଗର ସୂତ୍ରପାତ । ପାଣ୍ଡିତ୍ୟପୂର୍ଣ୍ଣ ଆଳଙ୍କାରିକ ଶ୍ଳେଷକାବ୍ୟ, ବିବିଧ ପ୍ରକାର ଛନ୍ଦ ଓ ବନ୍ଧ ଭିତରେ ପ୍ରକୃତି ଆବଦ୍ଧ । ତାହା କେବଳ ଶୃଙ୍ଗାର ପ୍ରିୟ ନାୟକ ନିକଟରେ ନାୟିକାର ଅଙ୍ଗତୁଳନାର ସାମଗ୍ରୀ ମାତ୍ର । ମଧ୍ୟ ଯୁଗର ସମସ୍ତ କବିଙ୍କ କାବ୍ୟ ସୌଧରେ ପ୍ରକୃତିର ଏହି ଚିତ୍ର ହିଁ ଦେଖିବାକୁ ମିଳେ । ତାପରେ ଯୁଗ ସ୍ରଷ୍ଟା ରାଧାନାଥ ପ୍ରକୃତିର ଲଳିତ ରୂପ ବିନ୍ୟାସ କରି ଅଛନ୍ତି । ତଟିନୀର କଳତାନ, ବନ ବୀଥିକାର ମର୍ମର, ପର୍ବତାବଳୀର ଶ୍ୟାମାୟିତ ରୂପଶ୍ରୀ, ଜ୍ୟୋତ୍ସ୍ନା ବିଧୌତ ରଜନୀ ଓ କଜ୍ଜଳ କୃଷ୍ଣ ଜଳଧର ଦର୍ଶନରେ ସେ ହୋଇଛନ୍ତି ଆତ୍ମହରା । ପ୍ରକୃତି ହୋଇ ଉଠିଛି ତାଙ୍କ କାବ୍ୟ ନାୟିକା । ସେ ଲେଖିଛନ୍ତି—

ଉତ୍କଳ କମଳା ବିଳାସ ଦୀର୍ଘିକା
ମରାଳ ମାଳିନୀ ନୀଳାମ୍ବୁ ଚିଲିକା ।
ଉତ୍କଳର ତୁହି ଚାରୁ ଅଳଙ୍କାର
ଉତ୍କଳ ଭୁବନେ ଶୋଭାର ଭଣ୍ଡାର ।

—ଚିଲିକା—

କିନ୍ତୁ ବ୍ରହ୍ମବାଦୀ ମଧୁସୂଦନ ବିଶ୍ୱନିୟନ୍ତାଙ୍କର ଅସୀମ ସତ୍ତାର ସନ୍ଧାନ ପାଇଛନ୍ତି ପ୍ରକୃତି ନିକଟରେ ଏବଂ ଯଥାର୍ଥରେ ଗାଇଉଠିଛନ୍ତି—

"ମୋ ପ୍ରାଣ ବନ୍ଧନ ହେଲା ପ୍ରକୃତିର ପ୍ରାଣେ
ପ୍ରକୃତିର ପ୍ରାଣ ଉଚ୍ଛ୍ୱସିତ ମୋ ପରାଣେ ।"

ଇଂରାଜୀ କବି ଓ୍ୱାର୍ଡ଼ସଓ୍ୱାର୍ଥଙ୍କ ପରି ପ୍ରକୃତି ମଧ୍ୟରେ ଜୀବନୀ ଶକ୍ତି ସନ୍ଧାନ କରି ତା ସହିତ ମାନବୀୟ ତଥା ପାରିବାରିକ ଆତ୍ମୀୟତା ଓଡ଼ିଆ ସାହିତ୍ୟରେ ପ୍ରଥମ କରି ସ୍ଥାପନ କରିଛନ୍ତି କବି ଗଙ୍ଗାଧର ମେହେର । ତାଙ୍କ ପ୍ରକୃତି କୌଣସି ସୀମିତ ବେଷ୍ଟନୀ ମଧ୍ୟରେ ଆବଦ୍ଧ ନୁହେଁ । ପ୍ରକୃତିର ଅନବଦ୍ୟ ଅବଦାନରେ ମନୁଷ୍ୟ ଲାଳିତ ଓ ପାଳିତ, ହୃଷ୍ଟ ଓ ପୁଷ୍ଟ, ଶିକ୍ଷିତ ଓ ଦୀକ୍ଷିତ, ତୁଷ୍ଟ ଓ ଆକୃଷ୍ଟ, ଜ୍ଞାନୀ ଓ ବ୍ରତଚାରୀ ହୋଇ ପାରିଛି । ଏଣୁ ପ୍ରକୃତି ଜଡ଼ହେଲେ ମଧ୍ୟ ନୀରସ ନିର୍ଜୀବ ନୁହେଁ । ଏହାରି ଲକ୍ଷ୍ୟସ ପ୍ରମାଣ କବି ଗଙ୍ଗାଧରଙ୍କର ଶ୍ରେଷ୍ଠ କୃତି ତପସ୍ୱିନୀ ଓ ପ୍ରଣୟ ବଲ୍ଲରୀ'ର ଛନ୍ଦେ-ଛନ୍ଦେ ପ୍ରକାଶିତ । ସୀତା ଓ ଶକୁନ୍ତଳାଙ୍କ ସୁଖ ଦୁଃଖରେ ପ୍ରକୃତି ସମବେଦନା ଜ୍ଞାପନ କରିଛି । କବିଙ୍କ ପ୍ରଥମ ପ୍ରକାଶିତ 'ଇନ୍ଦୁମତୀ' କାବ୍ୟରେ ମଧ୍ୟ ପ୍ରକୃତି ଜୀବନ୍ତ ହୋଇ ଉଠିଛି । ଯଥା—

Digitized by PPRACHIN, SOA

"ଧରଣୀ ରାଣୀର ସେବା ଅର୍ଥେ ଆସି ବସନ୍ତ ପ୍ରବେଶ ହେଲା
ଲୋହିତ କୋମଳ ପଲ୍ଲବ ଦୁକୂଳେ ଅଗତନୁ ମଣ୍ଡି ଦେଲା !"

ଏ ସ୍ଥଳରେ ବସନ୍ତ ଧରଣୀର ସେବକ ରୂପରେ ବିରାଜମାନ ହୋଇ ଲୋହିତ କୋମଳ ପଲ୍ଲବ ଦୁକୂଳରେ ଧରଣୀକୁ ମଣ୍ଡନ କରିଦେଇଛନ୍ତି । କେଉଁଠି ବିକଚ ରାଜୀବ ଉଷା ନୀହାର ରୂପକ ମୁକ୍ତା ଉପହାର ଧରି କୋକିଳ କଣ୍ଠରେ ସତୀ ସୀତାଙ୍କର ଦର୍ଶନ ପ୍ରାର୍ଥିନୀ । କବିଙ୍କ ଭାଷାରେ —

"ମଙ୍ଗଳେ ଅଇଲା ଉଷା ବିକଚ ରାଜୀବ ଦୃଶା
ଜାନକୀ ଦର୍ଶନ ତୃଷା ହୃଦୟେ ବହି
କରପଲ୍ଲବେ ନୀହାର ମୁକ୍ତା ଧରି ଉପହାର
ସତୀଙ୍କ ବାସ ବାହାର ପ୍ରାଙ୍ଗଣେ ରହି
କଳକଣ୍ଠ କଣ୍ଠେ କହିଲା,
ଦରଶନ ଦିଅ ସତୀ ରାତି ପାହିଲା ।"

'କୀଚକ ବଧ'ରେ ମଧ୍ୟ ସେ ଉଷାର ବର୍ଣ୍ଣନା ଦେଇଛନ୍ତି । ଯଥା—

ଅଇଲା ଉଷା ଯୋଷିତ କୁସୁମେ ହୋଇ ଭୂଷିତ
ଭ୍ରମର-ଅଞ୍ଜନାଞ୍ଚିତା କଞ୍ଜନୟନା
ବିହଙ୍ଗ ସ୍ୱନ କିଙ୍କିଣୀ ନିକ୍ୱଣିଲା କିଣି କିଣି
ନୀବ ଚଉନେଲା କିଣି କୁନ୍ଦ ଦଶନା,
ଅରୁଣ ଚରଣ ସୁନ୍ଦର,
ପ୍ରଭାତି ତାରକା ମଥାମଣି ଭାସ୍ୱର ।"

'ତପସ୍ୱିନୀ'ର ଉଷା ଓ 'କୀଚକ ବଧ'ର ଉଷା ବର୍ଣ୍ଣନାରେ କବିଙ୍କର ନିଜଙ୍କ ମୌଳିକତାର ସ୍ପର୍ଶ ରହିଛି । ପ୍ରଥମ କାବ୍ୟରେ ଉଷା ହେଉଛି କଷାୟ ବାସ ପରିହିତା ତପସ୍ୱିନୀ କିନ୍ତୁ ଦ୍ୱିତୀୟ କାବ୍ୟରେ ଉଷା ହେଉଛି ବିଳାସ ବିହ୍ୱଳା ରାଜବଧୂ ।

ଆଦର୍ଶବାଦୀ ପ୍ରଜାବତ୍ସଳ ରାଜା ରାମଚନ୍ଦ୍ର ସତୀ ଶିରୋମଣି ସୀତାଙ୍କୁ ଘୋର-ବନରେ ବିସର୍ଜନ କରିଛନ୍ତି । ରାଜରାଣୀ ନିରପରାଧିନୀ ସତୀ ସୀତାଙ୍କ ଦୁଃଖରେ ପ୍ରକୃତି ବିଚଳିତା ଓ କ୍ଷୁବ୍ଧା—

ଶତ ଶତ ସେବିକା ଯା ସେବୁଥିଲେ ପଦ
ଜଣେ ନ ଦେଖିଲେ ତାଙ୍କ ଦାରୁଣ ଆପଦ ।
ଓହୋ ନୟନରେ ଏ କି ଭସ୍ମାଙ୍କୁରି ସ୍ଥିତ
ଦେଖିଲେ କାହାର ହୃଦେ ନ ଆସିବ ଭୀତ ?

Digitized by PPRACHIN, SOA

ତା ଗୁହିଁ ବିହଙ୍ଗ ମୁଖେ କାନ୍ଦିଲା ସେ ବନ
ବହିଲା ନିଶ୍ୱାସ ରୂପେ ପ୍ରଖର ପବନ ।

ସତୀସୀତାଙ୍କ ଦୁଃଖରେ ଏଠି ବିହଙ୍ଗ ମୁଖରେ ବନଭୂମି କ୍ରନ୍ଦନ ରତ ହୋଇ ନିଃଶ୍ୱାସ ସ୍ୱରୂପ ପ୍ରଖର ପବନ ବୁହାଉଛି । ନିସ୍ତବ୍ଧ ବନପ୍ରେଧରେ ସମର ସଜ୍ଜା ପୂର୍ବକ ତୃଣରାଜ ଖଡ୍‌ଗକରେ ଗର୍ଜନ କରୁଛନ୍ତି । ବନଫୁଲ ବୃନ୍ତଚ୍ୟୁତ ଧୂଳିମାଖି ମଲ୍ଲଯୁଦ୍ଧରେ ଗଡ଼ାଗଡ଼ି ହେଉଛନ୍ତି । ଶୀର୍ଣ୍ଣ ହୃଦୟ ବାଦଲ ବ୍ୟାହତ ଶରୀରରେ ଦଳବଳ ଘେନି ଦଉଡ଼ି ଆସିଛି । ଚକ୍ଷୁ ଚମକାଇ ଗମ୍ଭୀର ଗର୍ଜନ କରି ନିସ୍ତବ୍ଧ ଉପରେ ତର୍ଜନ ଦେଖାଉଛି । କାଳିଦାସଙ୍କ ରଘୁବଂଶରେ ମଧ୍ୟ ସୀତାଙ୍କ ଦୁଃଖରେ ବନ ପ୍ରକୃତିରେ ସମ୍ବେଦନାର ସୂଚନା ସ୍ପଷ୍ଟ ହୋଇ ଉଠିଛି । ଉଦାହରଣ ସ୍ୱରୂପ—

"ନୃତ୍ୟଂ ମୟୂରାଃ କୁସୁମାନି ବୃକ୍ଷାଃ ଦର୍ଭାନୁ ପାତାନ୍ ବିଜହୁର୍ହରିଣ୍ୟଃ
ତସ୍ୟାଃ ପ୍ରପନ୍ନେ ସମଦୁଃଖଭାବ ମତ୍ୟନ୍ତ ମାସୀ ଦ୍ରୁଦିତଂ ବନେଽପି ।"

ବିଶ୍ୱକବି ରବୀନ୍ଦ୍ରନାଥଙ୍କ ବର୍ଣ୍ଣନାରେ ମଧ୍ୟ କାଳିଦାସଙ୍କ ବର୍ଣ୍ଣନାର ଯଥେଷ୍ଟ ପ୍ରତିଫଳନ ହୋଇଛି । ଯଥା—

"ମୁଗେର୍ ଗଲିପଡ଼େ ମୁଖେର ତୃଣ ମୟୂର ନାଚେନା ଯେ ଆର
ଖସିୟାପଡ଼େ ପାତା ଲତିକା ହତେ ଯେନସେ ଆଁଖି ଜଲଧାର ।"

ଗଙ୍ଗାଧର କାଳିଦାସଙ୍କ ପଦାଙ୍କ ଅନୁସରଣ କଲେମଧ୍ୟ ପ୍ରକୃତିର ମାନବ ଦୁଃଖ ସମ୍ବେଦନାରେ ତାଙ୍କର ମୌଳିକତା ପ୍ରତିପାଦିତ । ନୃତ୍ୟ ଶୀଳା କେକାକେକୀ, ଜଳକ୍ରୀଡ଼ାରତ ହସ୍ତୀ ସମୂହଙ୍କ ସହିତ ଦୁଗ୍ଧପାୟୀ ମୃଗ ଶାବକ ଜନନୀଠାରୁ ସ୍ତନ୍ୟପାନ ଭୁଲିଯାଇ ଉତ୍କର୍ଣ୍ଣ ଚକିତ ଓ ନିଶ୍ଚଳଭାବରେ ସୀତାଙ୍କ ଦୁର୍ଦ୍ଦଶାରେ ଭାଗିହୋଇଛନ୍ତି । ଏହାଛଡ଼ା ସୀତାଙ୍କ ପଦସ୍ପର୍ଶରେ ଆଶ୍ରମ ପ୍ରକୃତି କିପରି ଉଲ୍ଲସିତା ହୋଇ ତାଙ୍କୁ ଅଭିନନ୍ଦନ ଜଣାଇଛି ତାହାକୁ ମଧ୍ୟ କବି ସରସ ସୁନ୍ଦର ଭାବରେ ବର୍ଣ୍ଣନା କରିଛନ୍ତି ଯଥା—

"ସଖୀଗଣ ସଙ୍ଗେ ଜାନକୀ ସତୀ
ତାଙ୍କ ନିକଟକୁ କରନ୍ତେ ଗତି
ପୁଲକିତ ହୋଇ ମୃଦୁ ସମୀରେ
ଫୁଲମାନ ବର୍ଷି ସତୀଙ୍କ ଶିରେ
କେ କଲା ଶିର ଚୁମ୍ବନ
କେ କରମର୍ଦ୍ଦନ୍ କେବା ଆଲିଙ୍ଗନ
କେହିବା ପଦ ବନ୍ଦନ ;

Digitized by PPRACHIN, SOA

ଋତୁଚକ୍ର ବର୍ଣ୍ଣନା କଲାବେଳେ ସେ ପ୍ରକୃତିରେ ଚୈତନ୍ୟ ସନ୍ଧାନ କରିବା ସଙ୍ଗେ ସଙ୍ଗେ ନିଜକୁ କୁଶଳୀ ଚିତ୍ରକର ଓ ଶିକ୍ଷକ ଭାବେ ପରିଚୟ ଦେଇଛନ୍ତି । 'ତପସ୍ୱିନୀ'ର ଅଷ୍ଟମ ସର୍ଗରେ କବି ଗ୍ରୀଷ୍ମ ଋତୁର ବର୍ଣ୍ଣନା କରିବାକୁ ଯାଇ ଲେଖିଲେଛନ୍ତି—

"ତୁଳା ଉଡ଼ାଇ ତେଜି ଶାଳ୍ମଳୀ ତରୁ
କୃପଣ ଧନ କାଳେ ଉଡ଼େ ଖାତରୁ ।
ପଳାଶ ଅଙ୍ଗେ ନାହିଁ ପୂର୍ବ ସୁରଙ୍ଗ
ଅନିତ୍ୟ ଏହି ପରି ଭବ ପ୍ରସଙ୍ଗ ।

"ତପସ୍ୱିନୀ' ଓ 'କବିତା କଲ୍ଲୋଳ'ରେ ବର୍ଷାଋତୁ ବର୍ଣ୍ଣନା ଏବଂ 'ଇନ୍ଦୁମତୀ' ଓ 'କୀଚକ ବଧ ଏବଂ କବିତା କଲ୍ଲୋଳରେ ବସନ୍ତ ବର୍ଣ୍ଣନା ପ୍ରଣୟ ବଲ୍ଲରୀ'ରେ ଶିଶିର ଓ ବସନ୍ତ ବର୍ଣ୍ଣନା ଅତୀବ ହୃଦ୍ୟ ଓ ଜୀବନ୍ତ ହୋଇଛି ।

"ପ୍ରଣୟ ବଲ୍ଲରୀ'ରେ ମଧ୍ୟ ଆଶ୍ରମ ପ୍ରକୃତି କବିଙ୍କ ବଳବତୀ ଲେଖନୀର କାଉଁରୀ ସ୍ପର୍ଶପାଇ ମଞ୍ଜୁଳ ଓ ସହାନୁଭୂତିଶୀଳ ହୋଇ ଉଠିଛି । କଣ୍ୱମୁନିଙ୍କ ଆଶ୍ରମ ବର୍ଣ୍ଣନା କରିବାକୁ ଯାଇ ସେ ଲେଖିଛନ୍ତି—

ମୁନିକୁମାରଙ୍କ ହସ୍ତୁ କୁଶାଙ୍କୁର
ଭକ୍ଷଣରେ ଚିରାଭ୍ୟସ୍ତ
କରୁଛନ୍ତି ମୃଗ ଗଣ କାହିଁ ନୃପ
ଦର୍ଶନେ ନୋହେ ତ୍ରସ୍ତ ।

ଏହା କାଳିଦାସଙ୍କ କୃତ କଣ୍ୱମୁନି ଆଶ୍ରମ ବର୍ଣ୍ଣନା ଅନୁକରଣରେ ରଚିତ ହେଲେ ମଧ୍ୟ ଏଥିରେ କବିଙ୍କ ମୌଳିକତା ଯଥେଷ୍ଟ ପ୍ରତିପାଦିତ । ଏତଦ୍‌ଭିନ୍ନ କବି ଗଙ୍ଗାଧରଙ୍କ ଶକୁନ୍ତଳାଙ୍କ ପତିଗୃହ ଯାତ୍ରାବେଳେ କଣ୍ୱମୁନି ହେଲେ ମଧ୍ୟ ଶକୁନ୍ତଳାଙ୍କ ପ୍ରିୟ ଆଶ୍ରମ ପ୍ରକୃତିକୁ ଗୃହିଁ କନ୍ୟାର ବିଦାୟ ଜନିତ ଦୁଃଖରେ ତାଙ୍କ ହୃଦୟ ଦ୍ୱିଗୁଣିତ ହୋଇଉଠିଛି । ଯେତେବେଳେ ଶକୁନ୍ତଳା ଗୌତମୀଙ୍କ ସହ ହସ୍ତିନା ଅଭିମୁଖେ ଯାତ୍ରା କରିଛନ୍ତି ସେତେବେଳେ ଆଶ୍ରମ ପ୍ରକୃତି ସବୁଠାରୁ ବେଶୀ ସହାନୁଭୂତିଶୀଳ ହୋଇଛି । ଯଥା—

ବନେ ମୁହୁର୍ମୁହୁ ଶ୍ରୁତିଗତ ହେଲା
କପୋତ କରୁଣଗାନ
ସତେ ଯେହ୍ନେକାହି ପକାଇଲେ ଦୁଃଖ
ଭରେ ତରୁ ଲତାମାନ ।

× × ×

Digitized by PPRACHIN, SOA

ହରଣ ହରଣୀ   ମୟୂର ମୟୂରୀ
ଆହାର ବିହାର ଛାଡ଼ି
ଦୁଃଖିତ ନୟନେ   ଅନାଇ ରହିଲେ
ପଥପାର୍ଶ୍ୱେ ଧାଡ଼ି ଧାଡ଼ି ।

ପ୍ରକୃତି ବର୍ଣ୍ଣନାର ଅମର କବି ଗଙ୍ଗାଧରଙ୍କ ଅଭୂତ ପୂର୍ବ ଧୁରୀଣତା ଯୋଗୁଁ ଜଡ଼ ସହିତ ମାନବର ଆତ୍ମୀୟତା ସ୍ଥାପନ କରାଯାଇ ପାରିଛି । ଜଡ଼ ପ୍ରକୃତି ହୋଇଛି ଜୀବନ ଧର୍ମୀ । କବିବର ରାଧାନାଥ ରାୟଙ୍କ ଭାଷାରେ "ଗଙ୍ଗାଧର ଉଚ୍ଚଶ୍ରେଣୀର କବି । କି ବହିଃ ପ୍ରକୃତି କି ଅନ୍ତଃ ପ୍ରକୃତି ଉଭୟର ଯଥାଯଥ ଚିତ୍ରାଙ୍କନରେ ଗଙ୍ଗାଧର ସିଦ୍ଧହସ୍ତ ।" ହିନ୍ଦୀ ସାହିତ୍ୟ କୋଷ'ର ପ୍ରଣେତା କବିଙ୍କ ବିଷୟରେ ଲେଖିଛନ୍ତି "ଓ୍ୱ ଓଡ଼ିଶାକେ ଓ୍ୱାର୍ଡ଼ସଓ୍ୱାର୍ଥ କହେ ଜା ସକତେ ହେଁ ।" ଏହାର ସତ୍ୟ ପାଇଁ ଅଧିକ ଉଦାହରଣ ନିଷ୍ପ୍ରୟୋଜନ ମନେ ହୁଏ । କାଳିଦାସଙ୍କ ପଦାଙ୍କ ଅନୁସରଣ କରି ମେହେର କବି କାବ୍ୟ ରଚନା କରିଥିଲେହେଁ ସେ ସେଥିରେ ଯେପରି ନିଜର ମୌଳିକତା ପ୍ରଦର୍ଶନ କରିଛନ୍ତି ତାହା ମାନବାତ୍ମାର ପରିଚୟ । ତେବେ ସେ କାଳିଦାସଙ୍କ ପ୍ରଭାବକୁ ନମ୍ରତା ସହକାରେ ସ୍ୱୀକାର କରିଛନ୍ତି । ସେ ପ୍ରଣୟବଲ୍ଲରୀର ପ୍ରଥମ ସର୍ଗରେ ଗାଇଛନ୍ତି—

"ଯେଉଁ ପଥେ ଗମି ଭ୍ରମିଛ ଗୁରୁ ହେ
ଭାରତୀ-କୁସୁମ-ବନେ,
ସେହିପଥେ ଚାଲି ତୋଳିବି କୁସୁମ
ପଡ଼ିବ ଯେତେ ନୟନେ,

ଏହିପରି ଏକ ମହାନ କାବ୍ୟ ପ୍ରତିଭା ଓଡ଼ିଆ ସାହିତ୍ୟ ଥିବା ପର୍ଯ୍ୟନ୍ତ ଚିର-ସ୍ମରଣୀୟ ହୋଇ ରହିବ । ପଲ୍ଲୀକବି ଯଥାର୍ଥରେ କବିଙ୍କ ଉଦ୍ଦେଶ୍ୟରେ ଗାଇଛନ୍ତି—

"କିନ୍ତୁ ତୁମେ ଦୀନକବି ରହିବ ଜୀବିତ
ଯେତେଦିନ ଉଦେଥିବ ଓଡ଼ିଆ ସାହିତ୍ୟ ।"

—o—

Digitized by PPRACHIN, SOA

ମେହେର ସାହିତ୍ୟରେ
ଲୋକ-ସଂଗୀତ ଓ ନୀତିବୋଧ

ଶ୍ରୀ ଚୈତନ୍ୟ ପରିଡ଼ା

ଆଧୁନିକ ଓଡ଼ିଆ ସାହିତ୍ୟର ଆଦି ପର୍ବରେ ସ୍ୱଭାବ କବି ଗଙ୍ଗାଧର ହେଉଛନ୍ତି ଏକ ଅସାମାନ୍ୟ ପ୍ରତିଭା । ଆମରି ସମାଜର ଚାଲିଚଳଣି, ଆଚାର-ବିଚାର, ଦୁଃଖ-ସୁଖ, ଭଲମନ୍ଦ, ନୀତି-ଅନୀତିକୁ ନେଇ ସେ ରଚନା କରିଯାଇଛନ୍ତି ତାଙ୍କର କାବ୍ୟ କବିତା । ତେଣୁ ଯଥାର୍ଥରେ ସେ ହେଉଛନ୍ତି—ଏଇମାଟି, ପାଣି ଓ ପବନର କବି, ସତ୍ୟ ଶିବ ଓ ସୁନ୍ଦର କବି । ଆଲୋକ-ଅନ୍ଧାର ସକଳ-ଆପେକ୍ଷିକ ବିଭିନ୍ନ ପ୍ରକୃତି ମଧ୍ୟରେ ଆନନ୍ଦ ସାଧନ କରିବାହିଁ ସେହି କବିଙ୍କର ଶ୍ରେଷ୍ଠ ବାର୍ତ୍ତା । କବିଙ୍କର ଆଦି ପର୍ଯ୍ୟାୟର କାବ୍ୟ ରସରତ୍ନାକର ଠାରୁ ଆରମ୍ଭ କରି ଇନ୍ଦୁମତୀ, କୀଚକବଧ, ପ୍ରଣୟ ବଲ୍ଲରୀ, ତପସ୍ୱିନୀ, ପଦ୍ମିନୀ, ଉତ୍କଳ ଲକ୍ଷ୍ମୀ, କବିତାମାଳା ଓ କୃଷକ ସଙ୍ଗୀତ ପର୍ଯ୍ୟନ୍ତ ଓଡ଼ିଆ ସାହିତ୍ୟରେ ଏକ ଏକ ମାଇଲ ଖୁଣ୍ଟି, ଏକ ଏକ ମହାର୍ଘମଣି । ଯାହାର ଦୀପ୍ତିରେ ଝଲସି ଉଠୁଛି ଆଧୁନିକ ଓଡ଼ିଆ ସାହିତ୍ୟର ଉନ୍ମୁକ୍ତ ଦ୍ୱାର···।

ପୃଥିବୀରେ ଆଦ୍ୟଝଙ୍କାର ହିଁ ସଙ୍ଗୀତ । କର୍ମମୟ ଜୀବନକୁ ସରସ ସୁନ୍ଦର ଗଢ଼ି ତୋଳିବା ପାଇଁ ସଙ୍ଗୀତହିଁ ଅପରିହାର୍ଯ୍ୟ । କବି ଗଙ୍ଗାଧର ମେହେର ଜଣେ ସଙ୍ଗୀତ କବି ଭାବରେ ମଧ୍ୟ ସୁପରିଚିତ । ଏହି ସଙ୍ଗୀତ ଦ୍ୱାରା ସେ ଯେତେ ଲୋକପ୍ରିୟ ହୋଇ ପାରିଛନ୍ତି, ସେପରି ସୌଭାଗ୍ୟ ସେ ସମୟରେ ଅନ୍ୟ କାହାର ହୋଇନାହିଁ । ମେହେରଙ୍କ ସାହିତ୍ୟର ଲୋକପ୍ରିୟତା ଆମ ଦେଶର ସ୍କୁଲ କଲେଜରେ, ସଭାସମିତିରେ, ବିଦଗ୍ଧ ବା ପଣ୍ଡିତ ମହଲରେ ତଥା ପାଲ, ଦାସ କାଠିଆର ଆବୃତ୍ତି ଆଲୋଚନାରେ ପରିବ୍ୟାପ୍ତ ।

ତାଙ୍କ ସଙ୍ଗୀତର ଲୋକପ୍ରିୟତା ଆକସ୍ମିକ ନୁହେଁ । ଏହାର ରହିଛି ଏକ ସୁଦୂର ପରମ୍ପରା । ରୀତି କାବ୍ୟ ଓ ସଙ୍ଗୀତର ମଧୁର ମୂର୍ଚ୍ଛନା ଓଡ଼ିଆ ଜାତିକୁ ଏକଦା ପ୍ରଦାନ କରିଥିଲା ଦିବ୍ୟ ଆନନ୍ଦ । ସଙ୍ଗୀତମୟତା ଖାଲି ଓଡ଼ିଶାରେ କାହିଁକି, ସମଗ୍ର ଭାରତୀୟ କାବ୍ୟ କବିତାରେ ମଧ୍ୟ ଏକ ବିଶେଷତ୍ୱ ।

ସ୍ୱର ସଂଯୋଜନା ଆବୃତ୍ତି ଭିତରେ ନିଃଶ୍ୱାସ ପ୍ରଶ୍ୱାସର ନିୟନ୍ତ୍ରଣ ଓ ମନର ଏକାଗ୍ରତା ଭାରତୀୟ ସଙ୍ଗୀତକୁ ମହନୀୟ ଓ ମହିମାମୟ କରି ପାରିଛି । ବେଳେବେଳେ ଏହି

Digitized by PPRACHIN, SOA

ସଙ୍ଗୀତରେ ଆଧ୍ୟାତ୍ମିକତାର ଭାବ ମଧ୍ୟ ଫୁଟି ଉଠିଛି । ସଙ୍ଗୀତର ନିରବଚ୍ଛିନ୍ନ ଝଙ୍କାରମୟ ଆବୃତ୍ତି ଭିତରେ କୌଣସି ବାହ୍ୟ ଶବ୍ଦବିଭବର ସହାୟତା ନଥାଇ କଳାର ଶ୍ରେଷ୍ଠ ଆଙ୍ଗିକର ବହିଃସ୍ଫୁରଣ ଘଟିଥାଏ । ଏହି ଐକତାନିକ ଶୁଦ୍ଧ ସଙ୍ଗୀତର ଆବୃତ୍ତିରେ ଶିଳ୍ପୀ ଓ ଶ୍ରୋତା ଉଭୟେ ତନ୍ମୟ ହୋଇ ଆତ୍ମନିମଜ୍ଜିତ ହୋଇ ଉଠନ୍ତି ଏବଂ ଏହି ସଙ୍ଗୀତ ସେମାନଙ୍କୁ ଏମିତି ଏକ ସ୍ଥାନକୁ ଟାଣି ନିଏ, ଯେଉଁଠାରେ କି ସାଂସାରିକ ସକଳ ସ୍ମୃତିର ବିସ୍ମରଣ ଘଟେ, ଶୁଦ୍ଧ ସାତ୍ତ୍ୱିକ କଲ୍ୟାଣମୟ ଶାନ୍ତ ଓ ସୁସ୍ଥିତିରେ ମାନବଚିତ୍ତ ଆତ୍ମବିମୁଗ୍ଧ ହୁଏ । ଏହାହିଁ ସଙ୍ଗୀତ କଳାର ଚରମ ଅଭିମୁଖ୍ୟ । ତେଣୁ କୁହାଯାଇଛି—'Indian music ia unlike the harmonic system in which the highest form of art is the continual singing of pure melody (raga) unaides by any words. This pure melodic elaboration helps both the singer and listener to become absorbed in the depths of his own. Being or transported to a place where all mundane memory ceases to intrude or distrub the blissfulness or poise which the spirit achieves." (I)

ବର୍ତ୍ତମାନ କବିତା ହେଲା ବାକ୍‌ଗୀତି ସହିତ କାବ୍ୟିକ ସ୍ୱରର ସମ୍ମିଶ୍ରଣ । ତେଣୁ ଆଧୁନିକ କାବ୍ୟ କବିତା ଛନ୍ଦ ଓ ସଂଗୀତିକତାକୁ ହରାଇବା ଫଳରେ ବିଶେଷ ଆଦୃତ ହୋଇପାରୁ ନାହିଁ; ଖାଲି ସେତିକି ନୁହେଁ ଓଡ଼ିଶାର ଜନତା ସେମାନଙ୍କ ଅଶ୍ରୁତ ସହିତ ଯେତେ ସୁପରିଚିତ, ଆଧୁନିକତା ସହିତ ସେପରି ପରିଚିତ ବା ଅଭ୍ୟସ୍ତ ହୋଇ ପାରିନାହାନ୍ତି । ଏଇଥିପାଇଁ ମେହେର କବି ଗଙ୍ଗାଧରଙ୍କ ସାହିତ୍ୟରେ ପ୍ରାଚୀନ କାବ୍ୟ ଯୁଗୀୟ ବିଭବ ଯୋଗୁ ତାହା ଓଡ଼ିଶାର ଗଣଚିତ୍ତକୁ ଆକର୍ଷଣ କରିପାରିଛି । ଏପରିକି ଗାଈ ଜଗୁଆଳ ପିଲାଙ୍କଠାରୁ ଆରମ୍ଭ କରି ପାଠକ ମହଲ ପର୍ଯ୍ୟନ୍ତ 'ମଙ୍ଗଳେ ଅଇଲା ଉଷା' ପରି ଗୋଟିଏ ଗୋଟିଏ ଛନ୍ଦ ବହୁ ଲୋକଙ୍କର କଣ୍ଠସ୍ଥ । ଗଙ୍ଗାଧରଙ୍କ କାବ୍ୟରେ ନଟବାଣୀ, ଶ୍ରେଖି, ରସକୁଲ୍ୟା, ବଙ୍ଗଳାଶ୍ରୀ ଆଦି ବୃତ୍ତଗୁଡ଼ିକ ଏକାନ୍ତ ଲୋକପ୍ରିୟ । ଲୋକଚିତ୍ତକୁ ସ୍ପର୍ଶ କରିବାରେ କବିତାର ମାଧ୍ୟମ ହିସାବରେ ଏହି ବୃତ୍ତ ଗୁଡ଼ିକର ଭୂମିକା ଗୁରୁତ୍ୱପୂର୍ଣ୍ଣ ।

ପୁନଶ୍ଚ ପ୍ରାଚୀନ ଓ ମଧ୍ୟଯୁଗୀୟ କାବ୍ୟରେ ଥିଲା କ୍ଲିଷ୍ଟ ରଚନା ଶୈଳୀ ଓ ଶବ୍ଦାଡ଼ମ୍ବର । କବି ଗଙ୍ଗାଧର ଭଞ୍ଜଯୁଗୀୟ କ୍ଲିଷ୍ଟ ରଚନା ଶୈଳୀରୁ ମୁକ୍ତ ହୋଇ ରାଧାନାଥ ଯୁଗୀୟ ସରଳତା ଓ ସାବଲୀଳ କାବ୍ୟ-ଶୈଳୀରେ କାବ୍ୟ କବିତା ରଚନା କଲେ ।

I. Sources of Indian Tradition, Colombia Univercity Page—262

Digitized by PPRACHIN, SOA

ଫଳରେ ପ୍ରାଚୀନ ଓ ଆଧୁନିକ ପନ୍ଥୀ ଉଭୟଙ୍କର ଫଳ କାବ୍ୟ ଆଦରଣୀୟ ହୋଇ ପାରିଥିଲା ।

ମୋଟ ଉପରେ କହିବାକୁ ଗଲେ ତାଙ୍କ ସୃଷ୍ଟିର ପ୍ରତି ପର୍ଯ୍ୟାୟରେ ଏହି ଆଦର୍ଶର ସ୍ୱର ଝଂକୃତ । 'କୃଷକ ସଙ୍ଗୀତ' କବିଙ୍କର ଅନ୍ୟ ଏକ ନୂତନ ସୃଷ୍ଟି । ଏହି କାବ୍ୟର ସୃଷ୍ଟି ମୂଳରେ ନୀତିବୋଧର ଗ୍ରୁପ୍ସା ପ୍ରତିଫଳିତ ହୋଇଛି । ଅବଶ୍ୟ ଏପରି ସୃଷ୍ଟିର ବହୁପୂର୍ବରୁ ଶ୍ରମକ୍ଳାନ୍ତ କୃଷକର କ୍ଳାନ୍ତି ଅପହରଣ ଉଦ୍ଦେଶ୍ୟରେ ବିଭିନ୍ନ ପ୍ରକାର ରାଗରାଗିଣୀ ଯୁକ୍ତ ସଙ୍ଗୀତ ଲୋକମୁଖରେ ଥିଲା । ସେଗୁଡ଼ିକ ଲୋକ ଗୀତ ଭାବେ ଜନ ପ୍ରିୟତା ହାସଲ କରିପାରିଥିଲା । ଗଙ୍ଗାଧର କିନ୍ତୁ କୃଷି ଓ କୃଷକ ଜୀବନକୁ ନେଇ ରଚନା କଲେ ଭିନ୍ନ ସ୍ୱାଦର କବିତା । କୃଷକମାନଙ୍କୁ ନୀତିଗତ ମାର୍ଗରେ ଉତ୍ସାହିତ କରିବାହିଁ ଏହି ରଚନାର ଶ୍ରେଷ୍ଠ ଉଦ୍ଦେଶ୍ୟ । ତେଣୁ କବି କୃଷକ ସଙ୍ଗୀତର ମୁଖବନ୍ଧରେ ଲେଖିଛନ୍ତି—

"ଏ ଦେଶର କୃଷକମାନେ ହଳଚାଳନ ସମୟରେ ଗୀତ ଗାଇ ଆମୋଦ ଲାଭ କରି ବଳଦମାନଙ୍କୁ ଉତ୍ତେଜିତ କରିଥାନ୍ତି । ସେ ସବୁ ଗୀତ ଅଧିକାଂଶ ଅସଭ୍ୟତା ଜନକ ବ୍ୟଞ୍ଜକ ଅଶ୍ଳୀଳତାରେ ପୂର୍ଣ୍ଣଥାଏ । କୃଷକଙ୍କୁ ଉପରକୁ ନ ଉଠାଇଲେ ସମାଜ ଉନ୍ନତ ହୋଇପାରିବ ନାହିଁ ବୋଲି ବହୁଦର୍ଶୀ ବିଦ୍ୱାନମାନେ କହିଥାନ୍ତି । ସେମାନଙ୍କୁ ସରଳ ସୁଗମ ମାର୍ଗରେ ଉପରକୁ ଉଠାଇବା ନିମନ୍ତେ ତାଙ୍କ ଗୀତରେ ତାଙ୍କୁ ଉତ୍ସାହିତ କରିବା ଗୋଟିଏ ସହଜ ଉପାୟ, ଯଦ୍ଦ୍ୱାରା ସେମାନେ ଗୀତ ଗାଇ ହିତ ଓ ଆମୋଦ ଲାଭ କରିବେ ଏବଂ ସେମାନଙ୍କର ଅସଭ୍ୟତା-କଳଙ୍କ ଦୂରହେବ । ଅତଏବ କବି କୃଷି ସମ୍ବନ୍ଧୀୟ କେତେକ ନୀତି ଉପଦେଶ କଥା କହି ଏ ଦେଶର କୃଷକମାନଙ୍କୁ ଆଗେଇବା ପାଇଁ ବାଟ ଦେଖାଇ ପାରିଛନ୍ତି । କୃଷି ସମ୍ବନ୍ଧୀୟ ବିଭିନ୍ନ ତଥ୍ୟ ବିଭିନ୍ନ ଚାଷ ପ୍ରଣାଳୀ ଓ ଉଦ୍ଭିଦ ରୋଗର ପ୍ରତିକାର ଆଦି ସରଳ ଓ ସୁବୋଧ ଭାଷାରେ ଧାନଚାଷ, ଆଖୁଚାଷ, ଆଳୁ, ପାନ, କୋବି, କପା, ଛଣ, ସାରୁ, କାଉଁରିଆ, ବ୍ରୀହି, ମୁଗ, ଧନିଆ, କଦଳୀ, ପୋଟଳ, ଚଣା ଆଦି କବିତାରେ ବ୍ୟକ୍ତ କରିଛନ୍ତି । ଏଗୁଡ଼ିକ କେବଳ କୃଷି ବିଜ୍ଞାନ ନହୋଇ ପାଠକର ରସତୃଷ୍ଣା ଚରିତାର୍ଥ କରିବାରେ ସାହାଯ୍ୟ କରିଛି । ପୁଣି ଏମାନଙ୍କର ସଙ୍ଗୀତ ମୟତା କୃଷକମନରେ ଆନନ୍ଦ ସଂଚାର କରିବା ସଙ୍ଗେ ସଙ୍ଗେ ପାଠକର ଅନ୍ତରରେ ରସୋତ୍କଣ୍ଠା ଜାଗ୍ରତ କରିଥିଲା । ତେଣୁ କବି କହନ୍ତି—

"ଦଳଦଳ ପତଙ୍ଗ କ୍ଷେତ୍ରରେ ବିଚରି
ଗଛପତ୍ର ଫଳକୁ ଦେଇଥାନ୍ତି ଚରି,
ସ୍ଥାନେ ସ୍ଥାନେ କ୍ଷେତ୍ରରେ ସନ୍ଧ୍ୟାରେ ଅନଳ
ଜାଳି ଦେଲେ, ମରନ୍ତି ତହିଁରେ ଝସାଇ ଅନର୍ଗଳ ହେ ।"

Digitized by PPRACHIN, SOA

କବିତା କେବଳ ଏକ ବିଳାସ ସାମଗ୍ରୀ ନୁହେଁ କିମ୍ବା ଶିକ୍ଷିତ ଓ ବୁଦ୍ଧିଜୀବୀ ମାନଙ୍କର କେବଳ ଏହା ଅନୁଭବ ଓ ଭକ୍ତି ବୃତ୍ତିର ଅଭିବ୍ୟକ୍ତି ମାତ୍ର ନୁହେଁ । କବିତା ହେଉଛି ମାନବ ସମାଜର ହିତସାଧକ ଓ କଲ୍ୟାଣକାରୀ ମଧ୍ୟ । କୃଷି କୃଷକର ଚିର ସହଚରୀ । ଜୀବନର ଦୁଃଖସୁଖ, ଭଲମନ୍ଦର ଚିତ୍ର ସେ କବିତାରେ ଦେଖି ଯେପରି ହୃଷ୍ଟ ହୁଏ, ସେହିପରି ଆପଣାର ଜୀବିକା ସହାୟକ ତଥ୍ୟ ବହୁଳ ପଂକ୍ତିମାନଙ୍କୁ ସେ ଆଦରର ସାମଗ୍ରୀ ପରି ସାଇତି ରଖେ । କୃଷକମାନଙ୍କ ପାଇଁ ଗଙ୍ଗାଧର ଏପରି ଏକ ସଙ୍ଗୀତ ପେଟିକା ପ୍ରସ୍ତୁତ କରିଥିଲେ, ଯହିଁରେ କୃଷି ସମ୍ବନ୍ଧୀୟ ସୁନ୍ଦର ସୁନ୍ଦର ପଂକ୍ତି ଗୁଡ଼ିକ ଆମ ସମସ୍ତଙ୍କ ମନକୁ ସ୍ପର୍ଶ କରେ । 'ଅନ୍ନର ମହିମା' 'କୃଷକର ଆତ୍ମକଥା' ପ୍ରଭୃତି କବିତାରେ କବିଙ୍କର ମନନଶୀଳତା ଓ କୃଷକ ଜୀବନ ପ୍ରତି ବ୍ୟାପକ ସମ୍ବେଦନଶୀଳତା ଏଥିରେ ହୋଇଛି ପ୍ରକଟିତ । ଅବଶ୍ୟ ବିଜ୍ଞାନ ଯୁଗରେ କୃଷି ସମ୍ବନ୍ଧୀୟ ନାନା ପ୍ରକାର ଯନ୍ତ୍ର ଓ ଔଷଧ ବାହାରିଲାଣି । କିନ୍ତୁ ଟିକିଏ ତଳେଇ କରି ଦେଖିଲେ ବହୁବର୍ଷ ପୂର୍ବେ କୃଷିର ମହତ୍ତ୍ୱ ଉପଲବ୍ଧି କରି କୃଷକମାନଙ୍କୁ ଏହି ସଙ୍ଗୀତ ଦ୍ୱାରା କବି କରିଛନ୍ତି ଅନୁପ୍ରାଣିତ ଓ ଉତ୍ସାହିତ । ସମାଜରେ କୃଷକର ସ୍ଥାନ ଖୁବ୍ ଉଚ୍ଚରେ ବୋଲି ଗାନ୍ଧି, ଟଲ୍‌ଷ୍ଟୟ ପ୍ରଭୃତି ମନୀଷୀମାନେ ଉପଲବ୍ଧି କରିଥିଲେ ମଧ୍ୟ ଆଜି କୃଷକର ନିରୀହତାର ସୁଯୋଗ ନେଇ ସେମାନଙ୍କୁ ସୁବିଧାବାଦୀ ଲୋକେ ଶୋଷଣ ଓ ସର୍ବସ୍ୱାନ୍ତ କରନ୍ତି । ପରିଶ୍ରମ ପ୍ରିୟ ଉପର ମହଲର ସୌଖୀନ ପ୍ରିୟ ଲୋକଙ୍କ ସହିତ ନିଜକୁ ତୁଳନା କରି କୃଷକ କହେ—

ଟାଣିଥାନ୍ତି ପଣାରେ ଅପସରାମନ,
କେବେ ସୁରାଳୟକୁ କରନ୍ତି ଗମନ ।
ଚଷାଘରର କେମନ୍ତେ ବୁଝିବ ସେ ମିଠା,
କାମ କରେ ଖରାରେ, ଧରାରେ ଖାଇଣ ପୋଡ଼ ପିଠା ହେ ।"

କବି ଏହି ଭଳି ଅନେକ ପଙ୍‌କ୍ତିରେ ପୂର୍ବ ପ୍ରଚଳିତ ଲୋକଗୀତର ଛନ୍ଦ ଅନୁସରଣ କରିଛନ୍ତି ଏବଂ ଏକ ସରଳ ଭାଷାରେ କୃଷକମାନଙ୍କୁ ନୀତିଶିକ୍ଷା ଦେବା ସଙ୍ଗେ ସଙ୍ଗେ ସରସ ପଦ୍ୟାବଳୀ ଦ୍ୱାରା ଶ୍ରମିକର ମନୋରଞ୍ଜନ କରି ପାରିଛନ୍ତି । ଶିକ୍ଷା ଓ ହିତ ଦୃଷ୍ଟିରୁ ବାସ୍ତବିକ ଏହା ସ୍ୱତନ୍ତ୍ର ସୃଷ୍ଟି ।

ସେହିପରି କବିଙ୍କ ଇନ୍ଦୁମତୀ କାବ୍ୟରେ ଯେଉଁ ଯେଉଁ ନୀତିକଥା କହିଛନ୍ତି ତାହା ସର୍ବଜନାଦୃତ ହୋଇପାରିଛି । ବାସ୍ତବରେ ଏହା କ୍ଲାସିକ୍ ସାହିତ୍ୟରେ ପରିଣତ ହୋଇଛି । ଗୋଟିଏ ଦୃଷ୍ଟାନ୍ତ ଦେଖନ୍ତୁ;

Digitized by PPRACHIN, SOA

"ବଳବନ୍ତ ଠାରେ ବଳବନ୍ତ ହିନା
ପ୍ରକାଶଇ ପରାକ୍ରମ,
ବଳହୀନଠାରେ ବଳ ଦେଖାଇବା
ନୁହଇ କ୍ଷତ୍ରିୟ ଧର୍ମ ।
ନନ୍ଦିତ ନିରସ୍ତ୍ର ଶରଣ ଆଗତ
ଅବଳା ବୃଦ୍ଧ ବାଳକ,
ଏମାନଙ୍କୁ ବଳେ ନାଶକଲେ ଲାଗେ
ବୀର-ଯଶରେ କଳଙ୍କ ।"

ଏହିପରି କବି ଗଙ୍ଗାଧରଙ୍କ ବିଭିନ୍ନ କାବ୍ୟ କବିତାରୁ ବହୁ ନୀତିବାଣୀର ଦୃଷ୍ଟାନ୍ତ ପ୍ରଦାନ କରାଯାଇ ପାରେ । କବି ଗଙ୍ଗାଧର ଯେ ସମାଜ ସଚେତନ ମାନବ ମଙ୍ଗଳକାମୀ କବି; ଏହା ନିଃସନ୍ଦେହ ।

—o—

Digitized by PPRACHIN, SOA

ଜାତୀୟତା ଓ ଦେଶାତ୍ମବୋଧତା ଦିଗରେ କବି ଗଙ୍ଗାଧର

ଅନ୍ନପୂର୍ଣ୍ଣା ମଲ୍ଲିକ

ଦିନଥିଲା ଯେତେବେଳେ ଏହି ଉତ୍କଳ ଥିଲା ସୁଜଳା ସୁଫଳା ଶସ୍ୟ ଶ୍ୟାମଳା ଓ ଛବିଳ ସଭ୍ୟତା ଓ ସଂସ୍କୃତିରେ ଥିଲା ଉନ୍ନତ । ଯେତେବେଳେ ଏ ଦେଶର ସାଧବ ପୁଅ ବୋଇତ ନେଇ ଜାଭା, ସୁମାତ୍ରା ପ୍ରଭୃତି ଅଞ୍ଚଳରୁ ବୋହି ଆଣୁଥିଲା ବିପୁଳ ଧନରତ୍ନ, ସେତେବେଳେ ଶୌର୍ଯ୍ୟ, ବୀର୍ଯ୍ୟ ଓ ପରାକ୍ରମରେ ବୀର ଓଡ଼ିଆ ଯେପରି ଶତ୍ରୁ ହୃଦୟରେ ଭୀତି କମ୍ପନ ସୃଷ୍ଟି କରିପାରୁଥିଲା, ଅନ୍ୟଦିଗରେ ସେହିପରି ବାଣିଜ୍ୟ, ବ୍ୟବସାୟରେ ଯଥେଷ୍ଟ ଉନ୍ନତି କରି ଦେଶକୁ ବିଭବଶାଳୀ କରି ପାରିଥିଲା । କିନ୍ତୁ ନିୟତିର କ୍ରୂର ପରିହାସରେ ଏ ଜାତିର ଭାଗ୍ୟ ବିପର୍ଯ୍ୟସ୍ତ ହେଲା । ବର୍ଗୀର ଭୁକ୍ତାବଶେଷ ଇଂରେଜମାନଙ୍କ ଲୋଲୁପ ଦୃଷ୍ଟିରୁ ରକ୍ଷା ପାଇବା ପରିବର୍ତ୍ତେ ରାଜନୀତିକ ଅଭିସନ୍ଧିଦ୍ୱାରା ଶିକାର ହୋଇ ଉତ୍କଳ ଖଣ୍ଡ ବିଖଣ୍ଡିତ ହେବା ସଙ୍ଗେ ସଙ୍ଗେ ଜାତୀୟ ଜୀବନରେ ପରାଧୀନତା କଳଙ୍କ ଲାଗି ଭାଷା, ସଭ୍ୟତା ଓ ସଂସ୍କୃତି ମଧ୍ୟ ବିପନ୍ନ ହେଲା । ଦେଶ ଓ ଜାତିର ଏହିପରି ଏକ ସଙ୍କଟପୂର୍ଣ୍ଣ ମୁହୂର୍ତ୍ତରେ ଏକ ପବିତ୍ର ଶ୍ରାବଣ ପୂର୍ଣ୍ଣିମା ବା ରାକ୍ଷୀ ପୂର୍ଣ୍ଣିମାର ଶୁଭ ଅବସରରେ ସମ୍ବଲପୁରର ବରପାଲି ଗ୍ରାମର ଏକ ତନ୍ତୀକୁଳରେ ପିତା ଚୈତନ୍ୟ ମେହେରଙ୍କ ଔରସରୁ ଏବଂ ମାତା ସେବତୀ ଦେବୀଙ୍କ ଗର୍ଭରୁ ୧୮୬୨ ମସିହା ଅଗଷ୍ଟ ୯ ତାରିଖରେ ଜନ୍ମନେଲେ ସ୍ୱଭାବ କବି ଗଙ୍ଗାଧର ମେହେର ।

ଗଙ୍ଗାଧରଙ୍କର ଥିଲା ଏକ ଦିବ୍ୟ କବି ଦୃଷ୍ଟି । ଈଶ୍ୱରଦତ୍ତ ପ୍ରତିଭାର ଅଧିକାରରେ ତାଙ୍କର କାବ୍ୟସୃଷ୍ଟି ଅନୁପମ ଶୋଭା ଧାରଣ କରିଥିଲା । ପୁଣ୍ୟାତ୍ମା ନହେଲେ ମୃତ୍ୟୁକୁ କେହି ଅମୃତର ସୋପାନ କରିପାରେ ନାହିଁ । ସେ ଥିଲେ ଏହି ଶ୍ରେଣୀର ସାଧକ ଯିଏକି ମୃତ୍ୟୁର ବହୁବର୍ଷ ପରେ ସୁଦ୍ଧା ଓଡ଼ିଆ ଜାତିର ମାନସ ପଟରେ ଅମଳିନ ତଥା ଚିର ଜାଜ୍ଜ୍ୱଲ୍ୟମାନ ହୋଇ ରହିଛନ୍ତି । ସେ ସାତ ଆଠ ବର୍ଷ ବୟସରେ ଚାଟଶାଳୀରେ ବିଦ୍ୟାରମ୍ଭ କରି ୧୮୮୨ ମସିହାରେ ୫ମ ଶ୍ରେଣୀ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିଲେ । ଏହାହିଁ ଥିଲା ତାଙ୍କର ସର୍ବୋଚ୍ଚ ଶିକ୍ଷାଗତ ଯୋଗ୍ୟତା । ନିଜର ଦାରିଦ୍ର୍ୟ ଏବଂ ପରିବାରର ଦାୟିତ୍ୱ ତାଙ୍କୁ ବିଦ୍ୟାଧ୍ୟୟନର ସୁଯୋଗ ଦେଇ ନଥିଲା । କବି ଗଙ୍ଗାଧର ଯେ ଜଣେ ସାର୍ଥକ କବିଥିଲେ ଏଥିରେ ଦ୍ୱିମତର ଅବକାଶ ନାହିଁ । ଓଡ଼ିଆ ସାହିତ୍ୟ ତଥା ଓଡ଼ିଆ

Digitized by PPRACHIN, SOA

ଜାତିକୁ ତପସ୍ୱିନୀ, ପ୍ରଣୟ ବଲ୍ଲରୀ, କୀଚକବଧ, ଇନ୍ଦୁମତୀ ପ୍ରଭୃତି କେତେକ କାବ୍ୟ ତାଙ୍କର ଗୋଟିଏ ଗୋଟିଏ ମହାନ୍ ଅବଦାନ । କବିଙ୍କ ରଚନାରେ ସମ୍ମୋହନୀ ଶକ୍ତି, ଶବ୍ଦ ବିନ୍ୟାସରେ ଶିଳ୍ପୀର ସୁଦକ୍ଷ ନୈପୁଣ୍ୟ ଏବଂ ସ୍ୱରରେ ଅଭିବନୀୟ ମୂର୍ଚ୍ଛନା ସ୍ପଷ୍ଟ ପ୍ରତୀୟମାନ ହୁଏ ଏହି ସବୁ କାବ୍ୟ ଗୁଡ଼ିକରୁ । କାବ୍ୟଗୁଡ଼ିକ ବିଷୟରେ ବିଶଦ ଆଲୋଚନା ବେଳେ ଗଙ୍ଗାଧରଙ୍କ ବିଷୟରେ ଆମ ମନରେ ସଂକ୍ଷେପରେ କେବଳ ଏତିକି ଧାରଣା ଜାତ ହୁଏ ଯେ:—

"ପ୍ରତି ପ୍ରାଣ କାନ୍ଦେ ଶୁଣି ତପସ୍ୱିନୀ ଜାନକୀ ଦୁଃଖ କାହାଣୀ
ପୁଲକ ଜଣାଏ ପ୍ରଣୟ ବଲ୍ଲରୀ ପୀରତି ପୀୟୂଷ ବାଣୀ ।
କୀଚକ ବଧରେ ସତୀ ଅପମାନେ ଦେଇଛୁ ଦଣ୍ଡ ଦୃଷ୍ଟରେ
ପ୍ରାଚ୍ୟ ନାରୀକୁ ସ୍ୱାଧୀନତା ତୁମେ ଦେଇଛ ଇନ୍ଦୁମତୀରେ ।"

ସେ ଥିଲେ ବହୁମୁଖୀ ପ୍ରତିଭାର ଅଧିକାରୀ । ସାହିତ୍ୟରେ ଅନ୍ତଃପ୍ରକୃତି ସହିତ ବାହ୍ୟ ପ୍ରକୃତିର ସମନ୍ୱୟ ବର୍ଣ୍ଣନାରେ ସ୍ୱକୀୟ ପରିକଳ୍ପନା ତାଙ୍କୁ ସ୍ୱଭାବ କବି' ଗୌରବ ପ୍ରଦାନ କରିଛି । ତେବେ ସେ ଯାହାହେଉ ଜାତୀୟ କବି ଗଙ୍ଗାଧର କିପରି ଜାତିର ଜୀବନ, ଧାରାକୁ ଅଧ୍ୟୟନକରି ତାହାର ମରମବାଣୀ ଅତି ବ୍ୟାକୁଳ ଭାବରେ ପରିବେଷଣ କରିଥିଲେ ତାହାହିଁ ବର୍ତ୍ତମାନର ଆଲୋଚ୍ୟ ବିଷୟ । ନୈସର୍ଗିକ କବି ଗଙ୍ଗାଧର ଅସାଧାରଣ ପ୍ରତିଭାଶାଳୀ ଥିଲେ । ସେ ରାଧାନାଥରୂପୀ ତେଜସ୍କର ଗ୍ରହର ଏକ ଉପଗ୍ରହ ହେବା ପରିବର୍ତ୍ତେ ଓଡ଼ିଆ ସାହିତ୍ୟାକାଶରେ ସେ ହୋଇପାରିଛନ୍ତି ଆଉ ଏକ ତେଜସ୍କର ଗ୍ରହ । ଆଦର୍ଶବାଦୀ କବି ଗଙ୍ଗାଧର ଆଦର୍ଶମୟ ମାନବୀୟ ପ୍ରେମର ମହତ୍ତ୍ୱ ପୋଷଣ ସାମାଜିକ ମହତ୍ତ୍ୱ ପ୍ରକାଶ କରିଥିଲେ । ଦେଶାତ୍ମବୋଧଭାବ ଓ ଜାତୀୟତା କବିଙ୍କ ରଚନାବଳୀରେ ସ୍ପଷ୍ଟଭାବେ ଫୁଟି ପଡ଼ିଅଛି ।

କବି ଯେଉଁ ସମୟରେ ଆବିର୍ଭୂତ ହୋଇଥିଲେ ତାହା ଥିଲା ଜାତୀୟ ଆନ୍ଦୋଳନର ଯୁଗ । ଉତ୍କଳ ମାତାର ଖଣ୍ଡ ବିଖଣ୍ଡିତ ଅବସ୍ଥା ଗଙ୍ଗାଧରଙ୍କ କୋମଳ କବି ପ୍ରାଣରେ ପ୍ରଚଣ୍ଡ ଆଘାତ ଆଣିଦେଇଥିଲା । ଏ ଦେଶ ଓ ଜାତିର ମର୍ମ ବେଦନାକୁ କବି ବୁଝିଥିଲେ । ତେଣୁ ଉଚ୍ଚକୋଟୀର କାବ୍ୟ କବିତା ପ୍ରଣୟନ କରି ଜାତୀୟ ସାହିତ୍ୟକୁ ସମୃଦ୍ଧି କରିବା ସଙ୍ଗେ ସଙ୍ଗେ କାବ୍ୟ କବିତା ମାଧ୍ୟମରେ ହୀନମନ୍ୟତା ରୋଗଗ୍ରସ୍ତ ଉତ୍କଳୀୟମାନଙ୍କୁ ସତର୍କ କରି ଦେଇଥିଲେ ଯେ ଜାତିର ବିକାଶ ଓ ସମୃଦ୍ଧି ପ୍ରଧାନତଃ ତାର ଜାତୀୟ ଭାଷା ଓ ସାହିତ୍ୟର ଶ୍ରୀବୃଦ୍ଧି ଉପରେ ନିର୍ଭର କରେ । ସେ ପରମୁଖାପେକ୍ଷିତାକୁ ଘୃଣା କରୁଥିଲେ ଏବଂ ସାଂସ୍କୃତିକ ଐତିହ୍ୟ ଉପରେ ଗୁରୁତ୍ୱ ଦେଇ ଇଂରେଜୀ ଭାଷା ଓ ସାହିତ୍ୟ ପ୍ରତି ଅନୁରକ୍ତ ଶିକ୍ଷିତ ଉତ୍କଳୀୟମାନଙ୍କ ଉଦ୍ଦେଶ୍ୟରେ ବଜ୍ର ନିର୍ଘୋଷ କଣ୍ଠରେ କହିଥିଲେ:—

Digitized by PPRACHIN, SOA

"ମାତୃଭୂମି ମାତୃଭାଷାର ମମତା
ଯାହା ହୃଦେ ଜନମି ନାହିଁ,
ତା'କୁ ଯେବେ ଜ୍ଞାନୀ ଗଣରେ ଗଣିବା
ଅଜ୍ଞାନ ରହିବେ କାହିଁ ।"

ଗଙ୍ଗାଧର ସାମନ୍ତବାଦୀ ସମାଜରେ କାର୍ଯ୍ୟ କରିଥିଲେ । ଜମିଦାରୀ ଏବଂ ପୌରହିତ୍ୟ ପ୍ରଥାର ପ୍ରଭାବ ସମାଜରେ ଜାତି ଅଜାତିଭିତରେ ଯେଉଁ ବାଡ଼ବନ୍ଧା ସୃଷ୍ଟି କରିଥିଲା ଏଥିରେ ଦଳେ ମୁଷ୍ଟିମେୟ ଗୋଷ୍ଠୀ ଅବାରିତ ଭାବରେ ଶୋଷଣ କରୁଥିଲେ । ଅଜ୍ଞାନ ଅନ୍ଧକାରରେ ସଡ଼ି ମରୁଥିବା ଅଧିକାଂଶ ନିରୀହ ଦୁଃଖ ପ୍ରପୀଡ଼ିତ ଜନତାର ଯନ୍ତ୍ରଣାକୁ ଉପଲବ୍ଧି କରି ତତ୍କାଳୀନ ସମାଜର ଉତ୍ପୀଡ଼କ, ଶୋଷକ ଏବଂ ନ୍ୟସ୍ତ ସ୍ୱାର୍ଥ ଲୋକଙ୍କୁ ଅତି ତୀବ୍ର ଭାବରେ ସମାଲୋଚନା କରି କବି ଗଙ୍ଗାଧର ଯେଉଁ ସତର୍କବାଣୀ ସମାଜକୁ ଶୁଣାଇ ଅଛନ୍ତି ତାହା ତାଙ୍କର "ତାକୁ ମଧ ବୋଲିଥାନ୍ତି ଧର୍ମ ଅବତାର" କବିତାରେ" ସୁସ୍ପଷ୍ଟ:—

"ମନଯାର ବ୍ୟସ୍ତ ସଦା ପରସ୍ୱ ହରଣେ
ଧନଯାର ବଦଳିତ ଗଣିକା ଚରଣେ
ଜୀବନ ଯା ଲକ୍ଷ ଲକ୍ଷ ଲୋକଙ୍କର ଭାର
ତାକୁ ମଧ ବୋଲି ଥାନ୍ତି ଧର୍ମ ଅବତାର ।"

ଗଙ୍ଗାଧର ନୈରାଶ୍ୟବାଦୀ ନଥିଲେ । ସେ ଥିଲେ କର୍ମଯୋଗୀ । ଦେଶର ଦୁଃଖ ଏବଂ ଅଭାବକୁ ପ୍ରାଞ୍ଜଳ ଭାବରେ କଟାକ୍ଷପାତ କରିଥିଲେ । ଯେତେବେଳେ ପାଶ୍ଚାତ୍ୟ ଶିକ୍ଷା ଓ ସଭ୍ୟତା ପ୍ରଗତି ଦିଗରେ ଅଗ୍ରସର ସେତେବେଳେ ଉତ୍କଳ ଯେ ଏତେ ପଛରେ ପଡ଼ିରହିଥିଲା, ଏହି ହୀନମନ୍ୟତାର ଦୂରୀକରଣ ତଥା ଜାତିର ପ୍ରାଣରେ ସାହସ ଓ କର୍ମନିଷ୍ଠା ଜାଗରଣ ପାଇଁ ସେ ଉଦ୍‌ବୋଧନ ଦେଲେ —

"କରମ ନମନ୍ତେ ନାହିଁ ବଂଶ ପ୍ରୟୋଜନ,
ନୀଚହୋଇ କରେ ଯେବେ ଉତ୍ତମକରମ
ତା' ଚରଣେ ଉଚ୍ଚ ସେବେ ସଂସାର ଧରମ ।"

ବର୍ତ୍ତମାନର ଆଧୁନିକ ଓଡ଼ିଆ ସମାଜରେ ସବୁଠାରୁ ବଡ଼ ଦୁର୍ବଳତା ହେଉଛି ହୀନମନ୍ୟତା । ବର୍ତ୍ତମାନର ଏହି ପ୍ରଗତି ପ୍ରତିଯୋଗିତାର ଯୁଗରେ ଏ ଯେଉଁ ଦୌଡ଼ ଏଥିରେ ସମକକ୍ଷ ହୋଇ ପାଦକୁ ପାଦ ମିଳାଇ ଅଗ୍ରସର ନହେଲେ ଓଡ଼ିଆ ଜାତି ଯେ ପଛରେ ପଡ଼ିଯିବ, ଏହା ଭାବ ବହୁବର୍ଷ ତଳେ ଗଙ୍ଗାଧର ତତ୍କାଳୀନ ସମାଜକୁ ଯେଉଁ

Digitized by PPRACHIN, SOA

ଭାଷାରେ ଉଦ୍‌ବୋଧନ ଦେଇଥିଲେ ଆଜି ଯେ ସେହି ଅମୂଲ୍ୟ ବାଣୀର ମୂଲ୍ୟବୋଧ ବ୍ୟାପକ ଭାବରେ ଅନୁଭୂତ ତାହା ସ୍ପଷ୍ଟ ପ୍ରତୀୟମାନ । ସେ କହିଥିଲେ: —

"ଚୌଦିଗେ ଶୁଭୁଛି ଉଠ ଜାଗ ଜାଗ
ଅଣ୍ଟାଭିଡ଼ି ନିଜ କର୍ମେ ଲାଗ ଲାଗ
କର୍ମ ବାଷ୍ପରଥ ଧାଇଁ ଶଙ୍ଖ ସ୍ୱନେ ।
ଆସି ଏବେ ଲାଗିଗଲାଣି ଷ୍ଟେସନେ ।
ଚଢ଼ିବା ସମୟ ହେଲାଣି ନିକଟ
ଶୋଇ ପଡ଼ିଅଛ ନିକଣି ଟିକଟ ।"

ପୁଣି ସେ ଉତ୍କଳୀୟଙ୍କ ପ୍ରାଣେ ପ୍ରାଣେ ନବଚେତନାର ଆନୟନ ଏବଂ ମାତୃଭୂମି ଓ ମାତୃଭାଷାର ମମତା ଜନ୍ମାଇବା ପାଇଁ କହିଉଠିଛନ୍ତି :—

"ଉଚ୍ଚ ହେବା ପାଇଁ କର ଯେବେ ଆଶା
ଉଚ୍ଚ କର ଆଗେ ନିଜ ମାତୃଭାଷା ।"

ସୁପ୍ତ ଜାତିକୁ ଜାଗ୍ରତ କରିବାପାଇଁ ଏସବୁ ଗୋଟିଏ ଗୋଟିଏ ତାଙ୍କର ଅମୋଘ ଅସ୍ତ୍ର । ଗଙ୍ଗାଧରଙ୍କ କାବ୍ୟ କବିତାରେ ଜାତି ପ୍ରାଣର ବ୍ୟାକୁଳତା ଅତି ପ୍ରାଞ୍ଜଳ ଓ କରୁଣ ଭାବରେ ଝଂକୃତ ହୋଇଅଛି । ସେଥିପାଇଁ ଯୁଗର କବି ହୋଇ ମଧ୍ୟ ସେ ସବୁ କାଳର ହୋଇ ପାରିଛନ୍ତି । ଏହା ଛଡ଼ା ଦେଶାତ୍ମବୋଧ ବା ସ୍ୱଦେଶ ପ୍ରେମିକତା ଗଙ୍ଗାଧରଙ୍କ କାବ୍ୟ-କବିତାର ଅନ୍ୟ ଗୋଟିଏ ମହନୀୟ ଦିଗ । ଏହି ପରିପ୍ରେକ୍ଷୀରେ ସ୍ୱଦେଶ ପ୍ରେମିକତାର ଉପାଦାନ ସମ୍ପର୍କରେ ଇଂରେଜୀ ଐତିହାସିକ ଫ୍ରାଉଡ୍‌ଙ୍କ ଉକ୍ତି ବିଚାର୍ଯ୍ୟ—"National pride is an element of patriotism and the cultivatiou of an enlightened patriotism is the duty of every citizen. Patriotism can not be enlightened without knowledge of the past, and history is essential for the dissemination of that knowledge." ଏହି ଉକ୍ତିଟିକୁ ଆମେ ଏକାନ୍ତ ସତ୍ୟ ବୋଲି ବିଚାର କରୁ ।

ଜାତୀୟ ଗର୍ବ ହେଉଛି ସ୍ୱଦେଶ ପ୍ରେମିକତାର ଉପାଦାନ । ପ୍ରଶସ୍ତ ସ୍ୱଦେଶ ପ୍ରେମିକତାର ବିକାଶ କରିବା ପ୍ରତ୍ୟେକ ଦେଶବାସୀର କର୍ତ୍ତବ୍ୟ । ସ୍ୱଦେଶ ପ୍ରେମିକତାର ଅଭାବ ଅନୁଭୂତ ହେଲେ ଜାତୀୟ ଜୀବନର ଅଧଃପତନ ପରିଲକ୍ଷିତ ହୁଏ । ଏଇଥିପାଇଁ କବିମାନେ ଦେଶବାସୀଙ୍କ ପ୍ରାଣରେ ଜାତୀୟତାର ସ୍ପନ୍ଦନ ଚିରଜାଗ୍ରତ ରଖିବା ପାଇଁ ପ୍ରୟାସ କରିଥାନ୍ତି । ଏ ପ୍ରସଙ୍ଗରେ କବି ଗଙ୍ଗାଧର ଉଲ୍ଲେଖ ଯୋଗ୍ୟ ଭୂମିକା ଗ୍ରହଣ କରିଥିଲେ ।

Digitized by PPRACHIN, SOA

'ଉତ୍କଳଲକ୍ଷ୍ମୀ' 'ଭାରତୀ ଭାବନା' ଏବଂ 'ଅର୍ଘ୍ୟଥାଳୀ'ରେ ସନ୍ନିବେଶିତ କେତେକ କବିତାରୁ ମେହେରଙ୍କ ଦେଶାତ୍ମବୋଧ ଓ ଜାତୀୟତାବୋଧର ସୁସ୍ପଷ୍ଟ ପରିଚୟ ମିଳିଥାଏ । ୧୮୯୪ ଖ୍ରୀଷ୍ଟାବ୍ଦରେ ପ୍ରକାଶିତ ଅସମ୍ପୂର୍ଣ୍ଣ ଉତ୍କଳଲକ୍ଷ୍ମୀ' ୧୯୧୪ରେ ପୂର୍ଣ୍ଣାଙ୍ଗ ହେଲା ।

'ଉତ୍କଳଲକ୍ଷ୍ମୀର' ପ୍ରାରମ୍ଭରୁ ଦେଶାତ୍ମବୋଧର ନିଦର୍ଶନ ମିଳିଥାଏ । କବିଙ୍କ ଚକ୍ଷୁରେ 'ଉତ୍କଳଲକ୍ଷ୍ମୀ ବସୁଧାରେ ଏକମାତ୍ର ସୁନ୍ଦରୀ ଯା'ର ସୌନ୍ଦର୍ଯ୍ୟ ବର୍ଣ୍ଣନା କରିବାପାଇଁ କବିଙ୍କ ଲେଖନୀ ଅସମର୍ଥ ହୋଇଉଠିଛି । ଅଙ୍ଗରେ ତା'ର ସମସ୍ତ ପ୍ରାକୃତିକ ଶୋଭାରାଶି ଏକତ୍ରିତ ହୋଇଛି । ତା'ର ବାସ ପାଇଁ ଅଛି କେତେ ତୁଙ୍ଗ ସୁନ୍ଦର ଶୈଳ ଶିଖର, ତା'ର ଉତ୍ପୁ ଳ ଭୂମିରେ ପ୍ରିୟ ମୃଗମୃଗୀମାନେ ବୁଲୁଛନ୍ତି—ଇତ୍ୟାଦି ବର୍ଣ୍ଣନାରୁ କବିଙ୍କର ଦେଶାତ୍ମବୋଧତା ସହିତ ପ୍ରକୃତିପ୍ରାଣତା ଏବଂ ସୌନ୍ଦର୍ଯ୍ୟ ବର୍ଣ୍ଣନାର ଗୁରୁତ୍ୱ ପରିଦୃଷ୍ଟ ହୁଏ । ସେ ତେଣୁ ଉତ୍କଳଲକ୍ଷ୍ମୀଙ୍କୁ ସମ୍ବୋଧନ କରି କହନ୍ତି :—

"କାହିଁ କୁସୁମିତ ଲତା ଦୋଳମାନ
ହୋଇ ଅଛି ସୁସଜ୍ଜିତ,
ତୋତେ ଦୋଳାଇବା ପାଇଁ ବିହଙ୍ଗମେ
ବସି ଗାଉଛନ୍ତି ଗୀତ ।

କାହିଁ ସୁଶୀତଳ ଧବଳ ଉପଳ
ହୋଇଛି ପଲଙ୍କାଯିତ,
ପଲ୍ଲବ ବ୍ୟଜନ ଧରି ତରୁଗଣ
ଚଉଦିଗେ ଦଣ୍ଡାୟିତ ।

ପୁଣି ଉତ୍କଳ ଲକ୍ଷ୍ମୀଙ୍କ ସେବାରେ ଷଡ୍ ଋତୁ ମଧ୍ୟ ତତ୍ପର ।

"ବସନ୍ତ ଯୋଗାଏ 'ମୁକୁଳ ମାଧବୀ କାଞ୍ଚନ ନବ ମଲ୍ଲିକା,
ଗ୍ରୀଷ୍ମ ଦିଏ ସୁର-ବାଞ୍ଛିତ ଚମ୍ପକ ବକୁଳ ନବମାଳିକା

ପୁଣି ଏଥିରେ କବି ଲେଖିଛନ୍ତି—

"ଶରତ କେତକୀ କୁମୁଦେ ହେମନ୍ତ
ଶତବର୍ଗେ ତୋଷ କରେ,
ଶିଶିର ପୂଜଇ ସୁନ୍ଦର ସେବତୀ
ସହ ଅମ୍ର ବଉଳରେ ।"

ସ୍ୱର୍ଗତ ଗୋପାଳ ଚନ୍ଦ୍ର ପ୍ରହରାଜ କହିଛନ୍ତି "ସମୁଦ୍ର କୂଳରେ ବତୀଘର ଗୁଡ଼ିକ ବାଟଭୁଲା ଜାହାଜକୁ ନିଶାଣ ଦେଖାଇଲା ପରି ମେହେର କବିତା ଭ୍ରାନ୍ତ ଉତ୍କଳ

Digitized by PPRACHIN, SOA

ଯୁବକଙ୍କୁ ଲକ୍ଷ୍ୟ ସ୍ଥାନ ଦେଖାଇ ଦେଉଥିବ । 'ଅର୍ଘ୍ୟଥାଳୀ'ରେ ସନ୍ନିବେଶିତ କବିଙ୍କର ଦେଶାତ୍ମବୋଧ ସମ୍ବଳିତ କବିତାଗୁଡ଼ିକ ପାଠକଲେ ଗୋପାଳ ଚନ୍ଦ୍ରଙ୍କ ସହିତ ପ୍ରତ୍ୟେକ ପାଠକ ପାଠିକା ଯେ ଏକମତ ହେବେ ଏଥିରେ ସନ୍ଦେହର ଅବକାଶ ନାହିଁ ।

'ଦରବାର'ରେ ଉତ୍କଳୀୟଙ୍କ ଅଧଃପତନକୁ ଲକ୍ଷ୍ୟ କରି କବିବର ରାଧାନାଥଙ୍କ ଚକ୍ଷୁ ଲୋତକାର୍ଦ୍ର ହୋଇଛି । ଦେଶବାସୀଙ୍କର କ୍ଷମତାକୁ ଲାଳସା ଏବଂ ଅସାର ପଦବୀ ମୋହକୁ ଲକ୍ଷ୍ୟକରି ରାଧାନାଥ ଅଧୀର ହୋଇ କଠୋର ସମାଲୋଚନା କରିଛନ୍ତି—'କି ଥିଲା ଏ ରାଜ୍ୟ, କି ହୋଇଛି ଆଜ ।'' ଗଙ୍ଗାଧର ମଧ୍ୟ ଉପଲବ୍ଧି କରିଥିଲେ କବି ହେଉଛି ଜାତୀୟ ଜୀବନ ତରୀର ନାବିକ । ତେଣୁ ସେ ମଧ୍ୟ ସମାଲୋଚନା କରିବା ସଙ୍ଗେ ସଙ୍ଗେ ଦେଶବାସୀଙ୍କୁ ଜାଗ୍ରତ ହେବା ପାଇଁ ଆହ୍ୱାନ ଦେଇଛନ୍ତି :—

"ଉଠ ଉଠ ଭାଇ ନବୀନ ଆଲୋକେ
ଶୋଇଥିଲେ ରାଜ୍ୟ ହସୁଥିବେ ଲୋକେ ।'

ବିଚ୍ଛିନ୍ନ ଉତ୍କଳର ଏକତ୍ରୀକରଣ ନିମନ୍ତେ ତଥା ଓଡ଼ିଶା ବାହାରର ଓଡ଼ିଆ ମାନଙ୍କର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ସମାଧାନ ନିମନ୍ତେ ସଂଗଠିତ ପ୍ରୟାସରେ କୋଟିପ୍ରାଣ ବିନ୍ଦୁରେ ନିର୍ମିତ ସେହି ଜାତିପ୍ରାଣ ସିନ୍ଧୁ 'ଉତ୍କଳ ସମ୍ମିଳନୀ'ର ଏକାଦଶ ଅଧିବେଶନ ଉପଲକ୍ଷେ ଗଙ୍ଗାଧରଙ୍କ 'ପ୍ରଣିତ ଉଦ୍‌ବୋଧନ' କବିତାରୁ ତାଙ୍କର ଦେଶାତ୍ମବୋଧର କୋମଳ ଅଭିବ୍ୟକ୍ତି ମିଳେ :—

"କୁଳ୍ପା ଖୋଲା ହୋଇ ନପାରିବ ଭାଇ ଦୁଇ ଗୁରି ଜଣକରେ
ଲୋକ ଲକ୍ଷ ଲକ୍ଷ ନବାନ୍ଧିଲେ ସଖ୍ୟ ନମିଳିଲେ ପରସ୍ପରରେ ।''

ଯଦିଓ ଅହରହ ଉତ୍କଳୀୟ ଚିନ୍ତା କବିଙ୍କ ମନରେ ଦେଖାଦେଇଥିଲା ତଥାପି ମହାଭାରତୀୟ ପ୍ରେମ କବିଙ୍କର ଥିଲା ଅସୀମ । ବ୍ରିଟିଶ ମାନଙ୍କର କୌଶଳ, ଭାରତ ଅଧିକାର ଏବଂ ପରାଧୀନ ଭାରତର ଲାଞ୍ଛନାକୁ ଅନୁଭବ କରି ବ୍ରିଟିଶ ସରକାରଙ୍କ ବିରୋଧରେ କବିତା ମାଧ୍ୟମରେ ପ୍ରତ୍ୟକ୍ଷ ଯୁଦ୍ଧ ଘୋଷଣା କରିବାକୁ ଯଦିଓ ଦରିଦ୍ରକବି ସମର୍ଥ ହୋଇ ପାରିନଥିଲେ ତଥାପି ଦୁଇଅର୍ଥ ବୋଧକ 'ଭାରତୀ ଭାବନା' ଜରିଆରେ ପରୋକ୍ଷରେ ସେ ଯେପରି କଠୋର ସମାଲୋଚନା କରିଛନ୍ତି, ତାହା ବାସ୍ତବିକ୍ ଅନୁଧ୍ୟାନ ଯୋଗ୍ୟ ।

Digitized by PPRACHIN, SOA

"ତୁମ୍ଭର ଆଗରେ ତୁମ୍ଭର ପରାଏ ମୁସଲମାନ ଥିଲେ ବସି
କୋପନ ସ୍ୱଭାବ ହେଲେହେଁ ଆମର ସମସ୍ତ ଥିଲେ ନାହିଁ ରାସି ।"

ଏକାନ୍ତ ଭାବରେ ସ୍ୱାଧୀନତା କାମୀ ଗଙ୍ଗାଧରଙ୍କର ସ୍ୱଦେଶ ପ୍ରେମିକତାର ସ୍ୱର୍ଣ୍ଣ 'ଭାରତୀ ଭାବନା'ରେ ମିଳିଥାଏ । ଏହି ସମ୍ପର୍କରେ ସ୍ୱର୍ଗତ ଗୋପାଳ ଚନ୍ଦ୍ର ପ୍ରହରାଜ ଲେଖିଛନ୍ତି—"ଏହି କବିତାଟି ଦୁଇଗୋଟି ଅର୍ଥରେ ଲିଖିତ ହୋଇଛି । ଏକ ଅର୍ଥରେ 'ଉତ୍କଳ ଭାରତୀ' ଗୋପୀରୂପରେ ଶ୍ରୀକୃଷ୍ଣଙ୍କୁ ଆପଣା ଦୁଃଖ ଓ ଗୁହାରି କରିଅଛନ୍ତି, ଅନ୍ୟ ଅର୍ଥରେ ଦେଶର ଆଧୁନିକ ରାଜନୀତିକ ଅବସ୍ଥାକୁ ଉତ୍କଳମାତା ପ୍ରକାଶ ଜଣାଇଅଛନ୍ତି । କିନ୍ତୁ ପ୍ରକୃତରେ ଦେଖିବାକୁ ଗଲେ 'ଭାରତୀଭାବନା'ରେ କବିଙ୍କର ଚିନ୍ତାଧାରା କେବଳ ଉତ୍କଳରେ ସୀମିତ ନୁହେଁ । ସମଗ୍ର ପରାଧୀନ ଭାରତର ଦୁର୍ଦ୍ଦଶାରେ କବି ବ୍ୟଥିତ ହୋଇପଡ଼ିଛନ୍ତି ।

'ଶିବାଜୀଙ୍କ ଉତ୍ସାହବାଣୀ'ରୁ କବିବର ରାଧାନାଥଙ୍କର ଗଭୀର ଦେଶାତ୍ମବୋଧର ପରିଚୟ ମିଳେ । ମରହଟ୍ଟାଙ୍କୁ ଯବନ ବିରୋଧରେ ଉତ୍ତେଜିତ କରିବା ଛଳରେ ସେ ଭାରତବାସୀଙ୍କୁ ବ୍ରିଟିଶ ସରକାର ବିରୋଧରେ ଉତ୍ତେଜିତ କରିଛନ୍ତି । ତେବେ ଏହି ଦୃଷ୍ଟି-କୋଣରୁ ବିଚାର କଲେ 'ଭାରତୀ ଭାବନା'ରେ ଗଙ୍ଗାଧର ଯେ ରାଧାନାଥଙ୍କଠାରୁ ଅଧିକ ସଚେତନ ଓ ପରାଧୀନ ଭାରତକୁ ସଚେତନ କରିବା ଦିଗରେ ଏହା ଯେ ଅଭିପ୍ରେତ; କୌଣସି ସମାଲୋଚକ ସ୍ୱୀକାର କରିବ ।

ଗଙ୍ଗାଧରଙ୍କ ସାହିତ୍ୟ କୃତି, ଦେଶାତ୍ମବୋଧତା, ଜାତୀୟତା, ଉଦାରତା, ପ୍ରକୃତି ପ୍ରାଣତା ଇତ୍ୟାଦି ସବୁ ଦୃଷ୍ଟିରୁ ବିଚାରକଲେ ମନେ ହୁଏ ବାସ୍ତବିକ୍ ଆମ ସାହିତ୍ୟାକାଶରେ ସେ ଏକ ବିସ୍ମୟ । ସେଥିପାଇଁ ଗଙ୍ଗାଧର ପାଠକ ସମାଜରେ ଅତ୍ୟନ୍ତ ଆପଣାର ଓ ନମସ୍ୟ । ଏଣୁ ନନ୍ଦକିଶୋରଙ୍କ ଭାଷାରେ କବିଙ୍କୁ ଶ୍ରଦ୍ଧାଞ୍ଜଳି ଦେବାକୁ ଇଚ୍ଛାହୁଏ :—

"କିନ୍ତୁ ତୁମେ ନକବି ରହିବ ଜୀବିତ
ଯେତେଦିନ ଭବେ ଥିବ ଓଡ଼ିଆ ସାହିତ୍ୟ ।"

—୦—

Digitized by PPRACHIN, SOA

ଓଡ଼ିଆ ସାହିତ୍ୟରେ ଗଙ୍ଗାଧର
କାବ୍ୟାଦର୍ଶ ଓ ଜୀବନ ଦର୍ଶନ

ରବୀନ୍ଦ୍ର ନାଥ ପାତ୍ର

ଉତ୍କଳର କାବ୍ୟ-କାନନରୁ କେତେଗୁଡ଼ିଏ କୁସୁମ ଚୟନ କରି ଯେଉଁ କେତେଜଣ ସ୍ରଷ୍ଟା ଉତ୍କଳ ସାହିତ୍ୟ ଜଗତକୁ ତାଙ୍କର ଅମୂଲ୍ୟ ସୃଷ୍ଟି ସମ୍ପଦ ଦାନ କରି ଯାଇଅଛନ୍ତି ସେମାନଙ୍କ ମଧ୍ୟରେ ରଙ୍ଗାଜୀବ ଗଙ୍ଗାଧର ହେଉଛନ୍ତି ଅନନ୍ୟ ପ୍ରତିଭାଶାଳୀ ବ୍ୟକ୍ତି । ଯାହା ସେ ନିଜ ହାତକୁ ନେଇଛନ୍ତି, ତୂଳିକାର ବର୍ଣ୍ଣବୈଭବରେ ତାକୁ ଶାଣିତ, ମହିମାମଣ୍ଡିତ ଓ ମାଧୁର୍ଯ୍ୟପୂର୍ଣ୍ଣ ସମ୍ପନ୍ନ କରି ଯାଇଅଛନ୍ତି । ବାଲ୍ୟ ଜୀବନର ଅସ୍ତମାରମ୍ଭରୁ ଦାରିଦ୍ର୍ୟର ପଙ୍କିଳ ପଲ୍ୱଳ ମଧ୍ୟରେ ଜୀବନ ସଂଗ୍ରାମ କରି ଆସିଥିଲେ ମଧ୍ୟ ତାଙ୍କର ସ୍ୱର୍ଗୀୟ, ନିଷ୍ପାପ, ଶୁଭ୍ରମସ୍ତ ସାରସ୍ୱତ ସୃଷ୍ଟିର ବର୍ଣ୍ଣ ଓ ସୌରଭ ଏକାଧାରରେ ପୂତ, ପବିତ୍ର ଓ ମନୋରମ ବର୍ଣ୍ଣାଳୀର ଆଲେଖ୍ୟ ବହନ କରିଛି । ଓଡ଼ିଆ ସାହିତ୍ୟର ବିଳମ୍ବିତ ରାଜରାସ୍ତାରେ ଯେଉଁ ସ୍ମାରକୀ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିଗଲା, ତାହା ହିଁ ମେହେର ପ୍ରତିଭାର ପରିଚାୟକ ଓ ଆମ୍ଭମାନଙ୍କର ଐଶ୍ୱର୍ଯ୍ୟ ।

କଥାରେ ଅଛି ତୁଳସୀ ଦୁଇ ପତ୍ରରୁ ବାସେ । ଏହା ହିଁ ଗଙ୍ଗାଧରଙ୍କଠାରେ ସତ୍ୟ ପ୍ରମାଣିତ ହୋଇଛି । ବାଲ୍ୟଜୀବନରୁ ତାଙ୍କର କାବ୍ୟଜନୋଚିତ ପ୍ରତିଭାର ବିକାଶ ସାଧନ ଘଟିଥିଲା । ସାମାଜିକ ମଣିଷଟିଏ ସେ । ବିଭିନ୍ନ ପ୍ରକାର ଘାତପ୍ରତିଘାତ, ଦୁଃଖ-ଦୈନ୍ୟ ମଧ୍ୟରେ ଗତିକରି ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଅଧ୍ୟୟନ କରିବାର ସୁଯୋଗ ପାଇଥିଲେ ହେଁ ଜୀବିକାର୍ଜନ ଜନିତ ଶ୍ରମରେ ବ୍ୟସ୍ତ ଥାଇ ମଧ୍ୟ ଅବଶିଷ୍ଟ ସମୟର ସଦୁପଯୋଗ କରି ବହୁ, ହିନ୍ଦୀ, ବଙ୍ଗଳା, ସଂସ୍କୃତ ଏବଂ ଓଡ଼ିଆ ପୁସ୍ତକମାନଙ୍କରୁ ଜ୍ଞାନାହରଣ କରିଥିଲେ । ପଙ୍କରୁ ପଦ୍ମ ଜାତ ହେଲପରି ତାଙ୍କର ପ୍ରତିଭା ମଧ୍ୟ ବିକଶିତ ହେଲା । ଦୁଃଖ ଦାରିଦ୍ର୍ୟର ସମସ୍ତ ଜଞ୍ଜାଳ, ଲାଞ୍ଛନା ଓ ଝଡ଼ଝଞ୍ଜାର କଶାଘାତରେ ସଢ଼ି ଜୀବନ ତରୀଟି ତାଙ୍କର ଗତି କରୁଥିଲେ ମଧ୍ୟ ବାଣୀ ସାଧନାରେ ନିମଜ୍ଜିତ ଏହି କାବ୍ୟ ଶିଳ୍ପୀଟି ତେଣୁ ତପସ୍ୱିନୀ କାବ୍ୟର ପ୍ରଥମ ଶ୍ଲୋକରେ ଦରଦୀ କଣ୍ଠରେ ଗାଇଛନ୍ତି :—

"ଦରିଦ୍ରତା ପଙ୍କ ପୂର୍ଣ୍ଣ ମୋ ଜୀବନ ସର
ଜଞ୍ଜାଳ-ଜଳଦ-ଜଳେ ଆବିଳ ଉଦର ।
ଶରଦ ସଦୃଶ ତୋତେ କରି ଦରଶନ
ହୋଇ ଯାଉଅଛି ସେତ ସ୍ୱତଃ ପରସନ ।"

Digitized by PPRACHIN, SOA

ଜଗତର ଅନ୍ତରାଳରେ ଯେଉଁ ସାର୍ବଭୌମ ଅନନ୍ତ ଆନନ୍ଦ ମସ୍ତ ମହିମାମୟ ପରିବେଶ, ଯୁଗେ ଯୁଗେ ଋଷି, ସାଧକ, କବି, ମନୀଷୀ ଓ ବିଜ୍ଞାନୀମାନେ ସନ୍ଧାନ ପାଇଛନ୍ତି, ତାର ସ୍ମୃତି କେବେ ତାଙ୍କ ମାନସ ପଟରୁ ଲିଭି ଯାଇ ନ ଥିଲା । ତେଣୁ ସେ ଉଦାତ୍ତ କଣ୍ଠରେ ଗାନ କରିଛନ୍ତି :—

"ବିଶ୍ୱ ଦେଖ ମଧୁ   ମୟରେ ଜୀବନ
ବିଶ୍ୱ ଦେଖ ମଧୁମୟ,
ମଧୁର ଝରଣ   କରିବ ହରଣ
ତୋ ପାପ ମରଣ ଭୟରେ ଜୀବନ ।"

ଗଙ୍ଗାଧର ଆଜନ୍ମ ଜଣେ ଶ୍ରେଷ୍ଠ ସାହିତ୍ୟ ସାଧକ ତଥା ସାହିତ୍ୟ ଉପାସକ ଥିଲେ । ସାହିତ୍ୟ ସାଧନା ବିଳାସର ସାମଗ୍ରୀ ନୁହେଁ । ସାଧନା ପାଇଁ ଶୃଙ୍ଖଳା ଓ ସଂଯମ ଅପରିହାର୍ଯ୍ୟ ବୋଲି କବି ମର୍ମେ ମର୍ମେ ଉପଲବ୍ଧି କରିଥିଲେ । ମେହେର ଆଧୁନିକ ଯୁଗସ୍ରଷ୍ଟା ରାଧାନାଥଙ୍କର ସମସାମୟିକ ହେଲେହେଁ ସାହିତ୍ୟ ସାଧନାର କାଳ ବିଚାରରେ କଲେ ସେ କନିଷ୍ଠ ମାତ୍ର । ସେମାନଙ୍କ ମଧ୍ୟରେ ସାମ୍ୟ ଯଦି ଅଛି, କିନ୍ତୁ ଭିନ୍ନତା ପ୍ରଚୁର । ଦୁଇ କବିଙ୍କ ପ୍ରତିଭାର ଉପାଦାନ ଭିନ୍ନ ଏବଂ ବିକାଶ ମଧ୍ୟ ଭିନ୍ନ । ରାଧାନାଥ ଏକ ପର୍ବତ ସଦୃଶ ପ୍ରତୀୟମାନ ହେଲେ ଗଙ୍ଗାଧର ମଧ୍ୟ ତଦ୍ରୂପ ଏକ ପର୍ବତ, ଯାହାର କମନୀୟତା ଅନ୍ୟ ବହୁ ପର୍ବତଠାରୁ ଅଧିକ ଚିତ୍ତ ହାରକ । ତାଙ୍କର ସ୍ୱଳ୍ପ ଜୀବନ କାଳ ମଧ୍ୟରେ ଯେଉଁ କେତୋଟି ଜୀବନ୍ତ ସୃଷ୍ଟିକୁ ତାଙ୍କର ତୂଳୀରେ ଜୀବନ୍ୟାସ ପ୍ରଦାନ କରିଛନ୍ତି ସେଗୁଡ଼ିକ ଗୋଟିଏ ଗୋଟିଏ ମୂଲ୍ୟବାନ ମଣି ସଦୃଶ । "ତପସ୍ୱିନୀ", "ପ୍ରଣୟ-ବଲ୍ଲରୀ", "କୀଚକ ବଧ," "ଇନ୍ଦୁମତୀ" ତାଙ୍କର ଶ୍ରେଷ୍ଠ କାବ୍ୟ ସମୂହ । ଏତଦବ୍ୟତୀତ "ଉତ୍କଳ ଲକ୍ଷ୍ମୀ", "ଅଯୋଧ୍ୟା ଦୃଶ୍ୟ", "ପଦ୍ମିନୀ", "ରସ ରତ୍ନାକର", ଇତ୍ୟାଦି ତାଙ୍କର କାବ୍ୟ ସଙ୍କଳନ । "ଅର୍ଘ୍ୟଥାଳୀ", "କବିତା କଲ୍ଲୋଳ," "ଅହଲ୍ୟାସ୍ତବ", "ମହିମା" ଓ "ଭାରତୀ ଭାବନା" ଇତ୍ୟାଦି କବିତା ଗୋଟିଏ ଗୋଟିଏ ଅମୂଲ୍ୟ ସମ୍ପଦର ସ୍ୱାକ୍ଷର ବହନ କରୁଛି ।

ସାଧାରଣତଃ କବିମାନେ ଅନୁକରଣ ପ୍ରିୟ । ସଂସ୍କୃତରେ ତେଣୁ ଗୋଟିଏ ପ୍ରବାଦ ଅଛି :—"ବିନାଶ୍ରୟେଣ ନ ବର୍ତ୍ତନ୍ତେ କବିତା, ବନିତା, ଲତା ।" ଯେ କୌଣସି କବି ବା ଲେଖକ ଗୋଟିଏ ବିଷୟବସ୍ତୁର କଙ୍କାଳକୁ ଭିତ୍ତି କରି ସେଥିରେ ରୂପାୟନ କରନ୍ତି ନିଜର ଭାବଧାରା, ଜୀବନ ଦର୍ଶନ ଓ ରଚନାଶୈଳୀ । ସେହି ଓ ତାର ପରିସର ସଂକୀର୍ଣ୍ଣ ହେଲେ ହେଁ ଗଙ୍ଗାଧରଙ୍କର ପ୍ରତିଭାର ମୌଳିକତା ହିଁ ଓଡ଼ିଆ ସାହିତ୍ୟର ପ୍ରାଚୀନ ଓ ନବୀନ ଯୁଗର ଅପୂର୍ବ ସମନ୍ୱୟ । ରାଧାନାଥଙ୍କ ଅର୍ଥର ପାଞ୍ଜଳତା ସଙ୍ଗେ ଭଞ୍ଜୀୟ ଛନ୍ଦ ମାଧୁର୍ଯ୍ୟର ମଧୁର ମିଳନ ଘଟିଛି ମେହେରଙ୍କ ଲେଖନୀରେ । ଶବ୍ଦ ଚାତୁର୍ଯ୍ୟ

Digitized by PPRACHIN, SOA

ଅଛୁ, ଅଥଚ ଅକାରଣ ଶବ୍ଦାଡ଼ମ୍ବର ନାହିଁ । 'ତପସ୍ୱିନୀ' କାବ୍ୟ ଏହାର ଜ୍ୱଳନ୍ତ ଉଦାହରଣ । କାଳିଦାସଙ୍କ ରଘୁବଂଶରେ ବର୍ଣ୍ଣିତ : —

"ଉପସ୍ଥିତାଂ ପୂର୍ବମପାସ୍ୟ ଲକ୍ଷ୍ମୀଂ
ବନଂ ମୟା ସାର୍ଦ୍ଧମସି ପ୍ରପନ୍ନଃ ।
ତଦାସ୍ପଦଂ ପ୍ରାପ୍ୟ ତୟାତି ରୋଷାତ୍
ସୋଢ଼ାସ୍ମି ନତ୍ଵଦ୍ ଭବନେ ବସନ୍ତୀ ।"

—ଏହି ଶ୍ଳୋକଟି ପଦକୁ ଗ୍ରହଣ କରି ସୀତାଙ୍କ ମୁଖରେ ଗଙ୍ଗାଧର ତପସ୍ୱିନୀରେ ବର୍ଣ୍ଣନା କରିଛନ୍ତି :—

"ଅଯୋଧ୍ୟାର ରାଜଲକ୍ଷ୍ମୀ ଯାଉଥିଲେ ବଣ
ନ ହୋଇ ମୋ ସାଙ୍ଗେ ଥିଲ ବହୁତ ଦିବସ ।
ଅସୂୟାରେ ରାଜଲକ୍ଷ୍ମୀ ଲୋଡୁଥିଲା ଦାଉ
ବହୁଦିନ ସମ୍ଭାଳି ନ ପାରିଲା ତା ଆଉ ।
ତା ଦୁଃଖର ସଙ୍ଗୀ ଥିଲେ ଯେଉଁ ପୁରଜନେ
ତାଙ୍କ ହେତୁ କରାଇଲା ମୋର ବିସର୍ଜନେ ।"

"ତପସ୍ୱିନୀ" କାବ୍ୟରେ ପୁରାଣର କଥାବସ୍ତୁ, ଭଞ୍ଜୀୟ ଛନ୍ଦ ମାଧୁରୀ ଓ ରାଧାନାଥ ଯୁଗର ସ୍ପଷ୍ଟବାଦୀତା, ପ୍ରାଞ୍ଜଳ ବର୍ଣ୍ଣନାଶୈଳୀ ଓ ସ୍ୱଦେଶ ପ୍ରୀତି ଇତ୍ୟାଦିର ପରିପ୍ରକାଶ ଅତ୍ୟନ୍ତ ଉଚ୍ଚକୋଟୀର ଅଟେ । କଥାବସ୍ତୁର ଚମତ୍କାରିତା କାବ୍ୟଶିଳ୍ପୀଙ୍କର ନିମ୍ନୋକ୍ତ ଉଦାହରଣରୁ ଜଣାପଡ଼େ ।

"ବାଲ୍ମୀକି ଆଶ୍ରମକୁ ଧାଉଁଅଛି ମନ
କରିବାକୁ ନିର୍ବାସିତା ସୀତାଙ୍କ ଦର୍ଶନ ।"

ଉପରୋକ୍ତ ପଦ ଦୁଇଟି ମଧ୍ୟରେ ସେ ସୂଚାଇଛନ୍ତି କାବ୍ୟର କଥାବସ୍ତୁକୁ । କ୍ଷୁଦ୍ର ବୀଜ ମଧ୍ୟରେ ବିରାଟ ବଟ-ବୃକ୍ଷ ଲୁକ୍କାୟିତ ଥିଲା ପରି ସଂକ୍ଷିପ୍ତ ନିର୍ଦ୍ଦେଶାତ୍ମକ ପଦ ଦୁଇଟିରେ ପୁଞ୍ଜୀଭୂତ ହୋଇଛି ସମଗ୍ର କାବ୍ୟର କଥାବସ୍ତୁ ।

"ପ୍ରଣୟ ବଲ୍ଲରୀ" କାବ୍ୟ ତାଙ୍କର ଅନ୍ୟତମ ଶ୍ରେଷ୍ଠ ନିଦର୍ଶନ । ଉକ୍ତ କାବ୍ୟର ବିଷୟବସ୍ତୁକୁ କାଳିଦାସଙ୍କ "ଅଭିଜ୍ଞାନ ଶାକୁନ୍ତଳମ୍"ରୁ ଗ୍ରହଣ କରିଛନ୍ତି । କାବ୍ୟଟି ଶକୁନ୍ତଳା ଏବଂ ଦୁଷ୍ମନ୍ତଙ୍କ ସରଳ ଓ ନିର୍ମଳ ପ୍ରେମ ଉପରେ ଆଧାରିତ । ଉକ୍ତ କାବ୍ୟର ପ୍ରତ୍ୟେକ ସର୍ଗର ନାମ କରଣ ପ୍ରଣୟକୁ କେନ୍ଦ୍ର କରି ହୋଇଥିବାରୁ କବି କାବ୍ୟର ନାମକରଣରେ ଯଥେଷ୍ଟ ଖ୍ୟାତି ଅର୍ଜନ କରିଛନ୍ତି । କବି କାବ୍ୟର ଚତୁର୍ଥ ସର୍ଗରେ

Digitized by PPRACHIN, SOA

ଓଡ଼ିଆ ଘରର ପରମ୍ପରାଗତ ଆଚାର ବ୍ୟବହାର ବିଷୟରେ ଶିକ୍ଷାଦେଇ ଜନ୍ମଭୂମି ଉତ୍କଳର ଗୌରବ ବର୍ଦ୍ଧନ କରିବା ସଙ୍ଗେ ସଙ୍ଗେ ଜାତୀୟତାର ପରାକାଷ୍ଠ ପ୍ରଦର୍ଶନ କରିଛନ୍ତି ।

ସ୍ୱଭାବ ସୁନ୍ଦର ବର୍ଣ୍ଣନା କରିବାରେ ଗଙ୍ଗାଧର ଥିଲେ ସିଦ୍ଧହସ୍ତ । "କୀଚକ ବଧ" ତାଙ୍କର କାବ୍ୟ ମାନସର ଏହିପରି ଏକ ଆଲେଖ୍ୟ । ଏହାର ଗଳ୍ପାଂଶ ସାରଳା ମହାଭାରତର ବିରାଟ ପର୍ବରୁ ଗୃହୀତ । କିନ୍ତୁ ଏହା ପାଠକଲେ ଜଣାଯାଏ ଯେ ତାହା ତାଙ୍କର ନିଜସ୍ୱ କୃତି । ବିଷୟ ବସ୍ତୁ ସଂକ୍ଷେପ ହେଲେ ମଧ୍ୟ ମୌଳିକତା ପ୍ରଦର୍ଶନ ତଥା ପ୍ରକୃତିର ବର୍ଣ୍ଣନାରେ ସେ କାବ୍ୟଟିକୁ ଅତ୍ୟନ୍ତ ମନୋମୁଗ୍ଧକର, ସରସ ସୁନ୍ଦର କରି ପାରିଛନ୍ତି । ବିରାଟ ନଗର ବର୍ଣ୍ଣନା, ବସନ୍ତ ବର୍ଣ୍ଣନା, ପ୍ରଭାତ ବର୍ଣ୍ଣନା, ସନ୍ଧ୍ୟା ବର୍ଣ୍ଣନା ଇତ୍ୟାଦି ଉଚ୍ଚକୋଟୀର ରସ ବୋଧର ପରିଚୟଦିଏ । ବସନ୍ତକୁ ପୃଥ୍ୱୀର ଅତିଥି ରୂପେ ବର୍ଣ୍ଣନା କରିବାକୁ ଯାଇ କବି ଲେଖିଛନ୍ତି :—

"ବସନ୍ତ ଅତିଥି ପୀରତି ପାଇ ଅବନୀ ରାଣୀ
ଯୋଗାଡ଼ି ରଖିଲି ଭଣ୍ଡାରେ ନାନା ପଦାର୍ଥ ଆଣି ।"

ଗଙ୍ଗାଧରଙ୍କର ସମଗ୍ର କାବ୍ୟ-କବିତାବଳୀକୁ ବିଚାର କଲେ ଜଣାପଡ଼େ ଯେ ସେ ଜଣେ ସିଦ୍ଧହସ୍ତ ଶବ୍ଦ-ଯାଦୁକର । ସାଧୁଶବ୍ଦ ସହିତ ଦେଶଜ ଶବ୍ଦର ସମନ୍ୱୟ କରି କାବ୍ୟଗୁଡ଼ିକରେ ଭାବସାମ୍ୟ ରକ୍ଷା କରିଛନ୍ତି । ଏତଦ୍‌ବ୍ୟତୀତ ସେ ଥିଲେ ପ୍ରକୃତିବନ୍ଧୁ, ଦେଶପ୍ରେମୀ, ସମାଜର ସ୍ପଷ୍ଟ ସମାଲୋଚକ, ଉଚ୍ଚକୋଟୀର ଆଦର୍ଶବାଦୀ, ସର୍ବଜନୀନ ମାନବ, ପ୍ରଗତିବାଦୀ ନାଗରିକ ଓ ଈଶ୍ୱରଙ୍କ ବିନୀତ ଭକ୍ତ । ସର୍ବକ୍ଷେତ୍ରରେ ତାଙ୍କର ଲେଖନୀ ସଂଯତ ଓ ସ୍ୱତନ୍ତ୍ରଙ୍କ । ଚରିତ୍ର ଚୟନରେ ସେ ସୃଷ୍ଟି କରିଛନ୍ତି ନୂତନତ୍ୱ ।

କବି ନିଜ ଜନ୍ମଭୂମି ଉତ୍କଳକୁ କିପରି ଭଲପାଉଥିଲେ ତାହା "ଉତ୍କଳ-ଲକ୍ଷ୍ମୀ"ରେ ହିଁ ପରିସ୍ଫୁଟ । ଉତ୍କଳୀୟମାନଙ୍କର ଦୋଷଗୁଣଗୁଡ଼ିକୁ ସେ ଦର୍ଶାଇଛନ୍ତି ଏଥିରେ । ନିମ୍ନ ଉକ୍ତିରୁ ତାହା ବେଶ୍ ସ୍ପଷ୍ଟ ଜଣାଯାଏ ;

"ଉଚ୍ଚପଦ ପାଇଁ ଡାକିଲେ ରାଜନ
କେତେ ଜଣ ଅଛ ତହିଁକି ଭାଜନ ?
ପ୍ରତିବେଶୀଙ୍କର ସହିତ ତୁଳନା
କରି କରି ନିଜ ମଧ୍ୟରେ କଳନା ।
ତହିଁରୁ ବୁଝିବ ନିଜେ କେତେ ହୀନ
କରିଅଛ ପୁଣି ମାତୃଭାଷା ହୀନ ।

Digitized by PPRACHIN, SOA

ମାତୃଭାଷା ପୋଥି ଛୁଇଁବାକୁ କରେ
ଅନ୍ୟ କେଉଁ ଜାତି ଲଜ୍ଜ୍ୟାବୋଧ କରେ ।

ଉତ୍କଳୀୟମାନଙ୍କର ବିଦ୍ୟାହୀନତା ଓ ଆଳସ୍ୟକୁ କବି ବାରମ୍ବାର ଲକ୍ଷ୍ୟ କରି ଉଦ୍‌ଘୋଷଣ କରିଛନ୍ତି :—

"କର୍ମ-ବାଷ୍ପରଥ ଧାଇଁ ଶଙ୍ଖସ୍ୱନେ
ଆସି ଏବେ ଲାଗିଗଲାଣି ଷ୍ଟେସନେ,
ଚଢିବା ସମୟ ହେଲାଣି ନିକଟ
ଶୋଇ ପଡ଼ିଅଛ ନ ଜାଣି ଟିକଟ ?" —ଉଦ୍‌ବୋଧନ

ନବଜାଗ୍ରତ ଉତ୍କଳରେ କବିଙ୍କର ଜ୍ଞାନ ଓ କର୍ମର ମଧୁର ମିଳନର ସ୍ୱପ୍ନ ବାସ୍ତବତାର କଷଟିରେ ବହୁ ପରୀକ୍ଷିତ । ଦେଶ ପ୍ରୀତି ହିଁ ତାଙ୍କର ସାର୍ବଜନୀନ ବିଶ୍ୱ-ପ୍ରୀତିରେ ରୂପାନ୍ତରିତ ହୋଇଛି । ତାହା 'ଅର୍ଘ୍ୟଥାଳୀ' କବିତାରୁ ଜଣାପଡ଼େ ।

"ଜ୍ଞାନବଳେ ଯେବେ ଜାଣେ ସମସ୍ତଙ୍କ
ଜନକ, ଜଗତ ପତି
ସହୋଦର ଜ୍ଞାନ କରେ ଅବନୀର
ମାନବ ସମାଜ ପ୍ରତି ।
ତେବେ ସେ ଜାଣଇ ଯେ କରଇ ଯେତେ
ଲୋକଙ୍କର ଉପକାର
ବିଶ୍ୱପତିଙ୍କର ବିଶ୍ୱମୂହେ ଅଟେ
ସେ ତେତେ ଯୋଗ୍ୟ କୁମର ।
—ମାତୃଭୂମି

କବି ପରାଧୀନ ଭାରତରେ ଜନ୍ମ ଗ୍ରହଣ କରିଥିଲେ । ତେଣୁ ତାଙ୍କର ଜନ୍ମଭୂମିର ସ୍ୱାଧୀନତା-ସ୍ୱପ୍ନ "ଭାରତୀ ଭାବନା"ରେ ପ୍ରଚ୍ଛନ୍ନ ଭାବରେ ବର୍ଣ୍ଣିତ ହେଲେ ମଧ୍ୟ ସ୍ପଷ୍ଟ । ଇଂରେଜମାନଙ୍କର ଭାରତ ବର୍ଷରେ ସର୍ବଗ୍ରାସୀ ଆର୍ଥିକ ଶୋଷଣ ସୁନ୍ଦର ଭାବରେ ଯେ ବର୍ଣ୍ଣିତ ହୋଇଛି, ତାହା ନିମ୍ନ ଉଦ୍ଧୃତିରୁ ଜଣାପଡ଼େ ।

"ଆମ୍ଭ କର ଧରି ଚାଲି ଚାଲି କ୍ରମେ ତୁମ୍ଭ ପରାକ୍ରମ ପଢ଼ିଲା
ତୁମ୍ଭ ବିନା ଆମ୍ଭେ ଚଳି ନ ପାରିବୁଁ କଥା ଶୁଣିବାକୁ ପଡ଼ିଲା,

Digitized by PPRACHIN, SOA

ଜୀବନ, ଜୀବିକା ତୁମ୍ଭର ହାତରେ
ଦେଇ ତୁମ୍ଭ ପଦ ଆଶାରେ ରହିଲୁଁ କାନ୍ଧ ମରୁଅଛୁଁ କାତରେ ।"

—ଝରଣା ସ୍ତବକ

ଅତିଙ୍କତାର ଊର୍ଦ୍ଧ୍ୱରେ ପୁଣି ଏହି କବି ଆଧ୍ୟାତ୍ମିକତାକୁ ଆବୋର ନେଇ ନିଜର ଦିବ୍ୟ ଚକ୍ଷୁରେ ବିଧାତାଙ୍କ ବିଶ୍ୱରୂପ ଦେଖି ପାରିଛନ୍ତି । ଜୀବନର ସକଳ ଦୁଃଖ ନିର୍ଯାତନା ପଛକୁ ପକାଇ ଜୀବନ ଓ ଈଶ୍ୱରଙ୍କ ମଧ୍ୟରେ ଅନ୍ତରର ସନ୍ଧାନ କରିଛନ୍ତି କବି । "ଅନ୍ତର୍ଲୀପ୍ରବ" ଓ "ଭକ୍ତି" କବିତାରେ ଭକ୍ତି, ରସ ଓ ମଧୁର ସଙ୍ଗୀତର ତ୍ରିବେଣୀ ସଙ୍ଗମ ଘଟିଛି । କବି ଉଦାତ୍ତ କଣ୍ଠରେ ଗାଇଛନ୍ତି :—

"ମୁଁ ତ ଅମୃତ-ସାଗର-ବିନ୍ଦୁ
ନଭେ ଉଠିଥିଲି ନେଜ ସିନ୍ଧୁ
ଖସି ମିଶିଛି ଅମୃତ ଧରେ
ଗତି କରୁଛି ସେ ଅନୁସାରେ
ପଥେ ଶୁଖିଗଲେ ପାପ ତା'ପରେ
ହୋଇ ସିଶିର ଖସିବି ତା'ପରେ
ଅମୃତ ରସ୍ତୁ ଅମୃତମୟ
ସହିତ ମିଶିବି ସାଗରେ ।"

ମେହେରଙ୍କ ସମସ୍ତ କାବ୍ୟର କେନ୍ଦ୍ର ବସ୍ତୁ ହେଉଛି ପ୍ରେମ । କିନ୍ତୁ ତାହା ସଂଯତ, ମହତ୍ ଓ ଉଚ୍ଚାଦର୍ଶ ସମ୍ପନ୍ନ । ଯୌବନର ମାଦକତା ଅପେକ୍ଷା ଏଥିରେ ଅଛି ମାଧୁର୍ଯ୍ୟ, ତ୍ୟାଗ ଓ ଆଦର୍ଶ । ନୈତିକତାର ଖଡ୍ଗଧାର ଉପରେ ଦଣ୍ଡାୟମାନ ହେଲେ-ହେଁ, ତାଙ୍କର କାବ୍ୟମାନଙ୍କରେ ପ୍ରେମରେ ଭୋଗ ଅପେକ୍ଷା ଦୁଃଖ ବେଶୀ, ମିଳନ ଅପେକ୍ଷା ବିରହ ବେଶୀ, ଯେଉଁଥିରେ ପ୍ରଣୟୀ ଓ ପ୍ରଣୟିନୀଙ୍କର କରୁଣ ହୃଦୟ ମନ୍ଥନ ହିଁ ପ୍ରାଧାନ୍ୟ ଲାଭ କରିଛି ।

ଗଙ୍ଗାଧର ଭରତ ପକ୍ଷୀ ପରି ସ୍ୱର୍ଗ ଓ ମର୍ତ୍ତ୍ୟ ଏହି ଉଭୟ ବିନ୍ଦୁ ସଙ୍ଗେ ମଧୁର ସମ୍ପର୍କ ସ୍ଥାପନ କରିଥିଲେ । ଅବଶ୍ୟ ସ୍ୱର୍ଗ ଓ ମର୍ତ୍ତ୍ୟ ସମଧର୍ମୀ ସେହିମାନଙ୍କ ନିକଟରେ, ଯେଉଁ-ମାନେ ସ୍କାଇଲାର୍କ ଭଳି ଭୂଇଁରେ ବସା ବାନ୍ଧିଥିଲେ ମଧ୍ୟ ଇଚ୍ଛାମାତ୍ରେ ଉପରକୁ ଉଡ଼ିଯାଇ ପାରନ୍ତି ଅଦୃଶ୍ୟ ଅନ୍ତରୀକ୍ଷର ଶାନ୍ତ, ବିଶୁଦ୍ଧ, ନୀଳମାମୟ ଜଗତକୁ ଏବଂ ପୁଣି ଫେରି ଆସିପାରନ୍ତି ଗୃହ ସଂସାରର ସ୍ଥୂଳତାକୁ । ଗଙ୍ଗାଧର ମଧ୍ୟ ତଦ୍ରୂପ ଥିଲେ ସୂକ୍ଷ୍ମ ଗଗନ ବିହାରୀ । ତାଙ୍କର ଅମୂଲ୍ୟ ସୃଷ୍ଟି ଥିଲି ସୌନ୍ଦର୍ଯ୍ୟ ସମ୍ପଦରେ ଋଦ୍ଧିମନ୍ତ, ବାଣୀଙ୍କର ଅଦ୍ଭୁତ ବୀଣାଝଙ୍କାରର ସୁରମାଧୁର୍ଯ୍ୟରେ ଅତ୍ୟନ୍ତ ଶ୍ରବଣ-ମୁଗ୍ଧଦାୟୀ ।

Digitized by PPRACHIN, SOA

ରାଧାନାଥ ସାହିତ୍ୟର ମୌନ ପ୍ରତିବାଦ ହିଁ ଗଙ୍ଗାଧରଙ୍କର ସାହିତ୍ୟ । ରାଧାନାଥ ଓଡ଼ିଆ କାବ୍ୟ ସାହିତ୍ୟରେ ନବଯୁଗର ପ୍ରବର୍ତ୍ତକ ହେଲେ ହେଁ, ଗଙ୍ଗାଧର ଏକାଧାରରେ ସତ୍ୟ, ଶିବ ଓ ସୁନ୍ଦରର ଶ୍ରେଷ୍ଠ ଉପାସକ ଭାବରେ ଉତ୍କଳର ପ୍ରତ୍ୟେକ ପାଠକ ପାଠିକା ନିକଟରେ ସୁପରିଚିତ । ସ୍ୱଳ୍ପଶିକ୍ଷିତ ସ୍ୱଭାବ କବି ଗଙ୍ଗାଧର ଅଖ୍ୟାତ ପୁରପଲ୍ଲୀରେ ଜନ୍ମଗ୍ରହଣ କରି ଯେଉଁ କାବ୍ୟ-ରତ୍ନ ଓଡ଼ିଆ ସାହିତ୍ୟ ଜଗତକୁ ଦାନ-କରିଯାଇଅଛନ୍ତି, ତାହା ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିଛି । ସେହି ଅମର ଶିଳ୍ପୀଙ୍କର ସ୍ୱଳ୍ପକୃତି ମଧ୍ୟରେ ଉଜ୍ଜ୍ୱଳ ମୌଳିକତାରେ ମୁଗ୍ଧ ହୋଇ ମାଯ୍ୟାଧର-ମାନ ସିଂ କହନ୍ତି :—"ଉପଯୁକ୍ତ ଭାବରେ ବର୍ଦ୍ଧିତ ହୋଇଥିଲେ ନ ଜାଣି ଏ ବୃକ୍ଷ କି ଫଳ ପ୍ରସବ କରିଥାନ୍ତା ।" ତାଙ୍କର ଅଗାଧ ପାଣ୍ଡିତ୍ୟ ଓ ଉନ୍ନତ ପ୍ରତିଭାର ପରିଚୟ ଦେବାକୁ ଯାଇ ପଲ୍ଲୀକବି ନନ୍ଦକିଶୋର ବଳ ଯଥାର୍ଥରେ ଲେଖିଛନ୍ତି :—

"ଜନ୍ମିଥାନ୍ତ ତୁମ୍ଭେ ଯଦି ଉନ୍ନତ ଦେଶରେ
ବାଜୁଥାନ୍ତା ନାମ ତବ ଦିଗ ଦିଗନ୍ତରେ ।
କିନ୍ତୁ ତୁମ୍ଭେ ଧୀନ କବି ରହିବ ଜୀବିତ
ଯେତେଦିନ ଥିବ ଭବେ ଓଡ଼ିଆ ସାହିତ୍ୟ ।

—o—

Digitized by PPRACHIN, SOA

ଗଙ୍ଗାଧର କାବ୍ୟ ମାନସର ଏକ ସିଂହାବଲୋକନ

ଶ୍ରୀ ନିତ୍ୟାନନ୍ଦ ମହାରଣା

ଦାରିଦ୍ର୍ୟ ନିପୀଡ଼ିତ ସାଂସାରିକ ଜୀବନର ସକଳ ଜଞ୍ଜାଳ, ସକଳ ଲାଞ୍ଛନା, ସକଳ ଅଭାବ-ଅନଟନକୁ ସହି, ଜୀବନର ସକଳ ବିଷକୁ ଯେଉଁ କବି ନୀଳକଣ୍ଠପରି ଆକଣ୍ଠ ପାନକରି ଅମୃତର ବାଣୀକୁ ଉଦାତ୍ତ କଣ୍ଠରେ ବୈଦିକ ଋଷିଭଳି ଘୋଷଣା କରିଯାଇଛନ୍ତି ଏବଂ ଜଗତର ପ୍ରତ୍ୟେକ ବସ୍ତୁରେ ଯିଏ ସେହି ସଚ୍ଚିଦାନନ୍ଦ ମଙ୍ଗଳମୟ ପରମାତ୍ମାଙ୍କର ଉପସ୍ଥିତିକୁ ମର୍ମେ ମର୍ମେ ଉପଲବ୍ଧି କରି ଦାରିଦ୍ର୍ୟର ପଙ୍କିଳ ପଲ୍ୱଳ ମଧ୍ୟରେ ଅକଳଙ୍କ ଶୁଭ୍ର ଶତଦଳ ପରି ବିକଶିତ ହୋଇ ନିଜର ପ୍ରଶାନ୍ତ କବି ପ୍ରତିଭାକୁ ପ୍ରକାଶ କରି ଯାଇଛନ୍ତି ସେହି "ବାଣୀ-ପାଦ-ପଦ୍ମ-ବିସ-ଜୀବୀ-ରାଜହଂସ" ରଙ୍ଗାଜୀବ ଗଙ୍ଗାଧର ଓଡ଼ିଆ ସାହିତ୍ୟରେ ଏକ ବିସ୍ମୟ । ତାଙ୍କ ଜୀବନୀ ଅଧ୍ୟୟନ କଲେ ଆମେ ବେଶ ଅବଗତ ହୋଇ ପାରିବା ଯେ ତାଙ୍କ ଜୀବନ ମୂଳତଃ ଦାରିଦ୍ର୍ୟ ମଧ୍ୟରେ ଗତି କରିଥିଲା । ତଥାପି ସେ ଏସବୁର ଊର୍ଦ୍ଧ୍ୱରେ ରହି ଗାନ କରିଛନ୍ତି ଜୀବନର ସାମ ସଙ୍ଗୀତ । ଦାରିଦ୍ର୍ୟ ତାଙ୍କୁ ଲକ୍ଷ୍ୟ ଚ୍ୟୁତ କରାଇ ପାରି ନାହିଁ, ଜଞ୍ଜାଳ ତାଙ୍କର ଲେଖନୀକୁ ମନ୍ଥର କରି ଦେଇ ନାହିଁ; ବରଂ ପରୋକ୍ଷରେ ଏସବୁ କବିଙ୍କର ପ୍ରତିଭାର ବିକାଶ ଦିଗରେ ସାହାଯ୍ୟ କରିଛି । ସେହି ହେଉଛି କାଳଜୟୀ କବି, ଯିଏ ଜୀବନର ଗ୍ଲାନିକୁ ଉପେକ୍ଷା କରି ଚିରନ୍ତନ ସତ୍ୟର ସନ୍ଧାନ ଦିଏ । ସକଳ ଦୁଃଖର ଊର୍ଦ୍ଧ୍ୱରେ ଯିଏ ଶାଶ୍ୱତ ଆନନ୍ଦର ବାଣୀ ପ୍ରଚାର କରେ । ବୈଦିକ ଋଷି ଯେପରି ମନ୍ଦ୍ର ଗମ୍ଭୀର କଣ୍ଠରେ "ଓଁ ମଧୁବାତା ଋତାୟତେ, ମଧୁକ୍ଷରନ୍ତି ସିନ୍ଧବଃ···ଓଁ ମଧୁ ମଧୁ ମଧୁ" ଗାନ କରି ସକଳ ବିଶ୍ୱ ମାନବକୁ ଶାଶ୍ୱତ ଆନନ୍ଦରେ ଅନୁପ୍ରାଣିତ ହେବାକୁ ପ୍ରେରଣା ପ୍ରଦାନ କରିଥିଲେ, କବି ଗଙ୍ଗାଧର ଠିକ ସେହିଭଳି ନିଜକୁ ସେହି ଅମୃତ ସାଗରର ଏକ କ୍ଷୁଦ୍ର ବିନ୍ଦୁ ଭାବରେ ପରିକଳ୍ପନା କରି ବିଶ୍ୱବାସୀଙ୍କୁ "ମଧୁମୟ" ଭାବଧାରାରେ ଅନୁପ୍ରାଣିତ ହେବାକୁ ପ୍ରେରଣା ପ୍ରଦାନ କରିଛନ୍ତି । ଜାଗତିକ ଭୋଗ ବିଳାସ ଓ ପ୍ରତିପତ୍ତିକୁ ତୁଚ୍ଛ ମନେ କରି ସେହି ଅମୃତ ସନ୍ଧାନୀ କବି ଉଦାତ୍ତ କଣ୍ଠରେ ଗାଇ ଉଠିଛନ୍ତି-

"ମୁଁ ତ ଅମୃତ ସାଗର ବିନ୍ଦୁ   ନଭେ ଉଠିଥିଲି ତେଜି ସିନ୍ଧୁ,
ଖେଳି ମିଶିଛି ଅମୃତ ଧାରେ,   ଗତି କରୁଛି ସେ ଅକୂପାରେ,
ପଥେ ଶୁଖିଗଲେ ପାପ ତାପରେ,   ହୋଇ ଶିଶିର ଝରିବି ତାପରେ ।
ଅମୃତ ରସ   ଅମୃତ ମୟ
ସହିତ ମିଶିବି ସାଗରେ ।"

Digitized by PPRACHIN, SOA

ଯେତେବେଳେ କବିବର ରାଧାନାଥ ରାୟଙ୍କର କାବ୍ୟିକ ପ୍ରତିଭା ସମଗ୍ର ଉତ୍କଳରେ ପ୍ରତିଭାତ, ଯେତେବେଳେ କବିବର ଏକ ଉଜ୍ଜ୍ୱଳ ଜ୍ୟୋତିଷ୍କ ଭାବରେ ଉତ୍କଳ ସାହିତ୍ୟାକାଶରେ ଭାସ୍ୱର, ସେତିକିବେଳେ କବି ଗଙ୍ଗାଧରଙ୍କ କାବ୍ୟିକ ପ୍ରତିଭାର ବିକଚ ବିକାଶ ହୁଏ । ଉଚ୍ଚ ଶିକ୍ଷିତ ଯୋଗୁଁ ପ୍ରାଚ୍ୟ ଏବଂ ପାଶ୍ଚାତ୍ୟ ସାହିତ୍ୟରେ ରାଧାନାଥଙ୍କର ଥିଲା ଗଭୀର ଦକ୍ଷତା । ପାଶ୍ଚାତ୍ୟ ସାହିତ୍ୟରୁ ଭାବଧାରା ଗ୍ରହଣ କରି ସେ ଓଡ଼ିଆ ସାହିତ୍ୟରେ ଉତ୍କଳୀୟ ପରିବେଶ ସହିତ ସମନ୍ୱୟ କରି ନୂତନ ପରୀକ୍ଷା କଲେ । କିନ୍ତୁ ଗଙ୍ଗାଧର ଥିଲେ ଉଚ୍ଚ ଶିକ୍ଷା ଦୀକ୍ଷାରୁ ବଞ୍ଚିତ । ମାତ୍ର ୫ମ ଶ୍ରେଣୀ ପର୍ଯ୍ୟନ୍ତ ତାଙ୍କର ଶିକ୍ଷା । ନାହିଁ ତାଙ୍କର ଇଂରାଜୀ ଶିକ୍ଷା, ନାହିଁ ମଧ୍ୟ ସଂସ୍କୃତରେ ପାଣ୍ଡିତ୍ୟ । ତଥାପି ଦିବାଲୋକରେ ତନ୍ତ ଚାଳନା କରି ଜୀବିକାର୍ଜନ କରିବା ସଙ୍ଗେ ସଙ୍ଗେ ଦୀପାଲୋକରେ ସେ ଅଧ୍ୟୟନ ଓ ଲେଖନ କାର୍ଯ୍ୟରେ ନିଜକୁ ନିୟୋଜିତ କରିଥିଲେ । ଭାରତୀୟ ପରମ୍ପରାରେ ଯାହା ଅମୂଲ୍ୟ ରତ୍ନ, ଯାହା ଶାଶ୍ୱତ ଏବଂ ଚିର ଦେଦୀପ୍ୟମାନ, ଯାହା କାଳବକ୍ଷରେ ଅକ୍ଷୟ, ସେହି ଭାରତୀୟ ମହାନ୍ ଐତିହ୍ୟ ଏବଂ ପରମ୍ପରା ପ୍ରସୂତ ଚିନ୍ତାଧାରାକୁ ନେଇ ସେ ରଚନା କଲେ ତାଙ୍କର କାବ୍ୟ-କବିତା । କେବଳ ଶ୍ରବଣ ସୁଖଦାୟୀ ଶବ୍ଦ ଶିଳ୍ପୀ ଭାବରେ ନୁହେଁ, ଜଣେ ଉଚ୍ଚ ଆଦର୍ଶବାଦୀ, ସତ୍ୟଦ୍ରଷ୍ଟା ଭାବୁକ ଭାବରେ ସେ ତାଙ୍କର ସମସାମୟିକ ଅନ୍ୟାନ୍ୟ କବିମାନଙ୍କ ମଧ୍ୟରେ ଉଚ୍ଚତର । ମାୟାଧର ମାନସିଂଙ୍କ ଭାଷାରେ "ଗଙ୍ଗାଧର ବିଦଗ୍ଧ ଶବ୍ଦ ଚିତ୍ରକାର ତ ଥିଲେ, ତାହା ଛଡ଼ା ସେ ଥିଲେ ବିଶ୍ୱବନ୍ଧୁ, ଦେଶପ୍ରେମୀ, ସମାଜର ସ୍ପଷ୍ଟ ସମାଲୋଚକ, ଉଚ୍ଚକୋଟୀର ନୈତିକ ଆଦର୍ଶବାଦୀ ସର୍ବଜନୀନ ମାନବ, ପ୍ରଗତିଶୀଳ ନାଗରିକ ଓ ଈଶ୍ୱରଙ୍କର ବିନିତ ଭକ୍ତ । ସର୍ବକ୍ଷେତ୍ରରେ ତାଙ୍କ ଲେଖନୀ ସଂଯତ,ସ୍ଥିତପ୍ରଜ୍ଞ । ତାହା ଯେତିକି ଦରକାର ସେତିକି କହେ, ସତ୍ୟ କଥାଟି କହେ, ଅଥଚ ସୁନ୍ଦର କରି କହେ ।" ତେଣୁ ରାଧାନାଥ ଯୁଗରେ ସେ ଜନ୍ମ ହୋଇଥିଲେ ବୋଲି ଯେ ତାଙ୍କର କବି ପ୍ରତିଭା ହିନପ୍ରଭ ହୋଇଯାଇଛି ତାହା ନୁହେଁ ।

ରାଧାନାଥ "ଜୀବନ ନୁହଁଇ ଜୀବନ୍ତ ମରଣ" କହି ଯନ୍ତ୍ରଣାର କବି ଆସନକୁ ଉନ୍ନୀତ ହେଲାବେଳେ ଗଙ୍ଗାଧର ଦୁଃଖର ଭୀଷଣ ଆବର୍ତ୍ତ ମଧ୍ୟରେ ନିପତିତ ହୋଇ ମଧ୍ୟ ସ୍ଥିତଧୀ । ଦୁଃଖରେ ସେ ଭାଙ୍ଗିଯାଇ ନାହାନ୍ତି, ତେଣୁ ତାଙ୍କର କାବ୍ୟ-କବିତା ପ୍ରଶାନ୍ତିର କବିତା । ସେ ତାଙ୍କ ପୂର୍ବସୂରୀ କବିଙ୍କ ପଦାଙ୍କ ଅନୁସରଣ କରି ବଜ୍ରଣପଥ ନେଇଥିଲେ ଉତ୍କଳଜନନୀର ସେବା କରିବାପାଇଁ —

"ଜୟ ବେଦ ବ୍ୟାସ ଜୟ କାଳିଦାସ ଭାରତୀ-ପ୍ରିୟ-ନନ୍ଦନ
ତୁମ୍ଭେ ଜ୍ଞାନ ଗୁରୁ କବି ମଣ୍ଡଳୀର ଲଲାଟ-ଶୋଭା-ଚନ୍ଦନ ।

Digitized by PPRACHIN, SOA

ତୁମ୍ଭ ଚରଣରେ ଲଗାଉଛୁ ବାନ୍ଧି ମୋ ହୃଦ-ଦୃଢ଼ ବନ୍ଧନ,
ତୁମ୍ଭ ପଛେ ଆଇ ଭାରତୀ ଚରଣେ ବିନୟେ କରେ ବନ୍ଦନ ।

ଯେଉଁ ପଥେ ଗତି କରୁଥିବ ଗୁରୁହେ, ଭାରତୀ କୁସୁମ ବନେ
ସେହି ପଥେ ଚାଲି ତୋଳିବି କୁସୁମ ପଡ଼ିବ ଯେତେକ ନୟନେ ।

×　　×　　×

ତୋଳିଲି କୁସୁମେ ହାର ଗୁନ୍ଥି ଦେବି ଉତ୍କଳ-ଜନନୀ-ହୃଦେ ।
ଭକ୍ତିରେ ଜନନୀ— ପାଦପଦ୍ମେ ପୂଜି ମନ ମଜ୍ଜାଇବି ମୁଦେ ।"

ସେହି ମହାନ କବି ଭାରତୀୟ ପରମ୍ପରା ଓ ଆଦର୍ଶକୁ ଆଖି ଆଗରେ ରଖି ଓଡ଼ିଆ ସାହିତ୍ୟର ସମୃଦ୍ଧି ଦିଗରେ କାର୍ଯ୍ୟରେ ଆସିବ ବୋଲି ଭାବି ଯେଉଁ ଅମୂଲ୍ୟ ସମ୍ପଦ ଦାନକରି ଯାଇଛନ୍ତି ତାହା ହେଲା –"ଅହଲ୍ୟାସ୍ତବ—୮୯୨, ଇନ୍ଦୁମତୀ—୮୯୩, ଉତ୍କଳ ଲକ୍ଷ୍ମୀ—୮୯୪, କୀଚକ ବଧ—୧୯୦୩, ତପସ୍ୱିନୀ—୧୯୧୧, ପ୍ରଣୟ ବଲ୍ଲରୀ—୧୯୧, ଅଯୋଧ୍ୟା ଦୃଶ୍ୟ—୧୯୧୧, ପଦ୍ମିନୀ—୧୯୧୧ କବିତା କଲ୍ଲୋଳ—୧୯୧୧, ଅର୍ଘ୍ୟଥାଳୀ—୧୯୧୯, ମହିମା, ଭାରତୀ ଭାବନା, କୃଷକ ସଙ୍ଗୀତ, କୁମାର-ଜନ୍ମୋତ୍ସବ, ଭକ୍ତି ଉପହାର, କବିତାମାଳା ଆଦି କାବ୍ୟ କବିତା ।

ରାଧାନାଥ ମଧ୍ୟଯୁଗ ଓଡ଼ିଆ ସାହିତ୍ୟ ପଢ଼ିଥିଲେ, କିନ୍ତୁ କାବ୍ୟର ନାୟକ—ନାୟିକା, ଛନ୍ଦ ବାଛିନେବା ବେଳେ ସେ ହୋଇଥିଲେ ପଶ୍ଚିମାଭିମୁଖୀ । ସେ ପାଶ୍ଚାତ୍ୟ ସାହିତ୍ୟକୁ ଗ୍ରହିଥିଲେ ପ୍ରେରଣା ପାଇବା ପାଇଁ; କିନ୍ତୁ ଗଙ୍ଗାଧର ନିଜର ଶିକ୍ଷାଗତ ଯୋଗ୍ୟତା ଦୃଷ୍ଟିରୁ ସେପରି କରିବା ପାଇଁ ସୁଯୋଗ ପାଇପାରି ନଥିଲେ । ସୃଷ୍ଟି ସ୍ୱଳ୍ପ ହେଲେ ହେଁ ପରିସର ସଙ୍କୀର୍ଣ୍ଣ ହେଲେ ହେଁ, ଗଙ୍ଗାଧରଙ୍କର ପ୍ରତିଭା ଥିଲା ଅନନ୍ୟ ସାଧାରଣ । ଗଙ୍ଗାଧରଙ୍କ ସାହିତ୍ୟ ହେଉଛି ପ୍ରାଚୀନ ଏବଂ ନବୀନର ଅପୂର୍ବ ସମନ୍ୱୟ । ରାଧାନାଥଙ୍କର ଅର୍ଥର ପ୍ରାଞ୍ଜଳତା ସଙ୍ଗେ ଭଞ୍ଜୀୟ ଛନ୍ଦମାଧୁର୍ଯ୍ୟର ମଧୁର ମିଳନ ହିଁ ଗଙ୍ଗାଧରଙ୍କ ସାହିତ୍ୟକୁ ଶ୍ରବଣ ସୁଖଦାୟୀ ଗ୍ରନ୍ଥ ଭାବରେ ପ୍ରତିଷ୍ଠା ପ୍ରଦାନ କରିଛି । ମାନସିଂଙ୍କ ଭାଷାରେ—"ଶବ୍ଦ—ବୈଚିତ୍ର୍ୟ ଅଛି, ଅଥଚ ଅକାରଣ ଶବ୍ଦାଡମ୍ବର ନାହିଁ; ଉପମା-ଉପମେୟରେ ପ୍ରାଚୀନ ବାହୁଲ୍ୟ ଅଛି, ଅଥଚ ସେ ସମସ୍ତ ତାଙ୍କର ନିଜସ୍ୱ । ପ୍ରାଚୀନ ଲକ୍ଷଣବନ୍ଧ ଭିତରେ ନବ ଯୁଗର ଆଦର୍ଶର ମନୋଜ୍ଞ ଚିତ୍ରଣ ଏବଂ ପ୍ରାଚୀନ ଆଦର୍ଶକୁ ନବ ଯୁଗର ରୁଚି ଅନୁକୂଳ କରି ପରିବେଷଣ, ଏ ସମସ୍ତ ଗଙ୍ଗାଧରଙ୍କର ମୌଳିକତାର ଚିହ୍ନ । ଏ ସବୁ ଦିଗରେ ସେ ନିଜେହିଁ ନିଜର ଗୁରୁ । ଗୁଣଗ୍ରାହୀ ରାଧାନାଥ, ତେଣୁ କବି ଗୁରୁ ବୋଲି ସମ୍ମାନିତ ହେଉଥିଲେ ହେଁ ସମ୍ବଲପୁରୀ ତନ୍ତୀର ପ୍ରତିଭାକୁ ବାରମ୍ବାର ନମସ୍କାର ଜଣାଇଛନ୍ତି ।"

Digitized by PPRACHIN, SOA

ଗଙ୍ଗାଧରଙ୍କ କାବ୍ୟର ବୈଶିଷ୍ଟ୍ୟ ସମ୍ପର୍କରେ ପଲ୍ଲୀକବି ନନ୍ଦକିଶୋର ବଳଙ୍କ ଉକ୍ତି ପ୍ରଣିଧାନ ଯୋଗ୍ୟ । ରାଧାନାଥଙ୍କ କାବ୍ୟକୁ ସମାଲୋଚନା କରି ନନ୍ଦକିଶୋର ଲେଖିଥିଲେ—"କବି ରାଧାନାଥଙ୍କ ରଚିତ ଅନେକ ନାୟିକାଙ୍କ ପ୍ରୀତି ରୂପଜ, ଶାରୀରିକ ସୌନ୍ଦର୍ଯ୍ୟ, ପାର୍ଥିବ ପ୍ରଣୟମାନସିକ ଲାବଣ୍ୟ ପ୍ରସୂତ ନିର୍ମଳ ନିଃସ୍ୱାର୍ଥପ୍ରୀତି ନୁହେଁ । × × × ତାଙ୍କର ଅନେକ ନାୟକ ନାୟିକାଙ୍କ ଚରିତ୍ର ଆଦର୍ଶୋଚିତ ହୋଇନାହିଁ, ଅଥଚ ସମାଜ ବିରୋଧୀ ହୋଇଅଛି । × × କବିର ଲେଖନୀ କ'ଣ କରି ନପାରେ ? × × × କିନ୍ତୁ ହାୟ ! ରାଧାନାଥଙ୍କ ବିଷୟ ନିର୍ବାଚନ ଅଧିକାଂଶ ସ୍ଥାନରେ ସମୁଚିତ ହୋଇନାହିଁ ।" 'କୀଚକବଧ' କାବ୍ୟକୁ ରାଧାନାଥ ଉଚ୍ଚ ପ୍ରଶଂସା କରିଥିଲେ । ତାକୁ ମଧ୍ୟ ନନ୍ଦକିଶୋର ଟିକିଏ ଭିନ୍ନ ଦୃଷ୍ଟିରେ ଦେଖିଥିଲେ । ଦ୍ରୌପଦୀଙ୍କ ପ୍ରତି କୀଚକର ଯେଉଁ କାମୁକ ଦୃଷ୍ଟି, ତାହା ଫଳରେ ସେ ପ୍ରାଣ ହରାଇଛି ସତ, କିନ୍ତୁ ପରମ ସୁନ୍ଦରୀ ଦ୍ରୌପଦୀଙ୍କୁ ଦେଖି କୀଚକ ମନରେ ଯେଉଁ ପ୍ରେମଭାବ ଜାତ ହୋଇଛି ତାକୁ ଯେପରି ସୁନ୍ଦର ଭାବରେ ଗଙ୍ଗାଧର ବର୍ଣ୍ଣନା କରିଛନ୍ତି, ସେହି ଅଂଶଟିକୁ ନନ୍ଦକିଶୋର ବଳ ନାପସନ୍ଦ କରିଥିଲେ ।

ଫକୀର ମୋହନଙ୍କର ସମାଲୋଚନାତ୍ମକ ପ୍ରବନ୍ଧ ମଧ୍ୟ ଗଙ୍ଗାଧରଙ୍କୁ ବହୁଳାଂଶରେ ପ୍ରଭାବିତ ଓ ସଞ୍ଜତ କରି ତୋଳିଛି । ଗଙ୍ଗାଧରଙ୍କ ସୃଷ୍ଟି ଗୌରଵରେ କାବ୍ୟ ଅବଲମ୍ବନରେ କବିଙ୍କ ମୌଳିକ ଚିନ୍ତା, ଆହରଣ ଶୀଳତା, ଜାତୀୟ ପ୍ରେମ ବୋଧ, ଇତିହାସ ପ୍ରୀତି, ବର୍ଣ୍ଣନା ନୈପୁଣ୍ୟ ସହିତ କାବ୍ୟରେ ଶୈଳୀଗତ ବିଶେଷତ୍ୱ ସ୍ୱରୂପ ନାଟକୀୟ ଶୈଳୀ ଏବଂ ପ୍ରକୃତି ଚେତନା ବା ସୌନ୍ଦର୍ଯ୍ୟ ଚେତନା ମୂଳକ ଶୈଳୀ ଦେଖିବାକୁ ପାଉଁ; ଯାହା ଏହି ଯୁଗର ଅନ୍ୟ ସ୍ରଷ୍ଟାମାନଙ୍କ ଠାରୁ ଗଙ୍ଗାଧରଙ୍କୁ ଏକ ବିଶେଷ ସ୍ଥାନରେ ସ୍ଥାପିତ କରିଥାଏ । ସଂସ୍କୃତ ସାହିତ୍ୟର କବି କାଳିଦାସ, ପ୍ରାଚୀନ ଓଡ଼ିଆ କବି ଭଞ୍ଜ, ଦୀନକୃଷ୍ଣ, ଆଦିଙ୍କ କାବ୍ୟ କବିତା ଅବଲମ୍ବନ କରି, ରାମାୟଣ, ମହାଭାରତ ଆଦି ସୁପ୍ରସିଦ୍ଧ ଗ୍ରନ୍ଥରୁ ବିଷୟ ବସ୍ତୁକୁ ଆହରଣ କରି ନିଜର ସ୍ୱକୀୟ ଚିନ୍ତାଧାରା ଦ୍ୱାରା ଅମ୍ଳାନ କାବ୍ୟ ସୌଧ ଗଢ଼ିଯାଇଛନ୍ତି । ରାଧାନାଥଙ୍କ "ମହାଯାତ୍ରା" ମହାକାବ୍ୟରେ ପୃଥ୍ୱୀରାଜଙ୍କ ବୀରତ୍ୱ ହିଁ ସ୍ପଷ୍ଟ ରୂପେ ମେହେରଙ୍କ ପଦ୍ମିନୀ କାବ୍ୟରେ ପ୍ରତୀୟମାନ ହୁଏ । ରାଧାନାଥଙ୍କ 'ଚିଲିକା'ର ଆଦର୍ଶରେ "ଉତ୍କଳ ଲକ୍ଷ୍ମୀ" ଆଦର୍ଶୀକୃତ ହୋଇ ଉଠିଛି । ରାଧାନାଥ ଓ ଗଙ୍ଗାଧର ଦୁହେଁ ଭାରତର ପୌରାଣିକ ଚରିତ୍ର ପ୍ରତି ଦୃଷ୍ଟି ଦେଇ ଥିବା ସ୍ଥଳେ ଗଙ୍ଗାଧରଙ୍କର ଅଧିକ ଆଗ୍ରହ ଥିଲା ନୀତି ଭିତ୍ତିକ, ଆଦର୍ଶ ଭିତ୍ତିକ ଓ ଧର୍ମଭିତ୍ତିକ ଭାରତୀୟ ଚରିତ୍ର ପ୍ରତି । 'ଇନ୍ଦୁମତୀ' ରାଧାନାଥଙ୍କ ଶୈଳୀ ଛାୟାରେ ରଚିତ । ଏ କାବ୍ୟକୁ ଆମେ ଗଙ୍ଗାଧରଙ୍କର ପ୍ରଥମ କାବ୍ୟ ରୂପେ ବିବେଚିତ କରି-ଥାଉ । ମଧ୍ୟ ଯୁଗୀୟ ରାଗ ରାଗିଣୀ, ଉପମା ଅନୁପ୍ରାସ ପ୍ରଭୃତି ଶବ୍ଦାଳଙ୍କାରର ସାର୍ଥକ ସଂଯୋଜନା ଓ ବିଭିନ୍ନ ରସର ଅବତାରଣା, ରାଧାନାଥଙ୍କ ଚିତ୍ର କଳ୍ପର ଚମତ୍କାରିତା

Digitized by PPRACHIN, SOA

ଗଙ୍ଗାଧରଙ୍କ କାବ୍ୟରେ ବିରଳ ନୁହେଁ । 'ତପସ୍ୱିନୀ' କାବ୍ୟର ସମଗ୍ର ୫ମ ସର୍ଗଟି ମଧ୍ୟଯୁଗୀୟ କାବ୍ୟର ପ୍ରତିଧ୍ୱନିର ସ୍ମାରକୀ ଅଟେ । ବନ ଉଦ୍ୟାନର ବର୍ଣ୍ଣନା ପ୍ରସଙ୍ଗରେ ଗଙ୍ଗାଧର ଲେଖନ୍ତି—

"କେଶ କାନ୍ତି ମାଗି ନେଲା ଷଟ୍‌ପଦ
ଚମ୍ପା ନେଲା ତନୁ କାନ୍ତି ସମ୍ପଦ,
ମନ୍ଦାରକୁ ଗଲା ଅଧର ରୁଚି
ଆଉ ସକଳକୁ ନାହିଁ ଯା ରୁଚି,
ସର୍ବେ ହେଲେ କାନ୍ତିମୟ
ସ୍ୱର୍ଗ ଛାଡ଼ି ଜବା ମର୍ତ୍ତ୍ୟ ଆସିକଲେ
ଉଦ୍ୟାନକୁ ଜ୍ୱାଳାମୟ ।"

"ଭାରତୀ-ଭାବନା"ରେ ସେ ଯେଉଁ ମହାତ୍ମାଗାନ୍ଧୀଙ୍କ ମୁକ୍ତି ସଂଗ୍ରାମର ନାନ୍ଦୀଗାନ କରି କମ୍ ସାହିତ୍ୟିକ ଦୁଃସାହସିକତା ଓ ସ୍ୱଦେଶପ୍ରେମର ପରିଚୟ ଦେଇ ନାହାନ୍ତି—

"ଗାନ୍ଧି ନିଜକଣ୍ଟ ଗଣନା ନକରି ବନ୍ଦିପୁର କଲେ ଗମନ,
କାନ ନ ପାତିଲ ଦୂରେ ଥାଇକରି ଯେତେ ହା-ହା-କାର କ୍ରନ୍ଦନ ।
× × ×
ତୁମ୍ଭର ଆଗରେ ତୁମ୍ଭର ବହିଏ ମୁଣ୍ଡଳମାନ ଥିଲେ ଆସି
କୋପନ ସ୍ୱଭାବ ହେଲେ ହେଁ ଅମ୍ଭର ସମସ୍ତ ନଥିଲେ ଗ୍ରାସି ।
କରିସେ, ନଥିଲେ ବସନହରଣ
ଦୂର ପଦସୁତା ଶକ୍ତିକାର ପାଶ କରିନଥିଲେ ସେ ପ୍ରେରଣ ।"

ଜାତିପ୍ରାଣ କବି ଗଙ୍ଗାଧର ଉତ୍କଳ ଲକ୍ଷ୍ମୀଙ୍କର ଦୁର୍ଦ୍ଦଶାରେ ମ୍ରିୟମାଣ ହୋଇ ଅନ୍ତରର ଭାବନାକୁ "ମାତୃଭୂମି" କବିତାରେ ପ୍ରକାଶ କରିଛନ୍ତି—

"ମାତୃଭୂମି ମାତୃ-ଭାଷାର ମମତା ଯାହାହୃଦେ ଜନମି ନାହିଁ
ତାକୁ ଯଦି ଜ୍ଞାନୀ ଗଣରେ ଗଣିବା ଅଜ୍ଞାନ ରହିବେ କାହିଁ ?'

ସେ ପୁଣି 'ଉଦ୍‌ବୋଧନ' କବିତାରେ ଜାତିକୁ ଉଦ୍‌ବୋଧନ ଦେଇ ଲେଖିଛନ୍ତି—

"ଯା ଭାଷା ଦୁର୍ବଳ ସେ ନଷ୍ଟେ ଅଧମ
କାହିଁ ହେବ ଆନେ ପ୍ରତି ଯୋଗ କ୍ଷମ ?
× × ×
ଉଚ୍ଚ ହେବା ପାଇଁ କର ଯେବେ ଆଶା
ଉଚ୍ଚକର ଆଗେ ନିଜ ମାତୃ ଭାଷା
× × ×

Digitized by PPRACHIN, SOA

ମାତୃଭାଷା ପୋଥି ଛୁଇଁବାକୁ କରେ
ଅନ୍ୟ କେଉଁ ଜାତି ଲଜ୍ଜା ବୋଧକରେ ।

× × ×

ମାତୃ ଭୂମି ମାତୃ ଭାଷାର ବନ୍ଦନ
ଧ୍ୟାନ କର ଦେଇ ଧନ ଧ୍ୟାନ ମନ ।"

କବିତା କବି ହୃଦୟର ସ୍ୱଚ୍ଛନ୍ଦ ଅଭିବ୍ୟକ୍ତି । ରସଘନ ନିବିଡ଼ ହୃଦୟର କାନ୍ତ କୋମଳ କମନୀୟ ଭାବଧାରାର ପ୍ରାଣବନ୍ତ ରୂପାୟନ । କବିତା ଶବ୍ଦ ଶିଳ୍ପ । ହୃଦୟରେ ଯେଉଁ ଭାବର ଉତ୍ସରଣ ହୁଏ ତାହା ମନ ଓ ବୁଦ୍ଧିର ସହାୟତାରେ ପରିପୁଷ୍ଟ ହୋଇ ଶବ୍ଦ ସମ୍ଭାରରେ ରୂପନିଏ । ଏହି ଶବ୍ଦ ରୂପ ଯେତେବେଳେ ହୁଏ ଶ୍ରବଣ ସୁଖଦାୟୀ, ସେତେବେଳେ ତାହା ମଣିଷ-ଚିତ୍ତ ବଳୟକୁ ସାଙ୍ଗୀତିକ ଧ୍ୱନି ମାଧୁର୍ଯ୍ୟରେ ରସାଣିତ କରିଦିଏ ଏବଂ ସେହି ଧ୍ୱନି ମାଧୁର୍ଯ୍ୟରୁ ଫୁଟି ଉଠେ ଭାବମାଧୁର୍ଯ୍ୟ । ବ୍ୟକ୍ତି ହୃଦୟର ବେଦନା ବୋଧରୁ ଏହି ଭାବ ମାଧୁର୍ଯ୍ୟ ବିକାଶ ଲାଭ କରେ । ଏହି ବେଦନା ବୋଧ ଯେତେବେଳେ ବିଶ୍ୱ ବେଦନା ବୋଧରେ ପରିଣତ ହୋଇଯାଏ, ସେତେବେଳେ କବିତା ହୁଏ କାଳଜୟୀ ଓ ସର୍ବଜନୀନ । ସେତିକ ବେଳେ କବିତାରୁ ଲୋପ ପାଇଯାଏ ସକଳ ସଂକୀର୍ଣ୍ଣତା ଓ ସକଳ ହୀନ ମନ୍ୟତା । କବି-କବିତ୍ୱ ସକଳ ଅଭାବ ଅନୁଯୋଗ-ଅଭିଯୋଗ ଅବିଚାର ସତ୍ତ୍ୱେ ବି ଶୁଦ୍ଧ ସୁବର୍ଣ୍ଣ ପରି ଭାସ୍ୱର ହୋଇ ଉଠେ । ସେହି ବ୍ୟକ୍ତିତ୍ୱ ହୁଏ ମହାନ୍ । ଅନ୍ୟାୟ-ଅବିଚାର-ଅଧର୍ମ ବିରୋଧରେ ଲେଖନୀ ଚାଳନା କରେ । ଦରିଦ୍ର ହେଲେ ହେଁ କାହାର ଅନୁଗ୍ରହ ପ୍ରାର୍ଥୀ ହୋଇ ଠିଆହୁଏ ନାହିଁ । ସେ ହୁଏ ବିଜୟୀ । ତେଣୁ ସେହି ବ୍ୟକ୍ତିତ୍ୱ ହିଁ ସ୍ୱାଗତ ଯୋଗ୍ୟ । ଗଙ୍ଗାଧର ମେହେର ଓଡ଼ିଆ ସାହିତ୍ୟରେ ଏହି କାରଣରୁ ଚିରବନ୍ଦ୍ୟ ।

—o—

Digitized by PPRACHIN, SOA

ଓଡ଼ିଆ ସାହିତ୍ୟରେ ଯୁଗଜନ୍ମା ଗଙ୍ଗାଧର

କଳ୍ପତରୁ ଜେନା

ଉତ୍କଳ କାବ୍ୟ-କାନନରୁ କୁସୁମ ଚୟନ କରି ଯେଉଁ କବି ଏବଂ ସାହିତ୍ୟିକ ବୃନ୍ଦ ଉତ୍କଳ ସାହିତ୍ୟାକାଶକୁ ଅମୂଲ୍ୟ ସମ୍ପଦ ଦାନ କରିଛନ୍ତି—ସେମାନଙ୍କ ମଧ୍ୟରେ ଗଙ୍ଗାଧର ଶୀର୍ଷସ୍ଥାନର ଅଧିକାରୀ ହୋଇଥାନ୍ତି । କାଳିଦାସ, ମାଘ, ଶ୍ରୀହର୍ଷ, ଭର୍ତ୍ତୃହରି ପ୍ରମୁଖ କବି ବୃନ୍ଦଙ୍କ ପରି ଗଙ୍ଗାଧର ଓଡ଼ିଶାର ପଶ୍ଚିମାଞ୍ଚଳରେ ଏକ ଦରିଦ୍ର ପରିବାରରେ ଜନ୍ମ ଗ୍ରହଣ କରି ସାରସ୍ୱତ ପ୍ରତିଭାର ସମ୍ମୁଚ୍ଚ ସ୍ତରକୁ ଯାଇପାରିଛନ୍ତି । ଗୋଟିଏ ପଦରେ କହିଲେ ଯଥେଷ୍ଟ ହେବ ଯେ, ମେହେରଙ୍କ ଲେଖନୀରେ ଏପରି ଏକ ରାସାୟନିକ ସ୍ପର୍ଶ ଥିଲା, ଯାହାକି ମାଟିକୁ ଛୁଇଁଲେ ମଧ୍ୟ ସୁନା ପାଲଟି ଯାଏ । ଏହି ଯୁଗଜନ୍ମା ପ୍ରତିଭା-ବାନ କବି ଗଙ୍ଗାଧର ୧୮୬୨ ମସିହା ଶ୍ରାବଣର ବର୍ଷଣ ମୁଖର ଝୁଲଣ ପୂର୍ଣ୍ଣିମା ଦିନ ବରପାଲିର ଚୈତନ୍ୟ ମେହେରଙ୍କ ଦରିଦ୍ର ତନ୍ତୁବାୟ ପରିବାରର ଜୀର୍ଣ୍ଣ କୁଟୀରକୁ ଆଲୋକମୟ କରିଥିଲେ । ୧୯୨୪ ଏପ୍ରିଲ ୪ ତାରିଖ ବାସନ୍ତ ଚୈତ୍ର ଅମାବାସ୍ୟାରେ ତାଙ୍କର ଜୀବନ-ଦୀପ ଅସ୍ତମିତ ହୋଇଥିଲା । ଝଡ଼ବର୍ଷାର ଶ୍ରାବଣ ପୂର୍ଣ୍ଣିମାରେ ଉଦୟ ଏବଂ ବାସନ୍ତ ଚୈତ୍ରର ଅମା-ଅନ୍ଧକାରରେ ଅସ୍ତ । ଏହି ସ୍ୱଳ୍ପକାଳ ଉଦୟାସ୍ତରେ ଓଡ଼ିଆ ସାହିତ୍ୟାକାଶରେ ମେହେର ଯେଉଁ ସାରସ୍ୱତ ଜ୍ୟୋତିଷ୍କ ଛାଡ଼ିଦେଇ ଯାଇଛନ୍ତି ତାହାହିଁ ଓଡ଼ିଆ ସାହିତ୍ୟରେ ଆଜି ମେହେରଙ୍କୁ ଅମର କରି ରଖିଛି ।

ରୀତିଯୁଗୀୟ ରୀତି ସାହିତ୍ୟର ଅଳସ-ଶୃଙ୍ଗାର ଚେତନା, ବୈଷ୍ଣବ ସାହିତ୍ୟର ତାତ୍ତ୍ୱିକ ଧର୍ମ ଧାରଣା ଓ ପଦ୍ୟାବଳୀ ସାହିତ୍ୟର ରସାନୁଭୂତ କ୍ରମଶଃ ସଙ୍କୁଚିତ ହୋଇ ଆସୁଥାଏ । ଅତୀତର ପାରମ୍ପରିକ ଓ ପୁରାତନ ସୃଷ୍ଟି ସମ୍ପଦର ପ୍ରତିବାଦ ସ୍ୱରୂପ ରାଧା-ରାଧ ସେନାପତିଙ୍କ ମିଳିତ ସୃଷ୍ଟି ଓଡ଼ିଆ ସାହିତ୍ୟକୁ ନୂତନ ଅବଦାନରେ ସମୃଦ୍ଧ କରୁଥାଏ । ତିନୋଟି ଭିନ୍ନ ମତବାଦର ଉଦ୍‌ଗାତା ରୂପେ ଏହି ତ୍ରିସଖା ଓଡ଼ିଆ ସାହିତ୍ୟ ଇତିହାସରେ ଅବିସ୍ମରଣୀୟ । ପ୍ରତ୍ୟେକ ଏକ ଏକ ବ୍ୟକ୍ତି ନ ହୋଇ ଗୋଟିଏ ଗୋଟିଏ ସାହିତ୍ୟିକ ଅନୁଷ୍ଠାନରେ ପରିଣତ ହୋଇ ସାରିଥାନ୍ତି । ଏପରି ଏକ ପରିବର୍ତ୍ତିତ ପରିସ୍ଥିତିରେ ପୁରାଣ ସତୀ ସୀତାଙ୍କର ବ୍ୟଥିତ ଜୀବନର କରୁଣ ଇତିହାସ, ତାପସ କନ୍ୟା ଶକୁନ୍ତଳାର ପ୍ରଣୟ ପରିଣତିର ଲଳିତ କାହାଣୀ, ଇନ୍ଦୁମତୀ-ଅଜ-ଦାମ୍ପତ୍ୟ-ପ୍ରଣୟ ବିଳାସର ଶାଶ୍ୱତ

Digitized by PPRACHIN, SOA

ଚରିତ ଓ ସୈରନ୍ଧ୍ରୀ କୀଚକର ଉପାଖ୍ୟାନକୁ ସମ୍ବଳ କରି ଏକ ପୁରାତନ କଙ୍କାଳ ଉପରେ ନୂତନତାର ପ୍ରଲେପ ଦେଇ ନୂତନ ରୁଚି ଓ ଆଦର୍ଶ ନେଇ ସାହିତ୍ୟ ସୃଷ୍ଟିର ସାର୍ଥକ ରୂପକାର ହେଲେ ସ୍ୱଭାବ କବି ଗଙ୍ଗାଧର । ଅସ୍ତମିତ ଅତୀତର ପୁନରୁଦ୍ଧାର କରି ତାକୁ ଆଧୁନିକ ଅଭିବ୍ୟକ୍ତି ମାଧ୍ୟମରେ ପ୍ରକାଶ କରି, ପୁରାପୁରି ନୂତନ ସାହିତ୍ୟ ସୃଷ୍ଟି ହୁଏତ ସେ ଯୁଗରେ ଏକ ମୀମାଂସାର ସେତୁ ରୂପେ ଓଡ଼ିଆ ସାହିତ୍ୟ ସଂସାରରେ ଜନ୍ମଲାଭ କରି ସ୍ୱକୀୟସ୍ୱତାସ୍ୱରେ ସ୍ୱତନ୍ତ୍ର ଓ ମୌଳିକତାରେ ଭାସ୍ୱର ହୋଇ ପାରିଥିଲା । ମୀରସତନ୍ତ୍ରୀର ବେସୁରା ରାଗିଣୀର ତାଳେ ତାଳେ ଲଳିତ କୋମଳ—କାବ୍ୟ—ଗୀତ ରସର ଝଙ୍କାର ଯେ ସମ୍ଭବ, ରଙ୍ଗାଜୀବ ଗଙ୍ଗାଧର ହିଁ ତାହାର କଲେ ଯଥାର୍ଥ ପରୀକ୍ଷା । ସମାଜରେ ସେ ଏକ ଦୁଃସ୍ଥ—ପୀଡ଼ିତ ବ୍ୟକ୍ତି ; କିନ୍ତୁ ସାହିତ୍ୟରେ ଏକ ଦୀପ୍ତିମାନ ଅନୁଷ୍ଠାନ ।

କଥାରେ ଅଛି—"ତୁଳସୀ ଦୁଇପତ୍ରରୁ ବାସେ" (Morning shows the day) । ଉକ୍ତ ଉଦାହରଣ ଗଙ୍ଗାଧରଙ୍କଠାରେ ଅକ୍ଷରେ ଅକ୍ଷରେ ସତ୍ୟ । ବାଲ୍ୟ ଜୀବନରୁ ତାଙ୍କର କବି ଜନୋଚିତ ପ୍ରତିଭା ବିକାଶ ଲାଭ କରିଥିଲା । କବିଙ୍କର ଦୁଃଖଦୈନ୍ୟ ତଥା ପାରିବାରିକ ପରିସ୍ଥିତି ତାଙ୍କୁ ଉଚ୍ଚ ଶିକ୍ଷାରୁ ବଞ୍ଚିତ କରିଥିଲା । ମେହେରଙ୍କ ଶିକ୍ଷାର ଆଦ୍ୟମାରମ୍ଭ ବେଳକୁ ପିତା ଚୈତନ୍ୟ ମେହେରଙ୍କ ଦ୍ୱାରା ପ୍ରତିଷ୍ଠିତ ହୋଇଥିବା ଚାଟଶାଳୀଟି ଭାଙ୍ଗି ଯାଇଥିଲା । ନାନାପ୍ରକାର ଘାତ ପ୍ରତିଘାତ ମଧ୍ୟରେ ଗତିକରି— ଗଙ୍ଗାଧର ମେହେରଙ୍କର ଶିକ୍ଷାର ମାନ ପଞ୍ଚମ ଶ୍ରେଣୀରେ ସୀମାବଦ୍ଧ ଥିଲେ ମଧ୍ୟ ପଙ୍କରୁ ପଦ୍ମ ଫୁଟିଲା ପରି ମେହେରଙ୍କର ପ୍ରତିଭା ଦିନକୁ ଦିନ ବିକାଶ ହେବାକୁ ଲାଗିଲା । ସେ ନିତ୍ୟ କାର୍ଯ୍ୟ ସମାପନ କରିବା ସଙ୍ଗେ ସଂସ୍କୃତ କାବ୍ୟ ଅଧ୍ୟୟନ କରି ସେଥିରୁ ଯେଉଁ ଜ୍ଞାନ ଆହରଣ କଲେ ତାହାକୁ କାବ୍ୟ କବିତାରେ ରୂପ ଦେଲେ । ନ ନା ପ୍ରକାର ଦୁଃଖ ଜଞ୍ଜାଳ ଘାତ ପ୍ରତିଘାତକୁ ଅତିକ୍ରମ କରି ତାଙ୍କର ଜୀବନତରୀ ଗତି କଲେ ମଧ୍ୟ ଗଙ୍ଗାଧର ସେସବୁକୁ ଦୃକ୍‌ପାତ ନକରି ଜୀବନର ସବୁକିଛି ଅଜାଡ଼ି ଦେଇଥିଲେ ବାଣୀ ସାଧନାରେ । ତେଣୁ କବି ତାଙ୍କର ଦୁଃଖ-ଦାରିଦ୍ର୍ୟ ବିଷୟରେ ସୂଚାଇ ଦେବାକୁ ଯାଇ ତପସ୍ୱିନୀ କାବ୍ୟର ପ୍ରଥମ ସ୍ତବକରେ ଦରଦୀ କଣ୍ଠରେ ଗାଇଛନ୍ତି:—

"ଦରିଦ୍ରତା ପଙ୍କ ପୂର୍ଣ୍ଣ ମୋ ଜୀବନ ସର
ଜଞ୍ଜାଳ-ଜଳଦ-ଜଳେ ଆବିଳ ଉଦର
ଶରଦ ସଦୃଶ ତୋତେ କରି ଦରଶନ
ହୋଇ ଯାଉଅଛି ସେତ ସ୍ୱତଃ ପରସନ ।"

(ତପସ୍ୱିନୀ—ପ୍ରଥମ ସ୍ତବକ)

ଗଙ୍ଗାଧର ସାହିତ୍ୟ ସାଧନାକୁ ଜୀବନର ଗୋଟିଏ ବ୍ରତ ଭାବରେ ଧରି ନେଇଥିଲେ । ସାହିତ୍ୟ ସାଧନା ବିଳାସର ସାମଗ୍ରୀ ନୁହେଁ । ଏହି ସାଧନା ପାଇଁ ଶୃଙ୍ଖଳା

Digitized by PPRACHIN, SOA

ଓ ସଂଯମ ଅପରିହାର୍ଯ୍ୟ । ମେହେର ଯୁଗସ୍ରଷ୍ଟା ରାଧାନାଥଙ୍କର ସମସାମୟିକ ସତ୍ୟ, କିନ୍ତୁ ସାହିତ୍ୟ ସାଧନାର କାଳବିଚାର କଲେ ସେ କିଶୋର ମାତ୍ର । କବି ତାଙ୍କର ସ୍ୱଳ୍ପ ଜୀବନ କାଳ ମଧ୍ୟରେ ଯେଉଁ କେତୋଟି କାବ୍ୟ କବିତାକୁ ସାହିତ୍ୟ ଜଗତରେ ଉତ୍ତୋଳନ କରିଯାଇଛନ୍ତି ସେସବୁ ଉତ୍କଳ ସାହିତ୍ୟାକାଶରେ ଗୋଟିଏ ଗୋଟିଏ ତାରକା ସଦୃଶ । 'ତପସ୍ୱିନୀ', 'ପ୍ରଣୟ ବଲ୍ଲରୀ', 'କୀଚକବଧ', 'ଇନ୍ଦୁମତୀ,' କବିଙ୍କର ଶ୍ରେଷ୍ଠ କାବ୍ୟ । ଏହା ବ୍ୟତୀତ 'ଉତ୍କଳ ଲକ୍ଷ୍ମୀ', ଅଯୋଧ୍ୟାଦୃଶ୍ୟ', ପଦ୍ମିନୀ', 'ରସରତ୍ନାକର', ଇତ୍ୟାଦି ଅନ୍ୟାନ୍ୟ କାବ୍ୟକୃତି । ଗଙ୍ଗାଧରଙ୍କ କବିମାନସର ଆଦି ସୃଷ୍ଟିମାନଙ୍କ ମଧ୍ୟରେ ସ୍ମରଣୀୟ 'ରସ ରତ୍ନାକର' । ଗଙ୍ଗାଧରଙ୍କ କବିମାନସ ରୀତି ସାହିତ୍ୟର ସ୍ୱପ୍ନ ଓ ଚେତନା ଦ୍ୱାରା କିପରି ପ୍ରଭାବିତ, 'ରସ ରତ୍ନାକର' ତା'ର ଏକ ଉଜ୍ଜ୍ୱଳ ଦୃଷ୍ଟାନ୍ତ । ଉପେନ୍ଦ୍ର ଭଞ୍ଜଙ୍କ 'କଳା କଉତୁକ' ଓ ଦୀନକୃଷ୍ଣଙ୍କ 'ରସ କଲ୍ଲୋଳ'ର ପ୍ରଥମ ଗ୍ରନ୍ଥ ଯେପରି ଆଦ୍ୟ ଓ ପ୍ରାନ୍ତରେ 'କ' ଅକ୍ଷର ଥାଇ ରଚିତ, ସେଇ ଶୈଳୀର ଅନୁସରଣରେ ଆଦ୍ୟ ଓ ପ୍ରାନ୍ତରେ 'ର' ଅକ୍ଷର ଥାଇ 'ରସ ରତ୍ନାକର' ଲିଖିତ । 'ଅର୍ଘ୍ୟଥାଳୀ', 'କବିତା କଲ୍ଲୋଳ', 'ଅହଲ୍ୟା ସ୍ତବ'; 'ମହିମା' ଓ 'ଭାରତୀ ଭାବନା' ଇତ୍ୟାଦି କବିତା ପୁସ୍ତକ ଗୋଟିଏ ଗୋଟିଏ ଅମୂଲ୍ୟ ସମ୍ପଦ କହିଲେ ଅତ୍ୟୁକ୍ତି ହେବନାହିଁ ।

ଗଙ୍ଗାଧର ରୁଚି ଅନୁକୂଳ ଏକ ଆଦର୍ଶ ସମାଜର ରୂପରେଖ ଆମ ସମ୍ମୁଖରେ ପ୍ରକାଶ କରିଯାଇଛନ୍ତି । ତାଙ୍କ ସାହିତ୍ୟର କଥାବସ୍ତୁ ଓ ଚରିତ୍ର ସଂଗ୍ରହ ପ୍ରତି ଦୃଷ୍ଟି ଦେଲେ ତାଙ୍କର ସ୍ୱାତନ୍ତ୍ର୍ୟ ସ୍ପଷ୍ଟ ବିମ୍ବିତ ହୁଏ । ସାଧାରଣତଃ କବିମାନେ ଅନୁକରଣ ପ୍ରିୟ । ସଂସ୍କୃତରେ ମଧ୍ୟ ଗୋଟିଏ ପ୍ରବାଦ ରହିଅଛି—"ବିନାଶ୍ରୟେଣ ନ ବର୍ତ୍ତନ୍ତେ କବିତା ବନିତାଃ ଲତାଃ ।" ମାତ୍ର ସ୍ୱଭାବ କବି ଗଙ୍ଗାଧର ମଧ୍ୟ ଏହି ନିୟମରୁ ବହିର୍ଭୂତ ହୋଇନାହାନ୍ତି । ଗଙ୍ଗାଧର ତାଙ୍କର ପୂର୍ବବର୍ତ୍ତୀ କବି ରାଧାନାଥ ଏବଂ ଉପେନ୍ଦ୍ରଭଞ୍ଜଙ୍କ ଦ୍ୱାରା ପ୍ରଭାବିତ ହୋଇଥିଲେ ମଧ୍ୟ ତାଙ୍କର ମୌଳିକ ଚିନ୍ତାଧାରା ଏବଂ ଜୀବନ ଦର୍ଶନ ସମ୍ପୂର୍ଣ୍ଣ ପୃଥକ୍ । ରାଧାନାଥ ତ୍ରିବିଧପ୍ରକାର ବିଷୟବସ୍ତୁ ଉପରେ ନିଜର ସାହିତ୍ୟ ସୌଧ ଗଠନ କରିଛନ୍ତି; ଯଥା—ଐତିହାସିକ ଚରିତ, ପୌରାଣିକ ଚରିତ ଏବଂ ଉତ୍କଳରେ ପାଶ୍ଚାତ୍ୟ ଚରିତର ସମାବେଶ, ଆରୋପଣ ବା ସଂସ୍ଥାପନ । ମାତ୍ର ଗଙ୍ଗାଧର ରାଧନାଥଙ୍କ ପରି ପାଶ୍ଚାତ୍ୟ ସାହିତ୍ୟ ଅଧ୍ୟୟନର ସୁଯୋଗ ପାଇ ନ ଥିଲେ । ତେଣୁ ମୁଖ୍ୟତଃ ସେ ଗ୍ରହଣ କରିଛନ୍ତି ପୌରାଣିକ ଚରିତ । ଦ୍ୱିତୀୟରେ ଐତିହାସିକ ଚରିତ ଅବଲମ୍ବନରେ ରାଧାନାଥଙ୍କ 'ମହାଯାତ୍ରା' ମହାକାବ୍ୟରେ ଯେପରି ଭାରତୀୟ ବୀରତ୍ୱ ବର୍ଣ୍ଣିତ, ଗଙ୍ଗାଧରଙ୍କ "ପଦ୍ମିନୀ" କାବ୍ୟରେ ସେହିପରି ଭାରତୀୟ ନାରୀ ସମାଜର ଆଧ୍ୟାତ୍ମିକ ବୀରତ୍ୱ ରୂପାୟିତ । ତୃତୀୟରେ ମେହେର ମଧ୍ୟ ରାଧାନାଥଙ୍କ ଚିଲିକାର ଆଦର୍ଶରେ ଲେଖିଛନ୍ତି ତାଙ୍କର 'ଉତ୍କଳ ଲକ୍ଷ୍ମୀ' । ରାଧାନାଥ ତାଙ୍କର ଛଅଙ୍କିଆ ପ୍ରେମ କାବ୍ୟରେ, ଚିଲିକାରେ ଏବଂ ମହାଯାତ୍ରାରେ ଓଡ଼ିଶାର ବିଭିନ୍ନ ଅଞ୍ଚଳର ପ୍ରାକୃତିକ ସୌନ୍ଦର୍ଯ୍ୟ

Digitized by PPRACHIN, SOA

ବର୍ଣ୍ଣନା କଲା ପରି, ଗଙ୍ଗାଧର ତାଙ୍କର 'ଉତ୍କଳ ଲକ୍ଷ୍ମୀ'ରେ ସମଗ୍ର ଉତ୍କଳର ବିଭିନ୍ନ ପ୍ରକାରର ପ୍ରାକୃତିକ ସୌନ୍ଦର୍ଯ୍ୟ ଫୁଟାଇବାକୁ ଚେଷ୍ଟା କରିଛନ୍ତି । ଗଙ୍ଗାଧର ଅନୁଭବ କରିଛନ୍ତି ଯେ, ଆମ ଦେଶର ଲୋକେ ରାମାୟଣ ଓ ମହାଭାରତ ପ୍ରତି ଚିରକାଳ ଆଗ୍ରହାନ୍ୱିତ । ପୁଣି ଏ ଦୁଇ ଗ୍ରନ୍ଥରେ ଏଭଳି ସବୁ ଚରିତ ରହିଅଛି । ଯାହାକୁ ପରିବେଷଣ କରିପାରିଲେ ବ୍ରିଟିଶ ଅଧିକୃତ ଭାରତରେ ମଧ୍ୟ ଲୋକଙ୍କର ରୁଚିବୋଧ ଜାଗ୍ରତ ହେବା ସଙ୍ଗେ ସଙ୍ଗେ ଲୋକଙ୍କୁ ତାହା ନୈତିକ ମୂଲ୍ୟବୋଧ ଏବଂ ସାମାଜିକ ଚେତନା ପ୍ରଦାନ କରିପାରିବ । ସେ ଦୃଷ୍ଟିରୁ ଭାରତର ନାରୀ, ଯୁବକ ଓ ଶାସକମାନଙ୍କୁ ଶିକ୍ଷା ଦେବା ପାଇଁ ଏବଂ ସେମାନଙ୍କ ମନରେ ନୂତନ ବଳ ଓ ସଂସ୍କାର ଆଣିବା ପାଇଁ ସେ ବାଛି ନେଇଥିଲେ ତପସ୍ୱିନୀ ସୀତାଙ୍କ ଚରିତ, ଆଦର୍ଶ ରାଜା ରାମଚନ୍ଦ୍ର ଓ ପ୍ରେମିକ ଶାସକ ଦୁଷ୍ମନ୍ତଙ୍କ ଚରିତ । ରାଧାନାଥ ଓ ଗଙ୍ଗାଧର ଦୁହେଁ ଭାରତର ପୌରାଣିକ ଚରିତ ପ୍ରତି ଦୃଷ୍ଟି ଦେଇଛନ୍ତି ସତ, କିନ୍ତୁ ଗଙ୍ଗାଧରଙ୍କର ଅଧିକ ଆଗ୍ରହ ଥିଲା ନୀତି, ଆଦର୍ଶ ଓ ଧର୍ମ ଭିତ୍ତିକ ଭାରତୀୟ ଚରିତ ପ୍ରତି । ଅନ୍ୟ କେତେକ ସ୍ଥଳରେ ସଂସ୍କୃତ କବି କାଳିଦାସ ଏବଂ ଭବଭୂତିଙ୍କ ଦ୍ୱାରା ଅନୁପ୍ରାଣିତ ହେଲେ ମଧ୍ୟ ତାଙ୍କର ସମସ୍ତ କାବ୍ୟ କବିତାରେ ମୌଳିକତା ବିଦ୍ୟମାନ । ସେ ଅନ୍ଧଭାବରେ କୌଣସି କବିଙ୍କ ଅନୁଗାମୀ ହୋଇ ନାହାନ୍ତି । ପୂର୍ବବର୍ତ୍ତୀ କବିମାନଙ୍କର ଗୋଟିଏ ଗୋଟିଏ ସଙ୍କେତକୁ ଗ୍ରହଣ କରି ସୃଷ୍ଟି କରିଛନ୍ତି ଶହ ଶହ ନୂତନ ଗ୍ରନ୍ଥ ଏବଂ ନୂତନ ଚିନ୍ତାଧାରା । 'ତପସ୍ୱିନୀ' କାବ୍ୟ ଏହାର ଜ୍ୱଳନ୍ତ ଉଦାହରଣ । କାଳିଦାସଙ୍କ ରଘୁବଂଶରେ ବର୍ଣ୍ଣିତ ହୋଇଥିବା ଗୋଟିଏ ପଦକୁ ଗ୍ରହଣ କରିଅଛନ୍ତି; ଯଥା :—

"ଉପସ୍ଥିତାଂ ପୂର୍ବମପାସ୍ୟ ଲକ୍ଷ୍ମୀଂ
ବନଂ ମୟା ସାର୍ଦ୍ଧମସି ପ୍ରପନ୍ନଃ
ନଦାସ୍ପଦଂ ପ୍ରାପ୍ୟ ତୟାତି ରୋଷାତ୍
ସୋଢ଼ାସ୍ମି ନତ୍ୱଦ୍ ଭବନେ ବସନ୍ତୀ ।"

ଉକ୍ତ ପଦ ସାହାଯ୍ୟରେ ସୀତାଙ୍କ ମୁଖରେ ବିଳାପ ଛଳରେ ଗଙ୍ଗାଧର 'ତପସ୍ୱିନୀ'ରେ ଲେଖିଅଛନ୍ତି—

"ଅଯୋଧ୍ୟାର ରାଜଲକ୍ଷ୍ମୀ ପୀରତିରେ ବଶ
ନ ହୋଇ ମୋ ସଙ୍ଗେ ଥିଲ ବହୁତ ଦିବସ ।
ଅସୂୟାରେ ରାଜଲକ୍ଷ୍ମୀ ଲୋଡ଼ୁଥିଲା ଦାଉ
ବହୁଦିନ ସମ୍ଭାଳି ନ ପାରିଲା ତା ଆଉ ।
ତା ଦୁଃଖର ସଙ୍ଗୀ ଥିଲେ ଯେଉଁ ପୁରଜନେ
ତାଙ୍କ ହେତୁ କରିଗଲା ମୋର ବିସର୍ଜନେ ।" —ତପସ୍ୱିନୀ—

Digitized by PPRACHIN, SOA

ଏହିପରି 'ତପସ୍ୱିନୀ' କାବ୍ୟରେ କବିଙ୍କର ସମସ୍ତ ବ୍ୟକ୍ତିତ୍ୱ ଜୀବନ୍ତ ରୂପଲାଭ କରିଅଛି । ଏପରିକି ସୀତାଙ୍କର ଗଭୀର ଦୁଃଖରେ ପ୍ରକୃତିର ପ୍ରତ୍ୟେକ ବୃକ୍ଷ, ଲତା ତଥା ଜଡ଼ ବସ୍ତୁ ମଧ୍ୟ ସମ୍ବେଦନଶୀଳ ଓ ଅଧୀର ହୋଇପଡ଼ିଛନ୍ତି । ଉକ୍ତ କାବ୍ୟରେ ପୁରାଣ ଯୁଗର କଥାବସ୍ତୁ, ଭଞ୍ଜଯୁଗର ଛନ୍ଦମାଧୁରୀ ଓ ରାଧାନାଥ ଯୁଗର ସ୍ପଷ୍ଟତା, ପ୍ରାଞ୍ଜଳତା ଏବଂ ସ୍ୱଦେଶ ପ୍ରୀତି ଇତ୍ୟାଦି ପ୍ରକାଶିତ । କାବ୍ୟର ଆରମ୍ଭରେ ଗଙ୍ଗାଧର ଜ୍ୟୋତିର୍ମୟୀ ଶୁକ୍ଳ ଶୁଭ୍ରା ବେଶା ବୀଣାପାଣିଙ୍କୁ ନିବେଦନ କରି କାବ୍ୟର ନିର୍ବିଘ୍ନ ପରିସମାପ୍ତି ପାଇଁ ମତପ୍ରକାଶ କରିଅଛନ୍ତି । ବାଗ୍‌ଦେବୀଙ୍କର ଆରାଧନା ପରେ ପରେ ଗଙ୍ଗାଧର ବଡ଼ ଚମତ୍କାର ସହକାରେ ବସ୍ତୁ ନିର୍ଦ୍ଦେଶ କରିଛନ୍ତି; ଯଥା :—

"ବାଲ୍ମୀକି ଆଶ୍ରମକୁ ଧାଉଁଅଛି ମନ
କରିବାକୁ ନିର୍ବାସିତା ସୀତାଙ୍କୁ ଦର୍ଶନ । —ତପସ୍ୱିନୀ—

ଉକ୍ତ ଦୁଇଟି ଧାଡ଼ି ସୂଚାଇଦିଏ କବିଙ୍କର ସୁଦୂର ପ୍ରସାରୀ ଦୂରଦୃଷ୍ଟି ତଥା ଭାବପ୍ରବଣତା । ଏହି ଦୁଇଟି ଧାଡ଼ି ମଧ୍ୟରେ ସୂଚାଇ ଦେଇ ଅଛନ୍ତି ସମଗ୍ର କାବ୍ୟର କଥାବସ୍ତୁ ଏବଂ ଜୀବନ ଦର୍ଶନ । କ୍ଷୁଦ୍ର ନିର୍ଦ୍ଦେଶାତ୍ମକ ପଦ ଦୁଇଟିରେ ଏକୀଭୂତ କରିଛନ୍ତି ସମଗ୍ର କାବ୍ୟର କଥାବସ୍ତୁ । ଏହା କବିଙ୍କର ଅଗାଧ ପାଣ୍ଡିତ୍ୟ ଓ ଉନ୍ନତ ମୌଳିକ ଚିନ୍ତାଧାରାର ଶ୍ରେଷ୍ଠ ନିଦର୍ଶନ ।

'ତପସ୍ୱିନୀ' ପରେ ପରେ କବିଙ୍କର 'ପ୍ରଣୟ ବଲ୍ଲରୀ' କାବ୍ୟ ରଚିତ । ଉକ୍ତ କାବ୍ୟର ବିଷୟବସ୍ତୁକୁ କବି କାଳିଦାସଙ୍କ 'ଅଭିଜ୍ଞାନ ଶାକୁନ୍ତଳମ୍'ରୁ ଗ୍ରହଣ କରିଛନ୍ତି । କାବ୍ୟଟି ଶକୁନ୍ତଳା ଏବଂ ଦୁଷ୍ମନ୍ତଙ୍କ ସରଳ ଓ ନିର୍ମଳ ପ୍ରେମ ଉପରେ ଆଧାରିତ । ଉକ୍ତ କାବ୍ୟର ପ୍ରତ୍ୟେକ ସର୍ଗର ନାମକରଣ ପ୍ରଣୟକୁ କେନ୍ଦ୍ର କରି ହୋଇଥିବାରୁ କବି କାବ୍ୟର ନାମକରଣରେ ଯଥେଷ୍ଟ ଖ୍ୟାତି ଅର୍ଜନ କରିଅଛନ୍ତି । ମୂଳ ନାଟକରେ ଶକୁନ୍ତଳାଙ୍କୁ କଣ୍ୱ ମୁନି ଯେଉଁ ଉପଦେଶ ଦେଇଛନ୍ତି ତାହା ସୀମିତ । ମାତ୍ର କବି କାବ୍ୟର ଚତୁର୍ଥ ସର୍ଗରେ ଦୀର୍ଘ ଉପଦେଶ ଛଳରେ ଓଡ଼ିଆ ଘରର ପରମ୍ପରାଗତ ଆଚାର ବ୍ୟବହାର ବିଷୟରେ ଶିକ୍ଷାଦେଇ ଜନ୍ମଭୂମି ଉତ୍କଳର ଗୌରବ ବର୍ଦ୍ଧନ କରିବା ସଙ୍ଗେ ସଙ୍ଗେ ଜାତୀୟତାବାଦିତାର ଅଶେଷ ପରାକାଷ୍ଠା ଦେଖାଇଛନ୍ତି ।

ସ୍ୱଭାବ ସୁନ୍ଦର ପ୍ରକୃତି ବର୍ଣ୍ଣନା କରିବାରେ ଗଙ୍ଗାଧର ଥିଲେ ସିଦ୍ଧହସ୍ତ । 'ପ୍ରଣୟ ବଲ୍ଲରୀ' କାବ୍ୟର ପ୍ରଥମ ସର୍ଗରେ କୃଷ୍ଣସାର ମୃଗର ସ୍ୱାଭାବିକ ଗତିର ବର୍ଣ୍ଣନା ଅତ୍ୟନ୍ତ ଉନ୍ନତ । କବିଙ୍କର ସୁନ୍ଦର ଲଳିତ ପଦାବଳୀ, ପଦଯୋଜନା, ଛନ୍ଦ ମାଧୁରୀ, ପ୍ରକୃତି ଚିତ୍ରଣରେ ଚାତୁରୀ, ଅଳଙ୍କାର ଓ ଉପମା ଇତ୍ୟାଦି ପ୍ରୟୋଗ ଉନ୍ନତ କବି ପ୍ରତିଭାର ଶ୍ରେଷ୍ଠ ନିଦର୍ଶନ । "କୀଚକବଧ' ଗଙ୍ଗାଧରଙ୍କ କାବ୍ୟ କାନନର ତୃତୀୟ

Digitized by PPRACHIN, SOA

ସ୍ଥାନରେ ଅପ୍ରସଙ୍ଗ । କୀଚକବଧର ଗଳ୍ପାଂଶ ସାରଳା ମହାଭାରତର ବିରାଟ ପର୍ବରୁ ଗୃହୀତ । ମାତ୍ର ଗଙ୍ଗାଧରଙ୍କ "କୀଚକବଧ" ପାଠକଲେ ଜଣାଯାଏ ଏହା ଗଙ୍ଗାଧରଙ୍କ ନିଜସ୍ୱ । ଗଳ୍ପାଂଶ ମାତ୍ର ମହାଭାରତରୁ ସଂଗ୍ରହ କରି କବି ନିଜର ପ୍ରତିଭା ବଳରେ ମୌଳିକତା ପ୍ରଦର୍ଶନ କରି "କୀଚକବଧ" କାବ୍ୟକୁ ସରସ ସୁନ୍ଦର କରିପାରିଛନ୍ତି । ଯେଉଁଠି ଯେଉଁ ସ୍ଥାନରେ ଯେଉଁ ପ୍ରକାର ପ୍ରକୃତି ଚିତ୍ରଣ ଶୋଭନୀୟ ହେବ, କବି ସେହିପରି ବର୍ଣ୍ଣନା କରିଅଛନ୍ତି । କବିଙ୍କର ନଦୀ, ପର୍ବତ, ଅରଣ୍ୟ, ସରୋବର, ବିଭିନ୍ନ ଋତୁ ବର୍ଣ୍ଣନା, ବିରାଟ ନଗର ବର୍ଣ୍ଣନା, ପ୍ରଭାତ ବର୍ଣ୍ଣନା, ସନ୍ଧ୍ୟା ବର୍ଣ୍ଣନା ଇତ୍ୟାଦି ଖୁବ୍ ଉଚ୍ଚକୋଟୀର ହୋଇଛି । କାବ୍ୟ ନାୟିକା ସୈରିନ୍ଧ୍ରୀର ମଧୁଚଷକ ହସ୍ତରେ କାମାନ୍ଧ କୀଚପୁରକୁ ଗମନ ଇତ୍ୟାଦି ବର୍ଣ୍ଣନାର ଗୁରୁତ୍ୱରେ ଉତ୍କଳ ସାହିତ୍ୟ ଅତୁଳନୀୟ । କୀଚକ ବଧ କାବ୍ୟରେ 'ବସନ୍ତ'କୁ ପୃଥିବୀର ଅତିଥି ରୂପେ ବର୍ଣ୍ଣନା କରିବାକୁ ଯାଇ କବି କହିଅଛନ୍ତି—

> "ବସନ୍ତ ଅତିଥି ପ୍ରୀତି ପାଇ ଅବନୀରାଣୀ
> ଯୋଗାଡ଼ ରଖିଲା ଭଣ୍ଡାରେ ନାନା ପଦାର୍ଥ ଆଣି ।"

ଚରିତ୍ର ଚିତ୍ରଣରେ ମଧ୍ୟ ଗଙ୍ଗାଧର ସୃଷ୍ଟି କରିଛନ୍ତି, ନୂତନତ୍ୱ । କୀଚକବଧର ପ୍ରତ୍ୟେକ ଚରିତ୍ର ଜୀବନ୍ତ ରୂପଲାଭ କରିଛି ।

ଇଂରାଜୀରେ ଗୋଟିଏ ପ୍ରବାଦ ଅଛି—The style is the man । ପ୍ରକୃତରେ ଏହା ଅକ୍ଷରେ ଅକ୍ଷରେ ସତ୍ୟ । ତପସ୍ୱିନୀ କାବ୍ୟର ରଚନା ଶୈଳୀ ଆଲୋଚନା କଲେ ଜଣାଯାଏ ମେହେରଙ୍କ ଖ୍ୟାତି ଆଧୁନିକ ସାହିତ୍ୟରେ ବିପୁଳ । ମେହେର ଥିଲେ ଜଣେ ଅଦ୍ଭୁତ ପ୍ରତିଭାବାନ୍ ଓ ଦୂରଦୃଷ୍ଟି ସମ୍ପନ୍ନ ଭାବୁକ ଓ କବି । ସ୍ୱୀୟ ଉନ୍ନତ ଲେଖନୀ ଚାଳନା ବଳରେ ଅସୁନ୍ଦରକୁ ଚିରସୁନ୍ଦର କରିପାରୁଥିଲେ ବୋଲି ଉଙ୍ଗାଜିବ ଗଙ୍ଗାଧର ହିସାବରେ ତାଙ୍କର ଖ୍ୟାତି ଯଥେଷ୍ଟ ।

ଅନ୍ୟପକ୍ଷରେ ଗଙ୍ଗାଧରଙ୍କ ସାହିତ୍ୟକୁ ରାଧାନାଥ ସାହିତ୍ୟର ମୌନ ପ୍ରତିବାଦ କହିଲେ ଅତ୍ୟୁକ୍ତି ହେବ ନାହିଁ । ରାଧାନାଥ ଯୁଗର କବିହେଲେ ମଧ୍ୟ ଗଙ୍ଗାଧର ରାଧାନାଥଙ୍କ ନୀତି ନିୟମକୁ ପରିହାର କରି ସାହିତ୍ୟ ଜଗତରେ ସୃଷ୍ଟି କରିଛନ୍ତି ନୂତନତ୍ୱ । ଗଙ୍ଗାଧର ଉଚ୍ଚ ଶ୍ରେଣୀର କବି । କି ବହିଃପ୍ରକୃତି କି ଅନ୍ତଃପ୍ରକୃତି, ଉଭୟର ଯଥା ଯଥ ଚିତ୍ରାଙ୍କନରେ ଗଙ୍ଗାଧର ସିଦ୍ଧହସ୍ତ ରାଧାନାଥଙ୍କ ଠାରୁ । ଅନ୍ତଃ ପ୍ରକୃତି ଚିତ୍ରଣରେ ରାଧାନାଥଙ୍କ ଠାରୁ ବହୁଗୁଣରେ ବଳିଷ୍ଠ ପ୍ରତିଭାର ପରିଚୟ ଦେଇ ଯାଇଛନ୍ତି ଗଙ୍ଗାଧର । ସେହି ଦୃଷ୍ଟିରୁ ଏଠାରେ ପଣ୍ଡିତ ରାଘବ ମିଶ୍ରଙ୍କ ମତ ତାତ୍ପର୍ଯ୍ୟପୂର୍ଣ୍ଣ—"କବିବର ରାଧାନାଥଙ୍କର ସାରସ୍ୱତ ଲେଖନୀ ଆଜି ଉତ୍କଳର ବନ-ଗିରି-ସରିତ ସାଗରାଦି ଜଡ଼ବସ୍ତୁକୁ ଜୀବନ୍ତ ଭାବରେ ଚର୍ଚ୍ଚିତ କରିଅଛି । କିନ୍ତୁ ସ୍ୱଭାବ କବି

Digitized by PPRACHIN, SOA

ଗଙ୍ଗାଧରଙ୍କ ମଧୁମୟୀ ଲେଖନୀ ମାନବ ଚରିତ୍ରକୁ ମହନୀୟ ଭାବେ ପ୍ରକଟ କରି ସମାଜଶିକ୍ଷାର ଗୋଟିଏ ପ୍ରଶସ୍ତ ପଥ ପ୍ରସ୍ତୁତ କରିପାରିଅଛି । ସେହି ଲେଖନୀର ମହିମାରେ ଆଜି ମାନବ-ଜୀବନର ଆଦର୍ଶ ଦେଶ ସପକ୍ଷରେ ଉତ୍ତୁଙ୍ଗ ହିମାଚଳ ଶୃଙ୍ଗ ସଦୃଶ ଦଣ୍ଡାୟମାନ ହୋଇ ଚରିତ୍ର-ସୁଷମା-ସ୍ରୋତକୁ ସନାତନୀ ଗଙ୍ଗା-ଧାରା ପ୍ରାୟ ଫିଟାଇ ଦେଇଅଛି ।”

ରାଧାନାଥ ପାଶ୍ଚାତ୍ୟ ସଭ୍ୟତାରେ ପ୍ରଭାବିତ ହୋଇ ସୃଷ୍ଟି କରିଛନ୍ତି ସାହିତ୍ୟ । ତେଣୁ ତାହା ଆମ ସମାଜର ରୁଚି ଅନୁକୂଳ ହୋଇ ନାହିଁ । ଯୁଗସ୍ରଷ୍ଟା କିମ୍ବା ପ୍ରକୃତି ପୂଜାରୀ ରୂପେ ଆଖ୍ୟାୟିତ ହେଲେ ମଧ୍ୟ ରାଧାନାଥ ‘ନନ୍ଦିକେଶ୍ୱରୀ’ ଏବଂ ‘ପାର୍ବତୀ’ କାବ୍ୟରେ ସମାଲୋଚିତ ହୋଇ ଅଛନ୍ତି । ମାତ୍ର ଗଙ୍ଗାଧର ସେଥିରୁ ବର୍ଜିତ । ମେହେର ସାହିତ୍ୟର ମୁଖ୍ୟ ନରନାରୀ ସମୂହ ତାଙ୍କର ମୌଳିକ ସୃଷ୍ଟି ନୁହନ୍ତି । ସେମାନେ ବିଭିନ୍ନ ପ୍ରାଚୀନ ପୁରାଣ, କାବ୍ୟ, ନାଟକାଦିରୁ ଗୃହୀତ । କିନ୍ତୁ ପରିବର୍ତ୍ତିତ ପରିବେଶରେ ସେମାନଙ୍କୁ ପୁନଃ ପ୍ରତିଷ୍ଠିତ କରିବା ପାଇଁ ରୂପାଙ୍କନରେ ଯେଉଁ ନୂତନ ଭଙ୍ଗୀ ସେ ଗ୍ରହଣ କରିଛନ୍ତି, ତାହା ସେହି ପରିଚିତ ଚରିତ୍ରଗୁଡ଼ିକୁ ନୂତନ ଭାବରେ ବିଭାସିତ କରେ ।

ରାଧାନାଥ ଆଧୁନିକ ଯୁଗର ସ୍ରଷ୍ଟା ହିସାବରେ ଆଖ୍ୟାୟିତ । ମାତ୍ର ଗଙ୍ଗାଧର ଏକାଧାରରେ ସତ୍ୟ, ଶିବ, ସୁନ୍ଦରର ଶ୍ରେଷ୍ଠ ଉପାସକ ଭାବରେ ଉତ୍କଳର ପ୍ରତ୍ୟେକ ପାଠକ ପାଠିକାଙ୍କ ନିକଟରେ ସୁପରିଚିତ । ସ୍ୱଳ୍ପଶିକ୍ଷିତ ସ୍ୱଭାବ କବି ଗଙ୍ଗାଧର ଅଖ୍ୟାତ ପୁରପଲ୍ଲୀରେ ଜନ୍ମଗ୍ରହଣ କରି ଯେଉଁ କାବ୍ୟ-ରତ୍ନ ଓଡ଼ିଆ ସାରସ୍ୱତ ଜଗତକୁ ଦାନ କରିଯାଇଛନ୍ତି ତାହା ଚିରଦିନ ଯେ ଅମର ହୋଇ ରହିବ ଏଥିରେ ସନ୍ଦେହ ନାହିଁ ।

—୦—

Digitized by PPRACHIN, SOA

କବି ଗଙ୍ଗାଧରଙ୍କର ଭାଷା ଓ ଶୈଳୀ

ରଞ୍ଜନ କୁମାର ବେହେରା

ଭାଷା ହେଉଛି ଏକ ତାତ୍ପର୍ଯ୍ୟପୂର୍ଣ୍ଣ ପ୍ରତୀକ ବା ଚିହ୍ନ ଯାହା ମନୁଷ୍ୟର ଭାବକୁ ଅନ୍ୟମାନଙ୍କ ନିକଟରେ ପହଞ୍ଚାଇ ଦିଏ । ତେଣୁ କବିସ୍ୱପ୍ନର ଅପରୂପ ରୂପାୟନ ପାଇଁ ଭାଷାର ଭୂମିକା ତାତ୍ପର୍ଯ୍ୟପୂର୍ଣ୍ଣ । କବିତା ତାର ସ୍ୱପ୍ନକୁ ରମଣୀୟ ଶବ୍ଦାବଳୀ ମାଧ୍ୟମରେ ବ୍ୟକ୍ତ କରେ । କବିଙ୍କ ଭାଷାରେ ;

"Poetry alone can tell her dreams,
With the fine spell of words alone can save
Imagination from the stable chain
And dumb enchantment.

ଅତଏବ କାବ୍ୟ-କବିତାର ଭାଷା ତର୍କଶାସ୍ତ୍ର କିମ୍ବା ଗଣିତ ଶାସ୍ତ୍ରର ଭାଷା ସହିତ କଦାପି ତୁଳନୀୟ ନୁହେଁ । ସ୍ୱଚ୍ଛ, ସରଳ, ସାବଲୀଳ ତଥା ବେଗବତୀ ହେଉଛି କବିତା । ଶବ୍ଦ ଓ କବିତା ଏକ ହୋଇଯାଆନ୍ତି । ସନ୍ଥକବିଙ୍କ ଭାଷାରେ—

"ସଂସ୍କୃତ କୂପଜଳ କବିତା-ଭାଷା ବହତା ନୀର
ଯବ ଗୃହୀ ତବ ହି ଉତ୍ରୀ ଶାନ୍ତ ହୋୟ ଶରୀର ।"

ଭାବର ବାହକ ଭାଷା । ଉପଯୁକ୍ତ ଶବ୍ଦ ପ୍ରୟୋଗ ନ ହେଲେ ଭାବ ସ୍ପଷ୍ଟ ହୋଇପାରେ ନାହିଁ । କବି ଗଙ୍ଗାଧରଙ୍କ ଭାଷାକୁ ଆଲୋଚନା କଲେ ଜଣାଯାଏ ଯେ— କବି ଗଙ୍ଗାଧରଙ୍କ କାବ୍ୟମାନସ ମୁଖ୍ୟତଃ ଥିଲା ପ୍ରାଚୀନ ଓ ଆଧୁନିକ ଶୈଳୀର ସଂଯୋଗ ସେତୁ । ପ୍ରାଚୀନ ସାହିତ୍ୟଧାରା ପ୍ରତି ତାଙ୍କ କିଶୋର ଜୀବନର ସୁକୋମଳ କବିଚିତ୍ତ ଗଭୀରଭାବେ ହୋଇଥିଲା ଆସକ୍ତ । ତାଙ୍କ ରଚନାବଳୀରେ ପ୍ରାଚୀନ ପରମ୍ପରାର ପ୍ରେରଣା ଏକ ଦିଗରେ ଯେପରି ନିହିତ ରହିଛି, ସେହିପରି ଅନ୍ୟଦିଗରେ ଆଧୁନିକ ରୁଚିଶୀଳ ସମ୍ଭ୍ରାନ୍ତ ଭାବରସର ଆଧାରରେ ପ୍ରାଣବନ୍ତ ହୋଇପଡ଼ିଛି । ଏ ଦୁଇଟି ଧାରାର ସାଙ୍ଗୋପାଙ୍ଗ ମିଳନ ତାଙ୍କ ସାହିତ୍ୟ ଆଦର୍ଶକୁ ଯେପରି ପ୍ରଭାବିତ କରିଛି, ସେହିପରି ତାଙ୍କର ଲେଖନଶୈଳୀ ଓ ଭାଷା ପ୍ରୟୋଗ ଢଙ୍ଗକୁ ମଧ୍ୟ ଏକ ନିର୍ଦ୍ଦିଷ୍ଟ ଧରଣର ମସୃଣତା ପ୍ରଦାନ କରିଅଛି ।

Digitized by PPRACHIN, SOA

କବିଙ୍କର ଭାଷା ପ୍ରୟୋଗ ଙ୍ଗୀରୁ ଜଣାଯାଏ, କବି ସଂସ୍କୃତ ସାହିତ୍ୟରେ ଜଣେ ସୁପଣ୍ଡିତ ଥିଲେ । ସେ ସଂସ୍କୃତ କାବ୍ୟକଳାର ଅନୁସରଣରେ ସ୍ୱକୀୟ ସାହିତ୍ୟ ସୃଷ୍ଟି କରିଥିଲେ ମଧ୍ୟ ସଂସ୍କୃତ ଭାଷାଗତ କାଠିନ୍ୟ ତାଙ୍କ ସାହିତ୍ୟ ସୃଷ୍ଟିରେ ପରିଲକ୍ଷିତ ହୁଏ ନାହିଁ । ବିଶେଷତଃ ମହାକବି କାଳିଦାସଙ୍କ ବାଣୀଭଙ୍ଗୀ ପ୍ରତି କବିଙ୍କର ମୋହ ଥିଲା ପ୍ରବଳ । ମହାକବି ତାଙ୍କ ରଚନାବଳୀର ଭାଷା ପ୍ରୟୋଗରେ ଅଦ୍ଭୁତ ସଂଯମ ରକ୍ଷା କରିଅଛନ୍ତି । ଶବ୍ଦ ଶକ୍ତି ଉପରେ କବିର ଉକ୍ତି ବୈଚିତ୍ର୍ୟ ସର୍ବଦା ନିର୍ଭରଶୀଳ । ଶବ୍ଦର ଅର୍ଥ ଉତ୍ତମ ରୂପେ ଉପଲବ୍ଧି କରି ତାହା ଯଥା ସ୍ଥାନରେ ପ୍ରୟୋଗ କରିବା ଫଳରେ କବି ଆପଣାର ଅନୁଭୂତିକୁ ପାଠକମାନଙ୍କ ନିକଟରେ ସହଜରେ ପହଞ୍ଚାଇ ଦେଇଥାଏ । ସେଥିପାଇଁ କୁହାଯାଇଛି—"ସମ୍ୟକ୍‌ଜ୍ଞାତ, ସୁପ୍ରଯୁକ୍ତଃ ଲୋକେ ବେଦେଚ କା ମଧୁକ ଭବତି ।" କାଳିଦାସଙ୍କ କାବ୍ୟରେ ଆମେ ଏହି ରୀତି ଲକ୍ଷ୍ୟ କରୁ । କବି ଯେଉଁଠାରେ ଏ ଧରଣର ଯଥାର୍ଥ ଶବ୍ଦ ପ୍ରୟୋଗ ପ୍ରତି ତୀକ୍ଷ୍ଣ ଦୃଷ୍ଟି ଦେଇଥାନ୍ତି ସେଠାରେ କବିର ରଚନାରେ ଗୋଟିଏ ଶବ୍ଦ ଅର୍ଥର ପ୍ରକୃତ ଅବବୋଧଲାଗି ଅପରିହାର୍ଯ୍ୟ ବିବେଚିତ ହୁଏ ଏବଂ ସେ କ୍ଷେତ୍ରରେ ଗୋଟିଏ ଶବ୍ଦ ପରିବର୍ତ୍ତନ କରିଦେବା ସମ୍ଭବପର ହୁଏ ନାହିଁ । ଉତ୍କୃଷ୍ଟ କାବ୍ୟ-କବିତାରେ ଭାଷାଶୈଳୀର ଏହାହିଁ ଯଥାର୍ଥ ଲକ୍ଷଣ । କବି ଗଙ୍ଗାଧରଙ୍କ କାବ୍ୟାବଳୀର ଭାଷାରୀତି ସମ୍ପର୍କରେ ଅନୁରୂପ ମନ୍ତବ୍ୟ ଦିଆଯାଇପାରେ । ସାଧାରଣତଃ ତାଙ୍କର ଭାଷା ରୀତି ସାମ୍ରାନ୍ତ, ସରସତାପୂର୍ଣ୍ଣ ଅନୁଭବ ଓ ଉପଲବ୍ଧି ସଂଚରଣଶୀଳ ପ୍ରକ୍ରିୟା ଲାଗି ସଂପୂର୍ଣ୍ଣ ଅନୁକୂଳ । କବିଙ୍କର ବାସନାମୟ ଚୈତନ୍ୟକୁ ପାଠକ ନିକଟରେ ପହଞ୍ଚାଇ ଦେବାଲାଗି ଏକାନ୍ତ ସମର୍ଥ । ସଂସ୍କୃତ ଭାଷାଗତ କାଠିନ୍ୟ ତାଙ୍କ ସାହିତ୍ୟରେ ପରିଲକ୍ଷିତ ହୁଏ ନାହିଁ । ସୀମିତ ଶବ୍ଦ ପ୍ରୟୋଗ ଦ୍ୱାରା ରସମୟ ଓ ଭାବମୟ ବାସନାର ଉପଲବ୍ଧି ଗଙ୍ଗାଧରଙ୍କ ଭାଷାଶୈଳୀର ପ୍ରକୃଷ୍ଟ ପରିଚୟ । କତିପୟ କବିତାକୁ ବାଦ୍-ଦେଲେ ତାଙ୍କର ଅଧିକାଂଶ ଶିକ୍ଷାମୂଳକ ତଥା ବ୍ୟଙ୍ଗାତ୍ମକ କବିତା ଗଣ-ସାହିତ୍ୟର ଅଙ୍ଗୀଭୂତ । 'କୃଷକ-ସଙ୍ଗୀତ', 'ଗୋ-ବିଳାପ' 'ଅର୍ଘ୍ୟଥାଳୀର କେତେକ କବିତା ଇତ୍ୟାଦିରେ କବି ଭାଷାକୁ ସରଳ କରିବାକୁ ଚେଷ୍ଟା କରିଅଛନ୍ତି । ଅବଶ୍ୟ ତାଙ୍କର ପ୍ରାଥମିକ ନିର୍ମାଣରେ ଭାଷାଗତ କ୍ଲିଷ୍ଟତା ପରିଲକ୍ଷିତ । 'ରସରତ୍ନାକର'ରେ କବି ପୂର୍ଣ୍ଣ-ମାତ୍ରାରେ ଭଞ୍ଜୀୟ ଶୈଳୀ ଅନୁସରଣ କରିଅଛନ୍ତି । କବିସମ୍ରାଟ ଉପେନ୍ଦ୍ରଭଞ୍ଜଙ୍କର 'କଳା କଉତୁକ' ଆଦ୍ୟ ଓ ପ୍ରାନ୍ତରେ 'କ' ଅକ୍ଷର ଥାଇ ଯେପରି ରଚିତ ହୋଇଛି, ଠିକ୍ ସେହିପରି ଗଙ୍ଗାଧରଙ୍କର 'ରସରତ୍ନାକର' ଆଦ୍ୟ ଓ ପ୍ରାନ୍ତରେ 'ର' ଅକ୍ଷର ଥାଇ ରଚିତ ହୋଇଅଛି । ସେହିପରି ତାଙ୍କର ଅନ୍ୟତମ କାବ୍ୟ 'ଅହଲ୍ୟାସ୍ତବ'ରେ ମଧ୍ୟ ଭାଷାଗତ କ୍ଲିଷ୍ଟତା ରହିଛି । କାରଣ ଜୀବନର ପ୍ରାରମ୍ଭରେ ପ୍ରାଚୀନ କାବ୍ୟ ଶୈଳୀରେ ମୋହ ତଥା ରାଗରଙ୍ଗିଣୀ ପ୍ରତି ଆସକ୍ତିକୁ କବି ତ୍ୟାଗ କରିପାରି ନାହାନ୍ତି । କିନ୍ତୁ ବୟୋବୃଦ୍ଧି ଓ

Digitized by PPRACHIN, SOA

ଜ୍ଞାନର ପରିପକ୍ୱତା ସଙ୍ଗେ ସଙ୍ଗେ କବିଙ୍କର ଭାଷା ହୋଇଛି ସରଳ, ସାବଲୀଳ ଓ ରସାନୁସାରୀ ।

ଶୈଳୀ କହିଲେ ସାଧାରଣତଃ ଲେଖକର ବ୍ୟକ୍ତିତ୍ୱ, ରଚନାର ପ୍ରକାଶଭଙ୍ଗୀ ଭାଷା, ବିଷୟବସ୍ତୁ ଆଦି ରଚନାର ସାମଗ୍ରୀକତାକୁ ବୁଝାଇଥାଏ । ଉନ୍ନତ ସୃଷ୍ଟିର ମୂଳ ରହସ୍ୟ ହେଉଛି ଲେଖକର ରଚନାଶୈଳୀ । ଏହା ଲେଖକର ଆତ୍ମଗତ ବିଷୟ । ପ୍ରତିଭାବାନ ବ୍ୟକ୍ତିହିଁ ଉତ୍ତମ ଶୈଳୀର ଅଧିକାରୀ । ହଡ୍‌ସନ୍‌ଙ୍କ ମତରେ, ଉତ୍ତମ ଲେଖକର ଶୈଳୀରେ ତିନଗୋଟି ଉପାଦାନ ଲକ୍ଷ୍ୟ କରାଯାଏ । ପ୍ରଥମଟି ହେଲା ବୁଦ୍ଧିତତ୍ତ୍ୱ (Intellectual element), ଦ୍ୱିତୀୟ ଉପାଦାନ ହେଲା ଭାବତତ୍ତ୍ୱ (Emotional element) ଓ ତୃତୀୟ ଉପାଦାନର ନାମ ସୌନ୍ଦର୍ଯ୍ୟତତ୍ତ୍ୱ (Aesthetic element) । ଏହି ବୁଦ୍ଧିତତ୍ତ୍ୱ, ଭାବତତ୍ତ୍ୱ ଓ ସୌନ୍ଦର୍ଯ୍ୟତତ୍ତ୍ୱର ସୁଷ୍ଠୁ ସମାବେଶରେ ଶୈଳୀର ମହତ୍ତ୍ୱ ପ୍ରତିପାଦିତ ହୋଇଥାଏ । କିନ୍ତୁ ତିନୋଟିର ସମତା ଯଦି ନ ଥାଏ ଶୈଳୀର ମହନୀୟତା ପ୍ରକାଶ ପାଏ ନାହିଁ । ଚିନ୍ତନର ପ୍ରକାଶଭଙ୍ଗୀ ହିଁ ଶୈଳୀ । ଲେଖକଙ୍କ ଚିନ୍ତନ ହୃଦୟବତ୍ତା, ଶିକ୍ଷାଦୀକ୍ଷା, ଆଦର୍ଶ ଚରିତ୍ର ଓ ଦୃଷ୍ଟିଭଙ୍ଗୀ ଆଦି ସମଗ୍ର ବ୍ୟକ୍ତିତ୍ୱ ଶୈଳୀରେ ପ୍ରତିଫଳିତ ହୋଇଥାଏ । ଶୈଳୀ ହେଉଛି ବ୍ୟକ୍ତିର ମାନସିକ ପ୍ରତିବିମ୍ବ । ତେଣୁ ଗେଟେ (Geothe) କହନ୍ତି—ଯାହାର ଆତ୍ମା ନିର୍ମଳ ତାର ଶୈଳୀ ନିର୍ମଳ ଓ ଯାହାର ଚରିତ୍ର ମହାନ ତାର ଶୈଳୀ ମଧ୍ୟ ହୁଏ ମହନୀୟ । (The style of a man shoud be the image of his mind, but tne choice and command of language is in the fruit of exercise) .

ଏହି ଦୃଷ୍ଟିକୋଣରୁ ବିଚାର କଲେ ଜଣାଯାଏ ଯେ, କବି ଗଙ୍ଗାଧର ଥିଲେ କ୍ରାନ୍ତଦର୍ଶୀ । ପୌରାଣିକତା ଓ ଆଦର୍ଶବାଦିତା ପ୍ରତି ତାଙ୍କର ମୋହ ଥିଲା ଅପରିସୀମ । ଜୀବନକୁ ଖୁବ୍ ସହଜ ଓ ସ୍ୱାଭାବିକ ଦୃଷ୍ଟିରେ ସେ ଦେଖୁଥିଲେ । ପୁରାଣର ଅଲୌକିକ ଆଦର୍ଶ ପ୍ରତିଷ୍ଠା ପାଇଁ ଥିଲେ ସେ ସଦାସର୍ବଦା ତତ୍ପର । କବି ଗଙ୍ଗାଧରଙ୍କ ଭାଷା ଶୈଳୀର ବୈଶିଷ୍ଟ୍ୟ ସମ୍ପର୍କରେ ଆଲୋଚନା କଲେ ଜଣାଯାଏ ଯେ ତାଙ୍କର ଶୈଳୀ ଗୁରୁଗାମ୍ଭୀର୍ଯ୍ୟ-ପୂର୍ଣ୍ଣ । ଗୌଡ଼ୀୟ ରୀତିରେ ଗୃହୀତ ଦୀର୍ଘ ସମାସଯୁକ୍ତ ପଦମାନ କବି ଗଙ୍ଗାଧରଙ୍କ ଭାଷାର ସୌଷ୍ଠବ ଓ ଗୁରୁତା ସମ୍ପାଦନ କରିଥିବା ଏକପ୍ରକାର ଅବିସମ୍ବାଦିତ । ସନ୍ଧି-ସମାସ ଘନ ସଂସ୍କୃତ ଅନୁରୂପ ପଦାବଳୀର ପ୍ରୟୋଗ ଗଙ୍ଗାଧରଙ୍କ ଭାଷାର ଗାମ୍ଭୀର୍ଯ୍ୟ ସୂଚେଇ ଦିଏ । ଉଦାହରଣ ସ୍ୱରୂପ —

(୧) "କିଏ ଗୋ ତୁ କୋତିର୍ମୟୀ ଶୁକ୍ଳ-ଶୁଭ୍ର-ବେଶା
ଇନ୍ଦ୍ରନୀଳ-ଦ୍ୟୁତି ଜିତ-ମନୋହର କେଶା ।"

Digitized by PPRACHIN, SOA

(୨) "ଗନ୍ଧ ଶୋଭିତ-ଗିରି ମଲ୍ଲିକାମାନେ
ମଧୁଟ୍କ ମନୋହର ଲଲାମ ଖୁବେ ।"

ଏଥିରୁ ଅନୁମିତ ହୁଏ ଯେ, ଏଥିରେ କବି ଗଙ୍ଗାଧର ଅନେକ ତତ୍ସମ ଶବ୍ଦ ପ୍ରୟୋଗ କରିଛନ୍ତି । ଅର୍ଥାତ୍ ଖାଣ୍ଟି ସଂସ୍କୃତ ଭାଷାକୁ ନିଜ କାବ୍ୟରେ ପ୍ରୟୋଗ କରିଛନ୍ତି । ତତ୍ସମ ଶବ୍ଦ ଓ ସନ୍ଧି-ସମାସ-ଘନ ସଂସ୍କୃତ ପଦାବଳୀର ବିଶୁଦ୍ଧ ପ୍ରୟୋଗରେ କବି ଗଙ୍ଗାଧର ଭାଷା ଛନ୍ଦରେ ସଂସ୍କୃତ ଛାତର ଏବଂ ଏ ଦେଶର ପାରମ୍ପରିକ ପାଣ୍ଡିତ୍ୟର ଯଥାର୍ଥ ସୂଚନା ଦେଇଅଛନ୍ତି ।

କବି ଗଙ୍ଗାଧରଙ୍କ କାବ୍ୟାବଳୀରେ ପ୍ରୟୋଗ ହୋଇଥିବା ଭାଷାଛନ୍ଦର ଦ୍ୱିତୀୟ ପରିଚୟ ହେଉଛି କେତେକ ପ୍ରଚଳିତ ଆଭିଧାନିକ ଶବ୍ଦ । ଯଦିଓ କବି ଏହି ଆଭିଧାନିକ ଶବ୍ଦକୁ ବିଶେଷ ଭାବରେ ପ୍ରୟୋଗ କରିନାହାନ୍ତି ତଥାପି କେତେକ ସ୍ଥାନରେ ପ୍ରୟୋଗ କରିଛନ୍ତି । ଉଦାହରଣ ସ୍ୱରୂପ—

"କରଭ କରିଣୀ କରି ହୋଇ ତ୍ରିପଥ ପରି
ପଥେ ରହିଗଲେ ଗଙ୍ଗା ଗମନ ବିସ୍ମରି ।"

କବି ଗଙ୍ଗାଧରଙ୍କ ଭାଷାଶୈଳୀର ଅନ୍ୟତମ ବୈଶିଷ୍ଟ୍ୟ ହେଉଛି ଆଲଙ୍କାରିକତା । ତାଙ୍କ କାବ୍ୟ-କବିତାରେ ଆଲଙ୍କାରିକତା ପରିଲକ୍ଷିତ ହୋଇଥିଲେ ମଧ୍ୟ କବି ସେଥିରେ କୁତ୍ରାପି କୃତ୍ରିମତା ପ୍ରଦର୍ଶନ କରିନାହାନ୍ତି । କବି ସଦାସର୍ବଦା କାବ୍ୟ ଉପଯୋଗୀ ଭାଷା ପ୍ରୟୋଗରେ ଯତ୍ନଶୀଳ । ତେଣୁ ସେ କାବ୍ୟରେ ଜନ-ସାଧାରଣଙ୍କର କଥିତ ଭାଷା ସହିତ ବିଶୁଦ୍ଧ ସଂସ୍କୃତ ତତ୍ସମ ଶବ୍ଦର ସମନ୍ୱୟରେ ଏକ ମାଧୁର୍ଯ୍ୟପୂର୍ଣ୍ଣ କାବ୍ୟ-ଭାଷା ପ୍ରୟୋଗ ପ୍ରତି ସର୍ବଦା ଯତ୍ନଶୀଳ ଥିଲେ । କବିଙ୍କର ପୂର୍ବବର୍ତ୍ତୀ କାବ୍ୟ ଯୁଗରେ କବିମାନେ ଏହିପରି ମିଶ୍ରଭାଷାରେ କାବ୍ୟମାନ ରଚନା କରୁଥିଲେ । ତେଣୁ ଗଙ୍ଗାଧର ସେହି ପୂର୍ବବର୍ତ୍ତୀ କବିମାନଙ୍କର ଅନୁସରଣରେ ହିଁ ତାଙ୍କର କାବ୍ୟ ରଚନା କରିଅଛନ୍ତି । ତେଣୁ ସେ ତାଙ୍କ କାବ୍ୟ ଶୈଳୀରେ ଏକପ୍ରକାର ମସୃଣତା ବା ଲାଳିତ୍ୟ ଫୁଟାଇ ପାରିଛନ୍ତି ।

କବି ଗଙ୍ଗାଧର ଥିଲେ ଶବ୍ଦ ପ୍ରୟୋଗରେ କୁଶଳୀ କଳାକାର । ତାଙ୍କ ଲେଖନ ପଦ୍ଧତିରେ ଗୁରୁଗମ୍ଭୀର ସଂସ୍କୃତ ଶବ୍ଦ ସଙ୍ଗେ ଗ୍ରାମ୍ୟ ଓଡ଼ିଆ ଶବ୍ଦର ବୈଚିତ୍ର୍ୟ ଓ ମଧୁର ସମନ୍ୱୟ ଲକ୍ଷ୍ୟ କରାଯାଏ । ଉଦାହରଣ ସ୍ୱରୂପ—

(୧) "କରିବାକୁ ନିଶ୍ଚରର ସହିତ ସମର
ତୂଣୀରାଜ ଟଙ୍କାର କରେ ଗର୍ଜିଲା ପ୍ରଖର ;
ବାସ୍ତାବସା ତୂଣୀରକୁ ଝାଡ଼ି ବାରବାର
ପନ୍ନଗଙ୍କ ପଥ ବଳି କି ଅଛି ବାହାର ।

Digitized by PPRACHIN, SOA

(୨) “ବରଷାର ମହାନଦୀର ଗାଢ଼ ଆବିଳ ଜଳ
ସ୍ୱଚ୍ଛ କରିବାକୁ କି ରୂପେ ହେବ ନିର୍ମଳା ବଳ ।

ଶୈଳୀର ଅନ୍ୟତମ ବୈଶିଷ୍ଟ୍ୟ ହେଉଛି କଥୋପକଥନ ଶୈଳୀ ବା conversational style । କୌଣସି ଏକ ଜଟିଳତାପୂର୍ଣ୍ଣ ନିର୍ଦ୍ଦିଷ୍ଟ ମୁହୂର୍ତ୍ତିକୁ ସ୍ୱାଭାବିକ କରିଦେବା ଲାଗି ଏହି ଭାଷାରୀତିର ବ୍ୟବହାର କରାଯାଇଥାଏ । ଗଙ୍ଗାଧର କେବଳ ଜଣେ ସଫଳ ବର୍ଣ୍ଣନାକାରୀ ନ ଥିଲେ । ସେ ଥିଲେ ଜୀବନର ସଙ୍କଟମୟ ମୁହୂର୍ତ୍ତିକୁ ଦକ୍ଷତାର ସହିତ ଚିତ୍ରଣ କରିବାରେ ସିଦ୍ଧହସ୍ତ । ତାଙ୍କ ‘ତପସ୍ୱିନୀ’ କାବ୍ୟରେ ନିର୍ବାସିତା ସୀତା ବାଲ୍ମୀକି ଆଶ୍ରମରେ ନବାଗତା । ତଥାପି ଅନୁକମ୍ପା ମୁଖରେ ବାକ୍‌ରୀତିର ମଧୁରତା ପରିସ୍ଥିତିକୁ ଭିନ୍ନ ରୂପ ଦେଇଛି । ଗଙ୍ଗାଧରଙ୍କ conversational style ଏଠାରେ ପ୍ରୟୋଗ ହୋଇଛି । ଅନୁକମ୍ପା ନବାଗତା ସୀତାଙ୍କୁ କହୁଛନ୍ତି—

“ଦିନଯାକ କରି ନଥିବୁ ପରା କିଛି ଆହାର
ପୂଅ କରୁଥିବ ଗରଭେ ଚଳି ପାଦ ପ୍ରହାର
ଖାଆମା ଖାଆମା ମୋ ଘରେ ତୋର କି ଅଛି ଲାଜ
ଚାହିଁ ରହିଛନ୍ତି ତୋତେ ମୋ ଏହି ସଖୀ ସମାଜ ।”

କବି ଗଙ୍ଗାଧରଙ୍କର ଏହି conversational style ଅନେକ ସ୍ଥଳରେ ତାଙ୍କର ଭାଷାକୁ ଏକ ଅପୂର୍ବ ଲାଳିତ୍ୟ ପ୍ରଦାନ କରିଅଛି ଏବଂ ପାଠକର ହୃଦୟକୁ ଦ୍ରବୀଭୂତ କରିବାରେ ସକ୍ଷମ ହୋଇଅଛି । ତାଙ୍କ ରଚନାରେ ବହୁ ଆହରଣ ଓ ଅନୁସରଣ ରହିଅଛି । କିନ୍ତୁ ତାହାକୁ ଅତି ଚମତ୍କାର ଭାବରେ କାବ୍ୟ-କବିତାରେ ରୂପାୟନ କରିଛନ୍ତି । ସବୁ ସ୍ଥଳରେ ତାଙ୍କ ଭାଷାରୀତି ମୌଳିକତା ରକ୍ଷା କରିଛି । ପାଠକର ରସବୋଧର ହୋଇଛି ଅନୁକୂଳ । ଉଦାହରଣ ସ୍ୱରୂପ କୀଚକବଧ କାବ୍ୟରେ ଚପଳା କୀଚକ ଓ ସୈରନ୍ଧ୍ରୀ ସଙ୍ଗେ କଥୋପକଥନରେ ଏବଂ ସୈରନ୍ଧ୍ରୀଙ୍କ କୀଚକ ନିକଟକୁ ମଦ୍ୟ ପାନ୍ତ୍ର ଧରି ଯିବା ଓ କୀଚକ ଦ୍ୱାରା ଅନୁଧାବିତା ହୋଇ ପଳାୟନ ପ୍ରବୃତ୍ତି ଯେପରି ଭାବରେ ବର୍ଣ୍ଣିତ ତାହା ଏକାନ୍ତ ଭାବରେ ଗଙ୍ଗାଧରଙ୍କ ଭାଷା ଶୈଳୀର ବଳିଷ୍ଠତା ଓ ସ୍ୱାତନ୍ତ୍ର୍ୟ ପ୍ରମାଣ କରେ । ଉଦାହରଣ ସ୍ୱରୂପ —

“କିନ୍ତୁ ଏ ପ୍ରସଙ୍ଗ ଲବ ମାତ୍ର ଜାଣି ନ ପାରିବେ ସାଆନ୍ତାଣୀ
ତାଙ୍କ କର୍ଣ୍ଣେ ଏହା ପଡ଼ିଲେ ମୋହର ଉଠିଯିବ ଦାନାପାଣି ।
ଅଳଙ୍କାର କିଛି ନ ନେବ ତ୍ରମୁରୁ ନ ପିନ୍ଧିବ ପାଟଶାଢ଼ି
ସାଆନ୍ତାଣୀ ଯେବେ ସେ ବେଶ ଦେଖିବେ ମୋ ମୁଣ୍ଡେ ପଡ଼ିବ ବାଡ଼ି ।

Digitized by PPRACHIN, SOA

ଗଙ୍ଗାଧରଙ୍କର ଅନ୍ୟତମ ଶୈଳୀ ଯାହାକି ତାଙ୍କ ବ୍ୟକ୍ତିତ୍ୱକୁ ନେଇ ସମ୍ମୁଜ୍ଜ୍ୱଳ ହୋଇଛି । ସେଥିରେ ପୌରାଣିକତା ଓ ଆଧୁନିକତାର ସମନ୍ୱୟ ଘଟିଛି । କବି ଗଙ୍ଗାଧର ମେହେର ରାଧାନାଥ-ଯୁଗର କବି ହୋଇଥିଲେ ମଧ୍ୟ ତାଙ୍କ କାବ୍ୟଶୈଳୀରେ ରାଧାନାଥଙ୍କ ଶୈଳୀ ପୂର୍ଣ୍ଣ ଭାବରେ ପ୍ରଭାବ ପକାଇ ପାରିନାହିଁ । କବିର ଚରିତ୍ରବତ୍ତା ଓ ମାନସିକ ବିକାଶ ଉପରେ ଶୈଳୀର ପରିପାଟୀ ନିର୍ଭର କରିଥାଏ । ମନର ନିର୍ମଳତା ଓ ଚାରିତ୍ରିକ ଅନାବିଳତା ଦ୍ୱାରା ଶୈଳୀ ହୁଏ ମାର୍ଜିତ । ଗେଟେଙ୍କ ମତରେ—"An author's style is a faithful copy of his mind. If you would write a lucid style let there first be light in your own mind and if you would write a grand style, you ought to have a grand character."

କାବ୍ୟରେ ଉଚ୍ଚାଙ୍ଗ କଳା ସୃଜନ କେବଳ ବଡ଼ କଥା ନୁହେଁ, ବରଂ ପ୍ରକାଶ କଳାର ଚମତ୍କାରିତାହିଁ କାବ୍ୟ ସୃଜନ କ୍ଷେତ୍ରରେ ବଡ଼ କଥା । କାବ୍ୟରେ ରସସଂବେଗ ସହିତ ଶୈଳୀର ଚମତ୍କାରିତା ରହିବ ଓ କାବ୍ୟ ବିଭିନ୍ନ ଗୁଣ ସମନ୍ୱିତ ହେବା ଉଚିତ୍ ।

ଗଙ୍ଗାଧରଙ୍କ ସଂଯତ ଶୈଳୀ ମାଧ୍ୟମରେ ଜୀବନର ମୂଲ୍ୟବୋଧ ହିଁ ରୂପାୟିତ ହୋଇଛି । କେବଳ ଆନନ୍ଦଦାନ ଓ ସୌନ୍ଦର୍ଯ୍ୟ ସୃଷ୍ଟି ତାଙ୍କ କାବ୍ୟ କବିତାର ଲକ୍ଷ୍ୟ ନ ହୋଇ ହୋଇଛି ଜୀବନର ସମାଲୋଚନା । ଜୀବନର ଯଥାର୍ଥତା ପର୍ଯ୍ୟବେକ୍ଷିତ ହୋଇଛି ତ୍ୟାଗରେ; ଭୋଗରେ ନୁହେଁ । କବି 'ତପସ୍ୱିନୀ' କାବ୍ୟରେ ରାମଚନ୍ଦ୍ରଙ୍କ ଚରିତ୍ରରେ ଏହାକୁ ପ୍ରତିପାଦନ କରିଛନ୍ତି । ଏହି ଆଦର୍ଶ ପ୍ରତିଷ୍ଠା ପାଇଁ କବି ଲେଖିଛନ୍ତି —

"ଲୋକେ ଲୋକହିତ ସାଧନ ବିହିତ
ବୋଲି ଯିନା ଅଛି ପ୍ରାଣ ।
ନ ହେଲେ କି ପବି ଦ୍ରବୀକରି ହବି
ପ୍ରାପ୍ତେ କରିଥାନ୍ତା ପାନ ।"

ଏଥିରେ କବିଙ୍କର ବର୍ଣ୍ଣନା ଶୈଳୀର ଅତି ଚମତ୍କାର ଭାବ ପ୍ରକାଶ ପାଇଅଛି । ତାଙ୍କର କାବ୍ୟ-କବିତାକୁ ବର୍ଣ୍ଣନା କରିବା ପାଇଁ କବି ଯେଉଁ ଅପରୂପ ଶୈଳୀର ଆଶ୍ରୟ ନେଇ ଅଛନ୍ତି, ତାହା ଗଙ୍ଗାଧରୀ ସାରସ୍ୱତ ପ୍ରତିଭାର ଅମ୍ଳାନ ସ୍ମାରକୀ ହୋଇରହିଅଛି ।

—୦—

Digitized by PPRACHIN, SOA

ଗଙ୍ଗାଧରଙ୍କ କାବ୍ୟରେ ପ୍ରକୃତି

ଅର୍ଜୁନ ଚରଣ ପଣ୍ଡା

ପ୍ରକୃତିକୁ ଭଲପାଇବା ମଣିଷର ଏକ ସହଜାତ ପ୍ରବୃତ୍ତି । କାରଣ ପ୍ରକୃତି ସହିତ ତା'ର ସମ୍ବନ୍ଧ ମାତୃସନ୍ତାନର ସମ୍ବନ୍ଧ । ଭାରତରେ ବୈଦିକ ସାହିତ୍ୟରେ ଅଗ୍ନି, ମରୁତ, ଭୂମି, ବରୁଣ, ଇନ୍ଦ୍ର, ଉଷା ପ୍ରଭୃତିଙ୍କୁ ସପ୍ରିତ ସ୍ତୁତି କରାଯାଇଅଛି । ଏହି ପ୍ରକୃତି ଉପାସନାରୁ ମଣିଷର ଆରମ୍ଭ ହୋଇଛି ଈଶ୍ୱର ବିଶ୍ୱାସ, ଧର୍ମ, ଦର୍ଶନ, ପୁରାଣ, ଇତିହାସ ଗାଥା, କାହାଣୀ ଓ ଉପକଥା । ପ୍ରକୃତି ଉପାସନାର ପରମ୍ପରା ଭାରତବର୍ଷରେ ଏକ ସ୍ୱତନ୍ତ୍ର ସଭ୍ୟତା ଓ ସଂସ୍କୃତି ନିର୍ମାଣ କରିଦେଇଛି, ଯାହାକି ପୃଥିବୀର ସବୁ ଜାତିର ସଂସ୍କୃତି ଓ ଐତିହ୍ୟ ଠାରୁ ପୃଥକ୍ ।

ପୁରାଣ ଓ କାବ୍ୟ କବିତାମାନଙ୍କରେ ପ୍ରକୃତିର ବର୍ଣ୍ଣନା ଅତ୍ୟନ୍ତ ପ୍ରାଣସ୍ପର୍ଶୀ । କାଳିଦାସ, ବାଣଭଟ୍ଟ, ଭବଭୂତି ପ୍ରଭୃତି କବିମାନଙ୍କର ପ୍ରକୃତି ବର୍ଣ୍ଣନା ସେମାନଙ୍କର ପ୍ରାକୃତିକ ସୌନ୍ଦର୍ଯ୍ୟାନୁଭୂତିର ଦ୍ୟୋତକ । ଓଡ଼ିଆ ସାହିତ୍ୟରେ ସାରଳା ଦାସ, ବଳରାମ ଦାସ ପ୍ରମୁଖ କବିମାନଙ୍କ କୃତିରେ ପ୍ରାକୃତିକ ଦୃଶ୍ୟରାଜିର ଅକୃତ୍ରିମ ବର୍ଣ୍ଣନା ପରିଲକ୍ଷିତ ହୁଏ । ପ୍ରାକ୍‌ରୀତି ଯୁଗରେ ପ୍ରକୃତି ବର୍ଣ୍ଣନାର ଏପରି ପରମ୍ପରା ଥିଲେହେଁ ରୀତି ଯୁଗର କବି ଦୀନକୃଷ୍ଣହିଁ ପ୍ରକୃତି ବର୍ଣ୍ଣନାକୁ କାବ୍ୟ ସାହିତ୍ୟରେ ଏକ ବିଧିବଦ୍ଧ ମର୍ଯ୍ୟାଦା ପ୍ରଦାନ କଲେ । କବି ସମ୍ରାଟ ଉପେନ୍ଦ୍ରଭଞ୍ଜ ପ୍ରକୃତିର ବାହ୍ୟରୂପ ବିଭବ ବର୍ଣ୍ଣନାରେ ଆପଣାର ଦକ୍ଷତା ଦେଖାଇଲେ ।

ଆଧୁନିକ ଯୁଗର ପ୍ରାଣ ପ୍ରତିଷ୍ଠାତା କବି ରାଧାନାଥଙ୍କୁ ଇଂରେଜୀ ସାହିତ୍ୟରେ, ଓ୍ୱାର୍ଡ଼ସ୍ୱାର୍ଥ, ଶେଲି, ବାଇରନ ଓ କୀଟସ୍ ପ୍ରମୁଖ ରୋମାଣ୍ଟିକ୍ ରିଭାଇଭାଲିଷ୍ଟମାନଙ୍କର ପ୍ରକୃତି ପ୍ରେମିକତା ଗଭୀର ଭାବେ ଅନୁପ୍ରେରିତ କରିଥିଲା । ଉପରୋକ୍ତ ଇଂରେଜୀ କବିମାନଙ୍କ ପରି ରାଧାନାଥ ପ୍ରକୃତିକୁ ତାଙ୍କ ବର୍ଣ୍ଣନାର ପୃଷ୍ଠଭୂମି ରୂପେ ଗ୍ରହଣ କରିଥିଲେ । ପ୍ରକୃତି ବର୍ଣ୍ଣନାରେ ରାଧାନାଥଙ୍କ ଚରମ ନୈପୁଣ୍ୟ 'ଚିଲିକା'ରେ ସାର୍ଥକତା ଲାଭ କରିଥିଲେ ମଧ୍ୟ ତାଙ୍କର ପ୍ରତ୍ୟେକ କାବ୍ୟରେ ପ୍ରକୃତି ଚିତ୍ରଣ ଅତ୍ୟନ୍ତ ଲୋଭନୀୟ ।

ଇଂରାଜୀ କବି ଓ୍ୱାର୍ଡ଼ସଓ୍ୱାର୍ଥଙ୍କପରି ପ୍ରକୃତି ମଧ୍ୟରେ ଜୀବନୀଶକ୍ତି ସନ୍ଧାନ କରି ତା' ସହିତ ମାନବୀୟ ତଥା ପାରିବାରିକ ଆତ୍ମୀୟତା ଓଡ଼ିଆ ସାହିତ୍ୟରେ ପ୍ରଥମ

Digitized by PPRACHIN, SOA

କରି ସ୍ଥାପନ କରିବାନ୍ତି ସ୍ୱଭାବ କବି ଗଙ୍ଗାଧର ମେହେର । ତାଙ୍କର ପ୍ରକୃତି ବର୍ଣ୍ଣନା କୌଣସି ସୀମିତ ବେଷ୍ଟନୀ ମଧ୍ୟରେ ଆବଦ୍ଧ ନୁହେଁ ।

ଗଙ୍ଗାଧର ପ୍ରକୃତିକୁ କେଉଁଠି ଝାରବେଶରେ ସୁସଜ୍ଜିତ କରାଇ ଅଶୁଭ ଓ ଅଶାନ୍ତି ବିରୋଧରେ ଅଭିଯାନ-ଯାତ୍ରାରେ ଉତ୍ତୀର୍ଣ୍ଣ କରାନ୍ତି । କେଉଁଠି ବା ମଣିଷର ଦୁଃଖରେ ଅଭିଭୂତ କରାଇ ତାକୁ ଅଶ୍ରୁଳ ଓ କ୍ରନ୍ଦନ ମୁଖର କରାନ୍ତି । ପ୍ରକୃତି ସୁଖ ଓ ଦୁଃଖରେ ମଣିଷର ସମଭାଗୀ; କାରଣ ମଣିଷ ଓ ପ୍ରକୃତି ଗୋଟିଏ ବିଧିର ଅପୂର୍ବ ସୃଷ୍ଟି ।

ଗଙ୍ଗାଧରଙ୍କ ଶ୍ରେଷ୍ଠ ସୃଷ୍ଟି 'ତପସ୍ୱିନୀ' ଓ 'ପ୍ରଣୟ-ବଲ୍ଲରୀ'ରେ ପ୍ରକୃତି ବର୍ଣ୍ଣନାର ଚରମ ଉତ୍କର୍ଷତା ପ୍ରତିପାଦିତ ହୋଇପାରିଛି । 'ତପସ୍ୱିନୀ'ର ଆଶ୍ରମ-ବର୍ଣ୍ଣନା ପାଠକଲେ ଜଣାଯାଏ ଯେ କବି ଅନ୍ତରର ମହାନ୍ ଭାବଧାରାକୁ ପ୍ରତିଭାତ କରିବାର ପରିକଳ୍ପନା ଏଥିରେ ସ୍ପଷ୍ଟ ହୋଇଅଛି । ସୀତାଙ୍କ ଆଶ୍ରମ ଗମନ କାଳରେ ପ୍ରକୃତି ଅଶେଷ ସହାନୁଭୂତିଶୀଳା ହୋଇଉଠିଛି । ଯେତେବେଳେ ବାଲ୍ମୀକି ଦୁଃଖ-ବିରହ କାତର ସୀତାଙ୍କୁ ସଙ୍ଗରେ ନେଇ ବନପଥ ଦେଇ ଆଶ୍ରମ ଅଭିମୁଖେ ଯାତ୍ରା କରିଛନ୍ତି, ସେତେବେଳେ —

"ଦେଖନ୍ତେ ତାହାଙ୍କ ଆଶ୍ରମ ଅଭିମୁଖେ ଗମନ
ପ୍ରମୋଦରେ କଲେ ନିସ୍ୱନ ହୋଇ ପ୍ରଫୁଲ୍ଲମନ ।
ବାଜିଗଲା ପରି ଶାନ୍ତିର ରଣ ବିଜୟ-ଘୋଷ
ନାଚି ନାଚି ମୃଗଶାବକେ କଲେ ପ୍ରକାଶ ତୋଷ ।

× × × ×

ମଧୁରେ ଗାଇଲେ କୋକିଳକୁଳମଙ୍ଗଳ ଗୀତ
ଅଳସ୍ୱନେ ଜୟ ଶଙ୍ଖର ଧ୍ୱନିହେଲା ବ୍ୟଞ୍ଜିତ ।

କବିଙ୍କ ଲେଖନୀରେ ସୀତାଙ୍କର ଏତାଦୃଶଅବସ୍ଥାରେ ପ୍ରକୃତି ସମ୍ବେଦନଶୀଳା ଓ ବିଦ୍ରୋହୀ ହୋଇଉଠିଛି । କବିଙ୍କ ଭାଷାରେ—

"ତାଙ୍କୁହିଁ ବିହଙ୍ଗମୁଖେ କାନ୍ଦିଲା ସେ ବନ;
ବହିଲା ନିଶ୍ୱାସ ରୂପେ ପ୍ରଖର ପବନ ।
ଶୁଭିଲା ପ୍ରଶ୍ୱାସରୂପେ ସର-ସର ସ୍ୱର;
କାରୁଣ୍ୟେ ଲହରୀ ପ୍ରାନ୍ତେ ଚଳିଲେ ପତର ।

× × ×

Digitized by PPRACHIN, SOA

କରିବାକୁ ନିସ୍ତରର ସହିତ ସମର
ଭୃଙ୍ଗରାଜ ଖଡ୍‌ଗ-କରେ ଗର୍ଜିଲା ପ୍ରଖର ।
ବାସନ୍ତୀବସା ତୂଣୀରକୁ ଝାଡ଼ି ବାରମ୍ବାର,
ପଥିକଙ୍କ ପଥକଲା ଜଅବା ବାହାର ।"

'ପ୍ରଣୟ ବଲ୍ଲରୀ'ରେ ସେହିପରି ଆଶ୍ରମ-ପ୍ରକୃତି କବିଙ୍କ ବଳିଷ୍ଠ ଲେଖନୀର କାଉଁରୀ-ସ୍ପର୍ଶ ପାଇ ଅଧିକ ମଞ୍ଜୁଳ ଓ ସହାନୁଭୂତିଶୀଳ ହୋଇଉଠିଛି । କଣ୍ୱ ମୁନିଙ୍କ ଆଶ୍ରମ ବର୍ଣ୍ଣନା କରିବାକୁ ଯାଇ ସେ ଲେଖିଛନ୍ତି—

"ଶଙ୍ଖ ବଜାଇଲା ମଧୁପ, ମଧୁରେ ନାମକରଣ ଉତ୍ସବେ,
ନବ ନନ୍ଦନର "ବସନ୍ତ ନାମରେ ଏକମତ ହେଲେ ସର୍ବେ ।"

ବିଭିନ୍ନ ଋତୁ ବର୍ଣ୍ଣନାରେ କବିଙ୍କର ଅବିକଳ୍ପ ଶୈଳୀ ଓ ସଂରକ୍ଷ ପାଠକଙ୍କୁ ସ୍ତମ୍ଭୀଭୂତ କରିଥାଏ । ଋତୁଚିତ୍ର ବର୍ଣ୍ଣନା କରିବାବେଳେ ସେ ପ୍ରକୃତିରେ ଚୈତନ୍ୟ ସନ୍ଧାନ କରିବା ସଙ୍ଗେ ସଙ୍ଗେ ନିଜକୁ କୁଶଳୀ ଚିତ୍ରକର ଓ ଶିକ୍ଷକ ଭାବେ ହଜାଇବାକୁ ଭୁଲିନାହାନ୍ତି । 'ତପସ୍ୱିନୀ'ର ଅଷ୍ଟମ ସର୍ଗରେ କବି ଗ୍ରୀଷ୍ମଋତୁ ବର୍ଣ୍ଣନା କରିବାକୁ ଯାଇ ଯଥାର୍ଥରେ ଲେଖିଛନ୍ତି—

"ତୁଳା ଉଡ଼ିଲା ଦେଖି ଶାଳ୍ମଳୀ ତରୁ
କୃପଣ ଧନ କାଳେ ଉଡ଼େ ଖାତରୁ,
ପଳାଶ ଅଙ୍ଗେ ନାହିଁ ପୂର୍ବ ସୁରଙ୍ଗ
ଅନିତ୍ୟ ଏହିପରି ଭବ-ପ୍ରସଙ୍ଗ ।"

"ତପସ୍ୱିନୀ" ପରି "ପ୍ରଣୟବଲ୍ଲରୀ"ରେ କବି ଗଙ୍ଗାଧର ଶକୁନ୍ତଳାଙ୍କ ପତି-ଗୃହ-ଯାତ୍ରାର ବର୍ଣ୍ଣନା ଏପରି କରୁଣ ଓ ହୃଦୟସ୍ପର୍ଶୀ କରିଛନ୍ତି ଯେ ତାହା ପାଠକଲେ ଯେ କୌଣସି ପାଠକ ଆଖିରେ ଲୁହ ଆସିଯାଏ । କଣ୍ୱ ମୁନି ହେଲେ ମଧ୍ୟ ଶକୁନ୍ତଳାଙ୍କ ପ୍ରିୟ ଆଶ୍ରମ ପ୍ରକୃତିକୁ ଚାହିଁ କନ୍ୟାର ବିଦାୟ ଜନିତ ଦୁଃଖ ତାଙ୍କ ହୃଦୟରେ ଦ୍ୱିଗୁଣିତ ହୋଇଉଠିଛି । ଯେଉଁ ଶକୁନ୍ତଳା ବୃକ୍ଷମୂଳରେ ଜଳ ନ ଦେଲେ ନିଜେ ଜଳସ୍ପର୍ଶ କରେନି, ବୃକ୍ଷଲତା ଫଳପୁଷ୍ପ ବିମଣ୍ଡିତ ହେଲେ ତା'ର ମନରେ ସୃଜନାନନ୍ଦ ଆସେ, ସେ ଆଜି ଆଶ୍ରମତ୍ୟାଗ କରି ପତିଗୃହ ଯାତ୍ରାକରୁଛି; ଏହି ଅଶ୍ରୁଳ ଚିନ୍ତା ବ୍ୟକ୍ତ କରିବାକୁ ଯାଇ କଣ୍ୱଙ୍କ ମୁହଁରେ କବି କହିଛନ୍ତି—

ଜଳପାନ କରୁ ନଥିଲା ଯେ ଆଗେ ତୁମ୍ଭକୁ ନଦେଇ ଜଳ
ହେଉଥିଲା ତୁମ୍ଭ ଅଙ୍ଗେ ନବ ପୁଷ୍ପ ଦେଖିଲେ ମୁଦେ ବିହ୍ୱଳ ।

Digitized by PPRACHIN, SOA

ଗଙ୍ଗାଧରଙ୍କର ଉଷା-ବର୍ଣ୍ଣନାରେ ଏକ ଶିଳ୍ପୀ-ସୁଲଭ ପାଠକର ନିଖୁଣ ପରିଚୟ ମିଳିଥାଏ । 'ତପସ୍ୱିନୀ'ରେ ରାଜାବନସ୍ଥିନୀ ଉଷା ନୀହାର ରୂପକ ଉପଢୌକନ ଆଣି ସୀତାଙ୍କ ଦର୍ଶନପାଇଁ ସବିନୟ ନିବେଦନ କରିଛି । ତେଣୁ ଉଷା ସୀତାଙ୍କ ଆଶ୍ରମସ୍ଥିତ କୁଟୀରରେ ହଠାତ୍ ପ୍ରବେଶ ନକରି ବାସ ବାହାର ପ୍ରାଙ୍ଗଣରେ ରହି ପ୍ରଥମେ ଅନୁମତି ଭିକ୍ଷା କରିଛି । ଏଠାରେ କବି ପ୍ରକୃତିରେ ମଧ୍ୟ ସାମାଜିକ ଚଳଣୀର ଆରୋପ କରିଛନ୍ତି ।

ସେହିପରି 'କୀଚକବଧ'ର ଉଷା ବର୍ଣ୍ଣନାରେ କବିଙ୍କର ନିଜୁକ ମୌଳିକତାର ଦୃଶ୍ୟ ରହିଛି । କବିଙ୍କର କୀଚକବଧ କାବ୍ୟରେ ଉଷା ସାଜିଛି ବିଳାସ ବିଭୋଳା ରାଜବଧୂ ।

ଏହିପରି ବିଭିନ୍ନ କାବ୍ୟ-କବିତାରେ କବି ଉତ୍କଳର ଋତୁଚକ୍ର ଦେଖା ସଙ୍ଗେ ସଙ୍ଗେ ନିଜର ବ୍ୟକ୍ତିତ୍ୱ ଓ ଅନୁଭୂତିର ଅପରୂପ ଭାବକୁ ଆରୋପ କରିବାକୁ ଭୁଲିନାହାନ୍ତି । 'ତପସ୍ୱିନୀ' ଓ 'କବିତା କଲ୍ଲୋଳ'ରେ ବର୍ଷାଋତୁ ବର୍ଣ୍ଣନା ଏବଂ 'ଇନ୍ଦୁମତୀ' 'କୀଚକବଧ' ଓ 'କବିତା-କଲ୍ଲୋଳ'ରେ ବସନ୍ତ ବର୍ଣ୍ଣନା ଅତୀବ ହୃଦ୍ୟ ଓ ଜୀବନ୍ତ ହୋଇଉଠିଛି । 'ପ୍ରଣୟ ବଲ୍ଲରୀ'ରେ ମଧ୍ୟ ଶିଶିର ଓ ବସନ୍ତ ବର୍ଣ୍ଣନା ମୁଖପାଠ୍ୟ ହୋଇଛି ।

ପ୍ରକୃତି ବର୍ଣ୍ଣନାରେ ଅମର କବି ଗଙ୍ଗାଧରଙ୍କର ଅଭୂତପୂର୍ବ ଧୂର୍ତ୍ତତା ଯୋଗୁଁ ଜଡ଼ ସହିତ ମାନବର ଆତ୍ମୀୟତା ସ୍ଥାପନ କରାଯାଇ ପାରିଛି । ଜଡ଼ ପ୍ରକୃତି ହୋଇଛି ଜୀବନଧର୍ମୀ । କବିବର ରାଧାନାଥଙ୍କ ଭାଷାରେ—"ଗଙ୍ଗାଧର ଉଚ୍ଚଶ୍ରେଣୀର କବି । କି ବହିଃ ପ୍ରକୃତି, କି ଅନ୍ତଃପ୍ରକୃତି ଉଭୟର ଯଥାଯଥ ଚିତ୍ରାଙ୍କନରେ ଗଙ୍ଗାଧର ସିଦ୍ଧହସ୍ତ ।"

—o—

Digitized by PPRACHIN, SOA

ସ୍ୱଭାବ କବି ଗଙ୍ଗାଧର : ଏକ ବିହଙ୍ଗାବଲୋକନ

କୁମାରୀ ପ୍ରିୟମ୍ବଦା ସାମଲ

ବିଶ୍ୱ ଦେଖି ମଧୁ   ମୟରେ ଜୀବନ
ବିଶ୍ୱଦେଖି ମଧୁମୟ
ମଧୁର ଝରଣ   କରିବ ହରଣ
ତୋ ପାପ ମରଣ ଭୟରେ ଜୀବନ ।

ସାଂସାରିକ ଜୀବନର ସକଳ ଜଞ୍ଜାଳ, ସକଳ ଦୁଃଖ, ସକଳ ଅଭାବ ଅନଟନକୁ ଆଦରି ନେଇ ଜୀବନର ବିଷକୁ ନୀଳକଣ୍ଠ ପରି ପାନକରି ଜଗତର ପ୍ରତ୍ୟେକ ବସ୍ତୁରେ ଯିଏ ସେହି ସଚ୍ଚିଦାନନ୍ଦ ମଙ୍ଗଳମୟ ପରମାତ୍ମାଙ୍କର ଉପସ୍ଥିତିକୁ ମର୍ମେ ମର୍ମେ ଉପଲବ୍ଧି କରି ଦାରିଦ୍ର୍ୟର ପଙ୍କିଳ ପଲ୍ୱଳ ମଧ୍ୟରେ ଅକଳଙ୍କ ଶୁଭ୍ର ଶତଦଳ ପରି ବିକଶିତ ହୋଇ ନିଜର ପ୍ରଶାନ୍ତ କବି ପ୍ରତିଭାକୁ ପ୍ରକାଶ କରିଯାଇଛନ୍ତି ସେ ହେଉଛନ୍ତି "ବାଣୀ-ପାଦ-ପଦ୍ମ-ବାସ-ଜୀବୀ-ଦ୍ୱିଜହଂସ-ସ୍ୱଭାବ କବି ରଙ୍ଗାର୍ଣ୍ଣବ ଗଙ୍ଗାଧର ମେହେର । "ତପସ୍ୱିନୀ" କାବ୍ୟରେ ସେ ଯଦିଓ ନିଜର ହୃଦୟର ଭାବକୁ ବ୍ୟକ୍ତ କରିବାକୁ ଯାଇ ଲେଖିଛନ୍ତି ଦରିଦ୍ରତା ପଙ୍କ ପୂର୍ଣ୍ଣ ମୋ ଜୀବନ ସର, ଜଞ୍ଜାଳ-ଜଳଦ-ଜଳେ ଆବିଳ ଉଦର' ତଥାପି ସେ ଏ ସବୁର ଊର୍ଦ୍ଧ୍ୱରେ ରହି ଗାନ କରିଛନ୍ତି ଜୀବନର ମମଧୁମୟ ସଂଗୀତ । ଆର୍ଥିକ ଅନଟନ, ସମସ୍ୟା ବହୁଳ ଜୀବନ, ପରିବେଶର ସଂକୀର୍ଣ୍ଣତା, ପ୍ରତିକୂଳ ପରିସ୍ଥିତିର ଦାବଦହନ କବିର ଦୃଢ଼ ମନୋବଳ ଓ ଗଭୀର ଆତ୍ମନିବେଶ ପାଖରେ ହାରମାନି ଥିଲା । ତାଙ୍କର ସାରସ୍ୱତ ସାଧନା କ୍ଷେତ୍ରରେ ସେସବୁ ଅନ୍ତରାୟ ହୋଇ ଠିଆହୋଇ ପାରି ନଥିଲା; ବରଂ ପରୋକ୍ଷରେ ଏ ସବୁ କବିଙ୍କର ପ୍ରତିଭାର ବିକାଶ ଦିଗରେ ଖୋରାକ ଯୋଗାଇଥିଲା । ଯିଏ ଜୀବନର ସମସ୍ତ ଗ୍ଳାନିକୁ ଉପେକ୍ଷା କରି ଚିରନ୍ତନ ସୁଖର ସନ୍ଧାନ ଦିଏ, ସୁଖଦୁଃଖର ଊର୍ଦ୍ଧ୍ୱରେ ଯିଏ ଶାଶ୍ୱତ ଆନନ୍ଦର ବାଣୀ ପ୍ରଚାର କରେ ସେ ହିଁ କାଳଜୟୀ କବି । ବୈଦିକ ଋଷି ଯେପରି ମନ୍ଦ୍ର ଗମ୍ଭୀର କଣ୍ଠରେ "ଓଁ ମଧୁ ବାତା ଋତାୟତେ, ମଧୁ କ୍ଷରନ୍ତି ସିନ୍ଧବଃ...ଓଁ ମଧୁ ମଧୁ ମଧୁ' ଗାନକରି ସକଳ ବିଶ୍ୱମାନବକୁ ଶାଶ୍ୱତ ଆନନ୍ଦରେ ଅନୁପ୍ରାଣିତ ହେବାକୁ ପ୍ରେରଣା ପ୍ରଦାନ କରିଥିଲେ, କବି ଗଙ୍ଗାଧର ଠିକ୍ ସେହିଭଳି ନିଜକୁ ସେହି ଅମୃତ ସାଗରର ଏକ ବିନ୍ଦୁ ଭାବରେ ପରିକଳ୍ପନା କରି ବିଶ୍ୱବାସୀଙ୍କୁ 'ମଧୁମୟ' ଭାବ ଧାରାରେ ଅନୁପ୍ରାଣିତ ହେବାକୁ ପ୍ରେରଣା ଦେଇଛନ୍ତି । ଭୋଗ ବିଳାସ ଓ ପ୍ରତିପତ୍ତିକୁ ତ୍ୟାଗ କରି ସେହି ଅମୃତ ସନ୍ଧାନୀ କବି ଉଦାତ୍ତ କଣ୍ଠରେ ଗାଇଛନ୍ତି—

Digitized by PPRACHIN, SOA

ମୁଁ ତ ଅମୃତ ସାଗର ବନ୍ଦୁ
ନଭେ ଉଠିଥିଲି ତେଜି ସିନ୍ଧୁ,
ଖସି ମିଶିଛୁ ଅମୃତ ଧାରେ
ଗତି କରୁଛୁ ସେ ଅକୂପାରେ,
ପଥେ ଶୁଖିଗଲେ ପାପ ତାପରେ,
ହୋଇ ଶିଶିର ଖସିବି ତା ପରେ,
ଅମୃତ ମୟ ଅମୃତ ରସ
ସହିତ ମିଶିବ ସାଗରେ ।

ସେହି ଅମୃତ ସନ୍ଧାନୀ କବିଙ୍କୁ ଧୂଳି ମଳିନ ଧରଣୀର ମାଳିନ୍ୟ ସ୍ପର୍ଶ କରି ପାରି ନାହିଁ । ନବ ପଲ୍ଲବିତ ସ୍ନିଗ୍ଧ ସୁନ୍ଦର କମ୍ରକୁଞ୍ଜତଳେ ସେ ଆବିଷ୍କାର କରିଛନ୍ତି ମଧୁମୟ ସତ୍ତା ଓ ନିଜର କବିତ୍ୱ । ବନ ବଲ୍ଲରୀର ନୃତ୍ୟର ତାଳେ ତାଳେ ସେ ଗାଇ ଉଠିଛନ୍ତି ଜୀବନର ମଧୁମୟ ସଙ୍ଗୀତ । ସେହି ପ୍ରକୃତିର ରୂପ ମଧ୍ୟରେ ସନ୍ଧାନ ପାଇଛନ୍ତି ରୂପାତୀତର, ସ୍ଥୂଳ ମଧ୍ୟରେ ବର୍ଣ୍ଣନା କରିଛନ୍ତି ସୂକ୍ଷ୍ମର । ଗଙ୍ଗାଧରଙ୍କ ପ୍ରକୃତି ଦେଇଛି ଏକା ଧାରରେ ଜୀବନର ଦ୍ୟୋତନା, ଆତ୍ମାର ଚେତନା ଓ ପରମାତ୍ମାର ନିସ୍ୱଜନା । ଗଙ୍ଗାଧରଙ୍କ ପ୍ରକୃତି ମୂକ ନୁହେଁ, ନିର୍ବେଦ ନୁହେଁ, ନିଷ୍ପ୍ରାଣ ନୁହେଁ, ତାହା ସ୍ଫୂର୍ତ୍ତିମୟୀ ଚଞ୍ଚଳ-ବାକ୍ ଦାୟିନୀ ।

ଘନ ତମିସ୍ରାର ଦୀର୍ଘ ଅନ୍ଧକାରକୁ ଧ୍ୱଂସ କରି ଦୂର ଦିଗ୍‌ବଳୟରେ ଯେତେବେଳେ ନୂତନ ସୂର୍ଯ୍ୟର ଆବିର୍ଭାବ ହୁଏ ତାର ପ୍ରଥମ କିରଣରେ ଉଦ୍‌ଭାସିତ ହୁଅନ୍ତି କେବଳ କେତେକ ନଭଶ୍ଚୁମ୍ବୀ ବନସ୍ପତି ସମୂହ । ଭୂତଳଶାୟୀ କ୍ଷୁଦ୍ର ଦୂର୍ବା ସେହି ଆଦ୍ୟ କିରଣର ମାଧୁରିମାର ସ୍ପର୍ଶ ପାଇବାକୁ ଅକ୍ଷମ ହୁଏ । ଗଙ୍ଗାଧର ଥିଲେ ସେହି ମହାମହୀରୁହ, ପ୍ରତିଭାଶାଳୀ ଦୂରଦ୍ରଷ୍ଟା ମନୀଷୀ । ଆଧୁନିକ ଯୁଗ ପ୍ରତି ତିର୍ଯ୍ୟକ ଦୃଷ୍ଟିପାତ କରି ସେ ଯେଉଁ ବିପୁଳ ସାହିତ୍ୟ ସମ୍ଭାର ସୃଷ୍ଟି କରିଗଲେ ତାହାରି ପାଇଁ ସେ ହେଲେ ଏ ଜାତିର ନମସ୍ୟ, ଚିର ବରେଣ୍ୟ । ମଣିଷ ମରେ । କିନ୍ତୁ ତାର ପ୍ରତିଭା ରହିଥାଏ ଯୁଗ ଯୁଗକୁ । ସେ ମରି ମଧ୍ୟ ହୁଏ ଅମର । ଗଙ୍ଗାଧର ସେହିପରି ଏକ ଅମର ପୁରୁଷ । ପ୍ରତିଭାର ମୌଳିକତା ତଥା ବଳିଷ୍ଠତା ହେତୁ ଗଙ୍ଗାଧରଙ୍କ ସାହିତ୍ୟ ଆଜି ଏତେ ମହିମାମୟ ।

ଗଙ୍ଗାଧର ପ୍ରାଚୀନ ଓ ଆଧୁନିକତାର ସନ୍ଧିକ୍ଷଣରେ ନିଜର କାବ୍ୟ ସାଧନା ଆରମ୍ଭ କରିଥିଲେ । ପ୍ରାଚୀନ ଓ ନୂତନତାର ମଧୁର ସମନ୍ୱୟ ହେଉଛି ମେହେର ସାହିତ୍ୟ । ପାଶ୍ଚାତ୍ୟ ସଂସ୍କୃତି ଓ ସଭ୍ୟତାର ପ୍ରଭାବ କାଳରେ ଦାରିଦ୍ର୍ୟ ଓ ଉଚ୍ଚଶିକ୍ଷାର ଅଭାବ ହେତୁ ପ୍ରତିକୂଳ ବାତାବରଣ ମଧ୍ୟରେ ସେ ପ୍ରାଚୀନ ଓଡ଼ିଆ ଓ ସଂସ୍କୃତ ସାହିତ୍ୟକୁ ହିଁ ଆଦର୍ଶ ଭାବରେ ଗ୍ରହଣ କଲେ । ତାଙ୍କର କାବ୍ୟ ନିର୍ମାଣର ପ୍ରଧାନ ଭିତ୍ତି ହେଲା

Digitized by PPRACHIN, SOA

ପ୍ରାଚୀନ ସଂସ୍କୃତ ଓ ମଧ୍ୟଯୁଗୀୟ ଓଡ଼ିଆ କାବ୍ୟ ସାହିତ୍ୟ । ତାହାର ଉପରେ ହିଁ ଗଙ୍ଗାଧରଙ୍କ କାବ୍ୟ କବିତା ମଧ୍ୟରୁ 'ତପସ୍ୱିନୀ' 'ପ୍ରଣୟ ବଲ୍ଲରୀ' 'ଇନ୍ଦୁମତୀ' ଓ 'କୀଚକବଧ' ପ୍ରଭୃତି ସୁଦୃଢ଼ ତଥା ସୁଦୃଶ୍ୟ 'ହର୍ମ୍ୟ' ଦଣ୍ଡାୟମାନ । ରାଧାନାଥଙ୍କର ପ୍ରବର୍ତ୍ତିତ ଶୈଳୀ ସହିତ ଭଞ୍ଜଯୁଗୀୟ କାବ୍ୟ-ଶୈଳୀକୁ ମିଶାଇ ଦେଇ ଏକ ନୂତନ କାବ୍ୟ ଧାରାର ସେ ହେଲେ ପ୍ରବର୍ତ୍ତକ । ରାଧାନାଥଙ୍କର ଶୈଳୀର ଅନୁସରଣ କରିଥିଲେ ମଧ୍ୟ ଗଙ୍ଗାଧର ପ୍ରଥମେ ତାଙ୍କର କାବ୍ୟ ସୃଷ୍ଟିର ଅଯୁମାରମ୍ଭ କରିଥିଲେ ପ୍ରାଚୀନ ଓଡ଼ିଆ ଶୈଳୀରେ । ରାଧାନାଥଙ୍କର କାବ୍ୟ ଧର୍ମ ତାଙ୍କୁ ଯେତେ ମୁଗ୍ଧ କରି ନଥିଲା ତାହା ଅପେକ୍ଷା ପ୍ରାଚୀନ ରୀତି ଯୁଗର ଶୈଳୀ ତାଙ୍କ ଉପରେ ଅଧିକ ପ୍ରଭାବ ବିସ୍ତାର କରିଥିଲା । ସେଥିଯୋଗୁଁ ସେ ପ୍ରଥମାବସ୍ଥାରେ ପ୍ରାଚୀନ ପଦ୍ଧତିରେ କେତେକ କ୍ଷୁଦ୍ର କାବ୍ୟ ପ୍ରଣୟନ କରି ପରେ 'ରସ ରତ୍ନାକର' ନାମକ ଆଦ୍ୟପ୍ରାନ୍ତ 'ର' ଅକ୍ଷର ବିଶିଷ୍ଟ କାବ୍ୟ ରଚନା କରିଥିଲେ । ସେ 'ତପସ୍ୱିନୀ', 'କୀଚକବଧ' ପ୍ରଭୃତିରେ ଚୈତ୍ରି, ରାମକେରୀ ଆଦି ରାଗ ରାଗିଣୀ ପ୍ରୟୋଗ କରିଛନ୍ତି । ଅଳଙ୍କାର ଆଭରଣ ମୁକ୍ତା ତାଙ୍କର କାବ୍ୟ ଲକ୍ଷ୍ମୀ ଆଧୁନିକ ଭଙ୍ଗୀରେ ଓଡ଼ିଆ ସାହିତ୍ୟରେ ବିଚରଣ କରିଛନ୍ତି । ପ୍ରାଚୀନ ସାହିତ୍ୟର ପ୍ରଭାବରେ ପ୍ରଭାବିତ ହୋଇଥିଲେ ହେଁ ତାଙ୍କର ପ୍ରତ୍ୟେକ କାବ୍ୟରେ ପ୍ରାଚୀନତାର ସ୍ପର୍ଶ ନାହିଁ । ନୂତନତା ଯୋଗୁଁ ସେଗୁଡ଼ିକ ହୋଇଛି ହୃଦୟଗ୍ରାହୀ । ଭଞ୍ଜ କିମ୍ବା ରାଧାନାଥ ସାହିତ୍ୟ ଜ୍ୟୋତ୍ସ୍ନାରେ ସେ ବୁଡ଼ି ଯାଇନାହାନ୍ତି । ସେ ଯଦି ଏ ଦୁଇଜଣଙ୍କ ମଧ୍ୟରୁ କାହାର ଆଦର୍ଶରେ ଲିପି ଯାଇଥାନ୍ତେ, ଆମେ ଆଜି ତାଙ୍କୁ ଏତେ ଉଚ୍ଚ ଆସନ ଦେଇ ପାରି ନ ଥାନ୍ତେ । କିନ୍ତୁ ଗଙ୍ଗାଧର ଆଧୁନିକ ସାହିତ୍ୟ ରୂପୀ ରାଧାନାଥ ସାଗରରେ ବୁଡ଼ି ନଯାଇ, ନିଜର ପ୍ରଜ୍ଞା ପ୍ରତିଭାରେ ଅଧିକ ତେଜୋଦୀପ୍ତି ହୋଇଛନ୍ତି । ଓଡ଼ିଆ ସାହିତ୍ୟରେ ସ୍ୱାତନ୍ତ୍ର୍ୟ ଓ ମୌଳିକତା ପାଇଁ ଗଙ୍ଗାଧର ହୋଇଛନ୍ତି ବନ୍ଦ୍ୟ ।

ମେହେରଙ୍କ ସାହିତ୍ୟାନୁଶୀଳନ କଲେ ମେହେରଙ୍କ ପ୍ରକୃତି ଚିତ୍ରଣହିଁ ପାଠକ ଓ ସମାଲୋଚକଙ୍କୁ ଆକର୍ଷଣ କରିଥାଏ । ପ୍ରକୃତିର ଅନନ୍ତରମଣୀୟ ଅପରୂପ ସୁଷମା ଯୁଗେ ଯୁଗେ କବି, ଭାବୁକ, ଦାର୍ଶନିକମାନଙ୍କୁ ପ୍ରଲୁବ୍ଧ କରିଛି । ବିଜନତାର ମୋହନ ମାଧୁରୀରେ ମୁଗ୍ଧ ହୋଇ କବି ଗାଇଛି "ବିଜନତା କାହିଁ ତୋ ବେଶ ମୋହନ, ଯେ ରୂପେ ମୋହିଲୁ ରୁ ମୁନି ନୟନ' । ଇଂରାଜୀ କବି ସେଲିଙ୍କର "A thing of beauty is joy for ever' ସହିତ ତାଳଦେଇ ଆଧୁନିକ ଯୁଗର ସ୍ରଷ୍ଟା କବିବର ରାଧାନାଥ କହିଛନ୍ତି "ସୁନ୍ଦରେ ତୃପ୍ତିର ଅବସାଦ ନାହିଁ, ଯେତେ ଦେଖୁଥିଲେ ନୂଆ ଦିଶୁଥାଇ' । ତେଣୁ ଯୁଗେ ଯୁଗେ ପ୍ରକୃତିର ସେହି ବର୍ଣ୍ଣାଢ୍ୟ ରୂପ ଶୋଭା କାବ୍ୟର ସୌନ୍ଦର୍ଯ୍ୟ ଓ ସୌକୁମାର୍ଯ୍ୟକୁ ବଢ଼ାଇଛି । କେବଳ ଓଡ଼ିଆ ସାହିତ୍ୟ ନୁହେଁ, ଯେ କୌଣସି ଭାଷାର ସାହିତ୍ୟରେ ପ୍ରକୃତିର ଏହି ଅଫୁରନ୍ତ ବର୍ଣ୍ଣବିଭା କାବ୍ୟକୁ ସରସ ସୁନ୍ଦର କରିପାରିଛି । ପ୍ରାଚୀନ ସାହିତ୍ୟରେ ସେଥିପାଇଁ ପ୍ରକୃତି କାବ୍ୟର ଏକ ବିଶିଷ୍ଟ ବିଭବ

Digitized by PPRACHIN, SOA

ରୂପେ ଦେଖାଦେଇଛି । ମାତ୍ର ନାୟକ ନାୟିକାଙ୍କ ଭୋଗମୟ ଭୂମିକାରେ ଇନ୍ଧନ ଯୋଗାଇବା ପାଇଁ ପ୍ରକୃତି ସେଠାରେ ଆନୁଷଙ୍ଗିକ ବସ୍ତୁ ମାତ୍ର । ଆଧୁନିକ ଯୁଗର ସ୍ରଷ୍ଟା ରାଧାନାଥଙ୍କ ହସ୍ତରେ ପ୍ରକୃତି ଏକ ନୂଆ ରୂପ ନେଇ ଆତ୍ମପ୍ରକାଶ କଲାବେଳେ ଗଙ୍ଗାଧରଙ୍କ ଶିଳ୍ପ କଳାରେ ତାହା ଅଧିକ ସଜୀବ, ସଚେଷ୍ଟ ଏବଂ ସୁନ୍ଦର ହୋଇପାରିଛି । ଅନ୍ତଃ ପ୍ରକୃତି ଓ ବହିଃ ପ୍ରକୃତିର ରୂପଚୟନରେ ଗଙ୍ଗାଧର ହେଉଛନ୍ତି ଶ୍ରେଷ୍ଠ କବି । ତେଣୁ ଓଡ଼ିଆ ସାହିତ୍ୟରେ ପ୍ରାଚ୍ୟ ପାଶ୍ଚାତ୍ୟର ସମନ୍ୱୟକାରୀ ଗଙ୍ଗାଧରଙ୍କୁ ପ୍ରକୃତିର ପରମ ପୂଜାରୀ ବୋଲି ସମ୍ବର୍ଦ୍ଧିତ କରାଯାଇଛି । ତାଙ୍କ କାବ୍ୟରେ ପ୍ରକୃତି କେଉଁଠାରେ ଜଡ଼ ନୁହେଁ; ସର୍ବତ୍ର ଜୀବନ୍ତ ।

କାଳାତ୍ମସ୍ୱତାବୋଧ ଓ ଆଦର୍ଶବୋଧ ମେହେର ସାହିତ୍ୟର ଅନ୍ୟ ଏକ ଆଦର୍ଶ । ସେ ପୁଣି ଭାଗ୍ୟବାଦୀ ଓ ଅଦୃଷ୍ଟ ବିଶ୍ୱାସୀ । ଯାହା ଭାଗ୍ୟରେ ଥିବ ତାହା ଘଟିବ; ଏହା ଗଙ୍ଗାଧରଙ୍କ ଧାରଣା । ସବୁଠାରେ ମହାକାଳର ହାତ ରହିଛି । ମହାକାଳର ଶକ୍ତି ବଳରେ ଏ ଜଗତ । ସୃଷ୍ଟି କାଳର ଏହି ଶକ୍ତି ଗଙ୍ଗାଧର ନିଜର ସହଜ ଅନୁଭୂତି ମଧ୍ୟରେ ବୁଝିଥିଲେ ଥରେ ସେ ନିଜର ତରୁଣ ବନ୍ଧୁ ବ୍ରଜମୋହନ ପଣ୍ଡାଙ୍କୁ ଏହି ଆଦର୍ଶ ସମ୍ପର୍କରେ ଏକ ପ୍ରବନ୍ଧ ରଚନା ଲାଗି ଅନୁରୋଧ କରିଥିଲେ । ଫୁଲ ଫୁଟିଲେ ତାର ସୌରଭ ଜଗତ ସାରା ବ୍ୟାପିଯାଏ । କ୍ଷୁଦ୍ର କଳିକାକୁ ଫୁଟାଇ ଦେଲେ ତାହା ସୁବାସିତ ହୁଏନା । ସେହିପରି ମହାକାଳର ଶକ୍ତିରେ ଏ ଜଗତ ଗୃହୀତ । କ୍ଷୁଦ୍ର ମଣିଷ ନିଜର କ୍ଷୁଦ୍ର ଶକ୍ତି ବଳରେ ପ୍ରାକୃତିକ ଜଗତର କିଛିବି ପରିବର୍ତ୍ତନ ଆଣିପାରିବ ନାହିଁ । ଏହି ଆଦର୍ଶ ଓ ବିଶ୍ୱାସ ବୋଧ ମେହେରଙ୍କ କବିତାରେ ପ୍ରକାଶିତ—

ନବ ନବ ବଳ ସୃଜିବା କେବଳ ଅଟଇ କାଳର ବିଧି
ହେ ଶୁଭ ସମୟ ହେଉ ସତ୍ୟମୟ ତୋର ସନାତନୀ ସିଦ୍ଧି ।"

ଏ ହେଉଛି ଗଙ୍ଗାଧରଙ୍କ ଆଦର୍ଶ । କାବ୍ୟ ସୃଷ୍ଟିର ଉନ୍ମେଷ ପର୍ଯ୍ୟାୟରେ 'ରସ ରତ୍ନାକର' (୧୮୮୫), 'ଅହଲ୍ୟାସ୍ତବ' (୧୮୯୨), 'ଇନ୍ଦୁମତୀ' (୧୮୯୩), 'ଉତ୍କଳ ଲକ୍ଷ୍ମୀ' (୧୮୯୪), 'ମହିମା' (୧୮୯୬), ଉତ୍ତରଣ ପର୍ଯ୍ୟାୟରେ 'କୀଚକବଧ' (୧୯୦୩), 'ଅଯୋଧ୍ୟା ଦୃଶ୍ୟ' (୧୯୧୧), 'ପଦ୍ମିନୀ' (୧୯୧୧), 'କବିତା କଲ୍ଲୋଳ' (୧୯୧୨), 'ତପସ୍ୱିନୀ' (୧୯ ୨), 'ପ୍ରଣୟ ବଲ୍ଲରୀ'(୧୯୧୫) ଏବଂ ଅନ୍ତିମ ପର୍ଯ୍ୟାୟରେ 'ଅର୍ଘ୍ୟଥାଳୀ' (୧୯୧୮), 'କୃଷକ ସଙ୍ଗୀତ' (୧୯୨୦) 'କବିତ ମାଳା' (୧୯୨୨), ଭାରତୀ ଭାବନା (୧୯୨୩) ଇତ୍ୟାଦି କାବ୍ୟ କୋଣାର୍କ ପାଠକମାନଙ୍କର ଦୃଷ୍ଟିଗୋଚର ହୁଏ । ଏହି ସବୁ କାବ୍ୟ କବିତା ମଧ୍ୟରେ ଗଙ୍ଗାଧରଙ୍କର ମୌଳିକତା ଓ ପାଣ୍ଡିତ୍ୟର ପରାକାଷ୍ଠା ସ୍ୱତଃ ଉଦ୍ଭାସିତ ହୁଏ । ସେଥିପାଇଁ ସେ ଆଜି ଓଡ଼ିଆ ସାହିତ୍ୟରେ ପରମପୂଜ୍ୟ । ଗଙ୍ଗାଧରଙ୍କ କାବ୍ୟ ଓ ଗୀତି କବିତା ଆଧୁନିକ ଓଡ଼ିଆ ସାହିତ୍ୟର ଆଦି ପର୍ବରେ ଗୋଟିଏ ଗୋଟିଏ ସାର୍ଥକ ସୃଷ୍ଟି । ପ୍ରାଚୀନତାରେ ନବୀନତା ସୃଷ୍ଟି କରି ସେ ଦେଇଛନ୍ତି ଅପୂର୍ବ କବି-ପ୍ରତିଭାରେ ପରିଚୟ ।

—୦—

Digitized by PPRACHIN, SOA

କବି ଗଂଗାଧର ଓ ପ୍ରକୃତି

ଶ୍ରୀ ମହେଶ୍ୱର ସେଠୀ

ପ୍ରକୃତି ଭିତରେ ପରମ ପୁରୁଷର ନିତ୍ୟବାସ । ଏହି ଲୀଳା କାନ୍ତ ଓ କମନୀୟ, ମଧୁମୟ ଓ ଅମୃତମୟ । ତେଣୁ ପ୍ରକୃତିର ସୌନ୍ଦର୍ଯ୍ୟରେ ଅବଗାହନ କଲେ କ୍ଳାନ୍ତି ମିଳେ ନାହିଁ; ମିଳେ ଚିରନ୍ତନ ଅନାହତ ପ୍ରଶାନ୍ତି । ଏ ସୌନ୍ଦର୍ଯ୍ୟ ବିଚିତ୍ରବର୍ଣ୍ଣା । ବହୁପରୂରେ ତାର ଅଭିବ୍ୟକ୍ତି । ସଭ୍ୟତାର ଆଦ୍ୟ ଉନ୍ମେଷକାଳରୁ ପ୍ରକୃତି ସମ୍ପର୍କିତ ବିପୁଳ ଅନୁଭବକୁ ରୂପ ଦେବାପାଇଁ ମଣିଷ ସତେ ଯେପରି ଅଧୀର ହୋଇଉଠିଛି । ପୁଷ୍ପର ସୁରଭିଠାରୁ ମିଳିନ୍ଦର ଗୁଞ୍ଜନ, କାନନର ସବୁଜ ସମାରୋହ, ଆକାଶଚୁମ୍ବୀ ନଗରମାଳାର ଦୁର୍ଦ୍ଧର୍ଷଗାମ୍ଭୀର୍ଯ୍ୟ, ମଳୟର ମର୍ମର, ଶ୍ରାବଣୀ ରଜନୀର କଦମ୍ବର ରୋମାଞ୍ଚ, ଶରତର ଶୁଭ୍ରକାଶ ତଣ୍ଡି ପ୍ରଭୃତି ପ୍ରକୃତିର ସକଳ ବିଭବ ସ୍ରଷ୍ଟାର ଲେଖନୀରେ ବହୁରୂପରେ ଚର୍ଚ୍ଚିତ ହୋଇଆସିଛି ।

ସ୍ୱଭାବ କବି ଗଙ୍ଗାଧର ମେହେର ଓଡ଼ିଆ ସାହିତ୍ୟ ଓ ଓଡ଼ିଆ ଜାତିର ବରେଣ୍ୟ କବି । ତାଙ୍କର ଲେଖନୀ ଗଙ୍ଗାପରି ସ୍ୱଚ୍ଛ ଓ ପବିତ୍ର । ସେ ପ୍ରକୃତିର ବାହ୍ୟ ସୌନ୍ଦର୍ଯ୍ୟରେ ମୁଗ୍ଧ ନହୋଇ ଅନ୍ତଃସୌନ୍ଦର୍ଯ୍ୟରେ ହୋଇଛନ୍ତି ଅଭିଭୂତ । ଫଳରେ ସେ ତାଙ୍କର କାବ୍ୟ କବିତାରେ ପ୍ରକୃତିର ସକଳ ସୌନ୍ଦର୍ଯ୍ୟକୁ ରୂପଦେଇଛନ୍ତି ଜୀବନ୍ତ ଭାବରେ । ତେଣୁ ତାଙ୍କର କାବ୍ୟିକ ଭାଷା, କବିକଳ୍ପନା ତଥା ରସମୟ ଛନ୍ଦ ଓ ରାଗିଣୀର ଅନନ୍ୟ ମାଧୁର୍ଯ୍ୟ ସାହିତ୍ୟ ଜଗତରେ ଅଭିନନ୍ଦିତ । ପ୍ରକୃତି ସହିତ ମଣିଷ ସ୍ୱଭାବର ସାମଞ୍ଜସ୍ୟ ରଖି ଜୀବନ୍ତ ତଥା ମୂର୍ତ୍ତିମନ୍ତ ବର୍ଣ୍ଣନା ସେ କରିଛନ୍ତି । ପ୍ରକୃତି ମଧ୍ୟ ମଣିଷର ବେଦନା ଓ ବ୍ୟଥାରେ ସମବେଦନା ଜଣାଇ କରୁଣା, ଅନୁକମ୍ପା ଓ ମାୟା ମମତାରେ ତା'ର ଅନନ୍ତ ବକ୍ଷ ମେଲିଇ ଦେଇଛି । ଜନନୀର ସ୍ନେହ, ସଖୀର ବନ୍ଧୁତ୍ୱ ଢାଳିଦେଇ ବାଲୁକାମୟ ନୀରସ ଜୀବନ ଯାତ୍ରାକୁ କରିଛି ଅମୃତମୟ ଓ ମଧୁମୟ । ଏ ସବୁ ବିଶ୍ଳେଷଣ କଲେ କବି ମେହେରଙ୍କର ସୁଦୂରପ୍ରସାରୀ ଦୃଷ୍ଟିଭଙ୍ଗୀ, ତୀକ୍ଷ୍ଣ ବୁଦ୍ଧିମତ୍ତା ଓ ପ୍ରକୃତି ପ୍ରବଣତା ସହଜରେ ଅନୁମେୟ ହୁଏ ।

ମଣିଷ ଅମୃତର ସନ୍ତାନ । ଅମୃତରୁ ତାର ସୃଷ୍ଟି । ଅମୃତ ବିତରଣ କଲେ ତାର ଧର୍ମବିତରଣ । କିନ୍ତୁ ସଂସାରର ଆବିଳତା ଭିତରେ ସେ ଲକ୍ଷ୍ୟହରା ହୋଇ ସଂସାରର ପ୍ରକୃତ ସ୍ୱରୂପକୁ ଦେଖିପାରେ ନାହିଁ । ସ୍ରଷ୍ଟାର ଦାନକୁ ଭୁଲିଯାଇ, ସ୍ରଷ୍ଟାର

Digitized by PPRACHIN, SOA

ମହତ୍ତ୍ୱକୁ ଉପଲବ୍ଧି କରିନପାରି ଆତ୍ମପ୍ରଶଂସାରେ ନିଜକୁ ପୂର୍ଣ୍ଣକରି ଦୁଃଖସାଗରରେ ନିମଜ୍ଜିତ ହୁଏ । ଜୀବନର ପଥକୁ ଭୁଲିଯାଏ; ଫଳରେ ଜୀବନ ରୂପକ ଡଙ୍ଗା ଅବାଟରେ ଚାଲିଯାଏ କେଉଁ ଅଜଣା ରାଜ୍ୟକୁ । ଯେଉଁଠି ଥାଏ କେବଳ ବେଦନାର ସମାହାର । କିନ୍ତୁ ଗଙ୍ଗାଧର ଆବାଲ୍ୟରୁ ସ୍ରଷ୍ଟାର ଦାନକୁ ଉପଲବ୍ଧି କରି ପ୍ରଭୁଙ୍କର ପାଦପଦ୍ମରେ ନିଜର ମନକୁ ନିବେଦିତ କରିଛନ୍ତି । ଭଗବାନଙ୍କର ସତ୍ତାକୁ ପୃଥିବୀର କୋଣେ ଅନୁକୋଣେ ଅନୁଭବ କରିଛନ୍ତି । ଏହି ଧୂଳି, ମାଟି, ପଙ୍କ, ଉପଳ ବିଶିଷ୍ଟ ଧରିତ୍ରୀ ତାଙ୍କର ଅନୁଭବରେ ମଧୁମୟ ଭାବରେ ପ୍ରତୀତ ହୋଇଛି । ସେ ନିଜକୁ "ଅମୃତ ସାଗର"ର ବିନ୍ଦୁ ବୋଲି ଅନୁଭବ କରିଛନ୍ତି ।

"ବିଶ୍ୱଦେଖ ମଧୁମୟରେ ଜୀବନ ବିଶ୍ୱଦେଖ ମଧୁମୟ
ମଧୁର ଝରଣ କରିବ ହରଣ ତୋ ପାପ ମରଣ ଭୟରେ ଜୀବନ

କେବଳ ସେତିକି ନୁହେଁ; ପ୍ରକୃତିର ଏହି ସହଜ ସରଳ ଲୀଳାବିଳାସ କବିଙ୍କୁ ଚମତ୍କାର କରେ । କିନ୍ତୁ ତହିଁରେ ଆତ୍ମବିସ୍ମୃତ ନହୋଇ କବି ନିଜର ସ୍ୱତନ୍ତ୍ରତା ରକ୍ଷାକରିବାକୁ ସମର୍ଥ ହୋଇଥାଏ । ତେଣୁ ନିଜ ଅଜ୍ଞାତସାରରେ ପ୍ରକୃତିପ୍ରତି ତାର ଗୋଟିଏ ସ୍ୱାଭାବିକ ଏବଂ ସ୍ଥାୟୀ ପ୍ରତିକ୍ରିୟା ଗଢ଼ିଉଠେ । ଅନ୍ୟକଥାରେ ଏହାହିଁ ପ୍ରକୃତି ଦର୍ଶନ । ଗଙ୍ଗାଧରଙ୍କର 'ଅମୃତମୟ' ଜୀବନ ଦର୍ଶନ ମଧ୍ୟରେ ସେ ନିଜେ ଯେଉଁ ଅମୃତ ସାଗରର ବିନ୍ଦୁ ସେହି ଅମୃତର ରୂପାନ୍ତରରୂପେ କଳ୍ପନା କରିଛନ୍ତି —

"ନବ ବିକଶିତ ଫୁଲ ଗନ୍ଧ, ନବ ସରସ କବିତା ଛନ୍ଦ,
ବନ ବିହଗ ମଧୁର ତାନ, ଶିଶୁ ସରଳ ତରଳ ଗାନ ।"

ମିଠି ମିଠି ଜକ ଜକ ତାରା, ଟପ ଟପ ଜଳ ଧାରା ଇତ୍ୟାଦି କେତେ କି'ଣ ଯାହାର ବିକ୍ଷିପ୍ତ ବହୁରୂପତାକୁ ଆମେ ଏକ ରୂପରେ କହୁ ପ୍ରକୃତି । ଅନ୍ତଃପ୍ରକୃତି ଓ ବହିଃପ୍ରକୃତି ଦୁଇଟି ଶାଖା ହେଲେ ମଧ୍ୟ ଏକ ଅଖଣ୍ଡ ପ୍ରକୃତିର ଦ୍ୟୋତକ । ଗଙ୍ଗାଧର ନିଜେ ଏହି ବିରାଟ ପ୍ରକୃତିର ଅମୃତମୟ ଓ ସାମୂହିକତା ର ଏକ ଅଂଶ । ତେଣୁ "ବିଶ୍ୱଦେଖ ମଧୁମୟ,' ଓ ଅମୃତମୟ" ବୋଲି ଜୀବନକୁ ଉଦ୍‌ବୋଧନ ଦେଲା ବେଳେ ତାଙ୍କର ସମସ୍ତ ପାପ, ତାପ ଭୟର ନିବାରଣ ଲାଗି ସମର୍ଥ ହୋଇଉଠିଛି ଏହି ବିଶ୍ୱ । ଯେଉଁଠି ଝରଣାଝରେ, ଫୁଲଫୁଟେ, ଗନ୍ଧ ଛୁଟେ, ଆଉ ଜାୟା, ଜନନୀ ସୋଦର, ସୋଦରା, ବନ୍ଧୁ ସୁହୃଦ୍ ପ୍ରତିବେଶୀର ସ୍ନେହ ଜଞ୍ଜାଳରେ ଆବଦ୍ଧହୋଇ ମଣିଷ ନିଜ ଜୀବନରେ ସୁଖର ସନ୍ଧାନ ପାଏ । କିନ୍ତୁ ଗଙ୍ଗାଧରଙ୍କ ଜୀବନ ଇତିହାସର ଅଶ୍ରୁସିକ୍ତ କରୁଣଗାଥା ତାଙ୍କର କବିତା ମାଧ୍ୟମରେ ଫୁଟିଉଠିଛି । ଅଭାବ ଅନଟନ ତାଙ୍କର ଚିର ସହଚର । ତାଙ୍କର ଜୀବନ ତରଣୀ ନିୟତି ବିକ୍ଷୁବ୍ଧ । ତାଙ୍କର ଜୀବନ ସୁର ଦରିଦ୍ରତା

Digitized by PPRACHIN, SOA

ପଙ୍କରେ ସଦା ସର୍ବଦା ପୂର୍ଣ୍ଣ ଥିଲା । ତପସ୍ୱିନୀ କାବ୍ୟର ପ୍ରଥମ ସର୍ଗରେ ସେ ଲେଖିଛନ୍ତି:—

"ଦରିଦ୍ରତା ପଙ୍କପୂର୍ଣ୍ଣ ମୋ ଜୀବନ ସର
କାଙ୍ଗାଳ ଜଳଦ ଜଳେ ଆବିଳ ଉଦର
ଶରଦ ସଦୃଶ ତୋତେ କରି ଦରଶନ
ହୋଇଯାଉଅଛି ସେତ ସ୍ୱତଃ ପରସନ ।"

ଗଙ୍ଗାଧର କେବଳ ଯେ ଜୀବନ ଦର୍ଶନର ଗୁରୁତ୍ୱ ଉପଲବ୍ଧି କରିଛନ୍ତି ପ୍ରକୃତି ମଧ୍ୟରେ ତାହା ନୁହେଁ । ସେ ପ୍ରକୃତିଠାରେ ମାନବୀୟ ରୂପ ଓ ଗୁଣର ସଂସ୍ଥାପନ କରି ପ୍ରକୃତିର ମାନବୀୟିତ ଅବସ୍ଥାକୁ ପ୍ରକଟିତ କରିପାରିଛନ୍ତି । କବି ଗଙ୍ଗାଧରଙ୍କ ପ୍ରକୃତି ଚେତନାର ବିଶେଷତ୍ୱ ହେଉଛି, ତାଙ୍କ ପ୍ରକୃତି ଅନ୍ୟାନ୍ୟ କବିମାନଙ୍କ ପ୍ରକୃତି ଭଳି ନିର୍ବେଦ, ଜଡ଼ ଓ ନିଷ୍ପନ୍ଦ ନୁହେଁ; ବରଂ ସଜୀବ ଲୀଳାମୁଖର ଓ ଚଳଚଞ୍ଚଳ ।

କବି ଗଙ୍ଗାଧରଙ୍କ ପ୍ରକୃତି ଚେତନାର ଓ କବି ପ୍ରତିଭାର ଶ୍ରେଷ୍ଠତ୍ୱ ପ୍ରତିପାଦନ କରିଥାଏ ତାଙ୍କର ତପସ୍ୱିନୀ କାବ୍ୟ । ଏଥିରେ ପ୍ରକୃତି ଓ ମାନବ ମଧ୍ୟରେ କୌଣସି ପାର୍ଥକ୍ୟ ରହିଥିଲାଭଳି ମନେ ହେଉନାହିଁ । କାରଣ ତାଙ୍କର ଲେଖନୀରେ ପ୍ରକୃତି ହେଉଛି ଚଞ୍ଚଳ ଓ ଲୀଳା ମୁଖର । ଉଷା ଆଗମନର କମନୀୟ ବର୍ଣ୍ଣନା ଗଙ୍ଗାଧରଙ୍କ ଲେଖନୀରେ ଅତି କମନୀୟ ଭାବେ ପ୍ରକାଶ ପାଇଛି—

"ମଙ୍ଗଳେ ଅଇଲା ଉଷା ବଳିତ ରାଜୀବ ଦୃଶା
ଜାନକୀ-ଦର୍ଶନ ତୃଷା ହୃଦୟେ ବହି
କର ପଲ୍ଲବେ ନୀହାର ମୁକ୍ତାଧରି ଉପହାର
ସତୀଙ୍କ ବାସ ବାହାର ପ୍ରାଙ୍ଗଣେ ରହି
କଳକଣ୍ଠ କଣ୍ଠେ କହିଲା,
ଦରଶନ ଦିଅ ସତୀ ରାତି ପାହିଲା ।"

ଯେଉଁପରି ବାଲ୍ମୀକିର ବିଚିତ୍ର ବିଧାନ ବିରୋଧରେ ସୀତାଙ୍କ ପ୍ରତି ସମବେଦନା ଜ୍ଞାପନ କରି ସଙ୍ଗେ ସେପରି ବନଭୂମିର ତୃଣରାଜି ପ୍ରତିବାଦର ସ୍ୱର ଉତ୍ତୋଳନ କରିବାରେ ଲାଗିପଡ଼ିଲେ । କବି ଏହାକୁ ସୁନ୍ଦର ଭାବରେ ପ୍ରକାଶ କରି କହିଛନ୍ତି—

"କରିବାକୁ ନିଷ୍ଠୁରର ସହିତ ସମର
ତୃଣରାଜି ଖଡ଼୍‌ଗ-କରେ-ଗର୍ଜିଲା ପ୍ରଖର
ବାସ୍ତ୍ୟାବସା ତୁଣୀରକୁ ଝାଡ଼ି ବାରମ୍ବାର
ପତ୍ର-କଙ୍କ ପତ୍ରୀ କଲା କି ଅବା ବାହାର ।"

ଏହିଭଳି ତପସ୍ୱିନୀ କାବ୍ୟ ମଧ୍ୟରେ ବହୁ ଉଦାହରଣ ରହିଛି ଯେଉଁଠି ପ୍ରକୃତି ସଙ୍ଗେ ସେପରି ମାନବରୂପରେ ଠିଆହୋଇଛି । କେବଳ ଯେ ବନଭୂମି ସୀତାଙ୍କର

Digitized by PPRACHIN, SOA

ଦୁଃଖରେ ସମବେଦନା ପ୍ରକାଶ କରିଛି ତାହା ନୁହେଁ । ସୀତଙ୍କ ପ୍ରତି ବଧିର ନିଷ୍ଠୁର ବିଗ୍ରହ ବିରୋଧରେ ସତେ ଯେପରି ଭାଗୀରଥି ଘୋରତର ପ୍ରତିବାଦ କରିବାକୁ ଆଗେଇ ଆସିଛି । କବିଙ୍କ ଭାଷାରେ—

"କମ୍ପିତ ସରିତ-ବୀଚି ଉତ୍‌ଥିତ ଶୀକାର
ପଡ଼ିଲା ପୁଳିନେ ଚେଳି ତରଙ୍ଗିଣୀକର
ଭରିକି ସୀସକ-ସ୍ଥୂଳ ତରଙ୍ଗର ତୋପେ
ନିସ୍ୱନିକ ଭାଗୀରଥୀ ପ୍ରହାରିଲା କୋପେ ?"

କେବଳ ଯେ ଉପସ୍ୱିନୀ କାବ୍ୟରେ ପ୍ରକୃତି ବର୍ଣ୍ଣନା ଅଛି ତା ନୁହେଁ । ଗଙ୍ଗାଧରଙ୍କର ସମସ୍ତ କାବ୍ୟରେ ପ୍ରକୃତି ବର୍ଣ୍ଣନା ଭରପୁର । ରସଭାବାଦି ଭେଦ ଅନନ୍ତ ହୋଇଥିଲେ ହେଁ କାବ୍ୟରେ ଶୃଙ୍ଗାର ସଙ୍ଗେ ଶୃଙ୍ଗାରୋଚିତ ପ୍ରକୃତିର ଦୃଶ୍ୟମାନ ଉଦ୍‌ଘାଟିତ । ରାଧାନାଥଙ୍କ କୃତି ମଧ୍ୟରେ ସ୍ଥାନେ ସ୍ଥାନେ ପ୍ରକୃତିର ଭାବୋପ-ଯୋଗୀ ବର୍ଣ୍ଣନା ପରିଦୃଷ୍ଟ ହୁଏ । କିନ୍ତୁ ଗଙ୍ଗାଧରଙ୍କ ପ୍ରକୃତି ଚରିତ୍ର ଓ ଭାବପ୍ରତି ସର୍ବଦା ସର୍ବଦା ଉନ୍ମୁଖ ରହିବାରେ ହିଁ ସାର୍ଥକତା ଲାଭକରିଚି । ପତିଗୃହ ଯାତ୍ରୀ ଶକୁନ୍ତଳାର ବିଦାୟ ବେଳାରେ ତପୋବନର ତରୁଲତା ସବୁ—

"କେତେକ ଶିଶିର ଛଳେ କେତେ ଅବା
କୁସୁମ ବର୍ଷଣ ଛଳେ ।
ଶକୁନ୍ତଳା କରସ୍ପରଶ ମାତ୍ରକେ
ଲୋତକ ମୋଚନ କଲେ ।"

ପୁଣି :

"ହରିଣ ହରିଣୀ, ମୟୂର ମୟୂରୀ
ଆହାର ବିହାର ଛାଡ଼ି
ଦୁଃଖିତ ନୟନେ ଅନାଇ ରହିଲେ
ପଥପାର୍ଶ୍ୱେ ଧାଡ଼ି ଧାଡ଼ି ।

ଏହିପରି ଗଙ୍ଗାଧରଙ୍କ ପ୍ରକୃତି ସର୍ବଦା ଚରିତ୍ର ଓ ଘଟନା ପ୍ରତି ଉନ୍ମୁଖ ରହି ଚରିତ୍ରର ହର୍ଷ ବିଷାଦ ଏବଂ ସୁଖ ଦୁଃଖରେ ଅଶେଷ ସମ୍ବେଦନଶୀଳତା, ଅପୂର୍ବ ପ୍ରାଣବନ୍ତ ଅଭ୍ୟର୍ଥନା ଓ ଆତ୍ମୀୟତା ଜଣାଇଛି । ସହାନୁଭୂତିରେ ନିଜେ କାନ୍ଦୁଛି,ହସୁଛି, ନାଚୁଛି । ଆଶ୍ୱାସନା ଦେଇ ଚରିତ୍ରକୁ ଉତ୍ସାହିତ କରିଛି । ସେହି ମହିମାମୟୀ ପ୍ରକୃତି କେତେବେଳେ ସଖୀ, କେତେବେଳେ ସହକାରିଣୀ, କେତେବେଳେ ଧାତ୍ରୀ ପ୍ରଭୃତି ନାନାରୂପ ନେଇ ପ୍ରତି ପଦକ୍ଷେପରେ ସତେ ଯେପରି ତାର ଅବସ୍ଥିତିର ଉପଯୋଗ କରିବାକୁ ମାନବକୁ ଦେଇଛି ପ୍ରେରଣା ଓ ଚେତନା

ଗଙ୍ଗାଧରଙ୍କ କାବ୍ୟ ପ୍ରଣୟବଲ୍ଲରୀର ଆଶ୍ରମ ପ୍ରକୃତି, ତାହାର କୋଳରେ ଆଜନ୍ମ ଲାଳିତା ଶକୁନ୍ତଳାକୁ ଗଢ଼ିଛି ମୁଗ୍‌ଧା ଓ ଅପ୍ରଗଲ୍‌ଭା କରି ଏବଂ ଦୁଷ୍ମନ୍ତଙ୍କ ଦର୍ଶନର

Digitized by PPRACHIN, SOA

ପୂର୍ବେ ଓ ପରେ ନାନାଭାବରେ ପ୍ରେମର ସଙ୍କେତ ବହନ କରି ଶକୁନ୍ତଳାର ଅନୁରୂପ ହୋଇପଡ଼ିଛି । ନବ ପୁଷ୍ପବତୀ ନବମାଳିକାର ଚୂତସହ ମିଳନ ଏବଂ ଭ୍ରମରର ଅଭଦ୍ର ଆଚରଣ ଏ ସଙ୍କେତର ନିଦର୍ଶନ । ସେହିପରି ତପୋବନର ସୂର୍ଯ୍ୟଗ୍ରସ୍ତା କାମନାରେ କର ପ୍ରସାରଣ କରିଛି । ବିପିନ ଭିତରେ ସରୋବରରେ କମଳିନୀ ଫୁଟି ଦିବାକର କର ଲଭିକରିଛି ଏବଂ "ଚ୍ୟୁତ ପକ୍ୱ ହେଲେ କୋକିଳ ଆସଇ ଖୋଜଇ ମଧୁର ଭାଷା" ମଧ୍ୟ ଆଶ୍ରମ ପ୍ରକୃତିରେ ଶକୁନ୍ତଳା ସ୍ୱଭାବର ଅନୁସରଣ ମାତ୍ର । କିନ୍ତୁ ତପସ୍ୱିନୀର ଆଶ୍ରମ ପ୍ରକୃତିର ସାତ୍ତ୍ୱିକ କୋଧ‌ପ୍ରକାଶ, ଶାନ୍ତବାହିନୀର ମୁକ୍ତସୀମା ମଧ୍ୟରେ ତପସ୍ୱୀ-ସୁଲଭ ସ୍ନେହ, ଦୟା, ନ୍ୟାୟଶୀଳତା, ବିଶ୍ୱରବନ୍ଧୁ ପ୍ରଭୃତିର ଚିତ୍ର ଅତ୍ୟନ୍ତ ମନୋହର । ତପସ୍ୱିନୀ ସୀତାର ଚରିତ୍ର ସମ୍ପର୍କରେ ଆଶ୍ରମର ଋଷି ଯୋଗେଶ୍ୱରୀ, ତମସା କଲ୍ୟାଣମୟୀ ମାତା । ଉଦ୍ୟାନର ଲତା ପୁଷ୍ପ ମଧ୍ୟ ତପସ୍ୱିନୀ ସୀତାର ସ୍ୱରୂପକୁ ଅଙ୍ଗଭୂଷଣ କରିଛନ୍ତି । ସ୍ଥୂଳତଃ ଆଶ୍ରମର ନଦୀ, ଗିରି, ବନ, ତରୁ, ଲତା ପକ୍ଷୀ ସବୁ ଆଶ୍ରମ ବାସିନୀ ଅନୁକମ୍ପା ଋଷିକୁମାରୀ ଏବଂ ବାଲ୍ମୀକିଙ୍କର ଅପର ସଂସ୍କରଣ ମାତ୍ର । ତେଣୁ ଜୀବ ଓ ଜଡ଼ ଉଭୟ ପ୍ରକୃତି ଯେପରି ଏକପକ୍ଷରେ ସୀତା ଚରିତ୍ରର ସାଧିକା ଓ ସହାୟିକା, ଅପର ପକ୍ଷରେ ସୀତା ସେହିପରି ଉଦ୍ଭିଦରେ ନିଜକୁ ସମ୍ପୂର୍ଣ୍ଣ ରୂପେ ମିଶାଇ ଦେଇ କବିଙ୍କ ଅମୃତମୟ ଜୀବନ ଦର୍ଶନକୁ ପ୍ରମାଣିତ କରିଅଛନ୍ତି ମାତ୍ର ।

ତପସ୍ୱିନୀ କାବ୍ୟ ଗଙ୍ଗାଧରଙ୍କର ଓଡ଼ିଆ ସାହିତ୍ୟକୁ ଶ୍ରେଷ୍ଠ ଦାନ । ଏହି କାବ୍ୟ ମଧ୍ୟରେ ତାଙ୍କର ପ୍ରକୃତି ବର୍ଣ୍ଣନା ଏତେ ପରିମାଣରେ ଗୁମ୍ଫିତ ଯେ ଅନ୍ୟ କୌଣସି କବିଙ୍କ କାବ୍ୟରେ ଏତେ ପରିମାଣରେ ନାହିଁ । ସେ ପ୍ରକୃତିରେ ବର୍ଣ୍ଣନା ସହିତ ନିଜର ଭାରତୀୟ ପରମ୍ପରା ଓ ସଂସ୍କୃତିକୁ ସମ୍ମାନ ଦେଇଆସିଛନ୍ତି । ବିଶେଷତଃ ତାଙ୍କର କାବ୍ୟ ମଧ୍ୟରେ ସେ ଭାରତୀୟ ନାରୀମାନଙ୍କର ଆଦର୍ଶ ଓ ଚରିତ୍ରର ନିର୍ମଳ ଚିତ୍ର ଆଙ୍କିବା ସଙ୍ଗେ ସଙ୍ଗେ ଇଂରେଜ ଶାସନ ଅଧୀନରେ ଥିବା ନାରୀ ଉପରେ ଇଂରେଜମାନଙ୍କ ସଂସ୍କୃତିକୁ, ସଭ୍ୟତାକୁ ଆଦରି ନେଉଥିଲି ତାହାର ନୀରବ ପ୍ରତିବାଦ କରିଚାଲିଛନ୍ତି ତାଙ୍କର ପ୍ରତି କାବ୍ୟମାନଙ୍କରେ । କାରଣ ପ୍ରାଚୀନ ପରମ୍ପରା ଓ ନୂତନ ଯୁଗର ମଧ୍ୟ କାଳରେ ରହି ସମାଜକୁ ସମତୁଲ କରାଇବାରେ ଗଙ୍ଗାଧରଙ୍କ ପ୍ରୟାସ ଅଭିନବ ଓ ପ୍ରଶଂସନୀୟ ।

ବାସ୍ତବିକ ପ୍ରକୃତି ପ୍ରତି ଗଙ୍ଗାଧରଙ୍କର ଦୃଷ୍ଟିଭଙ୍ଗୀ ଓଡ଼ିଆ ସାହିତ୍ୟରେ ଅଭିନବ । ପ୍ରକୃତିପ୍ରେମୀ ରାଧାନାଥଙ୍କର ପ୍ରକୃତି ଦର୍ଶନ କେବଳ ସୌନ୍ଦର୍ଯ୍ୟ ଉପାସନା ଉପରେ ପ୍ରତିଷ୍ଠିତ । କିନ୍ତୁ କବି ଗଙ୍ଗାଧର ତାଙ୍କର ବ୍ୟକ୍ତିତ୍ୱର ତୂଳୀରେ କଳ୍ପନାର ରଙ୍ଗଦେଇ ପ୍ରକୃତିର ଯେଉଁ କମନୀୟ ଚିତ୍ର ଅଙ୍କନ କରିଛନ୍ତି, ତାହା ପାଠକର ଚିତ୍ତକୁ ହରଣ ନକରି ରହିପାରେ ନାହିଁ ।

—o—

Digitized by PPRACHIN, SOA

ଗଙ୍ଗାଧର ମେହେରଙ୍କର 'ତପସ୍ୱିନୀ' : ଏକ ଅନ୍ତରଙ୍ଗ ଅବଲୋକନ

ଶ୍ରୀ ନରୋତ୍ତମ ମଲ୍ଲିକ

ବାଣୀ ପଦ-ପଦ୍ମ-ବିସଜୀବୀ ରାଜହଂସ ଉଙ୍ଗାଳବ କବି ଗଙ୍ଗାଧର ମେହେର ଓଡ଼ିଆ ସାହିତ୍ୟାକାଶରେ ଏକ ନବୋଦିତ ଉଜ୍ଜ୍ୱଳ ତାରକା । ପାଠକ-ପାଠିକା ଗୁଣୀ ବିଜ୍ଞଠାରୁ ଆରମ୍ଭ କରି ଆବାଳ ବୃଦ୍ଧବନିତା ପର୍ଯ୍ୟନ୍ତ ସମସ୍ତଙ୍କ ନିକଟରେ ସେ ପୂଜ୍ୟ ପୂଜାର ଅଧିକାରୀ । ସେଥିପାଇଁ ଉତ୍କଳୀୟ ସାରସ୍ୱତ ବାଣୀ ମନ୍ଦିରରେ ଆମେ ତାଙ୍କୁ ଶ୍ରେଷ୍ଠ ପୁଷ୍ପମାଲ୍ୟ ଅର୍ପଣ କରିଥାଉଁ । ଉତ୍କଳର ପ୍ରତ୍ୟେକ ପୁରପଲ୍ଲୀରେ ସେ ସ୍ୱଭାବ କବି ବା ପ୍ରକୃତି କବି ଭାବରେ ଆସନ ଅଳଂକୃତ କରିଅଛନ୍ତି । ବଣିଆ ସୁନାକୁ ଚିହ୍ନିଲାପରି ଗଙ୍ଗାଧର ପ୍ରକୃତିକୁ ଚିହ୍ନିଛନ୍ତି । ମନ୍ଦ୍ରନିନାଦର ଝଙ୍କାର ତୋଳି ସେ କରିଛନ୍ତି ପ୍ରକୃତିର ଶୋଭା ବର୍ଣ୍ଣନା । ନିଜର ଅସାଧାରଣ ଜ୍ଞାନ ଓ କୃତିତ୍ୱ ବଳରେ ସେ ପ୍ରକୃତିକୁ ଅପୂର୍ବ ସୁଷମାରେ ମଣ୍ଡିତ କରିଛନ୍ତି । ଚୁମ୍ବକ ଲୁହାକୁ ଆକର୍ଷଣ କଲାପରି ସେ ଟାଣି ହୋଇ-ଯାଇଚନ୍ତି ସେହି ପ୍ରକୃତି କୋଳକୁ । କବି ପ୍ରକୃତି ଚିତ୍ରଣ ମାଧ୍ୟମରେ ମୃତକୁ ଜୀବନ୍ତ କରିପାରେ, ଶୁଖିଲା କାଠରୁ ରସ ନିର୍ଗତ କରିପାରେ । ପଥର ଦେହରେ ସୁନ୍ଦର ଲଳନାର ଚିତ୍ର ଉତ୍କୀର୍ଣ୍ଣ କରିପାରେ । ତେଣୁ କବି ଗଙ୍ଗାଧର ଯେ କେବଳ ସେହି ବହିଃ ପ୍ରକୃତିର ସୌନ୍ଦର୍ଯ୍ୟରେ ବିମୋହିତ ହୋଇ ମସ୍‌ଗୁଲ୍ ହୋଇଯାଇଛନ୍ତି ତାହା ନୁହେଁ, ଅନ୍ତଃପ୍ରକୃତିର କାବ୍ୟିକ କମନୀୟ ରୂପକୁ ପ୍ରତି ସ୍ତରେ ସ୍ତରେ ରୂପାୟନ କରିପାରିଛନ୍ତି । ରୀତି ଯୁଗୀୟ କବିମାନଙ୍କ ଠାରୁ ସେ ପ୍ରକୃତି ବର୍ଣ୍ଣନାରେ ବଳି ଯାଇଛନ୍ତି । ପ୍ରକୃତି ପୂତରାଧା କବିବର ରାଧାନାଥ ରାୟଙ୍କ ପରି କବି ଗଙ୍ଗାଧର ମଧ୍ୟ ପ୍ରକୃତିକୁ ଜୀବନ୍ତ କରି ଗଢ଼ି ତୋଳିଛନ୍ତି ତାଙ୍କର କବିତା ମାଧ୍ୟମରେ ।

ତାଙ୍କର ପ୍ରକୃତି ବର୍ଣ୍ଣନା ରୀତି ଯୁଗୀୟ କବିମାନଙ୍କ ପରି ନିର୍ଜୀବ କିମ୍ବା ନିର୍ବେଦ ନୁହେଁ । ପ୍ରକୃତିଠାରେ ବ୍ୟକ୍ତିତ୍ୱାରୋପଣ କରି ଇଂରେଜ ସାହିତ୍ୟର ଓ୍ୱାର୍ଡ଼ସଓ୍ୱାର୍ଥ, ସେଲି, କୀଟସ୍ ଓ ଟେନିସନଙ୍କ ପ୍ରକୃତି ବର୍ଣ୍ଣନା ସହିତ ନିଜର ବର୍ଣ୍ଣନାକୁ ସାମିଲ କରିପାରିଛନ୍ତି । ତାଙ୍କର 'ତପସ୍ୱିନୀ' କାବ୍ୟ ସବୁଜ ପ୍ରକୃତି ବର୍ଣ୍ଣନାର ଯଥେଷ୍ଟ ରୂପଦାନ କରେ । ଭାଗୀରଥୀ ତୀରସ୍ଥ ଘନଘୋର ଅରଣ୍ୟାନୀରେ ଅଗ୍ରଜ ଆଜ୍ଞାବହ ସୌମିତ୍ରୀ ରାମଚନ୍ଦ୍ର ଜ୍ୟୋତ୍ସ୍ନା ବୈଦେହୀଙ୍କୁ ବିସର୍ଜନ କରିଦେଇ ଆସିଲେ । ନିଘଞ୍ଚ ଅରଣ୍ୟରେ ସାହା ଭରସା ହୀନା ଜାନକୀ ବିକଳ ବିଳାପରେ ହେଲେ ମୂର୍ଚ୍ଛିତା । ତାଙ୍କର ମର୍ମଭେଦୀ କ୍ରନ୍ଦନରେ

Digitized by PPRACHIN, SOA

ଜନପକ୍ଷୀମାନଙ୍କର ନୟନରୁ ଝରିଲା ଶ୍ରାବଣର ଧାରା । ପ୍ରକୃତି ଏହି ଅନ୍ୟାୟର ପ୍ରତିଶୋଧ ନେବାକୁ ନିୟତି ସଂହିତ ସଂଗ୍ରାମ କରିବାକୁ ସତେ ଯେପରି ଭୀମକାନ୍ତ ମୂର୍ତ୍ତିଧାରଣ କଲା । ତେଣୁ କବିଙ୍କ ଲେଖନୀ ମଧ୍ୟ ସଦା ଚଞ୍ଚଳ ହୋଇ ଉଠିଲା—

"କରିବାକୁ ନିୟତିର ସହିତ ସମର
ତୃଣ ରାଜି ଖଡ୍‌ଗ କରେ ଗର୍ଜିଲା ପ୍ରଖର
ବାୟୁଁବସା ତୂଣୀରକୁ ଝାଡ଼ି ବାରମ୍ବାର
ପତ୍ରିକଙ୍କ ପତ୍ରିକଲା କି ଅବା ବାହାର ।"

ସତୀ ସୀତାଙ୍କର କରୁଣ କ୍ରନ୍ଦନ ଧ୍ୱନି ଭାଗୀରଥୀକୁ ମଧ୍ୟ ଦୋହଲାଇ ଦେଇଥିଲା । ତେଣୁ ସେ ସୀତାଙ୍କ ଦୁଃଖରେ ଦୁଃଖୀ ହୋଇ ସେତେବେଳେ ନିୟତି ସହିତ ସଂଗ୍ରାମ କଲା । କବିଙ୍କ ଭାଷାରେ—

"ଭରିକି ସୀସକ-ଶୁଳ ତରଙ୍ଗର ତୋପେ
ନିୟତିକି ଭାଗୀରଥୀ ପ୍ରହାରିଲା କୋପେ ।"

ଭାଗୀରଥୀର ସତୀ ସାଧ୍ୱୀ ସୀତାଙ୍କ ମୁଖ କମଳରେ ବିନ୍ଦୁ ବିନ୍ଦୁ ଜଳ ସିଞ୍ଚନ ଦ୍ୱାରା ସୀତାଦେବୀ ସଂଜ୍ଞା ଫେରି ପାଇଲେ । ଯେ ହେତୁ ସୀତା ସୂର୍ଯ୍ୟବଂଶର କୁଳବଧୂ, ସେହି ହେତୁ ସୂର୍ଯ୍ୟ ତାଙ୍କର ଏ ଦୁର୍ବିପାକ ଦେଖି ଲଜ୍ଜା ପାଇଲେ । ପତି ପରିତ୍ୟକ୍ତା ସତୀ ସୀତାଙ୍କର କରୁଣ କ୍ରନ୍ଦନ ଶୁଣି—

'ସ୍ତମ୍ଭିଲେ ଜାହ୍ନବୀର ତରଙ୍ଗ ଆବଳୀ
ବନ୍ଦ ହୋଇଗଲା ବନେ ବିହଙ୍ଗ କାକଳୀ ।

× × ×

ଡାଳେ ଡାଳେ ବସି ପକ୍ଷୀ ପାତିଲେ ଶ୍ରବଣ
ଡାଳେ ଡାଳେ ପ୍ରାଣଭରି ଶୋକ ପ୍ରସ୍ରବଣ ।"

ସମସ୍ତ ପ୍ରକୃତି ସୀତାଙ୍କ ଦୁଃଖରେ ସମଦୁଃଖୀ । ସେ ଆଜି ମୂକ ନୁହେଁ, ବାଚାଳ । ପାଷାଣ ନୁହେଁ; ଜୀବନ୍ତ । ଗଙ୍ଗାଧରଙ୍କ ଅନ୍ତଃ ପ୍ରକୃତି ମାନବୀୟ ପ୍ରକୃତିର ରୂପ, ରସ, ଛନ୍ଦରେ ହୋଇ ଉଠିଛି ମୂର୍ତ୍ତିମନ୍ତ ।

ନିଘଞ୍ଚ ଅରଣ୍ୟରେ ଦୁଃଖିନୀ ସୀତା ବିକଳ ବିଳାପ କରୁଥାନ୍ତି । ଦେହରେ କାନ୍ତି କମନୀୟ ଅପରୂପ ସୌନ୍ଦର୍ଯ୍ୟ । ନୟନରୁ ଝରି ପଡୁଥାଏ ଶୀତଳତାର କରୁଣ ଅଶ୍ରୁ ।

Digitized by PPRACHIN, SOA

'କରକା ପର୍ଯ୍ୟନ୍ତେ କରୁଣା କବାଁ ସ୍ୱର୍ଗରୁ ଗଳି
ପର ଦୁଃଖ-ତାପେ କ୍ରମଶଃ ଦ୍ରବ ଯାଉଛୁ ଗଳି
ନ ହେଲେ ଏ ଘନ କୁନ୍ତଳା ଘନ ସରିତ ତାରି
ଝସି ପଡ଼ିବାରୁ ଧରାରେ ବହି ଯାଉଛୁ ଧାରି ।'

ଶୋକ ସନ୍ତାପରେ ଜର୍ଜରିତା ବୈଦେହୀ ଆଶ୍ରୟ ନେଲେ ବାଲ୍ମୀକିଙ୍କ କୁଟୀରରେ । ମହର୍ଷି ବାଲ୍ମୀକି ଓ ବନଗ୍ରସ୍ତ ସ୍ୱାମୀ ପରିତ୍ୟକ୍ତା ସୀତାଙ୍କର କଥୋପକଥନକୁ ବିହଙ୍ଗ ଦଳ ବୃକ୍ଷ ଉପରେ ଶ୍ରବଣ କରୁଥିଲେ । ମୃଗ ଶାବକ ପ୍ରଫୁଲ୍ଲ ଚିତ୍ତରେ ନବ ଅତିଥିଙ୍କୁ ସ୍ୱାଗତ ଜଣାଇଲା । ପ୍ରାଣ ପ୍ରିୟତମା ପତ୍ନୀଙ୍କୁ ନିର୍ବାସନ ଦଣ୍ଡ ଦେଇ ରାମଚନ୍ଦ୍ରଙ୍କର ଯେଉଁ ପ୍ରତିହିଂସା ଦେଖା ଦେଇଥିଲା ସେ କଥାକୁ କବି ବର୍ଣ୍ଣନା କରିବାକୁ ମଧ୍ୟ ଭୁଲିଯାଇ ନାହାନ୍ତି । ଉଷାର ନିର୍ଦ୍ଦେଶ କ୍ରମେ ପ୍ରକୃତି ନିଜ କାର୍ଯ୍ୟରେ ବ୍ୟସ୍ତ ହୋଇଉଠିଲା । ସମୀର ସଙ୍ଗୀତ ଗାଇଲା । ଭ୍ରମର ବୀଣା ବଜାଇଲା, କୁମ୍ଭାଟୁଆ ସ୍ତବ ପାଠ କଲା । କଜଳପାତି ଖଞ୍ଜି ହେଲା । ଏକ ମନୋରମ ପରିବେଶରେ ଆଶ୍ରମଟି ସୁନ୍ଦର ଦେଖାଗଲା । ମୁନିମୁଖରୁ ବେଦ ଧ୍ୱନି ନିଃସୃତ ହେଲା । ସୀତା ଶଯ୍ୟା ତ୍ୟାଗ କରି ତମସା ନଦୀକୁ ସ୍ନାନ ପାଇଁ ଗଲେ । ଏଠାରେ ତମସା ଆଉ ନଦୀ ନୁହେଁ । ସତେ ଯେମିତି ସେ ଅଫୁରନ୍ତ ବାତ୍ସଲ୍ୟ ରସର ମୂର୍ତ୍ତିମତୀ ଜନନୀ, ସୀତାଙ୍କୁ କୋଳାଗତ କରି ହୋଇଛି ଧନ୍ୟା ।

ବାଲ୍ମୀକି ଆଶ୍ରମରେ ଯାଆଁଳା ପୁତ୍ର ଲବ କୁଶଙ୍କର ହୁଏ ଜନ୍ମ । ପ୍ରକୃତିର ପ୍ରତିଟି କୋଣ ଅନୁକୋଣରେ ଆନନ୍ଦ ମାଳମାର ତେଉ । ମୟୂର ମୟୂରୀ ହେଲେ ହର୍ଷୋତଫୁଲ୍ଲ । ଋତୁଚକ୍ରର ସାମ୍ବତ୍ସରିକ ଆବର୍ତ୍ତନ କ୍ରମେ ଧରାପୃଷ୍ଠରେ ଶାରଦୀୟ ପ୍ରକୃତି କମନୀୟ ଚିତ୍ରଣ କରିଛନ୍ତି ଗଙ୍ଗାଧର ଆଲୋଚ୍ୟ ପ୍ରସଙ୍ଗରେ । ତାଙ୍କର ପ୍ରକୃତି ଚିତ୍ରଣ ହୃଦୟସ୍ପର୍ଶୀ । ଏଥିପାଇଁ ସେ ଓଡ଼ିଆ ସାହିତ୍ୟରେ ପ୍ରକୃତି କବି ଭାବରେ ସ୍ୱୀକୃତି ଲାଭ କରିପାରିଛନ୍ତି ।

—o—

Digitized by PPRACHIN, SOA

ସ୍ୱଭାବ କବି ଓ ଦେଶାତ୍ମବୋଧ

ଶ୍ରୀ ଦେବାଶିଷ ମହାପାତ୍ର

ଓଡ଼ିଆ ସାହିତ୍ୟର ଯେଉଁ କେତେଜଣ ପ୍ରତିଭାବାନ୍ କବି ସେମାନଙ୍କ ମସୀ ଚାଳନା ବଳରେ କାଳଜୟୀ କୀର୍ତ୍ତି ରଖିଯାଇଛନ୍ତି ସେମାନଙ୍କ ମଧ୍ୟରୁ ସ୍ୱଭାବକବି ଗଙ୍ଗାଧର ମେହେର ଅନ୍ୟତମ । ତାଙ୍କ ସାହିତ୍ୟର ଛନ୍ଦେ ଛନ୍ଦେ କିଭଳି ଦେଶାତ୍ମବୋଧ ଅନ୍ତର୍ନିହିତ ଥିଲି ତାହା ଆଲୋଚନା କରିବା ପୂର୍ବରୁ ତାଙ୍କ ଜୀବନୀରୁ ସମ୍ୟକ୍ ସୂଚନାଦେବା ସମୀଚୀନ ହେବ ବୋଲି ମନେହୁଏ । ସ୍ୱଭାବ କବି ଗଙ୍ଗାଧର ୧୮୬୨ ମସିହାରେ ସମ୍ବଲପୁରର ବରପାଲି ଗ୍ରାମର ଏକ ଦରିଦ୍ର ପରିବାରରେ ଜନ୍ମଲାଭ କରିଥିଲେ । ପିଲାଦିନୁ ଦୁଃଖ କଷ୍ଟରେ ଜୀବନ ବିତାଇ ଥିଲେ ହେଁ, ଶିକ୍ଷାଗତ ଯୋଗ୍ୟତା ପଞ୍ଚମ ଶ୍ରେଣୀ ପାସ୍ ହୋଇଥିଲେ ହେଁ ଓଡ଼ିଆଭାଷା ଓ ସାହିତ୍ୟ ପ୍ରତି ତାଙ୍କର ଆଗ୍ରହ ଓ ଅନୁରାଗ ଦେଖିଲେ ଆଶ୍ଚର୍ଯ୍ୟ ଲାଗେ । ଅଳ୍ପ ଶିକ୍ଷାଲାଭ କରି ମଧ୍ୟ ଓଡ଼ିଆ ସାହିତ୍ୟକୁ ଚିରସ୍ମରଣୀୟ କାବ୍ୟମାନ ପ୍ରଦାନ କରିପାଇଥିବା ସ୍ୱଭାବ କବି ଗଙ୍ଗାଧରଙ୍କର ପ୍ରତିଭାଥିଲି, ଅନନ୍ୟ ।

'ସ୍ୱଭାବ କବି ଓ ଦେଶାତ୍ମବୋଧ' ପ୍ରସଙ୍ଗ ଉପରେ ଆଲୋକପାତ କରିବା ପୂର୍ବରୁ ମନରେ ପ୍ରଶ୍ନଉଠେ ଦେଶାତ୍ମବୋଧ କଣ ? ଅନେକ ଅବଶ୍ୟ ସହଜରେ କହିଦେଇପାରିବେ ନିଜ ଦେଶକୁ ପ୍ରେମ କରିବା ହିଁ ଦେଶାତ୍ମବୋଧ । ମାତ୍ର ଦେଶାତ୍ମବୋଧ ଶବ୍ଦର ଅର୍ଥ ଏତେ ସଙ୍କୁଚିତ ବା ସୀମିତ ନୁହେଁ, ବରଂ ବ୍ୟାପକ ଓ ବିସ୍ତୃତ । ତେଣୁ ଦେଶାତ୍ମବୋଧ କହିଲେ ଦେଶକୁ ଭଲପାଇବା ସମେତ ଦେଶର ଭାଷା, ସଂସ୍କୃତି, ସାହିତ୍ୟ, ପରଂପରା, ଚାଲି-ଚଳଣି, ରୀତିନୀତି, ପ୍ରାଚୀନପ୍ରଥା ଇତ୍ୟାଦିକୁ ମନପ୍ରାଣ ଦେଇ ଭଲ ପାଇବାକୁ ବୁଝାଏ । ଏ ଦୃଷ୍ଟିରୁ ବିଚାର କଲେ ସ୍ୱଭାବ କବି ଗଙ୍ଗାଧରଙ୍କ ଦେଶାତ୍ମବୋଧ ଥିଲି ଅନନ୍ୟ। ତାଙ୍କ ରଚିତ ଅଧିକାଂଶ କାବ୍ୟ କବିତାରୁ ଏହା ସ୍ପଷ୍ଟ ପ୍ରମାଣିତ । ସଂସ୍କୃତ ଓ ସଂସ୍କୃତ ସାହିତ୍ୟକୁ ଭିତ୍ତିକରି ତପସ୍ୱିନୀ, ଇନ୍ଦୁମତୀ, ପ୍ରଣୟବଲ୍ଲରୀ, କୀଚକବଧ, ଅର୍ଘ୍ୟଥାଳି, ଅହଲ୍ୟାସ୍ତବ, କବିତା କଲ୍ଲୋଳ ଇତ୍ୟାଦି ରଚିତ ହୋଇଥିଲି । କବିଙ୍କ 'ଉତ୍କଳଲକ୍ଷ୍ମୀ' ଓ 'ଭାରତୀ ଭାବନା' ସମେତ ଆଉ କେତେଗୁଡ଼ିଏ କବିତା ତାଙ୍କର ମାତୃଭୂମି ପ୍ରେମ, ଜାତୀୟତା ଭାବ, ସ୍ୱଦେଶ ବତ୍ସଳତାର ଜ୍ୱଳନ୍ତ ଉଦାହରଣ । ମାତୃଭୂମି ଓ ମାତୃଭାଷାର ସର୍ବବିଧ ଉନ୍ନତି ପାଇଁ ସ୍ୱଭାବ କବି ସଂକଳ୍ପବଦ୍ଧ ହୋଇ କେତେକ କାବ୍ୟ ଓ କବିତା ରଚନା କରିଥିଲେ । ସେ ସିଧାସଳଖ ନିର୍ଭୀକଭାବେ ମାତୃଭୂମି ଓ ମାତୃଭାଷା ପ୍ରେମୀମାନଙ୍କୁ କେବଳ 'ଜ୍ଞାନୀ' ବୋଲି ମତପ୍ରକାଶ କରି ଲେଖିଛନ୍ତି —

Digitized by PPRACHIN, SOA

"ମାତୃଭୂମି ମାତୃଭାଷାର ମମତା
ଯା' ହୃଦେ ଜନମି ନାହିଁ
ତାଙ୍କୁ ଯେବେ ଜ୍ଞାନୀ ଗଣରେ ଗଣିବା
ଅଜ୍ଞାନ ରହିବେ କାହିଁ ?"

'ଉଦ୍‌ବୋଧନ' ଶୀର୍ଷକ ଏକ କ୍ଷୁଦ୍ର କବିତା ମାଧ୍ୟମରେ ମାତୃଭୂମି, ମାତୃଭାଷାର ସର୍ବବିଧ ଆହ୍ୱାନ ଜଣାଇ ସେ ଲେଖିଛନ୍ତି ଯେ—

"ମାତୃଭୂମି ମାତୃଭାଷାର ବନ୍ଦନ
ପ୍ରାପ୍ତ କରଦେଇ ଧନ, ଧ୍ୟାନ ମନ"

ତତ୍କାଳୀନ ସମାଜର ଶିକ୍ଷିତ ଯୁବକମାନେ ନିଜ ମାତୃଭାଷା ଓଡ଼ିଆକୁ ପସନ୍ଦ କରିବା ପରିବର୍ତ୍ତେ ଇଂରେଜୀ ଭାଷାକୁ ପସନ୍ଦ କରି ନିଜକୁ 'ବଡ଼ ବାବୁ' ମଣୁଥିଲେ । ସ୍ୱଭାବ କବି ସେମାନଙ୍କୁ ସମାଲୋଚନା କରି ସ୍ୱଦେଶୀ ଭାଷାରେ ପାରଙ୍ଗମ ବ୍ୟକ୍ତି ହିଁ 'ଉଚ୍ଚ' ଓ 'ବଡ଼' ବୋଲି ମୁକ୍ତି ବାଢ଼ିଥିଲେ—

'ଉଚ୍ଚ ହେବାପାଇଁ କର ଯେବେ ଆଶା
ଉଚ୍ଚକର ଆଗେ ନିଜ ମାତୃଭାଷା ।'

ନିଜ ମାତୃଭାଷା ଓ ମାତୃଭୂମି ପାଇଁ ସ୍ୱଭାବ କବିଙ୍କର ଥିଲା ଗଭୀର ଆକର୍ଷଣ । ନିଜ ମାତୃଭୂମି ଓ ନିଜ ମାତୃଭାଷାର ସର୍ବବିଧ ଉନ୍ନତିକୁ ନିଜ ଜୀବନର ବ୍ରତ ମଣିଥିଲେ କବି । ମାତୃଭାଷା ଓ ମାତୃଭୂମିର ଉନ୍ନତି ହିଁ ଦେଶର ଉନ୍ନତି ବୋଲି ଗଙ୍ଗାଧରଙ୍କ ସମସାମୟିକ ଫକୀରମୋହନ ଉପଲବ୍‌ଧି କରି 'ଉତ୍କଳ ଭାଷାର ଭୂତ ଭବିଷ୍ୟତ' ଶୀର୍ଷକ ଆଲୋଚନାରେ କହିଥିଲେ ଯେ 'ମାତୃଭାଷାର ଉନ୍ନତି ବିନା ଦେଶୋନ୍ନତିର ଉପାୟ ନାହିଁ । ଆଳସ୍ୟ ବା ତାଚ୍ଛଲ୍ୟରେ ମାତୃଭାଷା ପ୍ରତି ଅନାଦର କଲେ ଜାତି ଚିରକାଳ ଅନ୍ୟଠାରେ ଅନାଦୃତ ଓ ଅବଜ୍ଞାତ ରହିବ ।" "ଏହି କଥାକୁ କବିତାରେ ପ୍ରକାଶ କରିବାକୁ ଯାଇ ଗଙ୍ଗାଧରଙ୍କ କବିତା ପଂକ୍ତି ଅନୁସରଣରେ ଫକୀରମୋହନ ଲେଖିଛନ୍ତି ଯେ—

"ନ କରିଲେ ମାତୃଭାଷାର ଉନ୍ନତି
ଘୁଞ୍ଚିବନି କେବେ ଦେଶର ଦୁର୍ଗତି"

× × ×

ପଢ଼ ରାଜଭାଷା ଅଛି ତହିଁ ଲାଭ
ମାତ୍ର ନ ହରାଅ ଜାତୀୟ ସ୍ୱଭାବ ।"

Digitized by PPRACHIN, SOA

କେବଳ ମାତୃଭାଷାର ଉନ୍ନତି ତାଙ୍କର ଲକ୍ଷ୍ୟ ନଥିଲା ଲକ୍ଷ୍ୟଥିଲା; ତତ୍କାଳୀନ ପରାଧୀନ ଭାରତ ବର୍ଷର ଦୁଃଖ ଦୁର୍ଦ୍ଦଶାକୁ ଦୂର କରିବା । ତେଣୁ ସେ ତାଙ୍କର ଲେଖା ମାଧ୍ୟମରେ ଏଥିପାଇଁ ପ୍ରେରଣା ଦେଇଥିଲେ । ପରାଧୀନତାର ବେଢ଼ିରୁ ମୁକ୍ତିଲାଭ ପାଇଁ ଏକତା ରଜ୍ଜୁରେ ବାନ୍ଧହୋଇ କାନ୍ଧକୁ କାନ୍ଧ ମିଳାଇ ସଂଗ୍ରାମ କରିବାକୁ ସେ ଆହ୍ୱାନ ଦେଇ-ଥିଲେ, ଆଳସ୍ୟକୁ ପରିହାର କରି ଭାବୀ ସ୍ୱାଧୀନତା ପଥରେ ଆଗେଇ ଯିବାକୁ ସେ ଦେଇଥିଲେ ପ୍ରେରଣା :—

"ଉଠ ଉଠ ଭାଇ ନବୀନ ଆଲୋକେ,
ଶୋଇଥିଲେ ଗୃହେଁ ହସୁଥିବେ ଲୋକେ ।
କର୍ମ ବାଷ୍ପରଥ ଧାଇଁ ଶଙ୍ଖସ୍ୱନେ,
ଆସି ଏବେ ଲାଗିଗଲାଣି ଷ୍ଟେସନେ
ଚଢ଼ିବା ସମୟ ହେଲାଣି ନିକଟ,
ଶୋଇ ପଡ଼ିଅଛ ନ କରି ଟିକଟ ?"

ଏହିପରି ଆହୁରି ଅନେକ କବିତା ପଙ୍‌କ୍ତିରୁ କବିଙ୍କର ସ୍ୱଦେଶ ପ୍ରେମର ସୂଚନା ମିଳେ ।

ସ୍ୱଭାବ କବି ଗଙ୍ଗାଧରଙ୍କ କାବ୍ୟ କବିତା ଯେ ଏ ଜାତି ପାଇଁ ଅନନ୍ୟ, ତାହାକୁ ସ୍ୱୀକାର କରିବାକୁ ଯାଇ ଡଃ ମାୟାଧର ମାନସିଂହ ମତପ୍ରକାଶ କରିଛନ୍ତି ଯେ—"ତାଙ୍କ କାବ୍ୟ କବିତାବଳୀର ସମଗ୍ର ବିଚାର କରି ଦେଖିଲେ ଯେ ଗଙ୍ଗାଧର ବହୁବିଧ ଶବ୍ଦ ଚିତ୍ରକର ତ ଥିଲେ, ତା' ଛଡ଼ା ସେ ଥିଲେ ବିଶ୍ୱରବନ୍ଧୁ ଦେଶପ୍ରେମୀ, ସମାଜର ସ୍ପଷ୍ଟ ସମାଲୋଚକ, ଉଚ୍ଚକୋଟୀର ନୈତିକ ଆଦର୍ଶବାଦୀ; ସାର୍ବଜନୀନ ମାନବ, ପ୍ରଗତିଶୀଳ ନାଗରିକ ଓ ଈଶ୍ୱରଙ୍କ ବିନୀତ ଭକ୍ତ ।" ସ୍ୱଭାବ କବିଙ୍କୁ ଏଇ ଗୋଟିଏ ମାତ୍ର ଧାଡ଼ିରେ ଡଃ ମାନସିଂହ ଯାହା କହିଯାଇଛନ୍ତି ତାହା ସତ୍ୟ ଓ ବାସ୍ତବ ତଥା ଯଥାର୍ଥ ବୋଲି ମନେହୁଏ ଓଡ଼ିଶା ଭଳି ଏକ ଅନଗ୍ରସର ରାଜ୍ୟର ଏକ ଦରିଦ୍ର ପରିବାରରେ ଜନ୍ମଲାଭ କରି ସୁଦ୍ଧା ସେ ଓଡ଼ିଆ ସାହିତ୍ୟର ଜୟପତାକା ଉଡ଼ାଇବାକୁ ସଂକଳ୍ପ ବଦ୍ଧ ଥିଲେ ।

ସ୍ୱଭାବକବି ଓ ଦେଶାତ୍ମବୋଧ ଗୋଟିଏ ମୁଦ୍ରାର ଉଭୟ ପାର୍ଶ୍ୱ ଭଳି ଅଙ୍ଗାଙ୍ଗୀ ଭାବେ ଜଡ଼ିତ । ନିଜେ ଦୁଃଖକଷ୍ଟରେ ସେ ଜୀବନ ବିତାଇଥିଲେ ହେଁ ଉତ୍କଳ-ମାତା'ର ଦୁଃଖକଷ୍ଟ ନିବାରଣ ଥିଲା ତାଙ୍କର ଲକ୍ଷ୍ୟ । ସେ ସର୍ବଦା ସର୍ବଜନୀନ ସ୍ୱାର୍ଥକୁ ଗୁରୁତ୍ୱ ପ୍ରଦାନ କରୁଥିଲେ । ଓଡ଼ିଆ ଜାତିକୁ ଦେଶପ୍ରେମ ବା ଦେଶାତ୍ମବୋଧର ଆଲୋକିତ ପଥ ଦେଖାଇ, ନୂତନ ଦିଗ୍‌ଦର୍ଶନ ଦେଇ ସ୍ୱଭାବକବି ଏ ଜାତିକୁ ଧନ୍ୟ କରିଛନ୍ତି ।

—୦—

Digitized by PPRACHIN, SOA

ମେହେରଙ୍କ ପ୍ରତିଭା

ଚିତ୍ତରଞ୍ଜନ ଦାସ

ଫୁଲ ଫୁଟି ଝଡ଼ିଯାଏ । କେହି ତାର ଇତିହାସ ଲେଖେନାହିଁ । କିନ୍ତୁ ଗଙ୍ଗାଧରଙ୍କ ପ୍ରତିଭା ଇତିହାସ ସୃଷ୍ଟି କରିଛି । ଝଡ଼ିଯାଉଥିବା ଫୁଲର ଇତିହାସ ସେ ଖୋଜିଛନ୍ତି । ସାହିତ୍ୟ ଇତିହାସରେ ସେ ଗୋଟିଏ ନୂତନ ଅଧ୍ୟାୟ । ମଧ୍ୟଯୁଗୀୟ ଓଡ଼ିଆ କାବ୍ୟ-ସାହିତ୍ୟ ଯେତେବେଳେ ନିଷ୍ପ୍ରଭ, ଓଡ଼ିଆ ଭାଷା ଯେତେବେଳେ ସଙ୍କଟର ସମ୍ମୁଖୀନ, ଓଡ଼ିଶାର ଜନଜୀବନ ଯେତେବେଳେ ନେତୃତ୍ୱ ବିହୀନ, ଠିକ୍ ସେହିଭଳି ଗୋଟିଏ ପଡ଼ିସନ୍ଧି ମୁହୂର୍ତ୍ତରେ ଓଡ଼ିଆ ସାହିତ୍ୟରେ ଯେଉଁ କେତେ ଜଣ ପ୍ରତିଭାବାନ୍ କବି ସେମାନଙ୍କ ଲେଖନୀ ଚାଳନା ବଳରେ କାଳଜୟୀ କୀର୍ତ୍ତି ରଖି ଯାଇଛନ୍ତି ସେମାନଙ୍କ ମଧ୍ୟରୁ ସ୍ୱଭାବ କବି ଗଙ୍ଗାଧର ମେହେର ହେଲେ ଅନ୍ୟତମ । ଜୀବନ ରକ୍ଷା ପାଇଁ ତନ୍ତଯା'ର ଆଶ୍ରୟ ଥିଲି, ତାରିଭିତରେ ପ୍ରକାଶ ପାଇଲି ଯାଦୁକାରୀ ସାରସ୍ୱତ ପ୍ରତିଭା । ଓଡ଼ିଆ ସାହିତ୍ୟର ଅନ୍ୟତମ ରଥୀ ଡଃ ମାୟାଧର ମାନସିଂହ ତେଣୁ ଯଥାର୍ଥରେ କହନ୍ତି—"ଇଂଗଲ୍ ମହା-ବିଳାସରେ ଉଡ଼ିଲି ପରି, କୋକିଳ ଆପେ ଗାଇଲି ପରି, ଫୁଲ ଆପେ ଆପେ ଫୁଟିଲିପରି, ଗଙ୍ଗାଧର ନିଜର ସହଜାତ ପ୍ରତିଭାର ପ୍ରେରଣାରେ ହିଁ ସ୍ରଷ୍ଟା, ସୈନିକ ଓ ଶିକ୍ଷକ ରୂପେ ଆମ ଆଗରେ ମହିମୋଜ୍ୱଳ ପରିଗ୍ରହରେ ଦଣ୍ଡାୟମାନ ।'

କବି ଗଙ୍ଗାଧର ମେହେରଙ୍କ ସାହିତ୍ୟ ସୃଷ୍ଟି ଓଡ଼ିଆ ଜାତିର ଅମୂଲ୍ୟ ସମ୍ପଦ । ତାଙ୍କର ଦୃଷ୍ଟିଭଙ୍ଗୀ ଥିଲି ପ୍ରାଚ୍ୟାଭିମୁଖୀ । ଏହାର ଏକମାତ୍ର କାରଣ ହୁଏ ତ ହୋଇପାରେ ଯେ ସେ ଆଧୁନିକ ଶିକ୍ଷା ବା ଇଂରାଜୀ ଶିକ୍ଷାରୁ ବଞ୍ଚିତ ଥିଲେ । କିନ୍ତୁ ନିଜର କଠୋର ଅଧ୍ୟବସାୟ ଉଚ୍ଚ ଆକାଂକ୍ଷା ବଳରେ ସେ ସଂସ୍କୃତ ସାହିତ୍ୟରେ ପାରଦର୍ଶିତା ଲାଭ କରିଥିଲେ । ତାଙ୍କ ପ୍ରତିଭାର ପୁଷ୍ପ ଓଡ଼ିଆ ସାହିତ୍ୟର ପରମ ସୌଭାଗ୍ୟ ଫଳରେ ଝରା ଶେଫାଳୀ ପରି ଝଡ଼ିଯାଇନି,...ତୁଷାରପାତରେ ପଦ୍ମବନ ପରି ଧ୍ୱଂସ ପାଇନି,... ପ୍ରତିକୂଳ ପରିସ୍ଥିତିର ଅଗ୍ନି ଜାଲରେ ତାହା ଭସ୍ମ ନ ହୋଇ ବରଂ ଓଡ଼ିଆ ସାହିତ୍ୟକୁ ଅଧିକ ଦୀପ୍ତିମନ୍ତ ଓ ଉଜ୍ଜ୍ୱଳ କରିପାରିଛି ।

ଗଙ୍ଗାଧରଙ୍କ ପ୍ରାଥମିକ ସୃଷ୍ଟି 'ରସରତ୍ନାକର' ରୀତୀୟ କାବ୍ୟ-କଳା-ପ୍ରଭାବିତ । ଏହା ତାଙ୍କ ପ୍ରତିଭାର ପ୍ରଥମକାଳରେ ଅର୍ଥାତ୍ ୧୮୮୨ରୁ ୧୮୮୫ ମଧ୍ୟରେ ଲିଖିତ । ଏହା ଏକ ପୌରାଣିକ କାବ୍ୟ ହେଲେ ହେଁ ଏଥିରେ କବିଙ୍କର ଯୌବନ ସୁଲଭ ଭାବୋଚ୍ଛ୍ୱାସ ମୂର୍ତ୍ତିମନ୍ତ ହୋଇଛି ।

Digitized by PPRACHIN, SOA

ଗଙ୍ଗାଧରଙ୍କ କାବ୍ୟ କବିତା ସୁଦୂର ପ୍ରସାରୀ । ତାଙ୍କ କାବ୍ୟ କବିତା ପୁରାଣ ସାହିତ୍ୟର ବିଷୟ ବସ୍ତୁକୁ ନେଇ ଗଢ଼ି ଉଠିଥିଲେ ମଧ୍ୟ ସେଥିରେ ନିଜସ୍ୱ ମୌଳିକତା, ମାର୍ଜିତ ଶବ୍ଦ ଯୋଜନା ଚାତୁରୀ, ଆଞ୍ଚଳିକ ପ୍ରକୃତି ପର୍ଯ୍ୟବେକ୍ଷଣ ପଟୁତା, ପ୍ରକୃତିପ୍ରୀତି ତଥା ଉନ୍ନତ ଭାବଧାରାର ଚିହ୍ନ ସୁସ୍ପଷ୍ଟ । କବିଙ୍କ ରଚନାର ଅନ୍ୟତମ ପ୍ରାଥମିକ ନିଦର୍ଶନ ହେଉଛି 'ଅହଲ୍ୟାସ୍ତବ' । ଏଥିରେ ମୁନି ଗୌତମଙ୍କ ଅଭିଶାପରେ ପାଷାଣ ହୋଇଥିବା ଅହଲ୍ୟା ରାମଙ୍କର ପାଦ ସ୍ପର୍ଶରେ ନୂତନ ଜୀବନ ଫେରିପାଇ ରାମଙ୍କୁ ଯେଉଁ ସ୍ତବ କରିଛନ୍ତି, ତାହା ଏଠାରେ ବର୍ଣ୍ଣିତ ହୋଇଛି ।

ଜୀବନସାରା ଦୁଃଖ ଦାରିଦ୍ର୍ୟ ମଧ୍ୟରେ ଜୀବନର ପ୍ରତିଟି ବସନ୍ତକୁ ବିଦାୟ ଦେଇ ମଧ୍ୟ ଗଙ୍ଗାଧର ଉଦାତ୍ତ କଣ୍ଠରେ 'ଅର୍ଘ୍ୟଥାଳି'ର କବିତାମାନ ରଚନା କରିଛନ୍ତି । ଏହା ଗଙ୍ଗାଧରଙ୍କ ଏକ ଅମ୍ଳାନ ଦୃଷ୍ଟି । ତାଙ୍କ କବିତାରେ କିଛି ବ୍ୟକ୍ତିଗତ ଦୁର୍ଭାଗ୍ୟ ପାଇଁ ଚିତ୍କାର ନାହିଁ, ଈଶ୍ୱରଙ୍କ ପ୍ରତି ଅହେତୁକ ଅଭିମାନ ନାହିଁ ବା ଅନ୍ୟମାନଙ୍କୁ ସମସ୍ତ ଐଶ୍ୱର୍ଯ୍ୟ ଦେଇ କବିଙ୍କୁ ସେ କିଛି ଦେଇ ନାହାନ୍ତି ଏ ଧରଣର ଦୋଷାରୋପ ନାହିଁ । କବିଙ୍କର ଭାବନା ଭିତରେ ସେହି କରୁଣାମୟ ପ୍ରଭୁ ତାଙ୍କ ହୃଦୟର ଭକ୍ତି ଭାବକୁ ଅବଶ୍ୟ ଗ୍ରହଣ କରିବେ । ତାଙ୍କ ଭାଷାରେ—

"ହୃଦୟର କଥା ଜାଣିବାକୁ ଅଛି
ତୁମର ଅସୀମ ଶକ୍ତି,
ସେତିକି ଘେନିବ ଯେତିକି ଅଛି ମୋ
ହୃଦେ ତୁମ୍ଭ ପ୍ରତି ଭକ୍ତି ।"

ଏଥିରୁ କବି ଗଙ୍ଗାଧରଙ୍କ କାବ୍ୟ ପ୍ରତିଭା ପ୍ରକାଶ ପାଇବା ସଙ୍ଗେ ସଙ୍ଗେ ଭକ୍ତି ଭାବନାର ମହତ୍ତ୍ୱ ଓ ମହିମା ପ୍ରକାଶ ପାଇଥାଏ ।

କବି ଗଙ୍ଗାଧରଙ୍କ କବିତାଗୁଡ଼ିକ ସଂସ୍କାର ମନୋବୃତ୍ତି, ଭକ୍ତିଭାବନା, ପ୍ରକୃତି ପ୍ରୀତି, ସ୍ୱଦେଶ ବତ୍ସଳତା ତଥା ଜାତୀୟତା ଭାବର ବିପୁଳ ଆଲେଖ୍ୟ ବହନ କରି ଅଛି । କବିଙ୍କ ଜୀବନର ଲକ୍ଷ୍ୟ ଥିଲା ମହାନ । ନିଜେ ଗରଳ ପାନ କରି ଜଗତ ବାସୀଙ୍କୁ ଅମୃତ ପାନ କରାଇ ଏକ ନୂତନ ମଧୁମୟ ବିଶ୍ୱ ଆଡ଼କୁ ସେ ସମସ୍ତଙ୍କୁ ଟାଣି ନେଇଛନ୍ତି । ଜୀବନର ଶତ ଝଡ଼ଝଞ୍ଜା ଓ ବାଧା ବିଘ୍ନ ସତ୍ତ୍ୱେ ସେ ମଧୁମୟ ଓ ଅମୃତମୟର ବାର୍ତ୍ତା ପ୍ରଦାନ କରିଛନ୍ତି । ଉଦ୍‌ବୋଧନ ଶୀର୍ଷକ ଏକ କ୍ଷୁଦ୍ର କବିତା ମାଧ୍ୟମରେ ମାତୃଭୂମି, ମାତୃଭାଷାର ସର୍ବବିଧ ଉନ୍ନତି ପାଇଁ ଆହ୍ୱାନ ଜଣାଇ ସେ ଲେଖିଛନ୍ତି—

"ମାତୃଭୂମି ମାତୃଭାଷାର ବଦନ
ଦୀପ୍ତକର ଦେଇ ଧନ, ଧ୍ୟାନ, ମନ ।"

Digitized by PPRACHIN, SOA

"ଇନ୍ଦୁମତୀ" ଗଙ୍ଗାଧରଙ୍କ ଦିବ୍ୟସାରସ୍ୱତ ପ୍ରତିଭାର ଏକ ସଫଳ ଅଭିବ୍ୟକ୍ତି । ଏହା ଏକ ପୌରାଣିକ କାବ୍ୟ । ଏହି କାବ୍ୟ 'ଉତ୍କଳପ୍ରଭା' ନାମକ ସାହିତ୍ୟ ପତ୍ରିକାରେ ପ୍ରକାଶିତ ହେବାପରେ ସାହିତ୍ୟାନୁରାଗୀମାନେ ତାଙ୍କ ପ୍ରତିଭାକୁ ଜାଣିପାରିଥିଲେ । ଯଦିଓ ଏଥିରେ ପ୍ରେମର ଫଲଗୁ ପ୍ରବାହିତ ହୋଇଥିଲା ତଥାପି ତ୍ୟାଗ ଥିଲା ମହିମାନ୍ୱିତ । ଏଥିରେ ମଧ୍ୟ ପ୍ରକୃତି ବର୍ଣ୍ଣନା ହୃଦ୍ୟ ଓ ଆକର୍ଷଣୀୟ । ସେ ପ୍ରକୃତିକୁ ବର୍ଣ୍ଣନା କରିବାକୁ ଯାଇ ଲେଖିଥିଲେ—

"ଧରଣୀ-ରାଣୀର .ସେବା ଅର୍ଥେ ଆସି
ବସନ୍ତ ପ୍ରବେଶ ହେଲା ।
ଲୋହିତ କୋମଳ ପଲ୍ଲବ—ଦୁକୂଳେ
ଆମ୍ରତରୁ ମଣ୍ଡି ହେଲା ।"

'ମହିମା' କବି ଗଙ୍ଗାଧରଙ୍କ ଏକ ନୀତିଶିକ୍ଷା ପୂର୍ଣ୍ଣ କାବ୍ୟ । ପ୍ରକୃତିରୁ ବିଭିନ୍ନ ବସ୍ତୁକୁ ମଣିଷ ସହ ସମତୁଲ୍ କରି କବି ନୀତିଶିକ୍ଷା ପ୍ରଦାନ କରିଛନ୍ତି । ସେ ଲେଖିଛନ୍ତି—

"ଉଚ୍ଚକୁଳେ ଜାତ ହେଲେ ହେଁ ଉଚ୍ଚରେ
ରହି ନ ପାରଇ କୁଜନ,
କାଦମ୍ବିନୀ ଗର୍ଭେ ଜନମି କରକା
ନୀଚକୁ କରେ ଗମନ ।

'ପ୍ରଣୟବଲ୍ଲରୀ' କବି ଗଙ୍ଗାଧରଙ୍କ ପ୍ରତିଭାର ଅନ୍ୟ ଏକ ସଫଳ ନିଦର୍ଶନ । ଏଥିରେ କବି ଗୌତମୀ ଓ କଣ୍ୱଙ୍କ ଦ୍ୱାରା ଶକୁନ୍ତଳାଙ୍କୁ ପତିସଦନ ଯିବା ପୂର୍ବରୁ ଯେଉଁ ଉପଦେଶ ଦେଇଛନ୍ତି ତାହା ତାଙ୍କ ପ୍ରତିଭାର ସ୍ୱାକ୍ଷର ବହନ କରେ । ଏହା ମାଧ୍ୟମରେ ସମଗ୍ର ନାରୀ ଜାତିକୁ ସେ ଉପଦେଶ ଦେଇଛନ୍ତି । ଯଥା—

"ସ୍ୱାମୀ ଗୁରୁ ସ୍ୱାମୀ ପରମ ବାନ୍ଧବ
ସ୍ୱାମୀ ସେବା ନାରୀ-ଧର୍ମ,
ସ୍ୱାମୀପାଦେ ଭକ୍ତି ଅର୍ଚ୍ଚନାରେ ମନ
ଅର୍ପିତୁ କରିବୁ କର୍ମ ।

× × ×

ସ୍ୱାମୀ ସେବା କାର୍ଯ୍ୟେ ନାରୀ ପ୍ରତିବନ୍ଧି
କଦାପି କରିବୁ ନାହିଁ,
ବିନା ବେତନରେ ପରିଚାରିକାକୁ
ଘରୁଁ ଦେବୁ ଘଉଡ଼ାଇ ।"

Digitized by PPRACHIN, SOA

'ତପସ୍ୱିନୀ' କବି ଗଙ୍ଗାଧରଙ୍କ ଶ୍ରେଷ୍ଠ ସୃଷ୍ଟି । ସତ୍ୟ ଓ ସୌନ୍ଦର୍ଯ୍ୟର ଜୟଗାନ କରିବା 'ତପସ୍ୱିନୀ' କାବ୍ୟର ମୁଖ୍ୟ ଉଦ୍ଦେଶ୍ୟ । ପ୍ରେମ ସ୍ୱରୂପ ରାମଚନ୍ଦ୍ର ଓ ପ୍ରେମ ସ୍ୱରୂପା ସତୀ ସୀତାଙ୍କ କରୁଣ ଜୀବନକୁ ଭିତ୍ତି କରି କଲା କୁଶଳୀ କବି ଏହି କାବ୍ୟ ରଚନା କରିଛନ୍ତି । କବି ନିର୍ବାସିତା ସୀତାଙ୍କୁ ଏକ ତପସ୍ୱିନୀ ରୂପେ ଚିତ୍ରଣ କରି ତାଙ୍କର ଏହି ଉତ୍ତର ଜୀବନକୁ ସ୍ୱାମୀ ବ୍ରତସାଧିନୀ ତପସ୍ୟାରେ ପରିଣତ କରିବାରେ ସଫଳ ହୋଇଛନ୍ତି । ଉକ୍ତ କାବ୍ୟରେ ରାମ ସୀତାଙ୍କର ପ୍ରେମ, ବିରହ ଓ ବିଚ୍ଛେଦକୁ କବି ଗଙ୍ଗାଧର ଯେପରି ବର୍ଣ୍ଣନା କରିଛନ୍ତି ସେଥିରୁ ତାଙ୍କର କବି ପ୍ରତିଭା ସ୍ପଷ୍ଟ ହୋଇଉଠିଛି । ଏପରିକି କବି ସୀତାଙ୍କ ଦୁଃଖରେ ଦୁଃଖିତ ହୋଇ ଲେଖିଛନ୍ତି—

"ବାଲମୀକି ଆଶ୍ରମକୁ ଧାଇଁ ଅଛି ମନ
କରିବାକୁ ନିର୍ବାସିତା ସୀତାଙ୍କୁ ଦର୍ଶନ ।"

ଏହି ତପସ୍ୱିନୀ କାବ୍ୟର ଅନ୍ୟଏକ ବିଶିଷ୍ଟ ବିଭବ ହେଉଛି ପ୍ରକୃତି ବର୍ଣ୍ଣନା । ସୀତା ଯେତେବେଳେ ଭାଗୀରଥୀ ତୀରରେ ଅସହାୟା ଅବସ୍ଥାରେ କ୍ରନ୍ଦନ କରିଛନ୍ତି ସେତେବେଳେ ସୀତାଙ୍କ ଦୁଃଖରେ ବିଚଳିତ ହୋଇ ନିୟତି ବିରୋଧରେ ପ୍ରକୃତି ସଂଗ୍ରାମ କରିବାକୁ ଆଗଭର ହୋଇ ଆସିଅଛି । କବିଙ୍କ ଭାଷାରେ—

"କରିବାକୁ ନିୟତିର ସହିତ ସମର'
ତୃଣରାଜ ଖଡ଼ଗ କରେ ଗର୍ଜିଲା ପ୍ରଖର ।
ବାସ୍ତୁବସା ତୂଣୀରକୁ ଝାଡ଼ି ବାରମ୍ବାର
ପନସଙ୍କ ପନ ଅବା କି କଲା ବାହାର ।
କମ୍ପିତ-ସରିତ-ବୀଚି ଉତ୍‌ଥିତ ଶୀକର
ଗଢ଼ିଲା ପୁଳିନେ ତେଜି ତରଙ୍ଗ ଶିଖର ।
ଭରିକି ସୀସକ-ଗୁଳି ତରଙ୍ଗର ତୋପେ
ନିୟତିକି ଭାଗୀରଥୀ ପ୍ରହାରିଲା କୋପେ ।"

ନିୟତି ସହିତ ପ୍ରକୃତିର ଯେଉଁ ପ୍ରକାର ସଂଗ୍ରାମ ଏଠାରେ ବର୍ଣ୍ଣିତ ହୋଇଅଛି, ତାହା ରାଧାନାଥ ରାୟଙ୍କର ଚିଲିକାରେ ବର୍ଣ୍ଣିତ ରକ୍ତବାହୁ ସହିତ ପ୍ରକୃତି ସଂଗ୍ରାମର ଏକାନ୍ତ ଅନୁରୂପ । ରକ୍ତବାହୁକୁ ଧ୍ୱଂସ କରିବା ପାଇଁ ପ୍ରକୃତି ସେଠାରେ ଯେପରି ସଂଗ୍ରାମ କରିଅଛି ସୀତାଙ୍କ ଦୁଃଖ ଯୋଗୁଁ ପ୍ରକୃତି ଏଠାରେ ନିୟତି ସହିତ ଠିକ୍ ସେହିପରି ସଂଗ୍ରାମ କରିଅଛି ।

'ତାକୁ ମଧ୍ୟ ବୋଲିଥାନ୍ତି ଧର୍ମ ଅବତାର' ତତ୍‌କାଳୀନ ପ୍ରତିଷ୍ଠିତ ସମାଜ ପତିମାନଙ୍କ ଅପକର୍ମ ବିରୋଧରେ ଏକ ତୀବ୍ର ବିଦ୍ରୁପ । ଦୁର୍ନୀତିଗ୍ରସ୍ତ ରାଜକର୍ମଚାରୀ ଓ

Digitized by PPRACHIN, SOA

ସମାଜପତି ମାନଙ୍କ ଯେଉଁ ଚିତ୍ରକୁ କବି ଦେଇଛନ୍ତି ତାହା ଆଜି ମଧ୍ୟ ବିଗୃଫି । କବିଙ୍କ ଲେଖନୀରୁ ବାହାରିଛି—

ଭ୍ରମଣ ଖରଚ ପାଇଁ ପାଇଥାନ୍ତି ଭତ୍ତା
ଖାଇଥାଏ ଏଣେ ମୋଡ଼ି ଦରିଦ୍ରଙ୍କ ମଥା ।"

"ଉତ୍କଳଲକ୍ଷ୍ମୀ" କବି ମେହେରଙ୍କ ଅନ୍ୟ ଏକ ସଫଳ ସୃଷ୍ଟି । ଏହା କାଳ୍ପନିକ କାବ୍ୟ ହେଲେ ହେଁ ଏଥିରେ ସ୍ୱଦେଶ ପ୍ରେମର ଚମତ୍କାରିତା ରୂପାୟିତ ।

ଗଙ୍ଗାଧରଙ୍କ କାବ୍ୟ କବିତା ଯେ ଏଜାତି ପାଇଁ ଅନନ୍ୟ ତାହାକୁ ସ୍ୱୀକାର କରିବାକୁ ଯାଇ ଡଃ ମାୟାଧର ମାନସିଂହ ମତପ୍ରକାଶ କରନ୍ତି ଯେ "ତାଙ୍କ କାବ୍ୟ କବିତାର ସମଗ୍ର ବିଚାର କରି ଦେଖିଁ ଯେ ଗଙ୍ଗାଧର ବିଦଗ୍ଧ ଶବ୍ଦଚୟନକର ତ ଥିଲେ, ତା'ଛଡ଼ା ସେ ଥିଲେ ବିଚାରବନ୍ତ ଦେଶପ୍ରେମୀ, ସମାଜର ସ୍ପଷ୍ଟ ସମାଲୋଚକ, ଉଚ୍ଚକୋଟୀର ନୈତିକ ଆଦର୍ଶବାଦୀ, ସାର୍ବଜନୀନ ମାନବ, ପ୍ରଗତିଶୀଳ ନାଗରିକ ଓ ଈଶ୍ୱରଙ୍କ ବିନୀତ ଭକ୍ତ ।"

ବାସ୍ତବିକ୍ ମେହେରଙ୍କ କାବ୍ୟ କବିତାର ସୌନ୍ଦର୍ଯ୍ୟ ସାଗରରେ ଯେ ଥରେ ଅବଗାହନ କରିଛି, ଚିରଦିନ ସେ ମନରେ, ପ୍ରାଣରେ ସେହି ସୌନ୍ଦର୍ଯ୍ୟର ଆକର୍ଷଣ ଅନୁଭବ କରୁଥିବ । ଉନ୍ନତ ଚରିତ୍ର ଚିତ୍ରଣ ଓ ରସର ଯଥାଯଥ ପରିବେଷଣରେ ଗଙ୍ଗାଧର ଯେପରି ସଫଳତା ହାସଲ କରିଛନ୍ତି, ନିଜର କାବ୍ୟାଙ୍ଗନାକୁ ବିଭିନ୍ନ ଅଳଙ୍କାରରେ ମଣ୍ଡିତ କରି ତା'ର ଶୋଭା ବର୍ଦ୍ଧନ କରିବାରେ ମଧ୍ୟ ଅନୁରୂପ ସଫଳତା ହାସଲ କରିପାରିଛନ୍ତି । ଓଡ଼ିଆ ସାହିତ୍ୟ ଯେତେଦିନ ନିଜର ସ୍ଥିତି ବଜାୟ ରଖିଥିବ ସେତେଦିନ ପର୍ଯ୍ୟନ୍ତ କବି ଗଙ୍ଗାଧର ମେହେରଙ୍କ କାବ୍ୟ କବିତା ଓଡ଼ିଆ ସାହିତ୍ୟାକାଶରେ ଏକ ଦେଦୀପ୍ୟମାନ ତାରକା ରୂପେ ଝଟକି ଉଠୁଥିବ, ଏଥିରେ ସନ୍ଦେହ ନାହିଁ ।

—o—

Digitized by PPRACHIN, SOA

'ଉତ୍କଳ-ଲକ୍ଷ୍ମୀ' ଓ 'ପଦ୍ମିନୀ'ରେ କବିଙ୍କ ଅନ୍ତର୍ବୃତ୍ତି : ଏକ ବିଶ୍ଳେଷଣ

ବୈକୁଣ୍ଠ ନାଥ ସାହୁ

ଯୁଗୀୟ ଚିନ୍ତା ଓ ଚେତନା, ସଂଘର୍ଷ ଓ ସଂଘର୍ଷ, ପରିବେଶ ଓ ପରିସ୍ଥିତିକୁ ଅବଧାରଣ କରି ସ୍ରଷ୍ଟାର ସୃଷ୍ଟି ହୁଏ ପରିପୁଷ୍ଟ ।

ଊନବିଂଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧ ବେଳକୁ ପାଶ୍ଚାତ୍ୟ ଚିନ୍ତାଧାରା ପ୍ରଭାବରେ ଭାରତୀୟ କଳା, ସାହିତ୍ୟ, ଚିତ୍ରଶିଳ୍ପ, ରାଜନୀତି ଓ ସମାଜ କ୍ଷେତ୍ରରେ ଏକ ଉନ୍ମୁଳ ଆଲୋଡନ ସୃଷ୍ଟି ହୋଇ ସାରିଥିଲା । ଯେତେବେଳେ ଏହି ପାଶ୍ଚାତ୍ୟ ଆନୀତ ନବୀନତାର ପ୍ରାଥମିକ ଆଲୋକ ବିଚ୍ଛୁରିତ ହେଉଥିଲା ସେହି ସମୟରେ ହେଲା ସ୍ୱଭାବ କବିଙ୍କ ଆବିର୍ଭାବ ।

ରାଧାନାଥୀୟ କାବ୍ୟ ପରିଧି ଭିତରେ ଆପଣାର ସାରସ୍ୱତ ପ୍ରତିଭାର ବିକାଶ କରାଇ ମୌଳିକତା ଦେଖାଇ ପାରିଛନ୍ତି କବି ଗଙ୍ଗାଧର ।

ଗଙ୍ଗାଧରଙ୍କ ସମସ୍ତ ନିର୍ମାଣର ପୃଷ୍ଠପଟ୍ଟରେ ଆପଣାର ଅନ୍ତର୍ବୃତ୍ତି ଓ ଯୁଗୀୟ ସଚେତନତା ନିହିତ । ଏଠାରେ ତାଙ୍କର ସାମଗ୍ରିକ ଶିଳ୍ପ-କଳାର ବିଶ୍ଳେଷଣ ଓ ପର୍ଯ୍ୟାଲୋଚନା ପ୍ରତି କିୟଦଂଶରେ ଦୃଷ୍ଟି ନିବଦ୍ଧ କରାଯାଇଛି ମାତ୍ର ।

ସ୍ଥୂଳତଃ 'ଉତ୍କଳ ଲକ୍ଷ୍ମୀ' ଓ 'ପଦ୍ମିନୀ'—ଇନ୍ଦୁମତୀ, କୀଚକବଧ, ପ୍ରଣୟ ବଲ୍ଲରୀ ଓ ତପସ୍ୱିନୀଠାରୁ ଅନେକ କାରଣରୁ ନ୍ୟୂନ ନୁହଁନ୍ତି । 'ଉତ୍କଳ ଲକ୍ଷ୍ମୀ' ଓ 'ପଦ୍ମିନୀ'— ଏ ଦୁଇଟି ଖଣ୍ଡକାବ୍ୟ ସମୟର ପ୍ରୟୋଜନ ଭିତ୍ତିକ । ଅନ୍ୟ କାବ୍ୟ ଗୁଡ଼ିକରେ ପ୍ରକୃତ କଳାକାରର କଳା ଓ ଆବେଗ ମିଶ୍ରିତ ଉପାଦାନ ବିଦ୍ୟମାନ । ତେଣୁ ଏହି ଦୁଇ ଖଣ୍ଡ କାବ୍ୟର ଯଥୋଚିତ ଆଲୋଚନା ନିଶ୍ଚୟ ଆହ୍ଲାଦର ବିଷୟ ହେବ ।

କାବ୍ୟିକ ତଥା ସାହିତ୍ୟିକ ଅନ୍ତର୍ବୃତ୍ତି ବା ପ୍ରବୃତ୍ତି ପ୍ରତ୍ୟେକ ସ୍ରଷ୍ଟାଙ୍କର ଆତ୍ମିକ ଗୁଣ । ସ୍ୱ ଅନୁଭବ୍ୟ ଅଭିପ୍ସା ଓ ବ୍ୟାପାରକୁ ସାମୟିକ ପରିସ୍ଥିତିର ଆବଶ୍ୟକତା ଅନୁଯାୟୀ କବି ମେହେର ଆପଣା ସୃଷ୍ଟିରେ ତାହାକୁ ପ୍ରୟୋଗ ଓ ଉଜ୍ଜୀବିତ କରିଛନ୍ତି । ଏହି ପରିପ୍ରେକ୍ଷାରେ 'ଉତ୍କଳ ଲକ୍ଷ୍ମୀ' ଓ 'ପଦ୍ମିନୀ'ରେ କବିଙ୍କର ଅନ୍ତର୍ନିହିତ ପ୍ରବୃତ୍ତି ଓ ଆଭିମୁଖ୍ୟ ତାତ୍ପର୍ଯ୍ୟପୂର୍ଣ୍ଣ ।

Digitized by PPRACHIN, SOA

'ଉତ୍କଳ-ଲକ୍ଷ୍ମୀ' ଓଡ଼ିଶାରେ 'ଜାତୀୟ ଚେତନାର ଉନ୍ମେଷ କାଳ'ରେ ରଚିତ । ଏହି ଜାତୀୟ ଚେତନା ଉତ୍କଳ-ଭିତ୍ତିକ । ଏହି ସମସ୍ତ ସୀମାରେ ନ'ଅଙ୍କ ଦୁର୍ଭିକ୍ଷର ଦାରୁଣ ଆଘାତ ପରେ ପରେ ୧୮୬୯/୭୦ରେ ଓଡ଼ିଆ ଭାଷା ସୁରକ୍ଷା ଆନ୍ଦୋଳନ ସୃଷ୍ଟି ହୋଇଥିଲା । ଉତ୍କଳର ସ୍ୱାତନ୍ତ୍ର୍ୟ ନଥିଲା । ବଙ୍ଗଳା, ମାନ୍ଦ୍ରାସ ଓ ମଧ୍ୟପ୍ରଦେଶ ସହିତ ମିଶି-କରିଥିଲା । ଉତ୍କଳ ସଭା ସ୍ଥାପିତ ହୋଇ ଓଡ଼ିଆ ଭାଷୀ ଅଞ୍ଚଳର ମିଶ୍ରଣପାଇଁ ପ୍ରାଥମିକ ଉଦ୍ୟମ ହେଲା । ଦେଶ ମିଶ୍ରଣ ଅନ୍ଦୋଳନର ହେଲା ଶୁଭାରମ୍ଭ । ମଧୁସୂଦନଙ୍କ 'ଉତ୍କଳ ସମ୍ମିଳନୀ' ଏହି ଆନ୍ଦୋଳନର ପୂର୍ଣ୍ଣ ରୂପ । ଓଡ଼ିଆ ଭାଷା ଓ ଓଡ଼ିଶା ଦେଶ ମିଶ୍ରଣ ନିମିତ୍ତ ଉତ୍ଥିତ ପ୍ରାରମ୍ଭିକ ଆବହାଓ୍ୱା ଦ୍ୱାରା ଗଙ୍ଗାଧର ନିଶ୍ଚିତ ଆଲୋଡ଼ିତ ଓ ପ୍ରଭାବିତ ହୋଇଥିବେ । ଏହି ଓଡ଼ିଶୀ-ସ୍ୱଦେଶୀୟତାର ସ୍ରୋତରେ ସନ୍ତରଣ କରି ସେ ୧୮୯୪ ଖ୍ରୀଷ୍ଟାବ୍ଦରେ 'ଉତ୍କଳ ଲକ୍ଷ୍ମୀ'କୁ ଜନ୍ମ ଦେଇଥିଲେ ।

'ଉତ୍କଳ ଲକ୍ଷ୍ମୀ'ରେ କବି ଓଡ଼ିଶୀ ଜାତୀୟତା ଦ୍ୱାରା ଉଦ୍‌ବୁଦ୍ଧ ହୋଇ ଉତ୍କଳ ମାତାର ଶୋଭା ଓ ସୌନ୍ଦର୍ଯ୍ୟ, ଗର୍ବ ଓ ଗାରିମାକୁ ଅତି ଚମତ୍କାର ଭାବେ ବର୍ଣ୍ଣନା କରିଛନ୍ତି । ଅତୀତ ଓଡ଼ିଶାର ପରଂପରା, ଆଦର୍ଶ, ଗୌରବ ଓ ମହତ୍ତ୍ୱକୁ ରୂପାୟନ କରିଛନ୍ତି । ଉତ୍କଳର ବନ ପର୍ବତ ନଦନଦୀକୁ ଭଲ ପାଇବନ୍ତି । ଓଡ଼ିଶାର ବୀରପୁତ୍ର ମାନଙ୍କର ବର୍ଣ୍ଣନା, ସ୍ୱଦେଶ ପ୍ରୀତି ଓ ଉତ୍କଳୀୟ ସଂସ୍କୃତିର ରୂପାୟନ, ଐତିହ୍ୟର ପୁନରୁଦ୍ଧାର ଆଦି ତାଙ୍କର ଶାଶ୍ୱତବୃତ୍ତିର ବିଶେଷ ଅଭିଳାଷ ଥିଲା ବୋଲି ଏଥିରୁ ସ୍ପଷ୍ଟ ହୁଏ ।

ଓଡ଼ିଶାର ରୂପ ଓ ବିଭବ, ଭୂତ ଓ ବିଭୂତି ଅତ୍ୟନ୍ତ ମହନୀୟ । ତଦ୍‌ବ୍ୟତୀତ ପ୍ରକୃତି ରାଣୀଙ୍କର ଏହା ନିବାସସ୍ଥଳୀ ବୋଲି କବି ଦୃଢ଼କଣ୍ଠରେ ଗାନ କରିଛନ୍ତି । ନିମ୍ନ ପଂକ୍ତିରୁ ତାଙ୍କର ଉତ୍କଳ ପ୍ରତି ଥିବା ମମତା ଦୃଷ୍ଟିହୁଏ ।

ଜୟ ଗୋ ଉତ୍କଳ- ଲକ୍ଷ୍ମୀ ଏକମାତ୍ର
ସୁନ୍ଦରୀ ତୁ ବସୁଧାରେ
ପ୍ରାକୃତିକ ଶୋଭା- ରାଶି ରହିଛନ୍ତି
ତୋ ଅଂଗରେ ଏକାଧାରେ ।

ବିଶ୍ୱ ଦରବାରରେ ଉତ୍କଳମାତାର ମର୍ଯ୍ୟାଦା ସଂପାଦନ ପାଇଁ କବିଙ୍କର ଆକୁଳ ଶରଧକୁ ଏହିଠାରେ ଲକ୍ଷ୍ୟ କରାଯାଇପାରେ । ମୃଗମୃଗୀଙ୍କ ବିଚରଣ, ବିହଙ୍ଗମଙ୍କ ଗୁଂଜରଣ, ତରୁଲତାଙ୍କର ରମଣୀୟତା, ବନଉପବନ ପାହାଡ଼ ପର୍ବତର ସୁଷମା ଉତ୍କଳ ଭୂମିକୁ ନନ୍ଦନକାନନରେ ପରିଣତ କରିଛି । ପ୍ରକୃତି କବି ଗଙ୍ଗାଧର ଉତ୍କଳ ଭୂମିକୁ କେବଳ ପ୍ରକୃତିର ଗନ୍ଧାଘର ବୋଲି କହି ନାହାନ୍ତି ବରଂ ପ୍ରକୃତ ଓ ଉତ୍କଳକୁ ଏକାକାର କରିଦେଇଛନ୍ତି । ଏହା କବିଙ୍କର ପ୍ରକୃତି କୈନ୍ଦ୍ରିକ ଜାତୀୟତା ବୋଲି କୁହାଯାଇପାରେ । ଉତ୍କଳମାତା ହିଁ ପ୍ରକୃତ ରାଣୀ ରୂପେ ବିଧାତାଙ୍କ ସୃଷ୍ଟିରେ ସ୍ୱତନ୍ତ୍ର ।

Digitized by PPRACHIN, SOA

ଏହି ଧାରଣା କବିଙ୍କ ସଚେତନ ଓ ଅବଚେତନ ମନକୁ ଅବୋର ବସିଥିଲା । 'ଅଯୋଧ୍ୟା ଦୃଶ୍ୟ'ରେ ମଧ୍ୟ ରାମଚନ୍ଦ୍ରଙ୍କ ଅଭିଷେକ ଉତ୍ସବ ଉପଲକ୍ଷେ ଉତ୍କଳୀୟ ମମତାବୋଧରେ କବି ନିବେଦନ କରିଛନ୍ତି—

"ଉତ୍କଳୀୟେ ବସିଅଛୁଁ ଯୋଡ଼ି ବେନିକର
ଆମ୍ଭ ପ୍ରତି ଯଥାଯୋଗ୍ୟ ଅନୁଗ୍ରହ କର ।" (ଅଯୋଧ୍ୟା ଦୃଶ୍ୟ)

ସ୍ୱମାତୃଭୂମିସ୍ଥ ନଦନଦୀ, ପ୍ରାନ୍ତର ପର୍ବତ ଓ ଅନ୍ୟାନ୍ୟ ଭୌଗୋଳିକ ପରିବେଶକୁ ସଂଜୀବିତ କରାଇବା ଏବଂ ଏହି ଆଲେଖ୍ୟ ଦ୍ୱାରା ଦେଶପ୍ରୀତି ସଂଚରଣ କରିବା ଥିଲା ଗଙ୍ଗାଧରଙ୍କ ଚିତ୍ତବୃତ୍ତି । ତେଣୁ ରାଧାନାଥଙ୍କ ଚିଲିକା, ମହାଯାତ୍ରା ଓ ଅନ୍ୟାନ୍ୟ କାବ୍ୟରେ ବାଦ ପଡ଼ିଥିବା ଅଞ୍ଚଳ, ତୀର୍ଥସ୍ଥାନ, ନଦନଦୀ ଓ ପାହାଡ଼ ପର୍ବତର ନାମ ସଂଯୋଜିତ ହୋଇଛି ତାଙ୍କ କାବ୍ୟରେ । ପ୍ରଧାନ-ପାଟ, ହୀରାକୁଦ, ହରିଶଙ୍କର ଓ ନୃସିଂହନାଥ, ହୁମା (ସମ୍ବଲପୁରସ୍ଥ) ଆଦି ଅଞ୍ଚଳ ମେଘାସନ, ଗନ୍ଧମାର୍ଦ୍ଦନ, ମହେନ୍ଦ୍ର, ମାଲ୍ୟଗିରି, ନିମାଇଗିରି (ଗଞ୍ଜାମ ଜିଲ୍ଲା), ଜଙ୍ଘାସମ, କର୍ଲାପାଟ, ଟିକିଟିଗୁଡ଼ା, ଶିଶୁପାଳ, ବାରପାହାଡ଼, ଝରପାଟୀ, ବଡ଼ପାଟୀ, କୁଲିଆ, ମୋତିଝରଣା, ମାଙ୍କଡ଼ ନଗ୍ନ, ବାଦାମଗଡ଼, ଗନ୍ଧଗିରି, ବୁଢ଼ାରାଜା ଆଦି ପର୍ବତର, ଦେବ, କୋଇଲି, ବ୍ରାହ୍ମଣୀ ଇବ, ଅଙ୍ଗ, ତେଲ, ଜିରା, ଦନ୍ତା, ଝିଉଁ, ରାଞ୍ଚ, କୁଲିଆରି, ଭେଡ଼ନ, ମାଳତୀ, ଅଣିକା ଘୋଷାଳୀ, ଭଡଳୀ, ଖରଖରି, ହରଡ଼ନଦୀ, ଖଣ୍ଡାଧାର ପ୍ରପାତ, କୋଇଲ ଘୋଘର (ପ୍ରସ୍ରବଣ) ଆଦିର ନାମୋଲ୍ଲେଖ କରିଛନ୍ତି । ଏଥିରୁ କବିଙ୍କର ସ୍ୱଦେଶ ପ୍ରେମର ଜ୍ୱଳନ୍ତ ଦୃଷ୍ଟାନ୍ତ ମିଳେ । ଓଡ଼ିଶାର ପ୍ରତ୍ୟେକ ଧୂଳି କଣାକୁ ଭଲ ପାଉ ନଥିବା କୌଣସି କଳାକାର ପକ୍ଷରେ ଏପରି ବର୍ଣ୍ଣନା ଅସମ୍ଭବ । ଉତ୍କଳୀୟ ଭୂମିରେ ଏକ ଧର୍ମୀୟ ବଳୟ ପରିବେଷ୍ଟନ କରିବା ଏବଂ ଭକ୍ତିବୋଧର ଉନ୍ମୀଳନ ଦ୍ୱାରା ସ୍ଖଳିତ ଧର୍ମର ପୁନଃ ପ୍ରତିଷ୍ଠା କରିବା, ବୋଧହୁଏ କବିଙ୍କର ଥିଲା ଲକ୍ଷ୍ୟ । ସ୍ୱାତନ୍ତ୍ର୍ୟ ପ୍ରଦାନ ପାଇଁ ଦେବଭୂମି ରୂପେ ପରିକଳ୍ପନା କରିଛନ୍ତି କବି ଉତ୍କଳକୁ—

"ତେଣୁ ହୋ ରୂପେ ମୁଗ୍ଧ ହୋଇ ଜଗନ୍ନାଥ
ଗୁଡ଼ି ଦ୍ୱାରାବତୀପୁର ।
ପୂର୍ବାଚଳ ଚୂଳେ ଦିନମଣି ପ୍ରାୟେ
ବିଜେ କରି ନୀଳାଚଳେ
ପ୍ରେମେ ଆଲିଙ୍ଗନ କରୁଛନ୍ତି ତୋତେ
ପ୍ରକାଣ୍ଡ ବାହୁ ଯୁଗଳେ ।
କାଶୀଧାମ ଛାଡ଼ି ଆସି ତ୍ରିଲୋଚନ
ରହିଲେ ଏକାମ୍ରବନେ ।

Digitized by PPRACHIN, SOA

ଜାହ୍ନବୀ ଆସିଲେ, ଚଇତନ ବେଶେ
ଛନ୍ଦୋପୂର୍ଣ୍ଣା ନାମ ଧରି ।"

ଉତ୍କଳୀୟ ମାନଙ୍କ ହିନ୍ଦୁ ଧର୍ମ ପ୍ରତି ଆକୃଷ୍ଟ କରାଇ ଆଧ୍ୟାତ୍ମିକ ମାର୍ଗରେ ସକଳ ଧର୍ମ ସମନ୍ୱୟ ପାଇଁ କବି ପରୋକ୍ଷରେ ଆହ୍ୱାନ ଜଣାଇଛନ୍ତି ।

ଉତ୍କଳ ମାତାର ସ୍ନେହ ଓ ଆଦର ଲାଭ ପାଇଁ ଭାରତର ବିଭିନ୍ନ ସ୍ଥାନରୁ ସାଧୁ ସନ୍ଥ, ମହାପୁରୁଷ ଓ ଧର୍ମ ପ୍ରବର୍ତ୍ତକମାନେ ଉତ୍କଳକୁ ଆସିଛନ୍ତି । ସମସ୍ତେ ଆନନ୍ଦ ମନରେ 'ଜୟ ଉତ୍କଳ ଲକ୍ଷ୍ମୀ' ବୋଲି ଗାନ କରନ୍ତି । ବ୍ୟାସ, ପରାଶର, ଗୌତମ ଓ ଭାର୍ଗବଙ୍କ ସହିତ ଅନେକ ମୁନୀନ୍ଦ୍ର ଗଣ ଏଠାକୁ ଆସିଛନ୍ତି । ବୌଦ୍ଧଧର୍ମର ପୃଷ୍ଠପୋଷକ ଅଶୋକ, ଜୈନଧର୍ମର ପରେଶନାଥ ସେମାନଙ୍କ ଦଳ ଧରି ମଧ୍ୟ ଏହି ପୁଣ୍ୟ ଧାମକୁ ଆସିଛନ୍ତି । ଆହୁରି ମଧ୍ୟ ଆଦିକବି ସାରଳାଦାସ; ପଞ୍ଚସଖା ଯୁଗର ଜଗନ୍ନାଥ ଓ ବଳରାମ, କରଣ କୃଷ୍ଣଚରଣ ଓ ରାଜା କୃଷ୍ଣସିଂହ, ସ୍ୱତନ୍ତ୍ରଯୁଗର ଦୀନକୃଷ୍ଣ ଦାସ, ଉପେନ୍ଦ୍ର ଭଞ୍ଜ, ଅଭିମନ୍ୟୁ ସାମନ୍ତ ସିଂହାର ପ୍ରମୁଖ ଉତ୍କଳ ଲକ୍ଷ୍ମୀଙ୍କର ଗୌରବ ବର୍ଦ୍ଧନରେ ସହାୟକ ହୋଇଛନ୍ତି ।

ଆଧୁନିକ ଯୁଗରେ ମଧ୍ୟ ବାମଣ୍ଡାର ରାଜା ବାସୁଦେବ ସୁଢଳ ଦେବ, ମୟୂରଭଞ୍ଜର ରାଜା ଶ୍ରୀରାମଚନ୍ଦ୍ର ଦେବ, କବିବର ରାଧାନାଥ ଏବଂ 'ଉତ୍କଳ ପ୍ରଭା' ପତ୍ରିକା ଉତ୍କଳ ଲକ୍ଷ୍ମୀଙ୍କର ମହତ୍ତ୍ୱ ପ୍ରତିପାଦନ କରିଅଛନ୍ତି । ଉତ୍କଳ ଲକ୍ଷ୍ମୀ ସାରଳା ଦାସ, ଜଗନ୍ନାଥ ଦାସ, ବଳରାମ, ଉପେନ୍ଦ୍ର ଭଞ୍ଜ ଓ ରାଧାନାଥ ରୂପକ ଅଳଙ୍କାରରେ ବିଭୂଷିତ ହୋଇ ସୌନ୍ଦର୍ଯ୍ୟଶାଳିନୀ ହୋଇପାରିଛନ୍ତି ।

ମୁଖ୍ୟତଃ ସେ ରାଧାନାଥଙ୍କ ପ୍ରତି ଆକୃଷ୍ଟ । ରାଧାନାଥଙ୍କ ପ୍ରତି ସେ ଏତେ ପ୍ରବଣତା ଦେଖାଇଛନ୍ତି ଯେ ରାଧାନାଥଙ୍କ ଚରିତ୍ରଗୁଡ଼ିକ ଅବାଧରେ ଆସି ଉତ୍କଳଲକ୍ଷ୍ମୀଙ୍କ କୋଳରେ ବିରାଜିତ ହୋଇଛନ୍ତି ।

ଯଯାତି କେଶରୀ ପତାକା ଧରି ଆସିଛନ୍ତି । ପୁରୁଷୋତ୍ତମ ଦେବ, ଶୈଳଗଙ୍ଗ; ଜୟନ୍ତ, ପଦ୍ମାବତୀ, ନନ୍ଦିକା, ଉଷା, କୌଶଲ୍ୟା, ପାର୍ବତୀ, ଅନ୍ନପୂର୍ଣ୍ଣା, ଚନ୍ଦ୍ରଭାଗା ପ୍ରମୁଖ ଉତ୍କଳ ଲକ୍ଷ୍ମୀଙ୍କର ଜୟଗାନ କରିଛନ୍ତି ।

ରାଧାନାଥଙ୍କ ପ୍ରତି କବିଙ୍କର ଯେଉଁ ଆସକ୍ତି ଥିଲା ତାହା ଏଥିରୁ ଜଣାଯାଏ । ସେ ସମୟର ଫକୀରମୋହନ, ମଧୁସୂଦନ ରାଓ, ମଧୁସୂଦନ ଦାସ, ବିଶ୍ୱନାଥ କର ଓ ନନ୍ଦକିଶୋରଙ୍କ ନାମ ସୁଦ୍ଧା କବି ଉଲ୍ଲେଖ କରି ନାହାନ୍ତି । ଏହି ଦୁର୍ବଳତାର ବଶବର୍ତ୍ତୀ ହୋଇ ସେ ରାଧାନାଥଙ୍କଠାରେ ନିଃସଙ୍କୋଚ ଭାବେ ନିଜକୁ ସମର୍ପଣ କରିଦେଇଛନ୍ତି । ରାଧାନାଥଙ୍କ ସୃଷ୍ଟ କେତେକ ଚରିତ୍ରମାନଙ୍କୁ ସମୀକ୍ଷାତ୍ମକ ମନୋଭାବରେ ଦେଖିନାହାନ୍ତି ।

Digitized by PPRACHIN, SOA

ଏହା ଦ୍ୱାରା ଯେ ତାଙ୍କର ଅନ୍ତର୍ମୁଖୀ ଅନ୍ତର୍ବୃତ୍ତି କେତେକାଂଶରେ ବ୍ୟାହତ ହୋଇଛି ଏହା କୁହାଯାଇପାରିବ ।

'ସମ୍ବଲପୁର ହିତୈଷିଣୀ'ର ସମ୍ପାଦକ ୧ । ୧ । ୧୮୯୫ ମସିହାରେ ଗଙ୍ଗାଧରଙ୍କ ପ୍ରତି କଟୁ ମନ୍ତବ୍ୟ ପ୍ରଦାନ କରିଥିଲେ । ଗଙ୍ଗାଧର ଅବଗୃହିତ ଭାବେ ରାଧାନାଥଙ୍କ ଅନୁସରଣ କରିଥିବାରୁ ତାଙ୍କ ପ୍ରତିଭାର ଅପଚୟ ଘଟିଛି ବୋଲି ସେ ମତ ଦେଇଥିଲେ ।

ସେ ଯାହା ହେଉ, କବିଙ୍କ ଅନ୍ତର୍ଦୃଷ୍ଟି ଥିଲା ଉତ୍କଳ ଭୂମିକୁ ଏକ ବିଶେଷତା ପ୍ରଦାନ କରିବା ଏବଂ ଜାତୀୟତାର ସ୍ରୋତରେ ସମସ୍ତଙ୍କୁ ସନ୍ତରଣ କରାଇବା । ଉତ୍କଳର ପ୍ରକୃତି ଚିତ୍ରଣ ଓ ମହାପୁରୁଷମାନଙ୍କର ମହିମାଗାନ ମାଧ୍ୟମରେ, ଉତ୍କଳୀୟଙ୍କ ପ୍ରାଣରେ ସ୍ୱଦେଶାନୁରାଗ ସୃଷ୍ଟି କରିବାକୁ ଉଦ୍ୟମ କରିଛନ୍ତି କବି ।

ସମାଲୋଚନୀୟ ସୂତ୍ରରେ 'ପଦ୍ମିନୀ' ଖଣ୍ଡକାବ୍ୟକୁ ଏହି ପରିପ୍ରେକ୍ଷାରେ ବିଚାର କଲେ ହୁଏତ ଅପ୍ରାସଙ୍ଗିକ ହେବ ନାହିଁ ।

'ପଦ୍ମିନୀ' (୧୯୧୦)ର ରଚନା ରାଷ୍ଟ୍ରୀୟ ଜାତୀୟତାର ବିକାଶ କାଳରେ । କବି ସମୟ ସହିତ ପାଦ ମିଳାଇ ଅବିଳମ୍ବେ ମହାଭାରତୀୟ ଆବେଗରେ ନିଜକୁ ଉଦ୍‌ବୃଦ୍ଧ କରିଛନ୍ତି । ୧୯୦୩ ମସିହାର ଉତ୍କଳ ସମ୍ମିଳନୀ ପ୍ରତିଷ୍ଠା ପ୍ରତ୍ୟେକ ଉତ୍କଳୀୟଙ୍କୁ ସଚେତ ଓ ସତେଜ କରିଥିଲା । ନୂତନ ଆଶା ଓ ଆକାଂକ୍ଷାର ସ୍ୱପ୍ନ ଦେଖାଇ ଦେଇଥିଲା । ୧୯୦୫ ମସିହାର ବଙ୍ଗଭଙ୍ଗ ଆନ୍ଦୋଳନ, ଇଂରେଜମାନଙ୍କର ଶୋଷଣ, ସାଧାରଣ ଲୋକମାନଙ୍କର ଦୁଃଖ ଓ ନୈରାଶ୍ୟ ଯୋଗୁ ବିଂଶ ଶତାବ୍ଦୀର ପ୍ରଥମ ଦଶକ ମଧ୍ୟରେ ଏକ ମହାଭାରତୀୟ ଜାତୀୟତାବୋଧ ସୃଷ୍ଟି ହେବାକୁ ଲାଗିଲା । ଗଙ୍ଗାଧର ସେହି ଜାତୀୟତାବୋଧକୁ ପ୍ରକାଶ କଲେ 'ପଦ୍ମିନୀ' କାବ୍ୟରେ ।

'ପଦ୍ମିନୀ' ଏକ ଐତିହାସିକ ଖଣ୍ଡକାବ୍ୟ । ତ୍ରୟୋଦଶ ଶତାବ୍ଦୀର ଖିଲିଜି ଶାସନ କାଳୀନ ଐତିହାସିକ ପୃଷ୍ଠଭୂମିକୁ ବିଂଶ ଶତାବ୍ଦୀର ପ୍ରାରମ୍ଭରେ କବି ଜାତୀୟତାର ଯଜ୍ଞ ବେଦୀରେ ପରୀକ୍ଷା କରିଛନ୍ତି ।

ଇତିହାସ ହିଁ ସମୟର ପୁନରାବୃତ୍ତି କରେ । ବାସ୍ତବତଃ ଐତିହାସିକ ସତ୍ୟ ଓ ଘଟଣାବଳୀ ସାର୍ବକାଳିକ । ଇତିହାସ ଲହରୀର ସର୍ପ ସମୟ କ୍ରମେ ଲୁପ୍ତ ଓ ବିଲୁପ୍ତ ହୁଏ । ପୁନଃ ସମୟକ୍ରମେ ପୁନରୁତ୍ଥିତ ହୁଏ । ଇତିହାସର କାଳଚକ୍ରରେ ଗଙ୍ଗାଧର ରଚନା କଲେ 'ପଦ୍ମିନୀ' କାବ୍ୟ । 'ପଦ୍ମିନୀ'ରେ କବିତ୍ୱର ପରିସ୍ଫୁର୍ତ୍ତି ଅଲଭ୍ୟ ଅବଶ୍ୟ, କିନ୍ତୁ କବିଙ୍କର ଅନ୍ତର୍ଚିନ୍ତାର ବିମୋହିତା ମହାଭାରତୀୟ ଅନୁରାଗରେ ଉଦ୍ଦୀପ୍ତ ।

ଉପରୋକ୍ତ ଭୂମିକାରୁ ସାଧାରଣତଃ କେତୋଟି ଦୃଷ୍ଟିକୋଣରୁ କବିଙ୍କର ଅନ୍ତର୍ବୃତ୍ତି ବିବେଚନୀୟ । ପ୍ରଥମତଃ ଭାରତବର୍ଷର ଐତିହ୍ୟ ଓ ଇତିହାସକୁ ଉର୍ଦ୍ଧ୍ୱରେ ଭାବେ

Digitized by PPRACHIN, SOA

ଚ୍ଛା ଓ ହୃଦୟଙ୍ଗମ କରିବା, ଦ୍ୱିତୀୟତଃ ଉକ୍ତ ଉପାଦାନ ଭିତ୍ତିରେ ସାମୟିକ ପ୍ରୟୋଜନୀୟତାକୁ ଉପଲବ୍ଧି କରି ଭାରତରେ ତଥା ଓଡ଼ିଶାରେ ଜନସଚେତନାତା ଓ ଉତ୍ସାହ ସୃଷ୍ଟି କରିବା, ତୃତୀୟତଃ ଇଂରେଜ ଶାସନର ଅପରିମାଣଦର୍ଶିତା, ପରାଧୀନ ଭାରତର ଆର୍ଥିନୀତିକ ବିଶୃଙ୍ଖଳା ଓ ସାମାଜିକ ଫକଟକୁ ଉପଲବ୍ଧି କରିବା ଚତୁର୍ଥତଃ ସେ ସମୟର ବିଶ୍ୱଚେତନା ଓ ଆନ୍ତର୍ଜାତିକ ସ୍ତରରେ ଭାରତର ପ୍ରଭାବ ଇତ୍ୟାଦି ଦୃଷ୍ଟିକୋଣରୁ ଗଙ୍ଗାଧର 'ପଦ୍ମିନୀ' ପରି କାବ୍ୟର ପରିକଳ୍ପନା କରିଅଛନ୍ତି ।

ଏସବୁର ସ୍ପଷ୍ଟ ଉଦ୍‌ଘାଟନ ପୂର୍ବକ ସ୍ୱଭାବ କବି ଏକ ବିକ୍ଷୋଭାତ୍ମକ ମନୋବୃତ୍ତି ନେଇ 'ପଦ୍ମିନୀ'ର ପ୍ରସ୍ତୁତ ଯୋଜନା କରିଥିଲେ । ସେ ସ୍ୱାଧୀନତା, ସ୍ୱରାଜ୍ୟ ଓ ସ୍ୱାତନ୍ତ୍ୟ ପ୍ରତି ଅଭିଳାଷ ରଖିଥିଲେ । ବ୍ରିଟିଶ ଶାସନ ପ୍ରତି ବିତୃଷ୍ଣା ଓ ବିମୁଖତା ତାଙ୍କର ଥିଲା ।

ମଧ୍ୟଯୁଗରେ ମୁସଲମାନ ଶାସନଥିଲା ଅମାନୁଷିକ ଓ ବର୍ବରୋଚିତ । ନିର୍ମମ ଅତ୍ୟାଚାର, ଅକଥନୀୟ ବ୍ୟଭିଚାର, ଲୁଣ୍ଠନ ଓ ହତ୍ୟା, ନାରୀଧର୍ଷଣ ଓ ଅପହରଣ ସେ ସମୟରେ ଥିଲା ସାଧାରଣ ଘଟଣା । କାମ ଲାଳସାରେ ଉତ୍ତେଜିତ ଆଲ୍ଲାଉଦ୍ଦିନ ଖିଲିଜ୍ ମିବାରର ରାଜା ଭୀମ ସିଂହଙ୍କ ପତ୍ନୀ ପଦ୍ମିନୀଙ୍କୁ ଲାଭ କରିବା ପାଇଁ ଉଦ୍‌ବେଳିତ ହୋଇ ଉଠିଥିଲେ । ତେଣୁ ମିବାରକୁ ଆକ୍ରମଣ କରିବାକୁ ସେ କୁଣ୍ଠାବୋଧ କଲେ ନାହିଁ । ଏହା ଗୋଟିଏ ସୂଚନା ମାତ୍ର । କିନ୍ତୁ ଭାରତବର୍ଷରେ ଅନେକ ପଦ୍ମିନୀ ଅନେକ ଆଲ୍ଲାଉଦ୍ଦିନ୍‌ଙ୍କ ଦ୍ୱାରା କବଳିତ ଓ ନିର୍ଯ୍ୟାତିତ ହୋଇ ସେମାନଙ୍କର ସତୀତ୍ୱକୁ ଜଳାଞ୍ଜଳି ଦେଇଥିଲେ । ଏହି କାରଣରୁ ସ୍ୱଭାବ କବି ହୃଦୟର ପ୍ରତିହିଂସା ପ୍ରକାଶ କରିଅଛନ୍ତି । ଜାତୀୟତାର ମହାଭାବରେ ଉଦ୍‌ବୃଦ୍ଧ ହେବାକୁ ପ୍ରେରଣା ଦେଇଛନ୍ତି । 'ଅଯୋଧ୍ୟାଦୃଶ୍ୟ'ରେ କବି ସାତ୍ତ୍ୱିକ ଓ ସତ୍ୟନିଷ୍ଠ ଭାବରେ ଜାତି ପ୍ରତି ମହାନୁଭବତା ଜାଗରଣ ପାଇଁ ପ୍ରେରଣା ଦେଇଥିବାବେଳେ, 'ପଦ୍ମିନୀ'ରେ ତାଙ୍କର ବିଦ୍ରୋହାତ୍ମକ ମନୋବୃତ୍ତି ପ୍ରକାଶ କରିଛନ୍ତି । ଜାତୀୟତାବୋଧର ନବଜାଗରଣ ଏବଂ ସାଂସ୍କୃତିକ ଆଦର୍ଶର ପ୍ରତିଷ୍ଠା ପାଇଁ ଅଛି ଆଶାନ୍ୱିତ ଆହ୍ୱାନ ।

ଆଲ୍ଲାଉଦ୍ଦିନ୍ ଜଣେ ନରହନ୍ତା ଏକଛତ୍ରବାଦୀ ଶାସକ । ତାଙ୍କର ଦାକ୍ଷିଣାତ୍ୟ ବିଜୟ ଥିଲା ନର ରକ୍ତରେ ରଞ୍ଜିତ । ଧନ ଲୋଭରେ ନିଜ ଶ୍ୱଶୁର ବୃଦ୍ଧ ଜଲ୍ଲାଲ ଉଦ୍ଦୀନ୍‌ଙ୍କୁ ବିଶ୍ୱାସଘାତକତା କରି ନିର୍ମମ ଭାବେ ହତ୍ୟା କରିଥିଲେ । ଏହି ଆସୁରିକ ପ୍ରବୃତ୍ତିର ଚରିତ୍ରକୁ କବି ମେହେରଙ୍କ ବିଦ୍ରୋହୀ ଲେଖନୀ କଠୋର ଭାବରେ ସମାଲୋଚନା କରିଛି;

ଅଧର୍ମ ପ୍ରବୃତ୍ତି ପୋଷେ ହୃଦୟ ଧାମରେ ।
ଜୀବନେ ପୂରିଛି ତାର ଅଧର୍ମ ତିମିର
ତାରକା ସଦୃଶ ରତ୍ନେ ମଣ୍ଡିତ ଶରୀର ।
ମାନସ ହୋଇଛି ତାର ଅମାବାସ୍ୟା-ତିଥି
ବୁଲୁଛି ବିବେକ ରୂପ ସହସ୍ର-ବୀଥିରୁ

Digitized by PPRACHIN, SOA

ଲୋଭ- ସଙ୍ଗେ ମିଶି ତାର କପଟ କୌଶଳ,
ସହଜେ ବଢ଼ାଇ ଦେଲା ପାପବୃଦ୍ଧି ବଳ ।

ଏହି ଷଡ଼ଯନ୍ତ୍ରଟି ଆଲ୍ଲାଉଦ୍ଦିନଙ୍କ ପ୍ରତି ଏକ ପ୍ରକାର ବିଦ୍ୱେଷ ମ... ଆଣେ । ଏହା ଉଗ୍ରଜାତୀୟତାର ନିଦର୍ଶନ ।

ଉପୃରେ ଆଲ୍ଲାଉଦ୍ଦିନ ପଦ୍ମିନୀଙ୍କୁ ଉପଭୋଗ କରିବାକୁ ଲାଳାୟିତ ହୋଇ ପଡ଼ିଛନ୍ତି । ତାଙ୍କର ଆସୁରୀ ପ୍ରକୃତି କାମ ବାସନାରେ ହୋଇ ଉଠିଛି ପ୍ରଗଲ୍ଭ । ତେଣୁ ମେହେରଙ୍କ ସୃଷ୍ଟ ନିଳା ନାମ୍ନୀ ଦାସୀ ତାଙ୍କ କାମ ବାସନାକୁ ଚରିତାର୍ଥ କରିବା ପାଇଁ ଏବଂ ଆସୁରୀ ବ୍ୟକ୍ତିତ୍ୱର ସେବା କରିବା ପାଇଁ ହୋଇଛି ନିୟୋଜିତା । ମୋଟ ଉପରେ ଏକ ପକ୍ଷରେ ହିଂସ୍ର ବୈଦେଶିକ ଶାସକର ବର୍ବର ଚରିତ୍ର ହୋଇଛି ଅଙ୍କିତ, ଅପର ପକ୍ଷରେ ସ୍ୱାଧୀନ ରାଜପୁତ ଜାତିର ରାଣା ଭୀମ ସିଂହଙ୍କ ସୁଶାସନ ଓ ରାଣୀ ପଦ୍ମିନୀଙ୍କ ସତୀତ୍ୱ, ସୌକୁମାର୍ଯ୍ୟ ଓ ଆଦର୍ଶନିଷ୍ଠତା ହୋଇଛି ଚିତ୍ରିତ ।

ଆଲ୍ଲାଉଦ୍ଦିନ୍ ଆତ୍ମଗ୍ଲାନିରେ ନିମଗ୍ନ ହୋଇ ଏକ ଅପାଂକ୍ତେୟ ପୁରୁଷଭାବେ ନିଜକୁ ମଣିଛନ୍ତି । ରାଣା ଭୀମ ସିଂହ ଓ ରାଜପୁତମାନଙ୍କର ବୀରତ୍ୱ, ବ୍ୟକ୍ତିତ୍ୱ ଓ ସ୍ୱାଭିମାନ ବିନଷ୍ଟ ହୋଇଛି । କବି ମେହେର ଆକ୍ରମଣକାରୀ ବିଦେଶୀ ଶତ୍ରୁର ପରାଜୟ ଘଟାଇ ଓ ସ୍ୱଦେଶୀ ଶତ୍ରୁର ବିଜୟ ଘଟାଇ ଜାତୀୟତା ଓ ମହାନୁଭବତା ଉଦ୍ରେକ କରାଇବାରେ ସକ୍ଷମ ହୋଇଛନ୍ତି ।

ଅବଶ୍ୟ କୁହାଯାଇପାରେ ଯେ ଆଙ୍ଗିକ ପରିସର ଦୃଷ୍ଟିରୁ 'ପଦ୍ମିନୀ' ଅସମ୍ପୂର୍ଣ୍ଣ । କିନ୍ତୁ ନାଟକୀୟ ଦୃଷ୍ଟିକୋଣରୁ ବିଚାର କଲେ କବିଙ୍କର ଅନ୍ତର୍ବୃତ୍ତି କାବ୍ୟର ଶୀର୍ଷଦେଶରେ ପହଞ୍ଚି ପାରିଛି ।

'ଉତ୍କଳଲକ୍ଷ୍ମୀ'ରେ ଓଡ଼ିଶୀ ଜାତୀୟତା ଏବଂ ଉତ୍କଳ ପ୍ରତି ଭାବପ୍ରବଣତା, ଆନୁଗତ୍ୟ ଓ ସହାନୁଭୂତି ନିହିତ । ଉତ୍କଳର ହୃତ ଗୌରବକୁ ଫେରାଇ ଆଣି ଉତ୍କଳ ଲକ୍ଷ୍ମୀଙ୍କୁ ମଣ୍ଡନ କରିବା ଏବଂ ଉତ୍କଳ ଭୂମିର ବିଶିଷ୍ଟତା ପ୍ରତିପାଦନ ହିଁ କବିଙ୍କର ଥିଲା ଆନ୍ତରିକ ଲକ୍ଷ୍ୟ । 'ପଦ୍ମିନୀ' ମଧ୍ୟ ଭାରତୀୟ ଜନମାନସକୁ ସଂସ୍କୃତିକ ବନ୍ଧନରେ ବାନ୍ଧି ଐକ୍ୟ ଓ ଆତ୍ମପ୍ରସାଦ ଆଣିବାପାଇଁ ସକ୍ଷମ । ଆଲ୍ଲାଉଦ୍ଦିନଙ୍କ ନାନା କଳୁଷିତ କ୍ରିୟା-କଳାପକୁ ପ୍ରତିହତ କରି ମାନବିକ ଚିରନ୍ତନ ସତ୍ୟର ଉନ୍ମୋଚନ କରିଛନ୍ତି କବି । ପରୋକ୍ଷରେ କବି ତାଙ୍କର ସମସାମୟିକ ବ୍ରିଟିଶ୍ ଶାସନ କାଳକୁ ପରାହତ କରି ସ୍ୱୟଂଶାସିତ ହେବା ପାଇଁ ଦେଇଛନ୍ତି 'ପଦ୍ମିନୀ'ରେ ମୌନ-ନିର୍ଦ୍ଦେଶ ।

'ଉତ୍କଳ ଲକ୍ଷ୍ମୀ' ଊନବିଂଶ ଶତାବ୍ଦୀର ଶେଷ ଦଶନ୍ଧିର ବାତାବରଣ ପ୍ରତିପାଦନ କଲାବେଳେ, 'ପଦ୍ମିନୀ' ବିଂଶ ଶତାବ୍ଦୀର ପ୍ରଥମ ଦଶନ୍ଧିର ସର୍ବ ଭାରତୀୟ-ରାଷ୍ଟ୍ରୀୟ ବାତାବରଣର ସୂଚନା ଦିଏ । ଏଣୁ ମେହେରଙ୍କ ସାହିତ୍ୟିକ କୃତି ପାବଳିରୁ ଏ ଦୁଇ କାବ୍ୟକୁ ଗୌଣ ମନେ ନ କରି ଆଲୋଚନା ପରିସର ଅନ୍ତର୍ଭୁକ୍ତ କରିବା ବିଧେୟ । ଯାହା ଦ୍ୱାରା କି ସ୍ୱଭାବ କବିଙ୍କ ପ୍ରତି ଉପଯୁକ୍ତ ସମ୍ମାନ ପ୍ରଦର୍ଶିତ ହେବ ।

—o—

Digitized by PPRACHIN, SOA

ସ୍ୱଭାବ କବି ଗଙ୍ଗାଧର ମେହେର

ଆବିର୍ଭାବ : ତା ୯ । ୮ । ୧୮୬୨
ଶ୍ରାବଣ ପୂର୍ଣ୍ଣିମା

ତିରୋଭାବ : ତା ୪ । ୪ । ୧୯୨୪
ଚୈତ୍ର ଅମାବାସ୍ୟା

ଜନ୍ମସ୍ଥାନ : ବରପାଲୀ, ସମ୍ବଲପୁର

ପିତା : ଚୈତନ୍ୟ ମେହେର

ଶିକ୍ଷାଗତ ଯୋଗ୍ୟତା : ୫ମ ଶ୍ରେଣୀ ପାଶ୍, ଦେଶୀୟ ପାଠଶାଳା ସାର୍ଟିଫିକେଟ ଲାଭ ।

କର୍ମ : ୧୮୮୫ ମସିହାରେ ବରପାଲୀର ଜମିଦାର ରାୟବାହାଦୁର ନୃପରାଜ ସିଂହଙ୍କ ଜମିଦାରୀ ସିରସ୍ତାରେ ଅମିନ ଚାକିରୀ ।
ମାଲ ମୋହରିର ପଦରେ ନିଯୁକ୍ତି ।
ଜୁଡ଼ିସିଆଲ ମୋହରିର ରୂପେ କାର୍ଯ୍ୟ ।
୧୯୧୭ ମସିହାରେ ସରକାରୀ ଚାକିରୀରୁ ଅବସର ।

ସାହିତ୍ୟ ସେବା ତାଙ୍କ ଜୀବନର ମୁଖ୍ୟ ଧର୍ମ । ୧୮୯୦ ମସିହାରୁ ୧୯୨୪ ଦୀର୍ଘ ୩୪/୩୫ ବର୍ଷ ଧରି ଓଡ଼ିଆ ସାହିତ୍ୟରେ ଲେଖନୀ ଚାଳନା କରି ଜଣେ ବିଶିଷ୍ଟ କବିଭାବରେ ସୁପ୍ରତିଷ୍ଠିତ । ପୁରାଣ ଓ ଇତିହାସରୁ କଥାବସ୍ତୁ ନେଇ ତାହାକୁ ନୂତନ ରୂପରେ ବର୍ଣ୍ଣନା କରି ଆପଣାର ମୌଳିକତା ଦେଖାଇ ଥାଆନ୍ତି । ଜଣେ ବ୍ୟକ୍ତି ଭାବରେ ସେ ଥିଲେ ଆଦର୍ଶନିଷ୍ଠ । ନିରୀହତା ଓ ସତ୍ୟ-ବାଦିତା ତାଙ୍କ ଜୀବନର ଧର୍ମ । କବି ଭାବରେ ମଧ୍ୟ ଆଦର୍ଶବାଦୀ । ଭାରତୀୟ ସଂସ୍କୃତିର ସେ ଜୀବନ୍ତ ରୂପକାର । ଜାତୀୟ ଓ ଭାରତୀୟ ଜାତୀୟତାବୋଧର ତାଙ୍କ ସାହିତ୍ୟ ଉଜ୍ଜ୍ୱଳ ଆଲେଖ୍ୟ । ପ୍ରକୃତିର ସେ ମୁଗ୍ଧ ଚିତ୍ରକର । ମାନବିକ ସମ୍ବେଦନାବୋଧର ଭାଷ୍ୟକାର । ଓଡ଼ିଆ ସାହିତ୍ୟରେ ସେ ଏକ ଅମ୍ଳାନ ଜ୍ୟୋତିଷ୍କ ।

ଗାୟତ୍ରୀ
କଳ୍ପନାସ୍କୋୟାର, ଭୁବନେଶ୍ୱର-୧୪

Digitized by PPRACHIN, SOA